R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୫୨
ତିଥି : ଷଷ୍ଠୀ
୨୬ ନଭେମ୍ବର ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 52
26 November 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଅଯୋଧ୍ୟା ରାମ ମନ୍ଦିରରେ ଧ୍ୱଜାରୋହଣ

ନୂଆଦିଲ୍ଲୀ, ୨୫।୧୧ : ଅଯୋଧ୍ୟା ଶ୍ରୀରାମ ମନ୍ଦିରରେ ଧ୍ୱଜାରୋହଣ ଉତ୍ସବ ଅନୁଷ୍ଠିତ ହୋଇଛି । ମନ୍ଦିରର ଶିଖରରେ ଧର୍ମ ଧ୍ୱଜା ସ୍ଥାପିତ ହୋଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର

## ଏହା ଭାରତୀୟ ସଭ୍ୟତାର ନବଜାଗରଣ : ମୋଦୀ

ମୋଦୀ ଯୋଗ ଦେଇ କହିଛନ୍ତି ଯେ ଧ୍ୱଜାରୋହଣ ପରେ ମନ୍ଦିରର ପୂର୍ଣ୍ଣାଙ୍ଗ ନିର୍ମାଣ ଶେଷ ହୋଇଛି । ଏହି ଧର୍ମଧ୍ୱଜ କେବଳ ଏକ ପତାକା ନୁହେଁ, ଭାରତୀୟ ସଭ୍ୟତାର ପୂର୍ଣ୍ଣ ଜାଗରଣର ପତାକା । ପ୍ରତିଶ୍ରୁତି ପୂରଣ ହୋଇଛି ଓ ଶତାବ୍ଦୀର ଯନ୍ତ୍ରଣା ଶେଷ ହୋଇଛି ।

ଅଯୋଧ୍ୟା ରାମ ମନ୍ଦିର ନିର୍ମାଣ ଓ ପ୍ରତିଷ୍ଠା ହେବାର ଦୁଇବର୍ଷ ପରେ ଧ୍ୱଜାରୋହଣ କରାଯାଇଛି । ଧର୍ମ



ଧ୍ୱଜାରେ ସତ୍ୟ ଓ ଧର୍ମ ସ୍ଥାପିତ ହୋଇଛି । ଏହା ହେଉଛି ସତ୍ୟ ଓ ଧର୍ମର ପ୍ରତିକ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆଜି ଭାରତ ଓ ସମଗ୍ର ବିଶ୍ୱ ରାମମୟ ହୋଇଛି । ପ୍ରତି ରାମ ଭକ୍ତଙ୍କୁ ଆଜି ସେମାନଙ୍କ ହୃଦୟକୁ ବହୁ ସନ୍ତୁଷ୍ଟି ମିଳିଛି । ଦୀର୍ଘ ୫୦୦ ବର୍ଷର ବଳିଦାନ ଆଜି ସମ୍ପୂର୍ଣ୍ଣ ହୋଇଛି । ଅଯୋଧ୍ୟା ସହର ଭାରତର ସାଂସ୍କୃତିକ ଚେତନାର ଏକ (୯ ପୃଷ୍ଠାରେ)


# ଆଜିଠୁ ବଢ଼ିବ ଶୀତ

## ଓଡ଼ିଶାରେ ନାହିଁ ବାତ୍ୟା ଭୟ

ଭୁବନେଶ୍ୱର, ୨୫।୧୧ (ସବ୍ୟୁ) : ଓଡ଼ିଶାକୁ ନାହିଁ ବାତ୍ୟା ଭୟ । ବଙ୍ଗୋପସାଗରରେ ଗୋଟିଏ ଅବପାତ ଓ ଅନ୍ୟଟି ଲଘୁଚାପ ରହିଛି । ଦୁଇଟିଯାକ ଘନୀଭୂତ ହେବାରେ ଲାଗିଛି । ଗୋଟିଏ ବାତ୍ୟା ସୃଷ୍ଟି ହେବାକୁ ଥିବାବେଳେ ଅନ୍ୟଟି ଅବପାତ ପର୍ଯ୍ୟନ୍ତ ଯାଇପାରେ । ତେବେ ଏହାର ପ୍ରଭାବ ଓଡ଼ିଶାରେ ପଡ଼ିବ ନାହିଁ । ଆସନ୍ତାକାଲିଠାରୁ ରାଜ୍ୟକୁ ପୁଣି ଶୀତ ଫେରିବ ।

ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ମଙ୍ଗଳବାର ରାତିରୁ ଶୀତ ଅନୁଭୂତ ହେବ । ଆସନ୍ତାକାଲି (ବୁଧବାର)ଠାରୁ ଆଭ୍ୟନ୍ତରୀଣ ଅଞ୍ଚଳରେ ରାତିର ତାପମାତ୍ରା ୨ରୁ ୩° ଯାଏଁ ଖସିବ । ଏହା ସହ ଉପକୂଳରେ ମଧ୍ୟ ଥଣ୍ଡା ବଢ଼ିବ । ଆଗାମୀ ୩ ଦିନ ପର୍ଯ୍ୟନ୍ତ ଶୀତ ଲହରୀ ପ୍ରଭାବିତ ହୋଇପାରେ ।

ଭୁବନେଶ୍ୱର ସମେତ ଦାରିଙ୍ଗିବାଡ଼ି ଓ ଝାରସୁଗୁଡ଼ାରେ ତାପମାତ୍ରା ୩ରୁ ୪° ହ୍ରାସ ପାଇଛି ।



ମାଲାକ୍କା ସମୁଦ୍ର ସନ୍ଧିରେ ସୃଷ୍ଟି ହୋଇଥିବା ସ୍ୱଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ର ଅବପାତରେ ପରିଣତ ହୋଇଛି । ଏହା ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଦକ୍ଷିଣ ବଙ୍ଗୋପସାଗର ଅଞ୍ଚଳରେ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି । ଏହା ସାଙ୍ଗକୁ କୋମରିନ୍ ଓ ଶ୍ରୀଲଙ୍କା ଅଞ୍ଚଳସ୍ଥ ସକ୍ରିୟ ଲଘୁଚାପ ଘନୀଭୂତ ହୋଇ ଆଗାମୀ ୨୪ ଘଣ୍ଟା ମଧ୍ୟରେ ସ୍ୱଷ୍ଟ ଚିହ୍ନିତ ଲଘୁଚାପ ଓ ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଅବପାତ ରୂପ ନେବ ।

## ଆଭ୍ୟନ୍ତରୀଣରେ ରାତିର ତାପମାତ୍ରା ୧୦° ତଳକୁ ଖସିବ

ଦାରିଙ୍ଗିବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ଼ ହୋଇଥିଲାବେଳେ ଝାରସୁଗୁଡ଼ାରେ ୧୩.୮°, ସୁନ୍ଦରଗଡ଼ରେ ୧୫.୪°, ଭୁବନେଶ୍ୱରରେ ୧୮.୬°, ରାଉରକେଲାରେ ୧୪.୯ ତାପମାତ୍ରା ରେକର୍ଡ଼ ହୋଇଥିବାବେଳେ ଆଭ୍ୟନ୍ତରୀଣ ଅଞ୍ଚଳର ବହୁ ସହରରେ ରାତିର ତାପମାତ୍ରା ହ୍ରାସ ପାଇବାରେ ଲାଗିଛି ।

ସମ୍ଭାବ୍ୟ ବାତ୍ୟାର ପ୍ରଭାବ ଓଡ଼ିଶାରେ ପଡ଼ିବା ଆଶା କ୍ଷୀଣ ହୋଇଯାଇଛି । ଓଡ଼ିଶାର ଉପକୂଳଠାରୁ ଏହା ବହୁଦୂରରେ ଥିବାରୁ ସମୁଦ୍ର ମଧ୍ୟରେ ଏହା ମିଳେଇ ଯାଇ ପ୍ରଭାବଶୂନ୍ୟ ହୋଇଯାଇପାରେ ବୋଲି ପୂର୍ବାନୁମାନ କରାଯାଇଛି । ଓଡ଼ିଶାରେ ବର୍ଷା ହେବା ନେଇ ଯେଉଁ ଆକଳନ (୯ ପୃଷ୍ଠାରେ)

# ଆଗ୍ନେୟ ଉଦ୍‌ଗୀରଣର ପାଉଁଶ ଭାରତରେ



ନୂଆଦିଲ୍ଲୀ, ୨୫।୧୧ : ଇଥୋପିଆର ଆଫରରେ ହାଇଲି ଗୁବ୍ଦି ଆଗ୍ନେୟ ଉଦ୍‌ଗୀରଣର ବିସ୍ଫୋରଣ ଯୋଗୁ ପୂର୍ବ ଦିଗରେ ପାଉଁଶ ଗୁଣ୍ଡ ଏବେ ବ୍ୟାପିଯାଇଛି । ପ୍ରାୟ ଘଣ୍ଟାକୁ ୧୦୦ କିମିରୁ ୧୫୦ କିମି ବେଗରେ ଏହି ପାଉଁଶ ଗୁଣ୍ଡ ଉଡ଼ି ଆସୁଛି ଓ ଏହା ଭାରତ ପର୍ଯ୍ୟନ୍ତ ପହଞ୍ଚିଛି । ଫଳରେ ଏହା ସିଧାସଳଖ ଭାରତୀୟ ବିମାନ ସେବାକୁ ପ୍ରଭାବିତ କରିଛି । ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯିବା ସହ ଏହା ଚୀନ୍‌କୁ ପୂର୍ବ ଓ ଉତ୍ତର ଭାରତ ଦେଇ ପ୍ରବେଶ କରିବ ବୋଲି କୁହାଯାଇଛି । ଏହି ପାଉଁଶ ଗୁଣ୍ଡକୁ ଏମ୍‌ଏନ, ଓମାନ ଓ ଆରବ ସାଗରରେ ଗତକାଲି ସନ୍ଧ୍ୟାରେ ଦେଖିବାକୁ ମିଳିଥିଲା । ଗୁଜରାଟ ଓ ରାଜସ୍ଥାନରେ ମଧ୍ୟ ଏହା ପ୍ରବେଶ କରିଛି । ମଧ୍ୟରାତ୍ରୀ ସୁଦ୍ଧା ଏହା ଦିଲ୍ଲୀର ନିକଟବର୍ତ୍ତୀ ହୋଇଛି ।

ଆଇଏମ୍‌ଡିର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ଆମେ ଆଶା କରୁଛୁ ଯେ ବୁଧବାର ସୁଦ୍ଧା ଏହି ପାଉଁଶର ବାଦଲ ଭାରତ ଅଞ୍ଚଳରୁ ଅପସରି ଯିବ । ଏହା ୮ କିମି ରୁ ୧୫ କିମି ଉଚ୍ଚରେ ରହିଛି । ଏହାର ପ୍ରମୁଖ ପ୍ରଭାବ ବିମାନ ସେବା ଉପରେ ପଡିବ । ବିଶେଷକରି ଦିଲ୍ଲୀ, କୋଲକାତା ଓ ମୁମ୍ବାଇରେ ଏହାର ପ୍ରଭାବ ପଡିବା ସହ ସତର୍କ ସୂଚନା ଦିଆଯାଇଛି । ତେବେ ଏହା ଭୂପୃଷ୍ଠ କିମ୍ବା ଜଳବାୟୁ ପାଇଁ କୌଣସି ଚିନ୍ତାଜନକ କାରଣ ନୁହେଁ । ଏହା ଯେ କୌଣସି ମୁହୂର୍ତ୍ତରେ ଅପସରି ଯାଇପାରେ । ତେବେ ପଶ୍ଚିମାଞ୍ଚଳରେ ହୋଇଥିବା ଅସମତୁଲତା ଯୋଗୁ ବର୍ଷା ଉପରେ ଏହା ପ୍ରଭାବ (୯ ପୃଷ୍ଠାରେ)

# ୧୨ ବିଭାଗରେ ପାଇଲେ ୭,୨୯୩ ନିଯୁକ୍ତି

ଭୁବନେଶ୍ୱର, ୨୫।୧୧ (ସବ୍ୟୁ) : ଆପଣମାନେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ସାଧୁତାପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟା ଜରିଆରେ ସରକାରୀ ଚାକିରୀ ଯୋଗ ଦେଉଛନ୍ତି । ତେଣୁ ଆପଣଙ୍କ କର୍ତ୍ତବ୍ୟପଥରେ ସାଧୁତା ଓ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ସଂକଳ୍ପବଦ୍ଧ ହେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦ୍ୱାଦଶ ନିଯୁକ୍ତିମେଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ-୨୦୨୫ ଅବସରରେ ନବନିଯୁକ୍ତଙ୍କୁ ଉପଦେଶ ଦେଇ କହିଛନ୍ତି ।

ସୂଚନାଯୋଗ୍ୟ ଯେ, ଆଜି ରାଜ୍ୟ ସରକାରଙ୍କ ୧୨ଟି ବିଭାଗରେ ସମୁଦାୟ ୭୨୯୩ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ଏହି ବିଭାଗ ଗୁଡ଼ିକ ମଧ୍ୟରେ ଗୃହ ବିଭାଗରେ ୧୯୭୯ ଜଣ କନଷ୍ଟବଳ ଓ ୩୮୬ ଜଣ ଡ୍ରାଇଭର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ




୧୯୧୩ ଜଣ ସ୍ନାତକ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିମନ୍ତେ ୨୪୧ ଜଣ ପିଜିଟି, ଉଚ୍ଚଶିକ୍ଷା ବିଭାଗରେ କନିଷ୍ଠ ସହାୟକ, ୭ ଜଣ ପିଇଟି ଏବଂ ୩୧ ଜଣ ଲାବ୍ରୋଟାରୀ ଆସିଷ୍ଟାଣ୍ଟ କମ୍ ଷ୍ଟୋର କିପର ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗରେ ୨୪ ସହକାରୀ ମତ୍ସ୍ୟ ଅଧିକାରୀ ଏବଂ ୬୪୮ ଜଣ ପ୍ରାଣୀଧନ ନିରୀକ୍ଷକ, ସୂଚନା ଓ ଲୋକସମ୍ପର୍କ

## ୧୭ ମାସରେ ୩୭,୩୨୫

## ଦୁର୍ନୀତି ଠାରୁ ଦୂରରେ ରୁହନ୍ତୁ

## ଦୁର୍ନୀତି କ୍ୟାରିଅର ପାଇଁ ବିପଦ

## ନବନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ୪ ପରାମର୍ଶ

ବିଭାଗରେ ୩୯ ଜଣ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଖଣି ଓ ଭୂ-ତତ୍ତ୍ୱ ନିର୍ଦ୍ଦେଶାଳୟରେ (୯ ପୃଷ୍ଠାରେ)

# ତହସିଲଦାରଙ୍କୁ ବାଲିମାଫିଆଙ୍କ ଆକ୍ରମଣ

ବେତନଟୀ, ୨୫।୧୧ (ସବ୍ୟୁ):ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ଅଞ୍ଚଳରେ ବାଲି ମାଫିଆଙ୍କ ଦୋରାତ୍ମ୍ୟ ଦିନକୁ ଦିନ ବଢ଼ିଚାଲିଛି । ବେତନଟୀ ଉପକଣ୍ଠ ୧୮ ନଂ ଜାତୀୟରାଜପଥ ତୁଳସୀଚଉରା ଢ଼ାବା ନିକଟରେ ବାଲିମାଫିଆଙ୍କ ସଙ୍ଘବଦ୍ଧ ଆକ୍ରମଣରେ ବେତନଟୀ ତହସିଲଦାର ଓ ଚାଳକ ଆହତ ହୋଇଥିବା ବେଳେ ଅନ୍ୟ ତିନିଜଣ କର୍ମଚାରୀ ମଧ୍ୟ ବାଲିମାଫିଆଙ୍କ ଦୁର୍ବ୍ୟବହାରର ଶୀକାର ହୋଇଛନ୍ତି । ପ୍ରାପ୍ତ ସୂଚନା ମୁତାବକ ବେତନଟୀରେ ନୂଆ କରି ଦାୟିତ୍ୱ ଗ୍ରହଣ କରିଥିବା ତହସିଲଦାର ଚନ୍ଦ୍ରଜିତ ବେହେରା କୌଣସି କାମରେ ଯାଉଥିବା ସମୟରେ ମଙ୍ଗଳବାର ଅପରାହ୍ନ ପାଖାପାଖି ୪ଟା ବେଳେ ବେତନଟୀ ଜେଏମଏଫସି କୋର୍ଟ ନିକଟରେ ମୁକ୍ତାପୁର ଗ୍ରାମର ଯଦୁନାଥ ଜେନାଙ୍କ ପୁଅ ସୁନୀଲ ଲେଙ୍କା ନାମରେ ପଞ୍ଜିକୃତ ଓଡି -୧୧ଏଇ-୩୨୩୪ ନମ୍ବର ବିଶିଷ୍ଟ ଚୋରା ବାଲି ବୋଝେଇ ଟ୍ରାକଟରକୁ ଜବତକରି ବେତନଟୀ ପୁଲିସକୁ ହସ୍ତାନ୍ତର କରିଥିଲେ । ତେବେ (୯ ପୃଷ୍ଠାରେ)

# ରାଜ୍ୟରେ ବଢ଼ିଲା ବାଘ ସଂଖ୍ୟା

ଭୁବନେଶ୍ୱର, ୨୫।୧୧ (ସବ୍ୟୁ): ଚଳିତବର୍ଷ ରାଜ୍ୟରେ ବୃଦ୍ଧି ପାଇଛି ବାଘ ସଂଖ୍ୟା । ଗତବର୍ଷ ଶିମିଳିପାଳରେ ୨୭ଟି ବାଘ ଥିବାବେଳେ ଏହି ସଂଖ୍ୟାରେ ବୃଦ୍ଧି ଘଟି ୩୨ରେ ପହଞ୍ଚିଛି । ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ କୁମାର ଝା ଏହି ସୂଚନା ଦେଇଚନ୍ତି ।

ସେହିପରି ଶିମିଳିପାଳରେ ୯ଟି ଛୋଟ ବାଘ ଥିବା ଗତ ୨ ମାସତଳେ ହୋଇଥିବା ସର୍ଭେରୁ ଏହା ଜଣାପଡ଼ଇଛି ବୋଲି ବନ୍ୟପ୍ରାଣୀ ଶ୍ରୀ ଝା କହିଛନ୍ତି । ଚଳିତ ବର୍ଷ ଶିମିଳିପାଳରେ ବାଘ ସଂଖ୍ୟା ବୃଦ୍ଧି ପାଇ ୩୨ରେ ପହଞ୍ଚିଛି । ଗତ ବର୍ଷ ତୁଳନାରେ ୫ ବାଘ ଅଧିକ ବଢ଼ିଛନ୍ତି । ଯଦିଓ ବ୍ୟାଘ୍ର ଗଣନା ତଥ୍ୟ ଅନୁଯାୟୀ, ବ୍ୟାଘ୍ର ସର୍ଭେ ରିପୋର୍ଟ ୨୦୨୬ ଜୁନ୍ ମାସରେ ଆସିବ । ହେଲେ ବନ ବିଭାଗର ପର୍ଯ୍ୟାୟକ୍ରମେ କରାଯାଉଥିବା ଆଭ୍ୟନ୍ତରୀଣ ସର୍ଭେରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି । ଓଡ଼ିଶାରେ ବାଘଙ୍କ ସଂଖ୍ୟାରେ ବୃଦ୍ଧି ହେବା ରାଜ୍ୟର (୯ ପୃଷ୍ଠାରେ)



# ବିଜେଡି ବରିଷ୍ଠ ନାଗରିକ ସେଲ୍ ଉପସଭାପତି ପଦ ଛାଡ଼ିଲେ ଦେବାଶିଷ

କଟକ, ୨୫।୧୧ (ସବ୍ୟୁ) : ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ବିଜୁ ଜନତା ଦଳ (ବିଜେଡି)ର ବରିଷ୍ଠ ନାଗରିକ ସେଲ୍ ଉପସଭାପତି ପଦରୁ ଇସ୍ତଫା ଦେଇଛନ୍ତି । ଏ ବାବଦରେ ସେ ଦଳ ସଭାପତି ନବୀନ ପଟ୍ଟନାୟକଙ୍କୁ ଚିଠି ପଠାଇଛନ୍ତି । ଚିଠିରେ ନିଜ ଅସନ୍ତୋଷ ପ୍ରକାଶ କରିବା ସହ କ୍ଷମତା କେନ୍ଦ୍ରକୁ ନିଶାନା କରିଛନ୍ତି । ନୂଆପଡ଼ା ପ୍ରାର୍ଥୀ ଚୟନକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି ଦେବାଶିଷ । ଅପରପକ୍ଷେ ନବୀନ ବାବୁ ଯେପର୍ଯ୍ୟନ୍ତ ଦଳ ପରିଚାଳନା କରୁଥିବେ ସେ ଯାଏ ଦଳ ଛାଡ଼ିବି ନାହିଁ ବୋଲି ଦେବାଶିଷ କହିଛନ୍ତି । ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ବିଜେଡି ବରିଷ୍ଠ ନାଗରିକ ସେଲ୍‌ର ଉପସଭାପତି ଦାୟିତ୍ୱ ଦିଆଯାଇଥିଲା । ଏ ପଦବୀ ଗ୍ରହଣ କରିବେ ନାହିଁ ବୋଲି ସେ ଦଳ (୯ ପୃଷ୍ଠାରେ)

## ନବୀନ ଥିବାଯାଏଁ ବିଜେଡିରେ ରହିବି

## ଏସ୍‌ଆଇଆରକୁ ମମତାଙ୍କ ତୀବ୍ର ବିରୋଧ

# ମୋତେ ଟାର୍ଗେଟ କଲେ, ଭାରତ ଦୋହଲାଇ ଦେବି

ନୂଆଦିଲ୍ଲୀ, ୨୫।୧୧ : ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର)କୁ ନେଇ ପଶ୍ଚିମବଙ୍ଗରେ ବିସ୍ଫୋରକ ସ୍ଥିତି ସୃଷ୍ଟି ହୋଇଛି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଜି ଏସ୍‌ଆଇଆରକୁ ନେଇ ବିଜେପି ଓ ନିର୍ବାଚନ କମିଶନଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି । ଏକ ଜନସଭାକୁ ସମ୍ବୋଧିତ କରି ମମତା କହିଛନ୍ତି ଯେ ଯଦି ତାଙ୍କୁ ଟାର୍ଗେଟ କରାଯାଏ ତେବେ ସେ ସମଗ୍ର ଭାରତକୁ ଦୋହଲାଇ ଦେବେ । ୨୦୨୬ ରାଜ୍ୟ ନିର୍ବାଚନ ପରେ ମୁଁ ସାରା ଦେଶ ଗସ୍ତ କରିବି ଓ ୨୦୨୯ ନିର୍ବାଚନ ଆପଣମାନଙ୍କ ପାଇଁ ଏକ ବିପଦଜ୍ଜନକ



ବର୍ଷ ହେବ ବୋଲି ମମତା ଖୋଲା ଚେତାବନୀ ଦେଇଛନ୍ତି ।

ଏସ୍‌ଆଇଆର ବିରୋଧରେ ପଶ୍ଚିମବଙ୍ଗରେ ୩ କିମି ବ୍ୟାପି ଏକ ବଡ ଶୋଭାଯାତ୍ରା ହୋଇଥିଲା । ଏହି ଜନସଭାକୁ ସମ୍ବୋଧିତ କରି ମମତା କହିଥିଲେ ଯେ ଏସ୍‌ଆଇଆର ଲାଗି ୩ ବର୍ଷ ନିଅନ୍ତୁ । ମୁଁ ମୋର ସମସ୍ତ ସମ୍ବଳ ଯୋଗାଇ ସହଯୋଗ କରିବି । ଦୁଇମାସ ପୂର୍ବରୁ ଏହା କରାଯାଇପାରିବ ନାହିଁ । ସମସ୍ତ ଭୁଲ୍ ତଥ୍ୟ ପଞ୍ଜିକୃତ ହେବ । ଚିଠା ଭୋଟର ତାଲିକା ବିପର୍ଯ୍ୟୟ ଆଣିବ । ଅତିତରେ ଲୋକ ଚିନ୍ତା କରୁଥିଲେ ଯେ କିଏ ସରକାର ଗଠନ କରିବ । ଏବେ ସରକାର ଚିନ୍ତା କରୁଛନ୍ତି କିଏ ଭୋଟ୍ ଦେବ । ଆଧାର, ପ୍ୟାନ୍ ଓ ବ୍ୟାଙ୍କ ଡକ୍ୟୁମେଣ୍ଟର କିଛି ମୂଲ୍ୟ ନାହିଁ । ଯାହା ବିଜେପି କହୁଛି ନିର୍ବାଚନ କମିଶନ ସେଥିରେ ହଁ ମାରୁଛି । ସେମାନେ ପଶ୍ଚିମବଙ୍ଗରେ ତାଙ୍କୁ (୯ ପୃଷ୍ଠାରେ)

## ଦିନକ ପରେ ବିଧାନସଭା ଶୀତକାଳୀନ ଅଧିବେଶନ

# ସମ୍ବୋଧିତ କରିବେ ରାଷ୍ଟ୍ରପତି

ଭୁବନେଶ୍ୱର, ୨୫।୧୧ (ସବ୍ୟୁ): ଚଳିତ ମାସ ୨୭ ତାରିଖ ଅର୍ଥାତ ଦିନକ ପରେ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବ । ପ୍ରଥମ ଥର ପାଇଁ ଓଡିଶା ବିଧାନସଭାକୁ ସମ୍ବୋଧିତ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଶୀତ ଅଧିବେଶନର ପ୍ରଥମ ଦିନ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ନିଜର ଅଭିଭାଷଣ ରଖିବେ । ଏଥିପାଇଁ ସଜେଇ ହୋଇଛି ବିଧାନସଭା ।

ଓଡିଶା ବିଧାନସଭାକୁ ରାଷ୍ଟ୍ରପତି ସମ୍ବୋଧନ କରିବା ଏହା ପ୍ରଥମ ଘଟଣା । ପୂର୍ବରୁ କୌଣସି ରାଷ୍ଟ୍ରପତି କୌଣସି ବିଧାନସଭାକୁ ସମ୍ବୋଧିତ କରିନଥିଲେ । ବିଧାନସଭା ଇତିହାସରେ ଯୋଡି ହେବ ନୂଆଫର୍ଦ୍ଦ । ସାଉଁଟିବେ ପୁରୁଣା ସ୍ମୃତ । ବିଧାୟକଙ୍କ ମଧ୍ୟରେ ଉତ୍କଣ୍ଠା । ବିଧାନସଭା ଭିତରେ ଓ ବାହାରେ ଚାଲିଛି ସମ୍ବୋଧିତ କରିପାରିବେ । ଏଭିତରେ ମହାମହିମ କିଛି ରାଜ୍ୟ ଓ ବିଦେଶରେ ମଧ୍ୟ ବିଧାନସଭା ଓ ସଂସଦକୁ ସମ୍ବୋଧିତ କରିଛନ୍ତି ।

- ଅପରାହ୍ନ ୪.୩୦ରୁ ଘଣ୍ଟାଏ ରଖିବେ ଅଭିଭାଷଣ
- ବିଧାନସଭା ଇତିହାସରେ ଯୋଡିହେବ ନୂଆଫର୍ଦ୍ଦ
- ୮ରେ ଅତିରିକ୍ତ ବଜେଟର ବ୍ୟୟମଞ୍ଜୁରୀ ବିଲ୍

ରଙ୍ଗମରା କାର୍ଯ୍ୟ । ଯଦିଓ ସାମ୍ବିଧାନିକ ବିଧିବ୍ୟବସ୍ଥାରେ ରାଷ୍ଟ୍ରପତି ଚାହିଁଲେ ଯେକୌଣସି ବିଧାନସଭା ଅଧିବେଶନକୁ

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ୨୭ ତାରିଖ(ଗୁରୁବାର) ଅପରାହ୍ନ ୪.୧୦ରୁ ରାଜଭବନରୁ ବାହାରି (୯ ପୃଷ୍ଠାରେ)

## ଇତିହାସ

୧୮୮୫– ଉଲ୍‌କାପିଣ୍ଡର ପ୍ରଥମ ଚିତ୍ର ଉତ୍ତୋଳନ ।

୧୯୧୭– ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ରଙ୍କ ଜନ୍ମ ।

୧୯୨୧– ପ୍ରସିଦ୍ଧ ଉଦ୍ୟୋଗପତି ତଥା ଦୁଗ୍ଧ ବିପ୍ଳବର ଜନକ ଭର୍ଗିଜ କୁରିୟନ୍‌ଙ୍କ ଜନ୍ମ ।

୧୯୬୦– ଭାରତରେ କାନପୁର ଓ ଲକ୍ଷ୍ନୌ ମଧ୍ୟରେ ପ୍ରଥମ ଏସ୍‌ଟିଡି ସେବାର ଶୁଭାରମ୍ଭ ।

୧୯୬୭– ଲିସ୍‌ବନରେ ବଜ୍ରପାତ ଘଟି ୪୫୦ ଜଣଙ୍କ ମୃତ୍ୟୁ ।

୨୦୦୧– ନେପାଳରେ ୨୦୦ ମାଓବାଦୀଙ୍କୁ ହତ୍ୟା ।

୨୦୦୨– ବିବିସି ସର୍ବେକ୍ଷଣ ଅନୁସାରେ ୱିନ୍‌ଷ୍ଟନ ଚର୍ଚ୍ଚିଲ ମହାନତମ ବ୍ରିଟିଶ ନାଗରିକ ମନୋନୀତ ।

୨୦୦୮– ମୁମ୍ବାଇ ପୋଲିସ୍‌ର ସୁପରିଚିତ ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ ବିଜୟ ସାଲସକରଙ୍କ ନିଧନ ।

୨୦୧୨– ଆମ୍ ଆଦମୀ ପାର୍ଟିର ଗଠନ ।

୨୦୧୪– ପ୍ରସିଦ୍ଧ ଐତିହାସିକ ତପନ ରାୟଚୌଧୁରୀଙ୍କ ପରଲୋକ ।

## କାର୍ଯ୍ୟାଳୟରେ ରୁହନ୍ତୁ ଫୁର୍ତ୍ତି



ସବୁବେଳେ କାର୍ଯ୍ୟାଳୟରେ ସତେଜ ଅନୁଭୂତି ହେବ ସେଭଳି କିଛି ନଥାଏ । ବେଳେବେଳେ ଅଫିସ୍‌ରେ ଥକ୍କା ଲାଗିବା ସହ ନିଦ ମଧ୍ୟ ଆସିଥାଏ । ତେବେ ଏହା ଆପଣଙ୍କର କାମ ଉପରେ ପ୍ରଭାବ ପକାଇଥାଏ । ବେଳେବେଳେ ଏଥିପାଇଁ ଅପ୍ରିତିକର ପରିସ୍ଥିତିର ସାମନା ମଧ୍ୟ କରିବାକୁ ପଡିଥାଏ । ତେଣୁ ଏଭଳି କିଛି ଛୋଟଛୋଟ ଟ୍ରିକ୍ ଅଛି ଯାହାକୁ ଆପଣାଇ ଅଫିସ୍‌ରେ ସତେଜ ରହିବା ସହ ନିଦକୁ ମଧ୍ୟ ନିୟନ୍ତ୍ରଣ କରିପାରିବେ । ତେବେ ଏହା ଯଦି ନିତିଦିନିଆ ଘଟଣାରେ ପରିଣତ ହେଉଛି ତେବେ ଡାକ୍ତରଙ୍କ ପରାମର୍ଶ ମଧ୍ୟ ନେଇପାରିବେ ।

**କିଛି ସମୟ ପାଇଁ ନିଅନ୍ତୁ ବିଶ୍ରାମ–** ଗୋଟିଏ ସ୍ଥାନରେ ଅଧିକ ସମୟ ବସିବା ଫଳରେ ଶରୀରରେ ଥକ୍କାପଣ ଆସିବା ଏକ ସାଧାରଣ କଥା । ତେଣୁ ଅଧିକ ସମୟ ଗୋଟିଏ ସ୍ଥାନରେ ନବସି ମଝିରେ ମଝିରେ ଯାଗାରୁ ଉଠିବା ସହିତ କିଛି ସମୟ ବୁଲିଆସନ୍ତୁ । ଏପରି କରିବା ଫଳରେ ଶରୀରରେ ରକ୍ତ ପ୍ରବାହରେ ପରିବର୍ତ୍ତନ ଆସିଥାଏ, ଯାହା ଶରୀରକୁ ଫୁର୍ତ୍ତି କରିଥାଏ ।

**ସ୍ଥାନକୁ କରନ୍ତୁ ଆଲୋକିତ–** ଯେଉଁସ୍ଥାନରେ କାମ କରୁଛନ୍ତି, ସେହି ସ୍ଥାନକୁ ଆଲୋକିତ ରଖନ୍ତୁ । ସେହି ସ୍ଥାନରେ ଆଲୋକ ସହ ସତେଜ ବାୟୁ କିଭଳି ଚଳାଚଳ କରିବା ସେ ନେଇ ଧ୍ୟାନ ଦିଅନ୍ତୁ । ଏହାଫଳରେ ଆପଣ ଅଧିକ ସତେଜ ଅନୁଭବ କରିବା ସହିତ ଆପଣଙ୍କୁ ନିଦ ମଧ୍ୟ ଆସିବ ନାହିଁ ।

**ଖାଆନ୍ତୁ ମନପସନ୍ଦର ସ୍ନାକ୍–** ସେହିଭଳି ଯଦି ଆପଣଙ୍କ କାର୍ଯ୍ୟାଳୟରେ ସୁବିଧା ରହିଛି, ତେବେ କାମ କରିବା ସମୟରେ କିଛି ଚକୋଲେଟ୍ ହେଉ କିମ୍ବା ଚିପସ୍ କି କିଛି ଖାଇବା ଖାଇପାରିବେ । ଏହା ଆପଣଙ୍କ ମୁଣ୍ଡକୁ ଆକ୍ଟିଭ ରଖିବା ସହିତ କାମରେ ମନଲାଗିବାରେ ସାହାଯ୍ୟ କରିବ । ଯଦି କାର୍ଯ୍ୟାଳୟରେ ଖାଇବାର ଅନୁମତି ଅଛି ତେବେ ଏହି ଉପାୟ ଆପଣାଇ ପାରିବେ । ସେହିଭଳି ଯଦି ଅଫିସ୍‌ରେ ଲଞ୍ଚ କରୁଛନ୍ତି ତେବେ ଅଧିକ ଖାଆନ୍ତୁ ନାହିଁ । ଏହା ନିଦ ଲାଗିବାର ଅନ୍ୟ ଏକ କାରଣ ସାଜିପାରେ । ସେହଭଳି ଆପଣ ମଝିରେ ମଝିରେ କଫି କିମ୍ବା ଚା'ର ସାହାଯ୍ୟ ନେଇପାରିବେ ।




## ୩୪ ଘଣ୍ଟା ଶୋଇବାକୁ ପୁରସ୍କାର

ଚୀନର ଏକ ଘଟଣା ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛି । ସୂଚନା ଅନୁସାରେ ଏଠିକାର ଜଣେ ୨୩ ବର୍ଷୀୟ ଯୁବକ ୩୪ ଘଣ୍ଟା ଶୋଇ ବିଶ୍ୱ ରେକର୍ଡରେ ନିଜ ନାମକୁ ସାମିଲ କରିବା ସହିତ ୪୦ ହଜାର ଟଙ୍କାର ପୁରସ୍କାର ମଧ୍ୟ ପାଇଛନ୍ତି । ଉକ୍ତ ଯୁବକ ଜଣଙ୍କ ଲଗାତର ଗୋଟିଏ ମ୍ୟାଟ୍ରେସରେ ୩୪ ଘଣ୍ଟା ଶୋଇ ଏହି ରେକର୍ଡ କରିଛନ୍ତି । ସୂଚନା ଅନୁସାରେ ଏହି ପ୍ରତିଯୋଗିତାରେ ୨୪୦ ଜଣ ଭାଗ ନେଇଥିଲେ । ତେବେ ଏହି ସମୟରେ ଶୌଚାଳୟ ଯିବା ପାଇଁ ମଧ୍ୟ ଅନୁମତି ନଥିଲା । ପ୍ରଥମ ୨୪ ଘଣ୍ଟା ମଧ୍ୟରେ ୧୮୬ ଜଣ ଏହି ପ୍ରତିଯୋଗିତାରୁ ବାହାର ହୋଇଯାଇଥିଲେ । ଏହି ପ୍ରତିଯୋଗିତାଟି ୩୩ ଘଣ୍ଟା ୩୫ ମିନିଟ ଚାଲିଥିବା ସୂଚନା ମିଳିଛି ।

## ଆଜି ଜନ୍ମଦିନ
## ବୀରେନ ମିତ୍ର



ଜଣେ ବିଶିଷ୍ଟ ଓଡ଼ିଶାର ରାଜନେତା ଓ ସମାଜ ସଂସ୍କାରକ ଭାବେ ପରିଚିତ ଥିଲେ ବୀରେନ ମିତ୍ର । ୧୯୧୭ ମସିହା ନଭେମ୍ବର ୨୬ ତାରିଖରେ ସେ କଟକର କାଠଗଡା ସାହିରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ବିପିନ ବିହାରୀ ମିତ୍ର । ସେ କଟକର ପ୍ୟାରୀମୋହନ ଏକାଡେମୀ ଓ ରେଭେନ୍ସା ମହାବିଦ୍ୟାଳୟରୁ ଶିକ୍ଷାଗ୍ରହଣ କରିଥିଲେ । ସେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଅଗଷ୍ଟ ବିପ୍ଳବରେ ଅଂଶଗ୍ରହଣ କରିଥିଲେ । ହରେକୃଷ୍ଣ ମହତାବ ଥିଲେ ବୀରେନଙ୍କ ରାଜନୈତିକ ଗୁରୁ । ସେ ୨ ଅକ୍ଟୋବର ୧୯୬୩ ଠାରୁ ୨୧ ଫେବୃଆରୀ ୧୯୬୫ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ସେ ୧୯୫୨, ୧୯୫୭, ୧୯୬୧ ଓ ୧୯୬୭ ମସିହାରେ ଓଡ଼ିଶା ବିଧାନସଭାକୁ କଟକ ସଦରରୁ କଂଗ୍ରେସ ପ୍ରାଥୀ ଭାବେ ସେ ନିର୍ବାଚିତ ହୋଇଥିଲେ । ୧୯୬୩ ମସିହାରେ ସେ ମୁଖ୍ୟମନ୍ତ୍ରୀ ହୋଇ ୧୯୬୫ ମସିହାରେ ଇସ୍ତଫା ଦେଇଥିଲେ । ତାଙ୍କର ଅନେକ ମହତ କାର୍ଯ୍ୟ ପାଇଁ ଆଜି ବି ସେ ଓଡ଼ିଶାବାସୀଙ୍କ ହୃଦୟରେ ନମସ୍ୟ । ୧୯୭୮ ମସିହା ମେ ୨୫ ତାରିଖରେ ତାଙ୍କର ଦେହାନ୍ତ ଘଟିଥିଲା ।

## ଆଜି ଜନ୍ମଦିନ
## ରବି ରାୟ



ଓଡ଼ିଶାର ଜଣେ ଗାନ୍ଧୀବାଦୀ ସ୍ୱାଧୀନତା ସଂଗ୍ରାମୀ, ଲେଖକ, ସମାଜସେବୀ ତଥା ଜନନେତା ଭାବେ ପରିଚିତ ଥିଲେ ରବି ରାୟ । ୧୯୨୬ ମସିହା ନଭେମ୍ବର ମାସ ୨୬ ତାରିଖରେ, ସେ ପୁରୀ ଜିଲ୍ଲାର ଭଁଅରାଗଡ଼ର ରାୟ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଛାତ୍ରାବସ୍ଥାରୁ ସେ ସ୍ପଷ୍ଟବାଦୀ ତଥା ନିର୍ଭୀକ ଥିଲେ । ସେ କଟକର ରେଭେନ୍ସା ମହାବିଦ୍ୟାଳୟରୁ ଇତିହାସ ଓ ମଧୁସୂଦନ ଆଇନ ବିଦ୍ୟାଳୟରୁ ଆଇନରେ ସ୍ନାତକ ଲାଭ କରିଥିଲେ । ସେ କେନ୍ଦ୍ର ସରକାରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଏବଂ ନବମ ଲୋକ ସଭାର ବାଚସ୍ପତି ଦାୟିତ୍ୱ ମଧ୍ୟ ନିର୍ବାହ କରିଥିଲେ । ଲୋକ ସଭା ବାଚସ୍ପତି ପଦବୀକୁ ପହଂଚିବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ ବ୍ୟକ୍ତି । ରାମମନୋହର ଲୋହିଆଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ, ଛାତ୍ରାବସ୍ଥାରୁ ଛାତ୍ର ରାଜନୀତି ସହିତ ଜଡ଼ିତ ରହିଥିଲେ ଓ ପରବର୍ତ୍ତୀ ସମୟରେ ପ୍ରତ୍ୟକ୍ଷ ରାଜନୀତିରେ ସାମିଲ ହୋଇଥିଲେ । ୧୯୪୮ ମସିହାରେ ସେ ସୋସିଆଲିଷ୍ଟ ପାର୍ଟିରେ ଯୋଗଦାନ କରିଥିଲେ । ପରବର୍ତ୍ତୀ ସମୟରେ ସେ ସଂଯୁକ୍ତ ସୋସିଆଲିଷ୍ଟ ପାର୍ଟି, ଜନତା ଦଳ ଏବଂ ଜନତା ଦଳ(ଏସ) ସହିତ ଜଡ଼ିତ ରହିଆସିଛନ୍ତି । ୧୯୮୯ ମସିହାରେ ସେ କେନ୍ଦ୍ରାପଡ଼ାରୁ ଲୋକ ସଭାକୁ ନିର୍ବାଚିତ ହୋଇ, ବାଚସ୍ପତି ପଦବୀ ମଣ୍ଡନ କରିଥିଲେ । ଏହି ବିଶିଷ୍ଟ ବ୍ୟକ୍ତିତ୍ୱଙ୍କର ୨୦୧୭ ମସିହା ମାର୍ଚ୍ଚ ୬ ତାରିଖରେ ପ୍ରାଣହାନୀ ଘଟିଥିଲା । ତାଙ୍କ ଅବର୍ତ୍ତମାନରେ ରାଜନୀତିରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି ହୋଇଥିଲା ।

## ପରିଶ୍ରମୀ ଶ୍ରଦ୍ଧା




ବଲିଉଡ ଅଭିନେତ୍ରୀ ଶ୍ରଦ୍ଧା କପୁର ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରିଛନ୍ତି ଯେଉଁଥିରେ ସେ ରେଷ୍ଟ ନେବା କଥା ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ ନିକଟରେ ଶ୍ରଦ୍ଧା ଫିଲ୍ମ ଇଥାର ସୁଟିଂ ସମୟରେ ଆହତ ହୋଇଛନ୍ତି । ତାଙ୍କ ଗୋଡରେ ଆଘାତ ଲାଗିଛି, ଯାହାପରେ ଡାକ୍ତର ତାଙ୍କୁ କାମରୁ ବ୍ରେକ ନେଇ ଆରାମ କରିବାକୁ ପରାମର୍ଶ ଦେଇଛନ୍ତି । ସେହିଭଳି ଏହି ଭିଡିଓରେ ମଧ୍ୟ ଦେଖିବାକୁ ମିଳୁଛି କି ଶ୍ରଦ୍ଧାଙ୍କ ଗୋଡରେ ପ୍ଲାଷ୍ଟର ପଡିଛି । ଶ୍ରଦ୍ଧାଙ୍କର ଏହି ଭିଡିଓରେ ତାଙ୍କ ଫ୍ୟାନମାନେ ଚିନ୍ତା ପ୍ରକଟ କରିବା ସହିତ ଶ୍ରଦ୍ଧାଙ୍କୁ ନିଜ ଯତ୍ନ ନେବାକୁ ପରାମର୍ଶ ଦେଇଛନ୍ତି । ନିଜର ଧ୍ୟାନ ରଖି ସୁଟିଂ କରିବାକୁ ସମସ୍ତେ ତାଙ୍କୁ କମେଣ୍ଟ ମାଧ୍ୟମରେ କହୁଥିବା ଦେଖିବାକୁ ମିଳୁଛି । ସୂଚନା ଅନୁସାରେ ଫିଲ୍ମ ଇଥା ଲାବନୀ ନୃତ୍ୟଶିଳ୍ପୀ ବିଠାଭାଇ ଭାଉ ନାରାୟଣଗଂବାକରଙ୍କ ଜୀବନୀ ଉପରେ ନିର୍ମାଣ କରାଯାଇଛି । ଫିଲ୍ମରେ ଶ୍ରଦ୍ଧାଙ୍କୁ ଫିମେଲ ଲିଡ୍‌ରେ ଦେଖିବାକୁ ମିଳୁଛି । ସେପଟେ ଶ୍ରଦ୍ଧା କପୁର ଆହତ ହେବା ପରେ ଫିଲ୍ମର ସୁଟିଂ ମଧ୍ୟ କିଛିଦିନ ପାଇଁ ବନ୍ଦ କରାଯାଇଛି । ଏହି ସମୟରେ ସୁଟଂ ବନ୍ଦ ନକରି ନାଚ ବ୍ୟତିତ ଅନ୍ୟ ସୁଟିଂ କରିବାକୁ ଶ୍ରଦ୍ଧା କପୁର ଇଚ୍ଛା ପ୍ରକାଶ କରିଥିଲେ । ଯାହାପରେ ଏହି ସବୁ ସିନ୍ ସୁଟିଂ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଫିଲ୍ମରେ ଶ୍ରଦ୍ଧାଙ୍କ ବ୍ୟତିତ ରଣଦୀପ ହୁଡ୍ଡା ମଧ୍ୟ ନଜର ଆସିବେ ।

## ସୋସିଆଲ କୋଟ୍ସ



“ୱିଂ କମାଣ୍ଡର ନମାଂଶ ସ୍ୟାଲଙ୍କ ଦୁଃଖଦ ମୃତ୍ୟୁରେ ଗଭୀର ଭାବେ ମର୍ମାହତ । ସେ ଆମ ବାୟୁସେନାର ଗର୍ବ । ଭାରତ ଜଣେ ବାହାଦୂର ପୁଅଙ୍କୁ ହରାଇଲା ।

କମଲ ହାସନ, ଅଭିନେତା



“ଭାରତ ଜଣେ ବୀର, ସାହସୀ ପାଇଲଟଙ୍କୁ ହରାଇଲା । ଯିଏ ଦେଶ ପ୍ରାଇଁ ତେଜସ ଉଡାଉଥିବା ସମୟରେ ପ୍ରାଣ ହରାଇଛନ୍ତି । ତାଙ୍କ ସାହସ ଓ ବଳିଦାନ ସବୁବେଳେ ମନେ ରଖାଯିବ ।

ସୋନୁ ସୁଦ, ଅଭିନେତା

“ଓ୍ୱକ୍ତ ଫିଲ୍ମରେ ଅକ୍ଷୟ କୁମାରଙ୍କ ମାଆ ଚରିତ୍ରରେ ଅଭିନୟ କରିବାକୁ ମୋ ସ୍ୱାମୀ ମୋତେ ମନା କରିଥିଲେ । ହେଲେ ମୁଁ ଏହାକୁ ନିଜେ କରିବା ପାଇଁ ଚାହିଁଥିଲି, ଯାହା ମୋର ଭୁଲ ଥିଲା ।

ଶେଫାଲୀ ଶାହ, ଅଭିନେତ୍ରୀ





## ସହର ଛାଡିବାକୁ ମିଳୁଛି ପଇସା

ଏହି ନିୟମ ବିଦେଶ ନୁହେଁ ବରଂ ଭାରତରେ ହିଁ ଲାଗୁ କରାଯାଇଛି । କର୍ଣ୍ଣାଟକ ସରକାର ନିକଟରେ ଏକ ନୂଆ ଆଇଟି ପଲିସିର ଘୋଷଣା କରିଛନ୍ତି । ଏହି ଆଇନ ଅନୁସାରେ କମ୍ପାନୀମାନେ ନିଜ ଅଫିସ ବାଙ୍ଗାଲୋରରୁ ବାହାରକୁ ପଠାଉଛନ୍ତି ସେମାନେ ନିଜ କର୍ମଚାରୀଙ୍କୁ ରିଲୋକେସନ ଅର୍ଥ ବାବଦକୁ ୫୦ ହଜାର ଟଙ୍କା ପ୍ରଦାନ କରିବେ । କର୍ଣ୍ଣାଟକ ଭାରତର ସବୁଠାରୁ ବଡ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ହବ ଅଟେ । ଏହି ରାଜ୍ୟ ଭାରତର ଆଟି କ୍ଷେତ୍ରରେ ୪୨ ପ୍ରତିଶତ ଯୋଗଦାନ କରିଥାଏ । ଏହାକୁ ଭାରତର ସିଲିକନ ଭ୍ୟାଲିର ଆଖ୍ୟା ଦିଆଯାଇଥାଏ ।

## ୟୁସିସିଆଇ ପକ୍ଷରୁ ଆୟୋଜିତ 'ସମୃଦ୍ଧ ଓଡ଼ିଶା ୨୦୩୬ କନ୍‌କ୍ଲେଭ୍

# ଭୁବନେଶ୍ୱର ହେବ ଦେଶର ଇଷ୍ଟର୍ଣ୍ଣ ରିଜିଅନ୍‌ର ମେଗା ଟେକ୍-ସିଟି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ଉତ୍କଳ ଚାମ୍ବର୍‌ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ଅନୁଷ୍ଠିତ 'ସମୃଦ୍ଧ ଓଡ଼ିଶା ୨୦୩୬ କନ୍‌କ୍ଲେଭ୍‌ଦକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ବର୍ତ୍ତମାନ ଓଡିଶାରେ ପ୍ରକୃତ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି, ଯାହା ଓଡିଶାର ଦଶା ଓ ଦିଶାକୁ ନିଶ୍ଚିତ ଭାବରେ ପରିବର୍ତ୍ତନ କରିବ। ଏହି ଅବସରରେ ସମୃଦ୍ଧ ଓଡ଼ିଶାର ରୋଡମ୍ୟାପ୍ ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ରାଜ୍ୟର ଅର୍ଥନୀତି ବର୍ତ୍ତମାନ ପ୍ରାୟ ୧୨୦ ବିଲିୟନ ଡଲାର ରହିଛି । ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାର କରିବାକୁ ହେଲେ, ଆମକୁ ଆସନ୍ତା ୧୦-୧୧ ବର୍ଷ ଭିତରେ ପ୍ରାୟ ୫ ଗୁଣ ଅଭିବୃଦ୍ଧି ହାସଲ କରିବାକୁ ପଡ଼ିବ। ଏଥିପାଇଁ ଆମେ ଭିତ୍ତିଭୂମି, ଶିଳ୍ପ ଓ ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ ଉପରେ ଫୋକସ୍ କରିଛୁ। ଆପଣମାନେ ଜାଣନ୍ତି, ବର୍ତ୍ତମାନ ସୁଦ୍ଧା ୨ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯାଇ ୮୪ ଟି ଶିଳ୍ପର ଶିଳାନ୍ୟାସ ହୋଇଛି ଏବଂ ଏହାଦ୍ୱାରା ୧ ଲକ୍ଷ ୬୪ ହଜାର ନିଯୁକ୍ତି ସୁନିଶ୍ଚିତ କରାଯାଇପାରିଛି । ବେଦାନ୍ତ ଗ୍ରୁପ, ଆଦାନୀ, ଜେ.ଏସ୍. ଡବ୍ଲ୍ୟୁ, ଇଣ୍ଡିଆନ ଅଏଲ୍, ଜୋହୋ ଗ୍ରୁପ୍ ପକ୍ଷରୁ ଲକ୍ଷ ଲକ୍ଷ କୋଟି ଟଙ୍କାର ଇନ୍‌ଭେଷ୍ଟମେଣ୍ଟ ବର୍ତ୍ତମାନ ପାଇପଲାଇନ୍‌ରେ ଅଛି । ଟେକ୍ସଟାଇଲ୍, ଗ୍ରୀନ୍ ଏନର୍ଜି କ୍ଷେତ୍ରରେ ମଧ୍ୟ ଇନ୍‌ଭେଷ୍ଟମେଣ୍ଟ ଆସୁଛି । ଭିତ୍ତିଭୂମି କ୍ଷେତ୍ରରେ ମଧ୍ୟ ରୋଡ୍, ରେଲ୍‌ୱେ, ପୋର୍ଟ ଓ ଏୟାରପୋର୍ଟ ସବୁ କ୍ଷେତ୍ରର ଭିତ୍ତିଭୂମିକୁ କେନ୍ଦ୍ର ଓ ରାଜ୍ୟର ଡବଲ୍ ଇଞ୍ଜିନ୍ ସରକାର ବ୍ୟାପକ ଭାବେ ସୁଦୃଢ଼ କରୁଛନ୍ତି। ଏ କ୍ଷେତ୍ରରେ ଆମକୁ ୟୁସିସିଆଇ ଭଳି ଶିଳ୍ପସଂଘମାନେ ସହଯୋଗର ହାତ ବଢ଼ାଇଛନ୍ତି । ସରକାର ଓ ଶିଳ୍ପ ସଂସ୍ଥା ମାନଙ୍କ ମିଳିତ ଉଦ୍ୟମରେ ଓଡ଼ିଶାରେ ସମୃଦ୍ଧି ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଆହୁରି କହିଛନ୍ତି



ଯେ, ଭୁବନେଶ୍ୱର ସହରକୁ ରାଜ୍ୟର ଏକ ଟେକ୍ନୋଲୋଜି ହବ୍‌ରେ ପରିଣତ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଭୁବନେଶ୍ୱରରେ ଫିନ୍‌ଟେକ୍, ଇନ୍‌ସିଓର୍‌ଟେକ୍ କମ୍ପାନୀ ପ୍ରତିଷ୍ଠା କରାଯାଉଛି। ବଡ଼ ବଡ଼ ଆଇଟି କମ୍ପାନୀ ସହିତ ଦୁଇଟି ସେମିକଣ୍ଡକ୍ଟର ଶିଳ୍ପ ମଧ୍ୟ ପ୍ରତିଷ୍ଠା କରାଯାଇଛି । କ୍ୟାପିଟାଲ ରିଜିଅନ୍ ରିଙ୍ଗ୍ ରୋଡ୍ ଯୋଗୁଁ କଟକ-ଭୁବନେଶ୍ୱର ଟୁଇନ୍ ସିଟିର ବ୍ୟାପକ ସମ୍ପ୍ରସାରଣ ହେବାକୁ ଯାଉଛି । ଭୁବନେଶ୍ୱରକୁ ଆମେ ଦେଶର ଇଷ୍ଟର୍ଣ୍ଣ ରିଜିଅନ୍‌ରେ ଏକ ମେଗା ଟେକ୍-ସିଟି ଭାବରେ ବିକଶିତ କରିବାକୁ ଯାଉଛୁ । ଏହି ଅବସରରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ଗୋଟିଏ ବର୍ଷ ମଧ୍ୟରେ ଓଡିଶାରେ ସରକାର ଜନସାଧାରଣଙ୍କ ପ୍ରିୟଭାଜନ ହୋଇ ଓଡିଶାକୁ ଏକ ଉତ୍କୃଷ୍ଟ ସମ୍ଭାବନାର ରାଜ୍ୟଭାବେ ବିକଶିତ କରିଛନ୍ତି। ଯୁବଶକ୍ତିକୁ ନିଯୁକ୍ତି, ଓଡିଶାରେ ଶିଳ୍ପର ମାନବୃଦ୍ଧି ଏ ସମସ୍ତ ଆଜି ଓଡିଶାକୁ ଏକ ସମୃଦ୍ଧ ଓଡିଶାରୂପେ ବିକାଶ କରିବା ପାଇଁ ଆଗେଇ ଆସିଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ଆଜି ଓଡିଶାରେ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ୟୁସିସିଆଇ ପକ୍ଷରୁ ପ୍ରସ୍ତୁତ 'ସମୃଦ୍ଧ ଓଡିଶା ୨୦୩୬ଦ ନାମକ ସ୍ମରଣିକା ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡର ପ୍ରେସିଡେଣ୍ଟ ଡ. ପ୍ରବୋଧ ମହାନ୍ତି, ସମୃଦ୍ଧ ଓଡିଶା ୨୦୩୬ ଆୟୋଜନ କମିଟିର ଚେୟାରମ୍ୟାନ୍ ଡ. ବ୍ରହ୍ମା ମିଶ୍ର, ଡିଆରଡିଓ ଡିଜି, ଇଲେକ୍ଟ୍ରୋନିକ୍‌ସ ଆଣ୍ଡ କମ୍ୟୁନିକେସନ ସିଷ୍ଟମ ଡଃ. ବି.କେ ଦାସ, ଏମ୍.ଜି.ଏମ୍‌ମିନେରାଲ ଲିମିଟେଡର ସି.ଏମ୍.ଡି ଏବଂ ଅତିରିକ୍ତ ୟୁସିସିଆଇ ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି, ଏସାର୍ ମିନ୍‌ମେଟ୍ ଲିମିଟେଡର ଏମ୍.ଡି ତଥା ଅତିରିକ୍ତ ନିର୍ଦ୍ଦେଶକ, ୟୁସିସିଆଇ ଶଶୀ ଶେଖର ମହାନ୍ତି, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍(କର୍ପୋରେଟ୍ ଆଫାୟାର୍ସ)ର ପ୍ରେସିଡେଣ୍ଟ ତଥା ଅତିରିକ୍ତ ନିର୍ଦ୍ଦେଶକ ୟୁସିସିଆଇ ଅର୍ଦ୍ଧେନ୍ଦୁ ମହାପାତ୍ର ଏବଂ ବିଭିନ୍ନ ସଂସ୍ଥାର ବିଶିଷ୍ଟ ଶିଳ୍ପପତିଗଣ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟରେ ବେଆଇନ ଭାବରେ ରହୁଛନ୍ତି ବାଂଲାଦେଶୀ

# ତିନି ସପ୍ତାହ ମଧ୍ୟରେ ସରକାର ଜବାବ ରଖନ୍ତୁ: ହାଇକୋର୍ଟ

କଟକ, (ସବ୍ୟୁ): ଓଡ଼ିଶାରେ ବର୍ଷବର୍ଷ ଧରି ବେଆଇନ ଭାବେ ହଜାର ହଜାର ସଂଖ୍ୟାରେ ରହି ଆସୁଥିବା ବାଂଲାଦେଶୀଙ୍କୁ ଚିହ୍ନଟ ପାଇଁ ରାଜ୍ୟ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି । ପ୍ରତ୍ୟେକ ଜିଲ୍ଲାସ୍ତରରେ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇଛି କି ? ପ୍ରତିମାସରେ କେନ୍ଦ୍ର ଗୃହ ମନ୍ତ୍ରାଳୟକୁ ବାଂଲାଦେଶୀଙ୍କ ସବିଶେଷ ତଥ୍ୟ ଦିଆଯାଉଛି କିଦ ନାହିଁ...ଏସବୁ ସଂକ୍ରାନ୍ତରେ ରାଜ୍ୟ ସରକାର ସତ୍ୟପାଠ ଆକାରରେ ଜବାବ ରଖିବାକୁ ହାଇକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ତିନି ସପ୍ତାହ ପରକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି। ଆଇନଜୀବୀ ତଥା ସମାଜସେବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହାରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ମହାନ୍ତି ଅଦାଲତଙ୍କୁ ଅବଗତ କରିଥିଲେ ଯେ, ସମୁଦ୍ର ପଥ ଦେଇ ବହୁ ସଂଖ୍ୟାରେ ବାଂଲାଦେଶୀମାନେ ଚାଲିଆସି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସ୍ଥାୟୀ ବସବାସ କରୁଛନ୍ତି । କେବଳ ବସବାସ କରୁନାହାନ୍ତି ବିଭିନ୍ନ ସମୟରେ ରାଜନେତାମାନଙ୍କୁ ହାତବାରିସ୍ କରି ଭୋଟର ପରିଚୟପତ୍ର, ଆଧାର କାର୍ଡ, ରାସନ୍ କାର୍ଡ ଆଦି ମଧ୍ୟ କରିବାକୁ ସକ୍ଷମ ହୋଇଛନ୍ତି । ଏହାଦ୍ୱାରା ସେମାନେ ନିଜକୁ ଦେଶର ଜଣେ ନାଗରିକର ପରିଚୟ ମଧ୍ୟ ଦେଇପାରୁଛନ୍ତି। କିନ୍ତୁ ଏହି ଆଳରେ ସେମାନେ ଅନେକ ପ୍ରକାର ଅପରାଧୀକ କାର୍ଯ୍ୟକଳାପରେ ସମ୍ପୃକ୍ତ ମଧ୍ୟ ରହୁଛନ୍ତି । ଏମାନଙ୍କୁ ହଟାଇବା ଲାଗି କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଏହିଭଳି ବାଂଲାଦେଶୀଙ୍କୁ ପ୍ରଥମେ ରାଜ୍ୟ ସରକାର ଚିହ୍ନଟ ପାଇଁ ପଦକ୍ଷେପ ନେବା ଆବଶ୍ୟକ। ଏନେଇ ଏକ ସମୟସୀମା ଧାର୍ଯ୍ୟ କରାଯାଉ । ଧାର୍ଯ୍ୟ ସମୟ ମଧ୍ୟରେ ସେମାନଙ୍କୁ ଚିହ୍ନଟ କରାଯିବା ଦରକାର । ଏଥିପାଇଁ ରାଜ୍ୟ ସରକାର ଏକ ଅଟକ କେନ୍ଦ୍ର ପ୍ରତିଷ୍ଠା କରି ବାଂଲାଦେଶ ହାଇ କମିସନଙ୍କ ସହାୟତାରେ ଏହି ଚିହ୍ନଟ ବାଂଲାଦେଶୀଙ୍କୁ ଦେଶରୁ ବିଦା ପାଇଁ ପଦକ୍ଷେପ ନେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ । ବାଂଲାଦେଶୀ ସମସ୍ୟାକୁ ହାଇକୋର୍ଟ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରିଥିଲେ । ଏହା ଉପରେ ରାଜ୍ୟ ସରକାର କିଦ ପଦକ୍ଷେପ ଗ୍ରହଣ କରିଛନ୍ତି ସେ ସଂକ୍ରାନ୍ତରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ଏବଂ ଆବେଦନକାରୀ ଶ୍ରୀ ମହାନ୍ତି ଏହି ମାମଲା ପରିଚାଳନା କରୁଛନ୍ତି ।

## ରବି ରାୟ ଜନ୍ମ ଶତବାର୍ଷିକୀ ଅବସରରେ ରାଷ୍ଟ୍ରୀୟ ଆଲୋଚନାଚକ୍ର ଆରମ୍ଭ

# କର୍ପୋରେଟ୍ ଧନତନ୍ତ୍ର ଓ ଘୃଣା ରାଜନୀତି ଭବିଷ୍ୟତ ଗଣତନ୍ତ୍ର ପାଇଁ ବିପଦ

ଭୁବନେଶ୍ୱର,(ସବ୍ୟୁ): ବିଶିଷ୍ଟ ସମାଜବାଦୀ ନେତା ତଥା ଲୋକସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କ ଜନ୍ମ ଶତବାର୍ଷିକୀ ରାଜ୍ୟ ସମିତି, ରବି ରାୟ ସ୍ମୃତି କମିଟି ଓ ଲୋହିଆ ଏକାଡ଼େମୀ ପକ୍ଷରୁ ଏକାଡ଼େମୀ ସଭାଗୃହରେ "ଭାରତରେ ଗଣତନ୍ତ୍ରର ଭବିଷ୍ୟତ' ଶୀର୍ଷକ ଏକ ଦୁଇ ଦିନିଆ ରାଷ୍ଟ୍ରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଆଲୋଚନା ଚକ୍ରକୁ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଆନନ୍ଦ କୁମାର ଉଦଘାଟନ କରି କହିଥିଲେ ଯେ, ରବି ରାୟଙ୍କ ଲୋକସଭା ବାଚସ୍ପତି ଭାବରେ କାର୍ଯ୍ୟକାଳ ଦେଶର ଗଣତାନ୍ତ୍ରିକ ଇତିହାସର ସୁବର୍ଣ୍ଣ ଯୁଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ କହିଥିଲେ ଯେ, ରବି ରାୟ ସଂସଦୀୟ ଗଣତନ୍ତ୍ରର ଗାରିମାକୁ ବହୁଗୁଣିତ କରିଥିଲେ । ଦଳମତ ନିର୍ବିଶେଷରେ ପ୍ରତ୍ୟେକ ପ୍ରତିନିଧିଙ୍କୁ ନିରପେକ୍ଷତା ସହ ସାଧାରଣ ଲୋକଙ୍କ ସମସ୍ୟା ସଂସଦରେ ଉଠାଇବାକୁ ସୁଯୋଗ ଦେବା ପାଇଁ ରବି ରାୟ ଜିରୋ ଆୱାର ଆରମ୍ଭ କରିଥିଲେ । ପ୍ରଫେସର କୁମାର ଦୃଢ଼ତାର ସହ କହିଥିଲେ ଯେ, ସାଂସଦ ଜୀବନରେ ସାଧୁତା ଓ ସଚ୍ଚୋଟତା ଦ୍ୱାରା ଚିହ୍ନିତ ରବି ରାୟଙ୍କ ଜୀବନ ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ପ୍ରେରଣା ଯୋଗାଉଛି । ବର୍ତ୍ତମାନର ସ୍ଥିତି ଆଧାରରେ ପ୍ରଫେସର କୁମାର କହିଥିଲେ ଯେ, ଆଜି, କର୍ପୋରେଟ୍ ଧନତନ୍ତ୍ର ଏବଂ ଧାର୍ମିକ ଘୃଣା ରାଜନୀତି ଗଣତନ୍ତ୍ରର ମୂଳ ସ୍ତମ୍ଭ ତଥା ସମ୍ବିଧାନରେ ନିହିତ ମୂଲ୍ୟବୋଧଗୁଡ଼ିକୁ ସକ୍ରିୟ ଭାବରେ ନଷ୍ଟ କରୁଛି । ରବି ରାୟ ଜନ୍ମ ଶତବାର୍ଷିକୀ ରାଜ୍ୟ ସମିତି, ରବି ରାୟ ସ୍ମୃତି କମିଟି ଓ ଲୋହିଆ ଏକାଡ଼େମୀର ମିଳିତ ଭାବେ ଆୟୋଜିତ ଏହି ଦୁଇଦିନିଆ ରାଷ୍ଟ୍ରୀୟ ଆଲୋଚନା ଚକ୍ରର ଉଦଘାଟନୀ ଉତ୍ସବରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ମନୋରଞ୍ଜନ ମହାନ୍ତି ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ଶତବାର୍ଷିକୀ ସମିତିର ରାଜ୍ୟ ଅଧ୍ୟକ୍ଷା କ୍ରିଷ୍ଣା ମହାନ୍ତି, ପରାମର୍ଶଦାତା ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ସ୍ୱାଧୀନ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଶତବାର୍ଷିକୀ ସମିତିର ରାଜ୍ୟ ସମ୍ପାଦକ ଡାକ୍ତର ବିଶ୍ୱଜିତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଲୋହିଆ ଏକାଡ଼େମୀର ସମ୍ପାଦକ ଦେବପ୍ରସାଦ ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପ୍ରଫେସର ବୀରେନ୍ଦ୍ର ନାୟକଙ୍କ ଦ୍ୱାରା ଲିଖିତ ପୁସ୍ତକ ରବି ରାୟ ଲୋକାର୍ପିତ ହୋଇଥିଲା । ସଂସଦୀୟ ଗଣତନ୍ତ୍ର ଶୀର୍ଷକ ଅଧିବେଶନରେ ପ୍ରଫେସର ଅମୀୟ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ହାଇଦ୍ରାବାଦର ବିଶିଷ୍ଟ ସମାଜ ବିଜ୍ଞାନୀ କଳ୍ପନା କାନ୍ନାବିରନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଏବଂ ପ୍ରଫେସର



ବିଜୟ ବହିଦାର ଆଲୋଚକ ଭାବରେ ଯୋଗଦେଇ କହିଥିଲେ ଯେ, ସଂସଦୀୟ ଗଣତନ୍ତ୍ରକୁ ବର୍ତ୍ତମାନ ସଙ୍କୁଚିତ କରାଯାଉଛି, ଯାହା ଫଳରେ ସଂସଦ ଏବଂ ବିଧାନସଭାଗୁଡ଼ିକ ବହୁ ମତବାଦୀ ସଂସ୍ଥାରେ ପରିଣତ ହେଉଛି । ସେହିପରି ଗଣତନ୍ତ୍ର ଉପରେ ଜଗତୀକରଣ ଏବଂ ଉଦାରୀକରଣର ପ୍ରଭାବ ଶୀର୍ଷକ ଆଲୋଚନା ଚକ୍ରରେ ବରିଷ୍ଠ ସାମ୍ବାଦିକ ରବି ଦାସ ଅଧ୍ୟକ୍ଷତା କରିଥିବା ବେଳେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ରାଧାକାନ୍ତ ବାରିକ, ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକ, ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ପ୍ରାକ୍ତନ ବିଧାୟକ ରାଧାକାନ୍ତ ସେଠୀ, ପ୍ରଫେସର ବୀରେନ୍ଦ୍ର ନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସାନ୍ଧ୍ୟ ଅଧିବେଶନରେ ଏକଛତ୍ରବାଦ ଓ ଭ୍ରଷ୍ଟାଚାର ବିରୋଧରେ ଅଭିଯାନ ଶୀର୍ଷକ ଆଲୋଚନାରେ ପ୍ରଫେସର ଗୋଲକ ବିହାରୀ ନାଥ ଅଧ୍ୟକ୍ଷତା କରିଥିବା ବେଳେ ହିନ୍ଦୁସ୍ଥାନ ଟାଇମ୍ସର ପ୍ରାକ୍ତନ ସମ୍ପାଦକ ନଳିନୀ ରଞ୍ଜନ ମହାନ୍ତି, ଓଡିଶା ରାଜସ୍ୱ ପାର୍ଷଦର ପ୍ରାକ୍ତନ ସଦସ୍ୟ ଜି. ଭି. ବେଣୁଗୋପାଳ, ମାନବାଧିକାର କର୍ମୀ ଫାଦର ଅଜୟ ସିଂହ ପ୍ରମୁଖ ଯୋଗ ଦେଇ ଆଲୋଚନା କରିଥିଲେ । ବିଶିଷ୍ଟ ଜୈବ କୃଷି ବିଶେଷଜ୍ଞ ନଟବର ଷଡ଼ଙ୍ଗୀ ରବି ରାୟ ଲୋକଶକ୍ତି ସବୁଜ ସମ୍ମାନରେ ବୁଧବାର ସନ୍ଧ୍ୟା କାର୍ଯ୍ୟକ୍ରମରେ ସମ୍ମାନିତ ହେବେ ।

## ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ବୈଠକ

# ଆରମ୍ଭ ହେଲା ଖରିଫ ଧାନ ସଂଗ୍ରହ

ଭୁବନେଶ୍ୱର(ସବ୍ୟୁ): ଆଜିଠୁ ଧାନ କ୍ରୟ ଆରମ୍ଭ ହୋଇଛି । ତୃଣମୂଳ ସ୍ତରରେ ଏହାର ସୁଗମ ପରିଚାଳନା ଏବଂ ସମନ୍ୱୟ ପାଇଁ ତଦନୁସାରେ ବ୍ୟବସ୍ଥା କରାଯାଇଛି । ସଂଗ୍ରହ ପ୍ରକ୍ରିୟାକୁ ଅଧିକ ସୁଗମ କରିବା ପାଇଁ ମୋଟ ସକ୍ରିୟ ୩୫୭୦ଟି ମଣ୍ଡି ପ୍ରସ୍ତୁତ କରାଯାଇଛି । ଏ ସଂକ୍ରାନ୍ତରେ ୨୦୨୫-୨୬ ଖରିଫ ଫସଲ ପାଇଁ ଧାନ ସଂଗ୍ରହ ଉପରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରୁ ଜଣାପଡ଼ିଛି ଯେ ଓଡ଼ିଶା ହେଉଛି ଶୀର୍ଷ ରାଜ୍ୟମାନଙ୍କ ମଧ୍ୟରୁ ଗୋଟିଏ, ଯେଉଁଠାରେ ଚାଷୀମାନେ ୪୮ ଘଣ୍ଟା ମଧ୍ୟରେ ଦେୟ ପାଆନ୍ତି । କେବଳ ଯେଉଁ ମିଲରମାନେ ସରକାରଙ୍କ ପାଖରେ କୌଣସି ବକେୟା ରଖି ନାହାଁନ୍ତି, ସେମାନେ ହିଁ ଅଂଶଗ୍ରହଣ କରିବାକୁ ଯୋଗ୍ୟ ହେବେ । ସମସ୍ତ ୩୦ଟି ଜିଲ୍ଲାରେ ୧୦୦% ସାଟେଲାଇଟ୍ ଯାଞ୍ଚ ଚାଲିଛି । ଯେହେତୁ ଅଣଧାନ ଚାଷୀଙ୍କୁ ଧାନ ବିକ୍ରୟ ପାଇଁ ପଞ୍ଜିକରଣ



ଅନୁମତି ନାହିଁ । ଯଦି ଏପରି ବ୍ୟକ୍ତିଙ୍କୁ ଧରାଯାଏ, ତେବେ ସେମାନଙ୍କୁ କଳା ତାଲିକାଭୁକ୍ତ କରାଯିବ । ମଣ୍ଡିରେ ଚାଷୀଙ୍କ ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଛି । ଯେକୌଣସି ଅଭିଯୋଗର ସମାଧାନ କିମ୍ବା ସହାୟତା ପାଇଁ ଚାଷୀମାନେ ଟୋଲ୍ ଫ୍ରି ନଂ-୧୯୬୭ କୁ କଲ୍ କରିପାରିବେ ।

### ଅଣଧାନ ଚାଷୀ ବିକି ଧରାପଡ଼ିଲେ ହେବେ କଳା ତାଲିକାଭୁକ୍ତ

୨୦୨୩-୨୪ ବର୍ଷରେ ୭୩ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି । ୨୦୨୪-୨୫ ବର୍ଷରେ ମୋଟ ୯୨ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି ଏବଂ ଗତ ବର୍ଷ ୨.୨୬ ଲକ୍ଷ ଟୋକନ୍ ପୁନଃ ବୈଧ କରାଯାଇଥିଲା । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମଧ୍ୟ ବୈଠକରେ ସାମିଲ ଥିଲେ । ବୈଠକରେ କୃଷି ଓ କୃଷକ ସଶକ୍ତିକରଣ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ଅର୍ଥ, ସମବାୟ ବିଭାଗ ଶାସନ ସଚିବ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁଗମ ଓ ସୁପରିଚାଳିତ କରିବା ପାଇଁ ସୁନିଶ୍ଚିତ ମତାମତ ପୋଷଣ କରିଥିଲେ ।

# ଆପୋଲୋ କର୍କଟ କେନ୍ଦ୍ରରେ ପ୍ରଥମ ଟାମିସ୍ ପ୍ରକ୍ରିୟାରେ ଅସ୍ତ୍ରୋପଚାର ସଫଳ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ଆପୋଲୋ କର୍କଟ କେନ୍ଦ୍ର (ଏସିସି), ଓଡ଼ିଶାର ପ୍ରଥମ ଟ୍ରାନ୍ସଆନାଲ୍ ମିନିମାଲି ଇନଭେସଭ ସର୍ଜରୀ (ଟାମିସ୍) ସଫଳତାର ସହ ସମ୍ପାଦନ କରି ସର୍ଜିକାଲ୍ ଅଙ୍କୋଲୋଜିରେ ଏକ ମାଇଲ ଖୁଣ୍ଟ ସ୍ଥାପନ କରିଛି । ପରାମର୍ଶଦାତା ସର୍ଜିକାଲ୍ ଅଙ୍କୋଲୋଜିଷ୍ଟ ଡକ୍ଟର ମନୀନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏହି ଅଭିନବ ପ୍ରକ୍ରିୟାରେ ଏକ ସ୍କାରହୀନ, ଟ୍ରାନ୍ସଆନାଲ କୌଶଳ ବ୍ୟବହାର କରାଯାଇଥିଲା । ଯେଉଁଥିରେ ମଳଦ୍ୱାରରୁ ସହଜରେ ଟ୍ୟୁମରକୁ ଅପସାରଣ କରାଯାଇଥିଲା । ରୋଗୀ, ସୀତାରାମ ଗୌଡ଼, (୫୨) ପୂର୍ବରୁ ଅନ୍ୟ ହସ୍ପିଟାଲ ଯାଇ ଚିକିତ୍ସା କରାଇବାରେ ବିଫଳ ହୋଇଥିଲେ । ଭୁବନେଶ୍ୱରର ଆପୋଲୋ କର୍କଟ କେନ୍ଦ୍ରରେ ଏକ ବହୁମୁଖୀ ଡାକ୍ତରୀ ଦଳ ମୁଖ୍ୟ କ୍ଲିନିକାଲ ମାନଦଣ୍ଡକୁ ଯତ୍ନର ସହିତ ମୂଲ୍ୟାଙ୍କନ କରିଥିଲେ । ଆପୋଲୋ ଅଙ୍କୋ ସର୍ଜନମାନେ ଏହି ମଳଦ୍ୱାର ଟ୍ୟୁମରକୁ ଅତି ସହଜରେ ମାତ୍ର ୨୦ମିନିଟ୍ ସମୟ ମଧ୍ୟରେ ସଫଳତାର ସହିତ ସମ୍ପନ୍ନ କରିଥିଲେ । ରୋଗୀଙ୍କୁ ଅସ୍ତ୍ରୋପଚାର ପରେ




ମାତ୍ର ୪ ଦିନ ପରେ ଡିସଚାର୍ଜ କରାଯାଇଥିଲା । ଫଳରେ ରୋଗୀ ଜଣକ ସୁସ୍ଥ ହେବା ପରେ ଆପୋଲୋ ହସପିଟାଲର ଡାକ୍ତରମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଆପୋଲୋର ଅତ୍ୟାଧୁନିକ ଉନ୍ନତ ଅସ୍ତ୍ରୋପଚାର ବିରଳ ବୋଲି ସୀତାରାମ ଗୌଡ ପ୍ରକାଶ କରିଥିଲେ । ଭୁବନେଶ୍ୱରର ଆପୋଲୋ କ୍ୟାନସର ସେଣ୍ଟର, ଅଙ୍କୋଲୋଜିରେ ସଫଳତା ହାସଲ କରି ଚାଲିଛି ଏବଂ ଓଡ଼ିଶାର ଲୋକଙ୍କ ପାଇଁ ନୂତନତମ ଶଲ୍ୟ ଚିକିତ୍ସା କୌଶଳର ପ୍ରବେଶ ପ୍ରଦାନ କରିବାକୁ ଉତ୍ସର୍ଗୀକୃତ ରହିଛି । ସମସ୍ତ ଘରୋଇ ଏବଂ ଆନ୍ତର୍ଜାତୀୟ ରୋଗୀ ଆମର ଉତ୍ସର୍ଗୀକୃତ ରୋଗୀ ହେଲ୍ପ ଲାଇନ ନମ୍ବର: ୦୪୦୪୮୯୬୪୫୧୫ ମାଧ୍ୟମରେ ଆମ ସହିତ ଯୋଗାଯୋଗ କରିପାରିବେ ।




## ପୁରୀ ଜିଲ୍ଲା କଂଗ୍ରେସ ପ୍ରତିନିଧି ଦଳଙ୍କ

# ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ

ପୁରୀ, (ସବ୍ୟୁ) : ଜିଲ୍ଲା କଂଗ୍ରେସ କମିଟିର ଏକ ପ୍ରତିନିଧି ଦଳ ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲା କଂଗ୍ରେସ ସଭାପତି ଇଂ ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ଦୀର୍ଘ ଦିନ ଧରି ଶ୍ରୀ ଜଗନ୍ନାଥ ମେଡ଼ିକାଲ କଲେଜ କାର୍ଯ୍ୟ କ୍ଷମରେ ଅହେତୁକ ବିଳମ୍ବ ନେଇ କର୍ତ୍ତୃପକ୍ଷଙ୍କ ସହ ସାକ୍ଷାତ କରି ଆଲୋଚନା କରିଥିଲେ । ମେଡିକାଲ କଲେଜ ହସ୍ପିଟାଲର ସୁପରିଟେଣ୍ଡେଣ୍ଟ ଏବଂ ପ୍ରିନ୍ସିପାଲଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କର୍ତ୍ତୃପକ୍ଷଙ୍କ ତରଫରୁ ଇପସିତା ପଣ୍ଡା, ବିତ୍ତ ଅଧିକାରୀ, ଏବଂ ପ୍ରଫେସର ବିମୋଚ ପ୍ରଜ୍ଞାପତି, ପ୍ରଫେସର କାଳୀ ପ୍ରସାଦ ପଟ୍ଟନାୟକ ଉପସ୍ଥିତ ରହି ଆଲୋଚନା କରିଥିଲେ । ସ୍ୱାସ୍ଥ୍ୟ ସେବା ପାଇବା କ୍ଷେତ୍ରରେ ଗ୍ରାମୀଣ ଅଞ୍ଚଳ ଠାରୁ ସହରାଞ୍ଚଳରେ ଦେଖିବାକୁ ଗଲେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ପୁରୀ ଜିଲ୍ଲା ପାଇଁ ଏକ ବରଦାନ ସଦୃଶ ଅଟେ । ଯାହା ୨୦୧୪ ମସିହାରେ ପ୍ରତିଷ୍ଠା ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ପାଇଁ ଉନ୍ମୁକ୍ତ ହୋଇପାରିନାହିଁ । ସେହିପରି ଏପର୍ଯ୍ୟନ୍ତ ୫ଏକର ଜମି ଅଧିଗ୍ରହଣ ହୋଇନଥିବା ବେଳେ ମେଡିକାଲ କଲେଜର ଜମି ମାଲିକାନା ଏବେ ବି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ନାମିତ ହୋଇଥିବା ବେଳେ ପରିବେଶ ଓ ପିକେଡିଏ ମଞ୍ଜୁରୀ ମିଳିନାହିଁ । ସେହିପରି ବିଦ୍ୟୁତ୍ ଏବଂ ପାନୀୟ ଜଳ ସଂଯୋଗ ନଥିବା କଂଗ୍ରେସ ଟିମ୍ ଜାଣିପାରିଛି। ତେବେ ଚିକିତ୍ସା ତଥା ଶିକ୍ଷା କ୍ଷେତ୍ରରେ ମଧ୍ୟ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ବହୁତ ପଛରେ ରହିଛି, ନା ଏଠି ଅଛି ହୃଦରୋଗ ବିଭାଗ ନା ଅଛି ସ୍ନାୟୁବିକ ବିଭାଗ ନା ଅଛି ଆପାତକାଳୀନ ଦୁର୍ଘଟଣା ଚିକିତ୍ସା ବିଭାଗ ନା ପୋଡ଼ାଜଳା ବିଭାଗ ସେହିପରି ଆନୁସାଙ୍ଗିକ ବୈଷୟିକ କର୍ମଚାରୀ ନଥିବା ଆଲୋଚନାରୁ ଜଣାଗଲା । ସବୁଠାରୁ ବଡ଼କଥା ହେଉଛି ଅଗ୍ନି ନିର୍ବାପକ ଆପତ୍ତି ବିହିନ ପ୍ରମାଣପତ୍ର ନଥିବା କର୍ତ୍ତୃପକ୍ଷ ସ୍ପଷ୍ଟ କଲେ । ଅନ୍ୟ ପାର୍ଶ୍ୱରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦୁର୍ଘଟଣା ଜନିତ ସେବା, ହୃଦରୋଗ ସେବା, ମସ୍ତିଷ୍କ ଘାତ ଏବଂ ସ୍ନାୟୁ ରୋଗ ସେବା ତଥା ପୋଡ଼ାଜଳା ପାଇଁ ଜୀବନରକ୍ଷା ପାଇଁ ଯେଉଁ ସେବା ତଥା ସେହିପରି ରୋଗ ନିରୁପଣ ବ୍ୟବସ୍ଥା ନଥିବାରୁ ଦୈନିକ ଜିଲ୍ଲା ଅଧିବାସୀଙ୍କ ଠାରୁ ଆରମ୍ଭ କରି ପ୍ରତିଦିନ ଲକ୍ଷାଧିକ ତୀର୍ଥଯାତ୍ରୀ ତଥା ପର୍ଯ୍ୟଟକ କଟକ କିମ୍ବା ଭୁବନେଶ୍ୱର ସ୍ଥାନାନ୍ତରିତ ହେଉଥିବା ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି । କିପରି ଭାବରେ ସମସ୍ତ ଜରୁରୀକାଳୀନ ଜୀବନ ରକ୍ଷା ବିଭାଗ ଶ୍ରୀଜଗନ୍ନାଥ ମେଡିକାଲ କଲେଜ, ହସ୍ପିଟାଲରେ ସର୍ବସାଧାରଣ ସେବା ପାଇଁ ଖୋଲା ଯିବ ତାହର ଏକ ନିର୍ଦ୍ଦିଷ୍ଟ ସମୟ କର୍ତ୍ତୃପକ୍ଷ ଜନସାଧାରଣଙ୍କୁ ପ୍ରଦାନ କରନ୍ତୁ । ଏଥିରେ ଅହେତୁକ ବିଳମ୍ବ ଦେଖାଦେଲେ ପୁରୀ ଜିଲ୍ଲା କଂଗ୍ରେସ କମିଟି ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ପାଇଁ ବାଧ ରହିବ ବୋଲି ଚେତାବନୀ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଉତ୍ତମ ଆଚାର୍ଯ୍ୟ, ପିସିସି ପୂର୍ବତନ ଉପସଭାପତି ବିଶ୍ୱଭୂଷଣ ଦାସ, ପିସିସି ପୂର୍ବତନ ସଂପାଦକ ବିଶ୍ୱନାଥ ଦାଶ, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ସରସ୍ୱତୀ ପାତ୍ର, ବିଦ୍ୟୁତଲତା ଆଚାର୍ଯ୍ୟ, ଅମରେନ୍ଦ୍ର ପାଇକରାୟ, ସିତାକାନ୍ତ ମହାନ୍ତି, ଅର୍ଜୁନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଧର୍ମେନ୍ଦ୍ରଙ୍କ ପ୍ରତି ଭାରତ ମସଲା କମ୍ପାନୀର ଶ୍ରଦ୍ଧାଞ୍ଜଳି

# ନ ଥିଲେ ବ୍ରାଣ୍ଡ ଆମ୍ବାସଡର, ଦଶନ୍ଧି ଧରି ଥିଲେ ଆମ ପରିବାରର ସଦସ୍ୟ : ଏମ୍‌ଡି

କଟକ,(ସବ୍ୟୁ): ସେ ଥିଲେ ବିଶ୍ୱ ପ୍ରସିଦ୍ଧ ବ୍ୟକ୍ତିତ୍ୱ। କେବଳ ଭାରତ ନୁହେଁ ବିଶ୍ୱରେ ସେ ଥିଲେ ପରିଚିତ। ଆମଭଳି ଏକ କମ୍ପାନୀକୁ ବିଶ୍ୱଦରବାରରେ ପହଞ୍ଚାଇବାରେ ତାଙ୍କର ରହିଛି ମହତ୍ୱପୂର୍ଣ୍ଣ ଅବଦାନ। ଦୀର୍ଘ ୧୦ ବର୍ଷ ଧରି ଭାରତ ମସଲା କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ଭାବେ କାର୍ଯ୍ୟ କରି ଆସୁଥିଲେ ଧର୍ମେନ୍ଦ୍ରଜୀ। ତାଙ୍କର ଦେହାନ୍ତ ଖବର ପାଇ ଭାରତ ମସଲା କମ୍ପାନୀର ପ୍ରତ୍ୟେକ ସଦସ୍ୟ ଦୁଃଖରେ ମ୍ରିୟମାଣ ବୋଲି ଧର୍ମେନ୍ଦ୍ରଙ୍କ ବିୟୋଗରେ ଶୋକ ବ୍ୟକ୍ତ କରି କହିଛନ୍ତି ବିଶିଷ୍ଟ ଶିଳ୍ପପତି ତଥା ଭାରତ ମସଲା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା। କେବଳ ସେତିକି ନୁହେଁ ଓଡ଼ିଶା ପ୍ରତି ତାଙ୍କର ଥିଲା ଦୁର୍ବଳତା। କାରଣ ଦୀର୍ଘ ୪୦ ବର୍ଷ ଧରି ସେ କାହାରି ବିଜ୍ଞାପନରେ ନିଜକୁ ସାମିଲ କରି ନ ଥିବା ବେଳେ ଭାରତ ମସଲା ପାଇଁ ୨୦୧୫ ରେ ସେ ହୋଇଥିଲେ ବ୍ରାଣ୍ଡ ଆମ୍ବାସଡର୍ । ବିନା ନିର୍ଦ୍ଦେଶନାମାରେ କେବଳ ଖଣ୍ଡିଏ କାଗଜ ଲେଖାକୁ



ହାତରେ ଧରି ନିଜ ଫାର୍ମ ହାଉସରେ ଥିବା ରୋଷେଇ ଘରେ ଚିକେନ୍ ମସଲାର ବାସ୍ନାକୁ ଆଘ୍ରାଣ କରି ସେ ଦେଇଥିଲେ ସର୍ଟ୍। ତା ପରେ ଭାରତ ମସଲାର ପରିଚିତ ବିଶ୍ୱରେ ଆଉ ପଛକୁ ଫେରିନି। ଏଭଳି ଏକ ମହାନ ଯୁଗ ପୁରୁଷଙ୍କ ବିୟୋଗ ଆମ ପାଇଁ ନିଶ୍ଚୟ ଅପୂରଣୀୟ କ୍ଷତି । ଆତ୍ମାର ସଦ୍ଗତି କାମନା କରିବା ସହ ପରିବାରଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି ଆମ ଭାରତ ମସଲା ପରିବାର। କଟକ ଜିଲ୍ଲା ଅନ୍ତର୍ଗତ ବାରଙ୍ଗ ସ୍ଥିତ ରାମଦାସ ପୁର ଭାରତ ମସଲା କମ୍ପାନୀ ପରିସରରେ ଆୟୋଜିତ ଶୋକସଭାକୁ ଲୋକ ସମ୍ପର୍କ ଅଧିକାରୀ ଆଶିଷ ମନ୍ଥନ ପରିଚାଳନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା ,ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସଏନ ମିଲେନିୟମ,ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଅମର ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ।

# ପୁରୀ ପୌରାଞ୍ଚଳ ଯୁବ ଉତ୍ସବ ପ୍ରତିଯୋଗିତା ଅନୁଷ୍ଠିତ

ପୁରୀ, (ସବ୍ୟୁ) : ମଙ୍ଗଳବାର ପୂର୍ବାହ୍ନରେ ପୁରୀ ପୌରାଞ୍ଚଳ ସ୍ତରରେ ଯୁବ ଉତ୍ସବ ୨୦୨୬ ପାଇଁ ବିବିଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରୀ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବକ୍ତୃତା, ଚିତ୍ରାଙ୍କନ, ଗଳ୍ପ ଲିଖନ,କବିତା ଲିଖନ, ଲୋକ ନୃତ୍ୟ, ଲୋକ ସଂଗୀତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ଅରଜିତ ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ,ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗ ଦେଇ ଯୁବ ଉତ୍ସବ କାର୍ଯ୍ୟ ସୂଚୀ ସମ୍ପର୍କରେ ଆଲୋଚନା କରିବା ସହ ଏଠାରୁ ଶ୍ରେଷ୍ଠ ପ୍ରତିଯୋଗୀ ମାନେ ଚଳିତ ମାସ ୩୦ ତାରିଖରେ ଜିଲ୍ଲା ସ୍କୁଲ ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦେଇଥିଲେ। ବକ୍ତୃତାରେ ପୁରୀ ମହିଳା ମହାବିଦ୍ୟାଳୟର କଳ୍ପନା ବେହେରା, ଚିତ୍ରାଙ୍କନ ରେ ଏସସିଏସ ସ୍ୱୟଂଶାସିତ ମହାବିଦ୍ୟାଳୟ ର ଅଭୟ ପଣ୍ଡା,ପଦ୍ୟ ରଚନାରେ ଏସସିଏସ ସ୍ୱୟଂଶାସିତ ମହାବିଦ୍ୟାଳୟର ଆର୍ଯ୍ୟମାନ କର,ଗଳ୍ପ ରଚନାରେ ଏସସିଏସ ସ୍ୱୟଂଶାସିତ



ମହାବିଦ୍ୟାଳୟ ର ଚିନ୍ମୟୀ ପଣ୍ଡା,ଲୋକ ନୃତ୍ୟରେ ଲିଙ୍ଗରାଜ କଳା ନିକେତନ ଓ ଲୋକ ସଂଗୀତରେ ରଶ୍ମି ରେଖା ମହାନ୍ତି ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତର ପାଇଁ ଯୋଗ୍ଯ ବିବେଚିତ ହୋଇଥିଲେ। ବିଚାରକ ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ପଦ୍ମନାଭ ପଣ୍ଡା, ମାନସ ରଞ୍ଜନ ମହାପାତ୍ର,ସିମାଞ୍ଚଳ ପଣ୍ଡା, ଡ଼ ଭଗବାନ ଜୟସିଂହ,ବସନ୍ତ କୁମାର ପ୍ରଧାନ, ରାଜାରାମ ଦାସ,ପାଗଳ ସ୍ୱାଇଁ, କିଶୋର ପ୍ରଧାନ, ଗୌରାଙ୍ଗ ଖୁଣ୍ଟିଆ, ବାଳ କୃଷ୍ଣ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ।ପୌର ପରିଷଦର କର୍ମଚାରୀ,ସମସ୍ତ ଗୋଷ୍ଠୀ ସଂଗଠିକା ମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ସିବିସି ଏବଂ ପିଆଇବି ଭୁବନେଶ୍ୱର ଦ୍ୱାରା ସମ୍ବିଧାନ ଦିବସ ପାଳନ

# ଭାରତର ବିକାଶ ଆଭିମୁଖ୍ୟ ସାମ୍ବିଧାନିକ ମୂଲ୍ୟବୋଧ ସହିତ ସମନ୍ୱିତ ହେବା ଆବଶ୍ୟକ : ଅଖିଳ କୁମାର ମିଶ୍ର

ଭୁବନେଶ୍ୱର, (ସବ୍ୟୁ) : କେନ୍ଦ୍ରୀୟ ଯୋଗାଯୋଗ କାର୍ଯ୍ୟାଳୟ (ସିବିସି) ଏବଂ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ମଙ୍ଗଳବାର, ଜାତୀୟ ସମ୍ବିଧାନ ଦିବସ ୨୦୨୫ ପାଳନ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା, ଯାହାର ଉଦ୍ଦେଶ୍ୟ ଥିଲା ସାମ୍ବିଧାନିକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ଏବଂ ଭାରତର ସମ୍ବିଧାନରେ ପ୍ରଦତ୍ତ ମୂଲ୍ୟବୋଧକୁ ପୁନଃର୍ନିର୍ମାଣ କରିବା। ଅଖିଳ କୁମାର ମିଶ୍ର, ଅତିରିକ୍ତ ମହାନିର୍ଦ୍ଦେଶକ, ପିଆଇବି ଏବଂ ସିବିସି (ଓଡ଼ିଶା ଏବଂ ଝାଡ଼ଖଣ୍ଡ କ୍ଷେତ୍ର) ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିବା ସହ ମୁଖ୍ୟ ଭାଷଣ ପ୍ରଦାନ କରିଥିଲେ। ଏହା ସହିତ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ ଏବଂ ଡକ୍ଟର ପ୍ରତିମା ସାରଙ୍ଗୀ, ସ୍ନାତକୋତ୍ତର ସାଧାରଣ ପ୍ରଶାସନ ଏବଂ ସାମ୍ବାଦିକତା ବିଭାଗର ମୁଖ୍ୟ, ବିଶିଷ୍ଟ ବକ୍ତା ଭାବରେ ଉପସ୍ଥିତ ଥିଲେ। ଅଭିଭାଷଣରେ, ଅଖିଳ କୁମାର ମିଶ୍ର କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ସମ୍ବିଧାନ ଦିବସ ପାଳନର ଏକ ପ୍ରାରମ୍ଭିକ କାର୍ଯ୍ୟକ୍ରମ। ୨୬ ନଭେମ୍ବର ୧୯୪୯ରେ ସମ୍ବିଧାନ ଗ୍ରହଣକୁ ମନେ ପକାଇ ସେ ଏହାକୁ ଏକ ଅସାଧାରଣ, ଦୃଢ଼ ଏବଂ ବିକଶିତ ଦଲିଲ୍ ଭାବରେ ବର୍ଣ୍ଣନା କରିଥିଲେ। ଯାହା ୭୫ ବର୍ଷ ଧରି ଭାରତର ଗଣତାନ୍ତ୍ରିକ ଯାତ୍ରାକୁ ମାର୍ଗଦର୍ଶନ କରିଛି। ସେ କହିଥିଲେ ଯେ ସମ୍ବିଧାନ ସମାଜର ପରିବର୍ତ୍ତିତ ଆବଶ୍ୟକତା ସହିତ ଖାପ ଖୁଆଇଛି, ନାଗରିକଙ୍କ ଅଧିକାରକୁ ସୁରକ୍ଷିତ କରି ଦେଶକୁ ବିଭିନ୍ନ ସାମାଜିକ ଏବଂ ରାଜନୈତିକ ଆହ୍ୱାନର ମୁକାବିଲା କରିବାକୁ ସକ୍ଷମ କରିଛି। ଶ୍ରୀ ମିଶ୍ର କହିଥିଲେ ଯେ, ସମ୍ବିଧାନ କେବଳ ଲୋକଙ୍କୁ ସୁରକ୍ଷା ଦିଏ ନାହିଁ




ବରଂ ଭାରତର ଦୀର୍ଘକାଳୀନ ବିକାଶମୂଳକ ଆକାଂକ୍ଷାର ମୂଳଦୁଆ ମଧ୍ୟ ସ୍ଥାପନ କରେ। ବିକଶିତ ଭାରତ ୨୦୪୭ ଏବଂ ବିକଶିତ ଓଡ଼ିଶା ୨୦୩୬ର ଦୃଷ୍ଟିକୋଣକୁ ଉଲ୍ଲେଖ କରି ସେ କହିଥିଲେ, ଏହି ଜାତୀୟ ଲକ୍ଷ୍ୟଗୁଡ଼ିକ ସାମ୍ବିଧାନିକ ନୀତିରେ ଗଭୀର ଭାବରେ ନିହିତ। ସେ ଗୁରୁତ୍ୱାରୋପ କରିଥିଲେ ଯେ, ୨୦୨୫ରେ ସମ୍ବିଧାନ ଦିବସ ପାଳନ କେବଳ ସ୍ମରଣର କାର୍ଯ୍ୟ ନୁହେଁ ବରଂ ଏକ ଦଲିଲର ଉତ୍ସବ ଯାହା ଜାତୀୟ ପ୍ରଗତି ଏବଂ ସାମୂହିକ ଦାୟିତ୍ୱକୁ ପ୍ରେରଣା ଦେଇ ଚାଲିଛି। କାର୍ଯ୍ୟକ୍ରମରେ ମନ୍ତବ୍ୟ ରଖି ଅକ୍ଷୟ କୁମାର ସାହୁ କହିଛନ୍ତି ଯେ, ପ୍ରସ୍ତାବନା ସମ୍ବିଧାନର ଆତ୍ମାକୁ ମୂର୍ତ୍ତିମନ୍ତ କରେ ଏବଂ ପ୍ରତ୍ୟେକ ନାଗରିକଙ୍କ ମଧ୍ୟରେ କର୍ତ୍ତବ୍ୟ, ଦାୟିତ୍ୱ ଏବଂ ନୈତିକ ଦାୟିତ୍ୱର ଭାବନା ସୃଷ୍ଟି କରେ। ସେ କହିଛନ୍ତି ଯେ ଯଦିଓ ସମ୍ବିଧାନ ଦଶନ୍ଧି ଧରି ଅନେକ ଆହ୍ୱାନର ସମ୍ମୁଖୀନ ହୋଇଛି, ଯେଉଁଥିରେ ମୌଳିକ ଅଧିକାରକୁ ଦୁର୍ବଳ କରିବାର ପ୍ରୟାସ ଏବଂ ଜରୁରୀକାଳୀନ ପରିସ୍ଥିତିର ଅଭିଜ୍ଞତା ଅନ୍ତର୍ଭୁକ୍ତ, ତଥାପି ମୌଳିକ ଗଠନ ତତ୍ତ୍ୱ ଏବଂ ନାଗରିକ ସତର୍କତା ଭଳି ନ୍ୟାୟିକ ସୁରକ୍ଷା ଯୋଗୁଁ ଏହା ଦୃଢ଼ ରହିଛି। ଏହି ଅବସରରେ ଡକ୍ଟର ପ୍ରତିମା ସାଡ଼ଙ୍ଗୀ କହିଛନ୍ତି ଯେ, ଆମେ, ଭାରତର ଲୋକମାନେ ଶବ୍ଦଗୁଡ଼ିକ ସମ୍ବିଧାନର ଅନ୍ତର୍ଭୁକ୍ତିମୂଳକ ଦର୍ଶନକୁ ପ୍ରତିଫଳିତ କରେ, ଯାହା ସୁନିଶ୍ଚିତ କରେ ଯେ ସମାଜର ଅଶୁଣା ଏବଂ ଅଣପ୍ରତିନିଧିତ୍ୱ ବର୍ଗ ମଧ୍ୟ ଜାତୀୟ ଆଲୋଚନାରେ ସ୍ଥାନ ପାଆନ୍ତି। ସିବିସି କର୍ମଚାରୀମାନଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯେଉଁଥିରେ ଜାତୀୟ ଏକତା, ନାଗରିକ ଦାୟିତ୍ୱ ଏବଂ ସାମ୍ବିଧାନିକ ଆତ୍ମା ଭଳି ବିଷୟବସ୍ତୁ ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେବା ସହ ନାଗରିକ ସଚେତନତା ଏବଂ ଦାୟିତ୍ୱକୁ ସୁଦୃଢ଼ କରିବା ପାଇଁ ସମ୍ବିଧାନ ଦିବସ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପରିଶେଷରେ ପିଆଇବିର ସହାୟକ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନାଙ୍କ ଧନ୍ୟବାଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟବ୍ୟାପୀ କଂଗ୍ରେସର "ସମ୍ବିଧାନ ବଞ୍ଚାଅ' କାର୍ଯ୍ୟକ୍ରମ ଆଜି

ଭୁବନେଶ୍ୱର,(ସବ୍ୟୁ): ୨୬ ନଭେମ୍ବର ବୁଧବାର ଦେଶବ୍ୟାପୀ "ସମ୍ବିଧାନ ବଞ୍ଚାଅ ଦିବସ' କାର୍ଯ୍ୟକ୍ରମ ପାଳିତ ହେଉଛି । ଏଆଇସିସିର ମାର୍ଗଦର୍ଶିକା ଅନୁସାରେ ଓଡ଼ିଶାର ସମସ୍ତ ଜିଲ୍ଲା ସଦର ମହକୁମାରେ ଏହି କାର୍ଯ୍ୟକ୍ରମ ହେବ । ଭୁବନେଶ୍ୱରଠାରେ ପିସିସି ଓ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ରାଜ୍ୟସ୍ତରୀୟ "ସମ୍ବିଧାନ ବଞ୍ଚାଅ ଦିବସ' ପାଳନ ପାଇଁ ମଙ୍ଗଳବାର ପୂର୍ବାହ୍ନରେ କଂଗ୍ରେସ ଭବନ ପ୍ରେକ୍ଷାଳୟରେ ବରିଷ୍ଠ କଂଗ୍ରେସ ନେତା ଆଇନଜୀବୀ ଶିବାନନ୍ଦ ରାୟଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଥିଲା । "ସମ୍ବିଧାନ ବଞ୍ଚାଅ ଦିବସ କାର୍ଯ୍ୟକ୍ରମରେ ପିସିସିର ବିଭିନ୍ନ ଛାମୁଆ ସଂଗଠନ, ବିଭାଗ, ପ୍ରକୋଷ୍ଠ ଓ ନେତୃବୃନ୍ଦଙ୍କ ଉଦ୍ୟମରେ ଯୋଗଦେବାକୁ ଥିବା ନେତା ଓ କର୍ମୀଙ୍କ ସଂଖ୍ୟା, ଉପରୋକ୍ତ ପ୍ରସ୍ତୁତି ବୈଠକରେ ଭୁବନେଶ୍ୱର କଂଗ୍ରେସ ଜିଲ୍ଲା ସଭାପତି ପ୍ରକାଶ ଜେନା ଓ ପିସିସିର ଏସ୍‌ସି ବିଭାଗ ଅଧ୍ୟକ୍ଷ ମାନସ ମଲ୍ଲିକଙ୍କ ତତ୍ତ୍ୱାବଧାନରେ




ନିର୍ଦ୍ଧାରଣ କରାଯାଇଥିଲା । ପ୍ରସ୍ତୁତି ବୈଠକରେ ଶ୍ରୀକାନ୍ତ ଜେନା, ସୁରେଶ ରାଉତରାୟ, ଶୁଭେନ୍ଦୁ ମହାନ୍ତି, ରଞ୍ଜିତ ପାତ୍ର, ଯଶବନ୍ତ ସିଂହ ଲାଗୁରୀ,ୟାସିର ନୱାଜ, ଅରବିନ୍ଦ ଦାସ, ରଜନୀ ମହାନ୍ତି, ଚିନ୍ମୟ ସୁନ୍ଦର ଦାଶ, ଅଜୟ ମହାପାତ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ରଖିଥିଲେ । ଶେଷରେ ମାନସ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ସକାଳ ୧୦.୧୫ରେ କଂଗ୍ରେସ ଭବନଠାରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଅଧ୍ୟକ୍ଷତାରେ "ସମ୍ବିଧାନ ବଞ୍ଚାଅ ଦିବସ' କାର୍ଯ୍ୟକ୍ରମର ଆଲୋଚନା ସଭା ପରେ ପୂର୍ବାହ୍ନ ୧୧.୩୦ରେ କଂଗ୍ରେସ ଭବନଠାରୁ ଏକ ଶୋଭାଯାତ୍ରା ବାହାରି ଉତ୍କଳ ମଣ୍ଡପରେ ପହଞ୍ଚିବ । ମଧ୍ୟାହ୍ନ ୧୨.୦୦ଟାରେ ଉତ୍କଳ ମଣ୍ଡପରେ "ଭାରତ ଯୋଡ଼ୋ ଅଭିଯାନ' ପକ୍ଷରୁ ହେଉଥିବା "ସମ୍ବିଧାନ ବଞ୍ଚାଅ' କାର୍ଯ୍ୟକ୍ରମରେ ସମସ୍ତେ ଯୋଗଦେବେ । ଅପରାହ୍ନ ୩.୦୦ରେ କଂଗ୍ରେସ ଭବନଠାରେ ପିସିସି ଆଇନ ବିଭାଗ ତରଫରୁ "ସମ୍ବିଧାନ ବଞ୍ଚାଅ' ବିଷୟରେ ଆଲୋଚନାଚକ୍ର ଆୟୋଜିତ ହେଉଛି ।

## ଉତ୍କଳ ଶ୍ରମିକ ସଂଗଠନର ବୃହତ ପଦଯାତ୍ରା

# ରୋହିଙ୍ଗିଆ ବଙ୍ଗାଳି ମିସ୍ତ୍ରୀ ହଟାଅ ଆଞ୍ଚଳିକ ମିସ୍ତ୍ରୀ କୁଳ ବଞ୍ଚାଅ

ଜଟଣୀ, (ସବ୍ୟୁ) :- ବଙ୍ଗଳା "ଦେଶୀ ରୋହିଙ୍ଗିଆ ହଟାଅ ଜୀବିକା ବଞ୍ଚାଅ" ସ୍ଲୋଗାନରେ ଗୁଂଜରଣ ହେଲା ଜଟଣୀ ସହର । ବଙ୍ଗାଳିମିସ୍ତ୍ରୀ ହଟାଅ ଆଞ୍ଚଳିକ ମିସ୍ତ୍ରୀକୁଳ ବଞ୍ଚାଅ ସ୍ଲୋଗାନରେ ସ୍ଥାନୀୟ ଉତ୍ତରାଣୀ ମନ୍ଦିର ପରିସରରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଶତାଧିକ ଶ୍ରମିକଙ୍କ ସହ ଉତ୍କଳ ଶ୍ରମିକ ସଂଗଠନର ଆବାହକ ରମେଶ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଶହ ଶହ ଶ୍ରମିକ ଏକାଠି ହୋଇ ଏକ ବିରାଟ ଶୋଭାଯାତ୍ରା ବାହାରି ସୀତାରାମ ଛକ ରାଜାବଜାର ଦେଇ ଗୋପବଂଧୁ ଛକ ଠାରେ ପଦ ଯାତ୍ରା ସମାପନ ହୋଇଥିଲା । ଉଲ୍ଲେଖ ଯୋଗ୍ୟ ଯେ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ସହରର ଗଳିକନ୍ଦିରେ ଆସି ଭର୍ତ୍ତି ହେଲେଣି ବହୁ ସଂଖ୍ୟାରେ ବଙ୍ଗାଳି ରୋହିଙ୍ଗା । ଏମାନଙ୍କୁ ଆଶ୍ରୟ ଦେଉଛନ୍ତି ସହରରେ ନିର୍ମାଣଧୀନ ହେଉଥିବା ଆପାର୍ଟମେଣ୍ଟ ଏବଂ ମାର୍କେଟ କମ୍ପ୍ଲେକ୍ସର ମାଲିକ ତଥା ନିର୍ମାଣର ଦାୟିତ୍ୱ ନେଇଥିବା ରେଳ ଠିକାଦାର । ଏହି ରୋହିଙ୍ଗା ସରଣାର୍ଥୀ ମିସ୍ତ୍ରୀ ମାନଙ୍କୁ ଅଟ୍ଟାଳିକା, ଆପାର୍ଟମେଣ୍ଟ କିମ୍ବା ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଉଦ୍ଦେଶ୍ୟରେ କୁଶଳୀ କାରିଗର ଭାବେ ଓଡ଼ିଶାରେ ପ୍ରବେଶ କରିବା ପାଇଁ କିଛି ଦଲାଲ ନିଯୁକ୍ତ ଥିବା ବିଶେଷ ସୂତ୍ରରୁ ପ୍ରକାଶ । ଏହି ଦଲାଲଙ୍କ ସାହାଯ୍ୟରେ ଅଟ୍ଟାଳିକା, ଆପାର୍ଟମେଣ୍ଟ ଏବଂ ମାର୍କେଟ କମ୍ପ୍ଲେକ୍ସର ମାଲିକ ମାନେ ଠିକାଦାରଙ୍କ ସହାୟତାରେ ଆଣି ନିର୍ମାଣ ସରିବା ପର୍ଯ୍ୟନ୍ତ ସେମାନଙ୍କୁ ଘର ଦେଇ ସ୍ଥାୟୀ ଭାବରେ ରଖିଥାନ୍ତି । ବେଳ ପଡିଲେ ସେମାନଙ୍କ ନାମରେ ନକଲି ଆଧାର କାର୍ଡ ମଧ୍ୟ କରାଇଥାନ୍ତି ବୋଲି ବିଶେଷ ସୂତ୍ରରୁ ପ୍ରକାଶ । ଧୀରେ ଧୀରେ ଏମାନଙ୍କ ଆଧିପତ୍ୟ ବିସ୍ତାର ହେବାକୁ ଲାଗିଥିବା ବେଳେ ଆଞ୍ଚଳିକ ମିସ୍ତ୍ରୀ ମାନଙ୍କ ଜୀବନଜୀବିକା ଉପରେ ପ୍ରଭାବ ପଡୁଥିବା ମତ ପ୍ରକାଶ ପାଇଥିଲା । ଆଗକୁ ଯେପରି ଜଟିଳ ସମସ୍ୟା ସୃଷ୍ଟି ନ ହୁଏ ସେଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ବୋଲି ଅତିଥି ମାନେ ମତ ଦେଇଥିଲେ । ସାଧାରଣତଃ ଏମାନେ ଆମ ରାଜ୍ୟର ସୀମାକୁ ଲାଗି ରହିଥିବା ରୋହିଙ୍ଗିଆ ବଂଗଳାଦେଶୀ ସରଣାର୍ଥୀ ବୋଲି ବିଶେଷ ସୂତ୍ରରୁ ପ୍ରକାଶ । ସେମାନଙ୍କୁ ସାଧାରଣତଃ ଲୋକମାନେ ବଙ୍ଗାଳି ମିସ୍ତ୍ରୀ ବୋଲି କହିଥାନ୍ତି । ପ୍ରକୃତରେ ଏମାନେ ରିଫ୍ୟୁଜ ବଙ୍ଗାଳି ଯାହାକି ମୁସଲିମ ସମ୍ପ୍ରଦାୟର ବୋଲି ପରିଚିତ ଅଛି । ଏହି ବଙ୍ଗାଳି ମିସ୍ତ୍ରୀଙ୍କ ପାଇଁ ସ୍ଥାନୀୟ ଦିନ ମଜୁରିଆ ଶ୍ରମିକ କାମରୁ ବଂଚିତ ହୋଇଥାନ୍ତି । ତେଣୁ ସ୍ଥାନୀୟ ରାଜମିସ୍ତ୍ରୀ ଓ ଶ୍ରମିକ ମାନଙ୍କ ମନରେ ଆନ୍ଦୋଳନର ଭାବ ପ୍ରକାଶ ପାଇ ଜଟଣୀରୁ ଏମାନଙ୍କୁ ହଟାଇବା ପାଇଁ ସର୍ବସମତି କ୍ରମେ ନିଷ୍ପତି ନିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ କୁନ୍ତଳା ସାହୁ ଶାନ୍ତି ଦେଇ, ପ୍ରଶାନ୍ତ ବେହେରା, ଗିରିଶ ମହାରଣା, ପୂର୍ଣ୍ଣଚନ୍ଦ୍ର ବାହୁବଳେନ୍ଦ୍ର, ଜାଗେସ ଦାସ, ଅଶୋକ ମାଝୀ,ସାରଙ୍ଗ ଧଳ ସୁନ୍ଦରାୟ, ରଙ୍କନିଧି ମୁଦୁଲି, ରଣେଶ ଚନ୍ଦ୍ର ସାହୁ, ସେକ. ଇକବଲ କାସିମ, ଇକ୍ରମ ଖାନ, ଶ୍ରୀଚରଣ ମହାରଣା,ବଳଭଦ୍ର ମହାରଣା, ଟାଟୁ ରାଉତରାୟ,କେଲୁ ଚରଣ ସାହୁ, ଗଦାଧର ବାରିକ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ସଭାପତି ସୂର୍ଯ୍ୟନାରାୟଣ ମହାରଣା, ସମ୍ପାଦକ ମନୋରଞ୍ଜନ ମହାରଣା, ରାଜୀବ ଦାସ, ବିନୋଦ କୁମାର ସାହୁ, ପ୍ରମୁଖ ଯୋଗ ଦେଇଥିଲେ ।




ସ୍ମରଣରେ ଆପଣଙ୍କ ସ୍ନେହ ଓ ଭଲପାଇବାର ଅମୃତ ଉଚ୍ଚାରଣ. . .
ପ୍ରୟାଣର ନବମ ବାର୍ଷିକୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
ସ୍ମୃତିରେ ଇଚ୍ଛାବତୀ ରଥ
୧୯୨୯ - ୨୦୧୬
ଆପଣଙ୍କ ଶୁଭାଶିଷ ଏବଂ ସଦିଚ୍ଛାର ମହନୀୟ ଭିତ୍ତିଭୂମିରେ ପ୍ରତିଷ୍ଠିତ :-
SRI DURGA CONDEV PVT. LTD.
DRIEMS UNIVERSITY
PRAMOD HOTELS & RESORTS
PADMINI care
୨୬/୧୧/୨୦୨୫, ବୁଧବାର, ସ୍ମୃତିଚାରଣ କାର୍ଯ୍ୟକ୍ରମ
ସ୍ଥାନ: ପଦ୍ମିନୀ ଅଡ଼ିଟୋରିୟମ୍, ସମୟ: ପୂର୍ବାହ୍ନ ଘ.୧୦.୩୦
ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଓ ରଥ ପରିବାର

# ଗୋପାଳପୁର ବନ୍ଦରରେ ଆଦାନୀ ଫାଉଣ୍ଡେସନର 'ଉଡ଼ାନ' କାର୍ଯ୍ୟକ୍ରମ

ଛତ୍ରପୁର, (ସବ୍ୟୁ): ଗୋପାଳପପୁର ବନ୍ଦରରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ବନ୍ଦର ପରିଦର୍ଶନ ଭିତ୍ତିକ କାର୍ଯ୍ୟକ୍ରମ "ଉଡ଼ାନ' ଆରମ୍ଭ ହୋଇଛି । ଏହି ଉଡାନ କାର୍ଯକ୍ରମ ଜରିଆରେ ସ୍ଥାନୀୟ ଅଞ୍ଚଳର ବହୁ ସରକାରୀ ଏବଂ ବେସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଗୋପାଳପୁର ବନ୍ଦର ପରିଦର୍ଶନ କରିବେ । ଆଜି ଏକ ସ୍ୱତନ୍ତ୍ର କାର୍ଯକ୍ରମ ମାଧ୍ୟମରେ ଛତ୍ରପୁର ଉପ- ଜିଲ୍ଲାପାଳ ସିବାସିଷ ବରାଳ ଓ ଗୋପାଳପୁର ବନ୍ଦର ବ୍ୟବସାୟିକ ମୁଖ୍ୟ ପ୍ରଶାନ୍ତ ପାତ୍ର ପତାକା ଦେଖାଇ ଏହି ଉଡାନ କାର୍ଯକ୍ରମକୁ ଶୁଭାରମ୍ଭ କରିଥିଲେ । ଆଜିର ଏହି ଉଦଘାଟନି ଉତ୍ସବରେ ଛତ୍ରପୁର ସରକାରୀ ମହିଳା ଉଚ୍ଚ ବିଦ୍ୟାଳୟର ୯ମ ଏବଂ ୧୦ମ ଶ୍ରେଣୀର ଏକ ୪୦ ଜଣିଆ ଛାତ୍ରୀ ଦଳକୁ ଉଡାନ ପରିଦର୍ଶନରେ ଗୋପାଳପୁର ବନ୍ଦରକୁ ଅଣାଯାଇଥିଲା ।




ପରିଦର୍ଶନ ସମୟରେ ଛତ୍ରପୁର ସରକାରୀ ମହିଳା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଏବଂ ଶିକ୍ଷକମାନେ ବନ୍ଦରର ଜେଟି ଅଞ୍ଚଳ ପରିଦର୍ଶନ କରି ଦେଖିବା ସହ ଏଠାରେ ବ୍ୟବହୃତ ହେଉଥିବା ଅନେକ ଆଧୁନିକ ଯନ୍ତ୍ରାଂଶ ଏବଂ ଯନ୍ତ୍ରପାତିର ପରିଚାଳନା ବିଷୟରେ ଉପସ୍ଥିତ ଥିବା ଅଭିଜ୍ଞ ଅଧିକାରୀଙ୍କ ଠାରୁ ପଚାରି ବୁଝିଥିଲେ । ଛାତ୍ରୀମାନେ ନୌବାଣିଜ୍ୟ ବିଭାଗର କ୍ୟାପଟେନ ଓ ବିଭାଗୀୟ କର୍ମଚାରୀମାନଙ୍କ ସହ ଜାହାଜଗୁଡ଼ିକ ସାମୁଦ୍ରିକ ଯାତାୟତ, ବିଭିନ୍ନ ଆମଦାନୀ ଓ ରପ୍ତାନି ପଦାର୍ଥ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହି ଅବସରରେ ଗୋପାଳପୁର ବନ୍ଦରରେ ନିକଟରେ ଆସିଥିବା ଯୁଦ୍ଧ ଜାହାଜ ଆଇଏନଏସ ଖଞ୍ଜର ଦେଖି ପିଲାମାନେ ବେଶ୍ ଉତ୍ସାହିତ ହୋଇଥିଲେ । ଏହି ଅବସରରେ ଗୋପାଳପୁର ବନ୍ଦର ବ୍ୟବସାୟିକ ମୁଖ୍ୟ ପ୍ରଶାନ୍ତ ପାତ୍ର କହିଛନ୍ତି ଯେ ଆଦାନୀ ଗ୍ରୁପ ଅଧକ୍ଷ ଶ୍ରୀ ଗୌତମ ଆଦାନୀଙ୍କ କାଣ୍ଡଲା ପୋର୍ଟ ଭ୍ରମଣରେ ଏହି ଉଡାନ କାର୍ଯକ୍ରମର ଉତ୍ପତି ହୋଇଥିଲା । ଛାତ୍ରାବସ୍ଥାରେ କାଣ୍ଡଲା ପୋର୍ଟ ଭ୍ରମଣ ସମୟରେ ଏପରି ଏକ ପୋର୍ଟ ନିର୍ମାଣର ସ୍ୱପ୍ନ ଦେଖିଥିଲେ ଶ୍ରୀ ଆଦାନୀ । ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ବନ୍ଦରକୁ ଭ୍ରମଣରେ ନେଇ ସେମାନଙ୍କ ଭିତରେ ରାଷ୍ଟ୍ର ନିର୍ମାଣ ଓ ପୋର୍ଟ ନିର୍ମାଣ କରିବା ଭଳି ଅଭିଳାଷ ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଚଳିତ ଆର୍ଥିକ ବର୍ଷରେ 'ଉଡାନ' କାର୍ଯ୍ୟକ୍ରମରେ ଗଞ୍ଜାମ, ଛତ୍ରପୁର, ରଙ୍ଗେଇଲୁଣ୍ଡା ବ୍ଲକ ଓ ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ଉଭୟ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନର ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କ ଗୋପାଳପୁର ବନ୍ଦର ପରିଦର୍ଶନ କରିବାର ଆଦାନୀ ଫାଉଣ୍ଡେସନ ଲକ୍ଷ ରଖିଛି । ଏହି ଭଳି ଏକ ଅଭିନବ ପ୍ରୟାସ ପାଇଁ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଗୋପାଳପୁର ବନ୍ଦର ଓ ଆଦାନୀ ଫାଉଣ୍ଡେସନକୁ ପ୍ରସଂଶା କରିଛନ୍ତି ।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ବୋମା ମାଡ, ୨ ଗିରଫ

ବ୍ରହ୍ମପୁର, (ସବ୍ୟୁ): ପୂର୍ବ ଶ୍ରତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କ ଉପରକୁ ବୋମା ମାଡ ହୋଇଥିଲା । ଏନେଇ ଗୋଶାଣିନୁଆଗାଁ ଥାନାରେ ଅଭିଯୋଗ ପରେ ପୋଲିସ ଦୁଇଜଣ ଯୁବକଙ୍କୁ ଗିରଫ କରିଛି । ସେମାନେ ହେଲେ ନେହୁରୁନଗର ୧୦ମ ଲାଇନର ମହମ୍ମଦ ସାହିଲ ଓରଫ ଅଲତାଫ(୨୫) ଓ ୪ର୍ଥ ଲାଇନର ଶୁଭମ ଚୌଧୁରୀ(୨୧) ।

ପୋଲିସ ସେମାନଙ୍କ ଠାରୁ ଗୋଟିଏ ଲୁହା ପଞ୍ଚ, ୨ଟି ଲୁହା ଅସ୍ତ୍ର, ମାସ୍କ, କେବୁଲ ତାର ଓ ଏକ ସ୍କୁଟି ଜବତ କରିଛି । ସେମାନଙ୍କୁ ମାମଲା ନଂ ୪୪୨/୨୫ରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ଉକ୍ତ ଥାନା ଅନ୍ତର୍ଗତ ଆଡୁଆ ସାହିର ସିପୁନ ପଣ୍ଡା ଓ ଅଭିଯୁକ୍ତ ଶୁଭମଙ୍କ ମଧ୍ୟରେ ପୂର୍ବରୁ ଶ୍ରତ୍ରୁତା ଲାଗି ରହିଥିଲା । ଆଜି ଦିନ ସାଢେ ୧୧ଟା ବେଳେ ସିପୁନ ଓ ତାଙ୍କ ଜଣେ ସାଙ୍ଗ ନେହୁରୁନଗର ୭ମ ଲାଇନକୁ ଯାଇଥିବା ବେଳେ ଅଭିଯୁକ୍ତ ଅତଲାଫ ଓ ଶୁଭମ ତାଙ୍କୁ ଗାଳିଗୁଲଜ କରି ବିଭିନ୍ନ ପ୍ରକାର ଧମକଚମକ ଦେଇଥିଲେ । ସେଠାରେ କିଛି ସମୟ ଯୁକ୍ତିତର୍କ ହୋଇଥିଲା । ହେଲେ ସିପୁନ ଓ ତାଙ୍କ ସାଙ୍ଗ ଘରକୁ ଫେରୁଥିବା ବେଳେ ଉପରୋକ୍ତ ୨ ଅଭିଯୁକ୍ତ ନିଜର ଅନ୍ୟ କିଛି ସହଯୋଗୀଙ୍କୁ ଧରି ଦୀପ ସାହି ଛକ ନିକଟରେ ଉଭୟଙ୍କ ଉପରକୁ ବୋମା ମାଡ କରିଥିଲେ । ଘଟଣାକୁ ନେଇ ସିପୁନ ଥାନାରେ ଅଭିଯୋଗ କରିଥିଲେ ।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : https://oshb.org

ପତ୍ର ସଂଖ୍ୟା ୨୨୫ **ବିଜ୍ଞାପନ** ତା : ୧୭.୧୦.୨୫

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ–ସ୍ୱର୍ଗୀୟା ଦୀପ୍ତି ମିଶ୍ର<br>ସ୍ୱାମୀ– ଶ୍ରୀ ବଳଭଦ୍ର ମିଶ୍ର<br>ସା – କରଡା ଶାସନ, ପୋ–ହରିହରପୁର<br>ଥାନା–ଶରଣ କୂଳ,<br>ଜିଲ୍ଲା–ନୟାଗଡ଼ | ଗୃହ ନଂ. ଭି.ଆଇ.ଏମ–୬୧୭<br>(VIM-617)<br>ଚନ୍ଦ୍ରଶେଖରପୁର, ଷଷ୍ଠ ପର୍ଯ୍ୟାୟ<br>ଭୁବନେଶ୍ୱର<br>ଜିଲ୍ଲା – ଖୋର୍ଦ୍ଧା | ୧. ଶ୍ରୀ ବଳଭଦ୍ର ମିଶ୍ର (ସ୍ୱାମୀ)<br>୨. ଶ୍ରୀ ମହେଶ ପ୍ରସାଦ ମିଶ୍ର (ପୁତ୍ର)<br>୩. ଶ୍ରୀମତୀ ନୟନ ପ୍ରତିମା ସତ୍ୟନାରାୟଣ ଦାଶ (ବି.କନ୍ୟା)ଦ୍ଧ<br>୪. ଶ୍ରୀ ଉମେଶ ପ୍ରସାଦ ମିଶ୍ର (ପୁତ୍ର) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**ODISHA HYDRO POWER CORPORATION LTD.**
(A GOVT. OF ODISHA UNDERTAKING)
CAD-2456 CIN: U40101OR1995SGC003963
REGD.OFFICE: OHPC Corporate Office, Bhoi Nagar, Janpath, Bhubaneswar-751022 Phone: 91-0674-2542983,2542802, 2545526, Fax-2542102 E-mail: ohpc.co@gmail.com
No. OHPC: OHPC: TECH: C&P: 16/2025-26/ 9678 Date: 21.11.2025

**INVITATION FOR EXPRESSION OF INTEREST**

Odisha Hydro Power Corporation Ltd Bhubaneswar (OHPC), a Gold rated State PSU under Govt, of Odisha invites Expression of Interest (EOI) in sealed envelope from eligible interested IT Experts having experience in ERP implementation at least in S/ 4HANA for temporary engagement as IT consultant on contractual basis for a minimum period of 01 year.

For details related to eligibility criteria, scope of the work, evaluation criteria etc. please visit our website www.ohpcltd.com from Dated. 28.11.2025

C&P Head

# ନିଷ୍ଟ ବିଶ୍ୱବିଦ୍ୟାଳୟରେ ହାଇପରଫରମାନ୍ସ କମ୍ପ୍ୟୁଟିଂ ସେମିନାର

ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗୋଳନ୍ଥରା ସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟରେ କଂପୁଟର ବିଭାଗ ତରଫରୁ ଆୟୋଜିତ ହାଇ ପରଫରମାନ୍ସ କମ୍ପ୍ୟୁଟିଂ ଉପରେ ଏକ ସେମିନାର ସଫଳତାର ସହିତ ଆୟୋଜନ ହୋଇଯାଇଛି । ଏହି ସେମିନାରକୁ ଆନୁଷ୍ଠାନିକ ଭାବେ ନିଷ୍ଟ ବିଶ୍ୱବିଦ୍ୟାଳୟର ସଭାପତି ତଥା ପ୍ରତିଷ୍ଠାତା ଡ଼. ସୁକାନ୍ତ କିଶୋର ମହାପାତ୍ର ଉଦଘାଟନ କରିଥିଲେ ।

ଏହି ସେମିନାର କାଲିଫର୍ନିଆ ବିଶ୍ୱବିଦ୍ୟାଳୟର କଂପୁଟର ବିଭାଗର ବରିଷ୍ଠ ପ୍ରଫେସର ଡା. ଲକ୍ଷ୍ମୀ ନାରାୟଣ ଭୂୟାଁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ । ତାଙ୍କର ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଅଧିବେଶନରେ, ଡକଫର




ଭୂୟାଁ ହାଇପରଫୋରମାନ୍ସ କମ୍ପ୍ୟୁଟିଂ ସ୍ଥାପତ୍ୟ ବିଷୟରେ ଉପସ୍ଥାପନ କରିଥିଲେ । ସେ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ୨୦ ବର୍ଷର ଗବେଷଣା ଅଭିଜ୍ଞତାରୁ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ । ଏହି କ୍ଷେତ୍ର କିପରି ବିକଶିତ ହୋଇଛି ଏବଂ ଏହା କେଉଁ ଆଡ଼କୁ ଯାଉଛି ତାହା ଉପରେ ଆଲୋକପାତ କରିଥିଲେ ।

ସେ ଗଭୀର ଗବେଷଣାରେ ତ୍ରୁଟି ଚିହ୍ନଟ ଏବଂ ସମାଧାନ କରିବା, ବ୍ୟବହାରିକ ରଣନୀତି ପ୍ରଦାନ କରିବା ଏବଂ କୌତୁହଳ, ସ୍ଥିରତା ଏବଂ ଏକ ଦୃଢ଼ ବିଶ୍ଳେଷଣାତ୍ମକ ମାନସିକତାକୁ ପୋଷଣ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବାର ଗୁରୁତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । କମ୍ପ୍ୟୁଟର ବିଭାଗର ପ୍ରଫେସର ଡ଼. ମାନସ ରଞ୍ଜନ ପାତ୍ର ଏବଂ ଡ଼. ବ୍ରଜ କିଶୋର ମିଶ୍ର ଏହି କାର୍ଯ୍ୟକ୍ରମକୁ ଦକ୍ଷତାର ସହିତ ସଂଯୋଜନା କରିଥିଲେ । ଡ. ବିଷ୍ଣୁକର ନାୟକଙ୍କ ଧନ୍ୟବାଦ ଅର୍ପଣ କରିଥିଲେ ।

C-1559 **e-procurement Notice**
**OFFICE OF THE NOTIFIED AREA COUNCIL, GOPALPUR.**
**Tender Call Notice No:- 3084 dt:- 21-11-2025**
**Bid identification No:- 03/2025-26**

Bid document consisting of work, estimated cost, cost of tender paper, time of completion, class of contractors and the set of terms and condition and condition of contract and other necessary documents can be seen in Govt. website i.e. **www.tendersorissa.gov.in.**

| | |
|---|---|
| Total Number of Civil works. | 15 Nos |
| Estimated Cost | Rs. 2.5 Lakh to Rs 20.0 Lakh |
| Date & time of availability of Bid Documents in the portal | 10.00 A.M of dt. 24.11.2025 to 16.00 P.M of dt. 03.12.2025 for online bidding |
| Last Date of receive of Bid through Online | 16.00 P.M of dt. 03.12.2025 |
| Date of opening of Bid | 11.00 A.M. on Dt. 05.12.2025 |

Sd/- Executive Officer
N.A.C., Gopalpur

O-1567 E-Mail:rw.kamakhyanagar@yahoo.co.in
**Government of Odisha**
**Office of the Superintending Engineer, Rural Works Division-II, Dhenkanal. Kamakhyanagar**
**e-procurement Notice No 20/ Road Work / 2025-26.**

| | | |
|---|---|---|
| 1. | Name of the work | : Road Work |
| 2. | Total No. of Works | : 44 (Fourty four) Nos |
| 3. | Tender Cost | : Rs.5.08 to 33.90 lakhs |
| 4. | Class Contractor | : D, C & B equivalent |
| 5. | Period of Completion | : 2 to 3 calendar months |
| 6. | Availability of Tender online for bidding | : 25.11.2025 at 11.00 A.M. to 02.12.2025 upto 5.00 P.M. |
| 7. | Last Date & Time of seeking tender clarification | : 01.12.2025 up to 4.00 PM |
| 8. | Date & Time of opening of Bid | : 03. 12..2025 at 11.00 AM |

Other Details can be seen from the website **http://tendersorissa.gov.in.**

Sd/- Superintending Engineer
Rural Works Division-II, Dkl
Kamakhyanagar

# ଯୁବକଙ୍କ ତଣ୍ଟି ଚିପି ଓ ପିଟି ହତ୍ୟା : ନିଶା ନିବାରଣ କେନ୍ଦ୍ର ମାଲିକ ଓ ସହଯୋଗୀ ଗିରଫ

ବ୍ରହ୍ମପୁର, (ସବ୍ୟୁ): ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଳପୁରରେ ଥିବା ନିଶା ନିବାରଣ କେନ୍ଦ୍ରରେ ଗତ ୨୨ ତାରିଖରେ ମିଳନ ନାୟକ ନାମକ ଜଣେ ଅନ୍ତେବାସୀଙ୍କ ମୃତ୍ୟୁ ହୋଇଥିଲା । ପୋଲିସର ପ୍ରାଥମିକ ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ହତ୍ୟା ମାମଲା ରୁଜୁ ହୋଇଥିଲା । ମିଳନଙ୍କ ତଣ୍ଟି ଚିପା ଯାଇଥିବାବେଳେ ତାଙ୍କୁ ପିଟି ପିଟି ହତ୍ୟା କରଯାଇଥିଲା ।

ନିଶା ନିବାରଣ କେନ୍ଦ୍ରର ମାଲିକ ତଥା ଗୋପାଳପୁର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ନିକଟ ବିଜୟ ବିହାର ୩ୟ ଲାଇନର ଅଶ୍ୱିନୀ କୁମାର ପାତ୍ର(୨୯) ଓ ତାଙ୍କ ସହଯୋଗୀ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଚନ୍ଦ୍ରପ୍ରଭା ସାହି ପ୍ରଥମ ଲାଇନର ଅଂଶୁମାନ ଚୌଧୁରୀ(୨୭) । ଏହି ୨ ଜଣ ଅଭିଯୁକ୍ତ ସଂପୃକ୍ତ ଅନ୍ତେବାସୀଙ୍କୁ କାବୁ କରିବାକୁ ଘଟଣାଦିନ ତାଙ୍କ ହାତଗୋଡ ବାନ୍ଧି ଠେଙ୍ଗାରେ ମାଡ ମାରି ତଣ୍ଟିକୁ ଚିପି ଦେବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଘଟଣା ବେଳେ ବ୍ୟବହୃତ ହୋଇଥିବା ପ୍ଲାଷ୍ଟିକ ପିଭିସି ପାଇପ ପୋଲିସ ଜବତ କରିଛି । ଉଭୟଙ୍କୁ ଗିରଫ କରି ମାମଲା ନଂ ୩୬୧/୨୫ ରେ ଶନିବାର କୋର୍ଟ ଚାଲାଣ କରାଯାଇଛି ।

ପ୍ରକାଶ ଯେ, ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ରାଧାକୃଷ୍ଣ ହରିଜନ ସାହିର ସାଇବାଣୀ ନାୟକଙ୍କ ପୁଅ ମିଳନ ନାୟକ(୨୧) ଅତ୍ୟାଧିକ ନିଶା ସେବନ କରୁଥିଲେ । ସେ କିପରି ନିଶା ଠାରୁ ଦୁରେଇ ଯିବେ ସେ ନେଇ ପରିବାର ଲୋକ ଚିନ୍ତାରେ ଥିଲେ । ଏହି ସମୟରେ ଜଗଦଳପୁରରେ ବିକାଶ ଫାଉଣ୍ଡେସନ ପକ୍ଷରୁ ପରିଚାଳିତ ହେଉଥିବା ନିଶା ନିବାରଣ କେନ୍ଦ୍ରର ପରିଚାଳକ ସାଇବାଣୀଙ୍କୁ ଭେଟିଥିଲେ । ମିଳନଙ୍କୁ ସେହି କେନ୍ଦ୍ରରେ ଭର୍ତ୍ତି କଲେ ତାହାର ନିଶା ଅଭ୍ୟାସ ଆମେ ଦୁରେଇ ଦେବୁ ବୋଲି ପରିଚାଳକ ଜଣଙ୍କ କହିଥିଲେ । ତାଙ୍କ କଥାରେ ବିଶ୍ୱାସ କରି ସାଇବାଣୀ ତାଙ୍କ ପୁଅ ମିଳନଙ୍କୁ ଗତ ନଭେମ୍ବର ୧୬ ତାରିଖରେ ଉକ୍ତ ନିଶା ନିବାରଣ କେନ୍ଦ୍ରରେ ଛାଡିଥିଲେ । ମିଳନଙ୍କ ସ୍ୱାସ୍ଥ୍ୟବସ୍ଥା ଠିକଠାକ ଥିଲା । ହେଲେ ୨୧ ତାରିଖ ବିଳମ୍ବିତ ରାତିରେ ଏହି କେନ୍ଦ୍ରର ପରିଚାଳକ ସାଇବାଣୀଙ୍କୁ ଫୋନ କରି ଏମକେସିଜି ମେଡିକାଲ ଆସିବାକୁ କହିଥିଲେ ।

ମିଳନ ଅସୁସ୍ଥ ହେବାରୁ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି ବୋଲି କହିଥିଲେ । ମେଡିକାଲରେ ପହଞ୍ଚିବା ପରେ ମିଳନଙ୍କ ମୃତ୍ୟୁ ହୋଇ ସାରିଥିବା ପଡିଥିବା ସାଇବାଣୀ ଦେଖିବାକୁ ପାଇଥିଲୁ । ମିଳନଙ୍କ ହାତ , ଗୋଡ ଓ ବେକରେ କ୍ଷତ ଚିହ୍ନ ରହିଥିଲା । ଏହାପରେ ନିଶା ନିବାରଣ କେନ୍ଦ୍ରର କର୍ମଚାରୀମାନେ ହାତଗୋଡ ବାନ୍ଧି ମାଡ ମାରିବା ପରେ ହତ୍ୟା କରିଥିବା ସାଇବାଣୀ ଅଭିଯୋଗ କରିଥିଲେ ।

**Government of Odisha "e" procurement Notice**
**Bid Identification No. ITDAK- 02/2025-26**
No. 2357 Dt. 20.11.2025
CAD-2454 e-mail: keonjharitda@gmail.com

| | | |
|---|---|---|
| 1 | No. of the work | : 07 Nos. Building Work |
| 2 | Estimated cost | : From Rs. 224.92 Lakh to Rs. 458.77 Lakh |
| 3 | Period of completion | : From 09 (Nine) to 11 (Eleven) Calendar Month. |
| 4 | Date and Time of availability of Bid document in the portal | : From 10.00 Hr 26.11.2025 to 17.00 HR of 11.12.2025 |
| 5 | Last date / Time for receipt of bids in the portal | : 17.00 Hr of 11.12.2025. |
| 6 | Date of opening of Bid from Portal | : 11.00 Hr of 12.12.2025. |
| 7 | Name and address of the officer inviting Bid | : Project Administrator, ITDA, Keonjhar |

Further details can be seen from the e-procurement portal "http://tendersodisha.gov.in"

Sd/- Project Administrator
ITDA, Keonjhar

**WORKS DEPARTMENT**
**OFFICE OF THE SUPERINTENDING ENGINEER, RAIRANGPUR (R&B), DIVISION**
B-748 e-mail: - eerbrairannpur@yahoo.co.in
**Government of Odisha "e" Procurement Notice**
**Bid Identification No.SE 37 OF 2025-26**

| | | |
|---|---|---|
| 1. | Nature of work | : Building Work |
| 2. | Number of works | : 11 (Eleven) Nos. |
| 3. | Amount put to Tender | : Rs. 99,98,275.00 to Rs. 22,24,183.00 |
| 4. | Class of Contractor | : B Class (For SI No-1 to 10) and C & B Class (For SI No-11) |
| 5. | Date & Time of availability of bid document in the portal | : Dt. 29.11.2025 at 10:00 AM |
| 6. | Last Date / Time of receipt of bid in the portal | : Dt. 06.11.2025 up to 04:00 PM |
| 7. | Date of opening of bid | : Dt. 08.11.2025 at 11:00 AM |
| 8. | Name & address of the Office inviting bid | : Superintending Engineer, Rairangpur (R&B) Division |

9. The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only.

Sd/- Superintending Engineer
Rairangpur (R&B) Division

# ବେଆଇନ ବାଲି ବୋଝେଇ ୩ ହାଇୱା ଜବତ, ୩ ଗିରଫ

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଡେଙ୍ଗାପଦର ଓ ପୋଚାଲୁଣ୍ଡି ରାସ୍ତାରେ ବେଆଇନ ବାଲି ବୋଝେଇ ତିନୋଟି ହାଇଓ୍ୱାକୁ ଜବତ ସହ ତିନି ଜଣଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି । ଗିରଫ ତିନି ଜଣ ହେଲେ ଖଲିକୋଟ ଥାନା ଅନ୍ତର୍ଗତ ଡାଳିପଟି ଗ୍ରାମର ଶଙ୍କର ଗୌଡ, କୋଦଳା ଥାନା ଅନ୍ତର୍ଗତ ଭବାନିପୁର ଗ୍ରାମର ଗନ୍ତାୟତ ଗୌଡ ଓ ବେଗୁନିଆପଡ଼ା ଥାନା ଅନ୍ତର୍ଗତ ବିରିବାଟିଆ ଗ୍ରାମର ନାରାୟଣ ପ୍ରଧାନ । ଏନେଇ ଯଥାକ୍ରମେ କେସ୍ ନଂ ୭୩୮/୨୫, ୭୩୯/୨୫ ଓ ୭୪୦/୨୫ରେ ତିନୋଟି ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଗତ ରବିବାର ରାତିରେ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡିଙ୍କ ନେତୃତ୍ୱରେ ପୋଲିସ ପେଟ୍ରୋଲିଂ ଚାଲିଥିବାବେଳେ ବେଆଇନ ବାଲି ବୋଝେଇ ତିନୋଟି ହାଇଓ୍ୱା ବେଲଗୁଣ୍ଠାରୁ ବାଲିପଦର ଅଭିମୁଖେ ଆସୁଥିବା ନେଇ କୌଣସି ସୂତ୍ରରୁ ଖବର ମିଳିଥିଲା ।

ତେବେ ରାଜ୍ୟ ରାଜପଥ-୩୦ରେ ଆସୁଥିବା ସେହି ବାଲି ବୋଝେଇ ହାଇଓ୍ୱା ତିନୋଟିକୁ ଡେଙ୍ଗାପଦର ଓ ପୋଚାଲୁଣ୍ଡି ରାସ୍ତା ମଝିରେ ପୋଲିସ ସେଗୁଡିକୁ ଅଟକାଇଥିଲା । ଯାଞ୍ଚ ବେଳେ ଗାଡିଗୁଡିକର ବାଲି ଚାଲାଣ ସମ୍ପର୍କିତ କୌଣସି କାଗଜପତ୍ର ନଥିଲା ଏବଂ ଦୀର୍ଘ ଦିନ ହେଲା ବାଲି ଚୋରାଚାଲାଣରେ ଲିପ୍ତଥିବା ଜଣାପଡିଥିଲା । ତେବେ ଗିରଫ ତିନିହେଁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି ।

# ବାରିପଦା ତହସିଲ ଅଧିନସ୍ଥ ଆରଆଇ-୧ ଓ ୨ ର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



ବାରିପଦା, (ସବ୍ୟୁ) : ବାରିପଦା ସ୍ଥିତ ବାଘରାରୋଡ଼ ନିକଟରେ ବାରିପଦା ରାଜସ୍ୱ ନିରୀକ୍ଷକ-୧ ଏବଂ ୨ର ନୂତନ ଭାବେ ନିର୍ମିତ ହୋଇଥିବା ଦୁଇଟି କାର୍ଯ୍ୟାଳୟ ଗୃହ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ କରକମଳରେ ଉଦଘାଟିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ପ୍ରକାଶ ସୋରେନ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ବିଜେପି ଜିଲ୍ଲା ସଭାପତି ନିହାର ମୋଦୀ, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ବାରିପଦା ତହସିଲଦାର ସପନ କୁମାର ସାହୁ, ମନ୍ତ୍ରୀଙ୍କ ସଚିବ ରାମ ଚନ୍ଦ୍ର ସୋରେନ, ଅତିରିକ୍ତ ତହସିଲଦାର ଶ୍ରୀକାନ୍ତ ନାୟକ, ଭରତ ଚନ୍ଦ୍ର ପାତ୍ର, ରାଜସ୍ୱ ନିରୀକ୍ଷକଙ୍କ ସମେତ ବାରିପଦା ତହସିଲ ଓ ଆର.ଆଇ ଅଫିସର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ ବିଭିନ୍ନ ପୂରାତନ କାର୍ଯ୍ୟାଳୟ ଗୃହ ଗୁଡିକୁ ନୂତନ ଭାବେ ନିର୍ମାଣ ସହିତ କାର୍ଯ୍ୟାଳୟର ଅନ୍ୟାନ୍ୟ ଆନୁଷଙ୍ଗିକ ଆବଶ୍ୟକତା ଗୁଡିକର ବ୍ୟବସ୍ଥା କରାଯାଉଛି । ଏହି ଦୁଇଟି କାର୍ଯ୍ୟାଳୟରେ ଉପର ମହଲାରେ ରାଜସ୍ୱ ନିରୀକ୍ଷକଙ୍କ ଆବାସିକ ବ୍ୟବସ୍ଥା ହୋଇଛି ଫଳରେ ଲୋକମାନଙ୍କ ପାଇଁ ଆରଆଇଙ୍କ ଉପସ୍ଥିତିରେ ସୁବିଧା ହେବା ସହିତ ତ୍ୱରିତ ପ୍ରକ୍ରିୟାରେ ବିଭିନ୍ନ କାର୍ଯ୍ୟ ସମ୍ପନ୍ନ ହୋଇପାରିବ । ଆଜିଠାରୁ ଏହି ନୂତନ ଗୃହରେ ଏହି ଦୁଇଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାର୍ଯ୍ୟ କରିବ । ଏହାପୂର୍ବରୁ ନିର୍ମାଣ କାର୍ଯ୍ୟ ପାଇଁ ବାରିପଦା ତହସିଲ କାର୍ଯ୍ୟାଳୟରେ ଏହି ଦୁଇଟି ଅଫିସ ଅସ୍ଥାୟୀ ଭାବେ କାର୍ଯ୍ୟ କରି ଆସୁଥିଲା ।

## ଆସାମ ଶ୍ରମିକ ନିଖୋଜ

ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଗୋଡ଼ିପଡା ଟୋଲଗେଟ ନିକଟରୁ ଗତ ୧୬ ତାରିଖରୁ ଜଣେ ଶ୍ରମିକ ନିଖୋଜ ହୋଇଯାଇଥିବା ଜଂକିଆ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡିଛି । ସୂଚନାଯୋଗ୍ୟ କି ଆସାମ ଗୋଲପରା ଜିଲ୍ଲା ଖୁରମୁଜା ଥାନା ଖଟୁମାଟି ଗ୍ରାମର ସୁକବର ଇସଲାମ ( ୧୯) ନିଜର ପଡୋଶୀ ନୁର ମହମ୍ମଦ ସହିତ ଓଡ଼ିଶା ଆସି ଗୋଡ଼ିପଡା ନିକଟସ୍ଥ କମ୍ପାନୀରେ ହେଲ୍‌ପର କାର୍ଯ୍ୟ କରୁଥିଲା । ୧୬ ତାରିଖ ରାତି ସାଢ଼େ ୧୦ ଟା ବେଳେ ନିଖୋଜ ହୋଇଯାଇଥିବା ବେଳେ ଆଉ ନ ଫେରିବାରୁ ୨୧ ତାରିଖରେ ଜଂକିଆ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି । ପୋଲିସ ଏହି ଅଭିଯୋଗକୁ ଭିତ୍ତି କରି ଅନୁସନ୍ଧାନ ଆରମ୍ଭ କରିଛି ।

**FOR SETTLEMENT OF ISSUES**
**DISTRICT- MAYURBHANJ**
**In the Court of Senior Civil Judge(LR & LTV), Baripada**
**Civil Suit No.213 of 2016**
**Antarjyami Pradhan & another....................................Plaintiff**
**-Vrs-**
**Girija Sankar Jena & others.......................................Defendants**

To

22. Amarjyoti Padhi, aged about 30 years S/o.- Debendra Padhi & Mother Late Kanakalata Padhi Village-Jambani, P.O.-Jalda, P.S.- Jharpokharia, Munsif- Baripada, District- Mayurbhanj.
23. Diptimoyee Padhi, aged about 28 years W/o. Saroj Kumar Pani, D/o.- Debendra Padhi & Mother Late Kanakalata Padhi Village- Jambani, P.O.- Jalda, P.S.- Jharpokharia, Munsif- Baripada, District- Mayurbhanj. At present Bhanjapur. Ward No.2, Near Shakti Ata C/o. Shyamsundar Pani, P.O.-Bhanjpur, P.S.- Baripada town Munsif- Baripada, District-Mayurbhanj.
35. Smrutirekha @ Rekharani Mohapatra, aged about 64 years, W/o. Dhrubendra Mohapatra
36. Pipun @ Dipankar Mohapatra, aged 45 years.
37. Besun @ Abhiseka Mohapatra, aged 40 years, SI. No. 36 & 37 are sons of Late Dhrubendra Mohapatra SI. No. 35 to 37 are C/o. Late Binayak Mohapatra, At- Mandar Bagichapada, P.O./P.S./Munsifi- Bhawanipatnba. District- Kalahandi.
38. Situn Mohapatra, aged about 55 years, S/o. Late Debendra Mohapatra
39. Bubun Mohapatra, aged about 52 years, S/o. Late Debendra Mohapatra
40. Gudun Mohapatra, aged 50 years, S/o. Late Debendra Mohapatra SI.No.38 to 40 resident of At- Tunagambharia, P.O. Kuradiha, P.S. Badsahi, District- Mayurbhanj. SI.No.38 to 40 At present At- Deuiasahi, P.O./P.S./Munsif-Baripada, District-Mayurbhanj.
41. Dr. Hiranmayee Mohapatra, aged 65 years, S/o. Late Umesh Chandra Mohapatra, At- Deuiasahi, Ward No.7, P.O.- Baripada, P.S.- Baripada town, Munsif- Baripada, District- Mayurbhanj.
42. Dharmendra Mohapatra, aged 58 years, S/o. Late Umesh Chandra Mohapatra, At-Tuna Gambharia,P.O.-Kuradiha, P.S. Badsahi, Munsif- Betnoti District- Mayurbhanj.
43. Sikha Acharya, aged 50 years W/o.Braja Gopal Acharya At/P.O.- Bhandgaon, P.S. -Khunta, District- Mayurbhanj. At present-Kalimandirsahi, Ward No.10 P.O./P.S./Munsif- Baripada, District- Mayurbhanj.
44. Seema Dash, aged 39 years, W/o. Ashutosh Dash, At/P.O.- Dahikothi, P.S./Munsif-Betnoti, District- Mayurbhanj.
45. Smita Mohapatra, aged 53 years, W/o. Gadadhar Mohapatra, At- Mardarajpur,P.O.-Mitrapur, District-Baiasore.
46. Sila Dash, aged 40 years, W/o.Biswasara Dash, At- Chandipur, P.O./Via- Mitrapur, District-Balasore.
47. Sipra Dwibedi, aged about years, W/o. Sovan Dwibedi, Vill./P.O.-Ajimabad Padhuanpada, (Near D.i.G. Quarter) P.S.-Baiasore, Munsif-Balsore, Dist.- Baiasore.
48. Amitabh Panigrahi, aged 61 years, S/o. Upendra Nath Panigrahi,
49. Satyabrata Panigrahi, aged 44 years S/o. Upendra Nath Panigrahi
50. Upendra Nath Panigrahi, aged 64 years, S/o. Late Padmalochan Panigrahi SI. No. 48 to 50 are resident of vill.- Jankharai, P.O.- Chasakhand, P.S. Baisinga, Munsif- Betnoti, District- Mayurbhanj
51. Smt. Manjula Mohapatra, @ Dash, aged about 54 years, D/o. Late Umesh Chandra Mohapatra, W/o. Late Nimai Dash, C/o. Dharmendra Mohapatra, resident of Tunagambharia, P.O.- Kuradiha, P.S. Barasahi, Munsif- Betnoti, District-Mayurbhanj.
52. Smt. Minati Mohapatra @ Padhi, aged about 51 years, D/o. Late Umesh Chandra Mohapatra, W/o.Na!ini Padhi, At/P.O./P.S.- Basudevpur, Munsif/ District- Bhadrak.
53. Smt. Itishree Mohapatra, aged about 47 years, D/o. Late Umesh Chandra Mohapatra, W/o. Not known, C/o. Dharmendra Mohapatra, At- Tungambharia, P.O. Kuradiha, P.S. Barasahi, Munsifi- Betnoti District- Mayurbhanj
54. Sutapa Mohapatra, aged about 59 years W/o.- Late Arun Mohapatra At-Bhaskarganz,Po/P.S.- Balasore, District-Balasore.
55. Bapun Mohapatra, aged 19 years, S/o. Late Arun Mohapatra
56. Mamun Mohapatra,aged about 18 years, D/o. Late Arun Mohapatra, SI.No.55 &56 are of At-Bhaskarganj, P.O./P.S./Munsif-Balasore, District- Balasore.
57. Ashok Kumar Mishra, aged 54 years,
58. Ajit Kumar Mishra, aged 52 years,
59. Minakhi Mishra, aged 58 years, SI. No. 57 to 59 are Sons/daughter of Late Antaryami Mishra & Late Swarnaprava Mishra SI. No.57 to 59 are C/o.- Niranjan Behera resident of Bayababa Matha, Plot No. 647, Sahid Nagar, Bhubaneswar-7, Dist.- Khorda Defendants

WHEREAS the above named Antarjyami Pradhan and Bhabgrahi Pradhan has instituted a suit against you for declaration of their right, title and interest over the suit land and for permanent injunction.

You are hereby summoned to appear in this court in person or by a pleader duly instructed and able to answer all material questions relating to the suit or who shall be accompanied by some person able to answer all such questions on the 27th November 2025 at 10.30 A.M. 0' Clock in the fore noon to answer the claim; and you are directed to produce on that day all the documents upon which you intend to rely in support of you defence.

Take notice that in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this day of Judge

**FOR SETTLEMENT OF ISSUES**
**DISTRICT- MAYURBHANJ**
**In the Court of Senior Civil Judge(LR & LTV), Baripada**
**Civil Suit No.214 of 2016**
**Basanta Kumar Jena....................................Plaintiff**
**-Vrs-**
**Saroj Kumar Panda & Others.......................................Defendants**

To

10. Jayanti Panda, aged 50 years, D/o. Late Goili @ Gokul Chandra Panda, W/o. Naba Kishore Panda, At/P.O.-VSSNagar, AL-58, District- Khurda.
21. Amarjyoti Padhi, aged about 28 years S/o.- Debendra Padhi & Mother Late Kanakalata Padhi Village- Jambani, P.O.- Jalda, P.S.- Jharpokharia, Munsif- Baripada, District- Mayurbhanj.
22. Diptimoyee Padhi, aged about 30 years W/o. Saroj Kumar Pani D/o.- Debendra Padhi & Mother Late Kanakalata Padhi Village- Jambani, P.O.- Jalda, P.S.- Jharpokharia, Munsif- Baripada, District- Mayurbhanj. At present Bhanjapur, Ward No.2, Near Shakti Ata C/o. Shyamsundar Pani, P.O.-Bhanjpur, P.S.- Baripada town, Munsif- Baripada, District-Mayurbhanj
38. Bubun Mohapatra, aged about 52 years, S/o. Late Debendra Mohapatra
39. Gudun Mohapatra, aged 50 years, S/o. Late Debendra Mohapatra SI.No.38 to 40 resident of At- Tunagambharia, P.O.Kuradiha, P.S. Badsahi, District- Mayurbhanj. SI.No.38 to 40 At present At- Deulasahi, P.O./P.S. /Munsif- Baripada, District- Mayurbhanj.
40. Dr. Hiranmayee Mohapatra, aged 65 years. S/o. Late Umesh Chandra Mohapatra, At- Deulasahi, Ward No.7, P.O.- Baripada, P.S.- Baripada town, Munsif- Baripada, District- Mayurbhanj.
41. Dharmendra Mohapatra, aged 58 years, S/o. Late Umesh Chandra Mohapatra, At-Tuna Gambharia, P.O.-Kuradiha, P.S. Badsahi, Munsif- Betnoti District- Mayurbhanj.
42. Sikha Acharya, aged 50 years W/o.Braja Gopal Acharya At/P.O.- Bhandgaon, P.S. -Khunta, District- Mayurbhanj. At present- Kalimandirsahi, Ward No.10 P.O./P.S./Munsif- Baripada, District- Mayurbhanj.
43. Seema Dash, aged 39 years, W/o. Ashutosh Dash, At/P.O.- Dahikothi, P.S./Munsif- Betnoti, District- Mayurbhanj.
44. Smita Mohapatra, aged 53 years, W/o. Gadadhar Mohapatra, At- Mardarajpur, P.O.- Mitrapur, District- Balasore.
45. Sila Dash, aged 40 years, W/o. BiswasaraDash, At- Chandipur, P.O./Via- Mitrapur, District-Balasore.
50. SmL Manjula Mohapatra,® Dash, aged about 54 years, D/o. Late Umesh Chandra Mohapatra, W/o. Late Nimat Dash, C/o. Dharmendra Mohapatra, resident of Tunagambharia, P.O.- Kuradiha, P.S. Barasahi, Munsif- Betnoti, District- Mayurbhanj.
51. Smt. Minati Mohapatra @ Padhi, aged about 51 years, D/o. Late Umesh Chandra Mohapatra W/o. Natini Padhi, At/P.O./P.S.- Basudevpur, Munsif/District- Bhadrak.
52. Smt. Itishree Mohapatra, aged about 47 years, D/o. Late Umesh Chandra Mohapatra, W/o. Not known, C/o. Dharmendra Mohapatra, At- Tungambharia, P.O. Kuradiha, P.S. Barasahi, Munsifi- Betnoti District- Mayurbhanj
53. Sutapa Mohapatra, aged about 59 years W/o.- Late Arun Mohapatra At-Bhaskarganz,Po/P.S.-Balasore, District-Baiasore.
54. Bapun Mohapatra, aged 19 years, S/o. Late Arun Mohapatra
55. Mamun Mohapatra.aged about 18 years, D/o. Late Arun Mohapatra, SI.No.55 & 56 are of At-Bhaskarganj, P.O./P.S./Munsif-Baiasore, District- Baiasore.
56. Ashok Kumar Mishra, aged 54 years,
57. Ajit Kumar Mishra, aged 52 years,
58. Minakhi Mishra, aged 58 years,

SI. No. 56 to 58 are Sons/daughter of Late Antaryami Mishra & Late Swarnaprava Mishra
SI. No.56 to 58 are C/o.- Niranjan Behera
resident of Bayababa Matha, Plot No. 647, Sahid Nagar
Bhubaneswar-7, Dist.- Khorda ....................................................................Defendants

WHEREAS the above named Basanta Kumar Jena has instituted a suit against you for declaration of his right, title and interest over the suit land and for permanent injunction.

You are hereby summoned to appear in this court in person or by a pleader duly instruf^^ gb)e t0 answer all material questions relating to the suit or who shall be accompanied by som p answer all such questions on the 27th day of November 2025 at 10.30 A.M. 0 Clock in me TO answer the claim; and you are directed to produce on that day all the documents upon whicn yo to rely in support of you def'ence.

Take notice that in default of your appearance on the day before mentioned, the suit win heard and determined in your absence.

Given under my hand and the seal of the Court, this day of

# ୧୪୦୦ ଲିଟର ଡିଜେଲ ଜବତ



ତାଳଚେର, (ସବ୍ୟୁ) : ତାଳଚେର ପୋଲିସ୍ ହାତୀ ଆତଙ୍କ ଖବର ପାଇ ଲୋକଙ୍କୁ ସଚେତନତା କରାଇବା ପାଇଁ ଯାଉଥିବା ସମୟରେ ସ୍କଟଲାଣ୍ଡପୁର ଠାରେ ମାଫିଆମାନେ ଚୋରା ଡ଼ିଜେଲ କାରବାର କରୁଥଲେ । ଏହି ସମୟରେ ପୋଲିସ୍ ଗାଡ଼ିକୁ ଦେଖି ସେମାନେ ଭୟଭିତ ହୋଇ ଦୌଡ଼ି ପଳାଇଥିଲେ । ପୋଲିସର ସନ୍ଦେହ ହେବାରୁ ସେଠାରେ ପହଚି ତଦନ୍ତ କରି ୭ଟି ଡ୍ରମରେ ଥିବା ପ୍ରାୟ ୧୪ଶହ ଲିଟର୍ ସହ ୧୦ଟି ଜାରକିନ୍‌ରେ ପ୍ରାୟ ୫ଶହ ଲିଟର ଚୋରା ଡ଼ିଜେଲ ଜବତ କରି ଥାନାକୁ ଆଣିଥିଲା । ଏସମ୍ପର୍କରେ ପୋଲିସକୁ ପଚାରିବାରୁ ସେ ଆଜି ନୁହେଁ କାଲିକି ସବିଶେଷ ତଥ୍ୟ ଦେବେ ବୋଲି ଥାନା ଅଧିକାରୀ ଦିଗବିଜୟ ବିଶ୍ୱାଳ ପ୍ରକାଶ କରିଥିଲେ । ତେବେ ଏଠାରେ ପ୍ରଶ୍ନଉଠେ, କାହିଁକି ଆଜି ନୁହେଁ କାଲିକୁ ଦେବେ ବୋଲି କହିଲେ ତାହା ସନ୍ଦେହ ଘେରକୁ ଟାଣି ନେଉଛି ।

ତେବେ ଏତେଶୟ ଚୋରା ଡ଼ିଜେଲ କେଉଁଠୁ ଓ କିପରିଭାବେ ଆସିଲା ତାହା ସନ୍ଦେହ ଘେରରେ ରହିଥିବା ବେଳେ ଏଠାରେ ପୋଲିସ୍ କ'ଣ କରୁଛି ବୋଲି ଚର୍ଚ୍ଚା ହେବା ସହ ସେଠାରେ କେତେ ଦିନ ହେବ ଏପରି କାରବାର ଚାଲିଥିଲା ତାହା ତଦନ୍ତ ସାପେକ୍ଷ । ପୁନଶ୍ଚ ଏଠାରେ କୋଇଲା ଖଣି ଗୁଡ଼ିକରୁ ମାଫିଆମାନେ ଦିନଦ୍ୱିପ୍ରହରେ ବିଭିନ୍ନ ଗାଡିରୁ ଚୋରା ଡ଼ିଜେଲ, ମୋବିଲ ଏପରିକି ଯନ୍ତ୍ରାଂଶମାନ ଚୋରି କରୁଥିବା ଦୃଷ୍ଟାନ୍ତମାନ ରହିଥିବା ବେଳେ ଏଥିରେ କିଏ ରୋକ୍ ଲଗାଇବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ରାସନ କାର୍ଡରେ ଚାଉଳ ହେରଫେର

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଏନଏସିରେ ରାସନକାର୍ଡରେ ଚାଉଳ ହେରଫେର ହେଉଥିବା ବେଳେ ୬ ଜଣ ସଦସ୍ୟଙ୍କୁ ମାତ୍ର ୨ କିଲୋ ଚାଉଳ ମିଳିବାକୁ ନେଇ ଅଭିଯୋଗ ହୋଇଛି । ପରିବାରରେ ୬ ଜଣ ସଦସ୍ୟଙ୍କ ରାସନକାର୍ଡରେ ନାଁ ଥିବାବେଳେ ସମସ୍ତଙ୍କୁ ମିଳୁଛି ମାତ୍ର ୨ କିଲୋ ଚାଉଳ । ଯାହାକୁ ନେଇ କାମାକ୍ଷାନଗର ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି ରାସନକାର୍ଡ ଧାରୀ ପରିବାରର ସଦସ୍ୟ ମାନେ ।

ସୂଚନା ଅନୁଯାୟୀ କାମାକ୍ଷାନଗର ଏନଏସି ୯ ନମ୍ବର ୱାର୍ଡ ର ବିଶ୍ୱନାଥ ସାହୁଙ୍କ ନାଁ ରେ ରାସନକାର୍ଡ ପଞ୍ଜିକରଣ ହୋଇଥିଲା । ଯାହା ଫଳରେ ଆଜିକୁ ଦୀର୍ଘବର୍ଷ ହେବ ବିଶ୍ୱନାଥଙ୍କ



ପରିବାର ସୁରୁଖୁରୁରେ ରାସନ କାର୍ଡ ମାଧ୍ୟମରେ ରାସନ ସାମଗ୍ରୀ ପାଉଥିଲେ । ଏଥିରେ ବିଶ୍ୱନାଥଙ୍କ ବ୍ୟତୀତ ତାଙ୍କ ପରିବାରର ଛଅ ଜଣଙ୍କ ନାଁ ରହିଥିଲା । କିନ୍ତୁ ବିଶ୍ୱନାଥଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଲୋକ ଠିକରେ ଚାଉଳ ପାଇଆସୁଥିବା ବେଳେ ଏବେ କିଛିମାସ ଧରି ତାଙ୍କ ଛଅ ଜଣିଆ ପରିବାର କୁ ମିଳୁଛି ମାତ୍ର ଦୁଇ କିଲୋ ଚାଉଳ ।

ପୂର୍ବରୁ ଠିକ ରେ ପରିବାର ଲୋକ ଚାଉଳ ପାଉଥିବା ବେଳେ ଏବେ ମାତ୍ର ଦୁଇ କିଲୋ ଚାଉଳ ପାଇବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କାହିଁକି ଓ କେମିତି ତାଙ୍କ ପରିବାର ର ଚାଉଳ କଟିଲା ସେ ନେଇ ସେମାନେ ବାରମ୍ବାର ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ଧାଇଁବା ପରେ କାମାକ୍ଷାନଗର ବ୍ଲକ ଯୋଗାଣ ଅଧିକାରିଣୀଙ୍କୁ ଭେଟି ଦାବି ଜଣାଇଛନ୍ତି । ତେବେ କୌଣସି ବୈଷୟିକ ତ୍ରୁଟି ନିମନ୍ତେ ଏପରି ହୋଇଥିବା ବେଳେ ଏହାକୁ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରିବା ପାଇଁ କାମାକ୍ଷାନଗର ବ୍ଲକ ଯୋଗାଣ ଅଧିକାରିଣୀ କହିଛନ୍ତି ।

# ଅତି ନୃଶଂଶଭାବେ ହାତୀ ମାରିଦେଲା ମହିଳାଙ୍କୁ

ତାଳଚେର,(ସବ୍ୟୁ) : ଦୁଇଦିନ ହେବ ଏକ ଦନ୍ତାହାତୀ ତାଳଚେର ଦକ୍ଷିଣପାଶ୍ୱର୍ କେନାଲରେ ପଡ଼ି ରହିଥିଲା । ସେ ସୁସ୍ଥ ହେବ । ପରେ ଆଜି ସେଠାରୁ ବାହାରି ଧରମପୁର ପଂଚାୟତ ବରପଙ୍ଗା ଗ୍ରାମର ବାସ ଖଟୁଆ (୫୫) ଛେଳି ଚରାଇବାକୁ ନେଇଥିବା ବେଳେ ଅପରାହ୍ଣ ୨ଘଟିକା ସମୟରେ ସେହି ଦନ୍ତାହାତୀଟି ତାଙ୍କୁ ନୃଶଂଶଭାବେ ଦଳିଚକଟି ମାରି ଦେଇଥିବା ଘଟଣା ତାଳଚେର ବନାଖଣ୍ଡ ଅଂଚଳରେ ଆତଙ୍କ ଖେଳାଇ ଦେଇଛି ।

ଯଦି ବନବିଭାଗ ପକ୍ଷରୁ ଉକ୍ତ ହାତୀଟିକୁ ରେସ୍କ୍ୟୁ କରାଯାଇ ଡ଼ାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର ପ୍ରସାର କରାଯାଇଥାଆନ୍ତା ତେବେ ଏଭଳି କାଣ୍ଡ ଘଟିନଥାନ୍ତା ବୋଲି ସେଠିକାର ଅଂଚଳବାସୀ ଏହା ଦୁଃଖର ସହ ପ୍ରକାଶ କରିଛନ୍ତି । ତାଳଚେର ବନାଂଚଳ କାର୍ଯ୍ୟାଳୟ ପକ୍ଷରୁ ମୃତ ମହିଳାଙ୍କୁ ଉଦ୍ଧାରକରି ତାଳଚେର ମଣ୍ଡାପାଳ ଡ଼ାକ୍ତରଖାନା ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଉକ୍ତ ମହିଳାଙ୍କ ଶୁଦ୍ଧକାର୍ଯ୍ୟ ପାଇଁ ୧ଲକ୍ଷ ଓ ସମସ୍ତ ତଥ୍ୟ ପ୍ରଦାନ କଲାପରେ ବାକି ୯ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଦିଆଯିବ ବୋଲି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି ଏବଂ ମୃତ ମହିଳାଙ୍କ ପୁଅଙ୍କୁ ସେହି କାର୍ଯ୍ୟକାଳୟରେ ସୁରକ୍ଷାକର୍ମୀଭାବେ ନିଯୁକ୍ତି ଦିଆଯିବାର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । ବର୍ତ୍ତମାନ ସୁଦ୍ଧା ବନାଂଚଳର ଫରେଷ୍ଟର ସିଦ୍ଧାର୍ଥ ଅନୁରାଗ ପରିଡ଼ା, ସୁରକ୍ଷାକର୍ମୀ ମିନତୀ ଦେହୁରୀ ଓ ଓ ଅନ୍ୟାନ୍ୟ କର୍ମଚାରୀମାନେ ଦୁର୍ଘଟଣା ସ୍ଥାନରେ ରହି ଡ୍ରୋନ କ୍ୟାମେରା ସାହାଯ୍ୟରେ ହାତୀର ଗତିବିଧି ଉପରେ ନଜର ରଖିବା ସହ ହାତୀଟି ସେହି ନିକଟସ୍ଥ ହରିହରପୁର ଜଙ୍ଗଲରେ ରହିଥିବା ଜଣାପଡ଼ିଛି ।

# ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଜାତିଆଣ ଆକ୍ଷେପ !

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟରେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗ ହୋଇଛି ।

ସୂଚନା ଯେ, ସାରଙ୍ଗଧର ଉଚ୍ଚ ବିଦ୍ୟାଳୟରେ ସୁଧାଂଶୁ ନାୟକଙ୍କ ଝିଅ ସିଦ୍ଧିଷ୍ଠା ଚତୁର୍ଥ ଶ୍ରେଣୀରେ ପାଠ ପଢ଼ନ୍ତି । ଜାତିରେ ପାଣ ହୋଇଥିବାରୁ ସ୍କୁଲରେ ବିଭିନ୍ନ ସମୟରେ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ମିତାଲି ମାହେଶ୍ୱରୀ ସିଦ୍ଧିଷ୍ଠାଙ୍କୁ ଜାତିଆଣ ଆକ୍ଷେପ କରନ୍ତି । ଏଥିସହ ପାଣ ବୋଲି କହି ସ୍କୁଲରେ ଦିଆଯାଉଥିବା ମାଧ୍ୟାହ୍ନ ଭୋଜନ ଦେଉନଥିବା ବେଳେ ଲାଟିନ ସଫା ମଧ୍ୟ କରାଉଥିବାର ଅଭିଯୋଗ ହୋଇଛି । ଏହା ସହିତ ଶାରୀରିକ ଓ ମାନସିକ ନିର୍ଯାତନା ସହି ନପାରି ସିଦ୍ଧିଷ୍ଠା ଗତ ୩ ତାରିଖରୁ ସ୍କୁଲ ଯିବା ବନ୍ଦ କରିଥିବା ଜଣାଯାଇଛି । ଏ ନେଇ ସିଦ୍ଧିଷ୍ଠାଙ୍କ କହିବା ଅନୁସାରେ ସ୍କୁଲର ହେଡ଼ ମାଷ୍ଟର ବିଭିନ୍ନ ସମୟରେ ତାଙ୍କୁ ମାଡ ମାରନ୍ତି । ପାଣ ବୋଲି କହି ଅଇଁଠା ବାସନ ମଜାନ୍ତି । ଖାଇବାରୁ ପୋକ ବାହାରିଛି କହିବାରୁ ତୁ ପାଣଟା ସ୍ୱାଦିଷ୍ଟ ଖାଦ୍ୟ ଖାଇ ପାରିବୁନି, ଘରୁ ଯା ଖାଇବା ଆଣି ଖାଇବୁ ବୋଲି ଦିଦି କହୁଥିବା ଅଭିଯୋଗ କରିଛନ୍ତି । ସିଦ୍ଧିଷ୍ଠଙ୍କ ବାପା ସୁଧାଂଶୁ ନାୟକ କୁହନ୍ତି, ସ୍କୁଲରେ ମୋ ଝିଅକୁ ଅନ୍ୟ ପିଲାଙ୍କ ଆଗରେ ପାଲୁଣି ଛୁଆ ଡକାଯାଉଛି । ଗତ ୩ ତାରିଖରେ ବ୍ଲାକ ବୋର୍ଡରେ ମୋ ଝିଅ ହାତ ମାରିଦେବାରୁ ତୁ ପାଣ ଛୁଆ କାହିଁକି ହାତ ମାରିଲୁ ବୋଲି କହି ହେଡ଼ ମାଷ୍ଟର ମାଡ ମାରିଛନ୍ତି ।

ଅଭିଯୋଗ କରିବାରୁ ହେଡ଼ ମାଷ୍ଟର କହିଲେ ପାଣ ଜାତିରେ କିଏ ପାଠ ପଢେ । ଏ ନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ବିଫଳ ହେବା ପରେ ସଦର ଥାନାରେ ମଧ ଅଭିଯୋଗ କରାଯାଇଥିଲା । ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ଗତ ୧୮ ତାରିଖରେ ସ୍କୁଲକୁ ଚାଇଲଡ ହେଲପର ସଦସ୍ୟ ଆସିଥିଲେ ତାଙ୍କୁ ମଧ୍ୟଦୁର୍ବ୍ୟବହାର କରାଯାଇଛି । ମୋତେ ନ୍ୟାୟ ଦିଆଯାଇ ମୋ ଝିଅକୁ ସୁରକ୍ଷା ଦିଆଯାଉ । ମୋ ଝିଅ ଯେମିତି ସମାନର ସହ ସ୍କୁଲରେ ପାଠ ପଢିପାରିବ ସେଥିପ୍ରତି ଦୃଷ୍ଟି ଦିଆଯାଉ । ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ମିତାଲି ମାହେଶ୍ୱରୀ କୁହନ୍ତି, ମୋ ବିରୋଧରେ ହେଉଥିବା ଅଭିଯୋଗ ସମ୍ପୁର୍ଣ୍ଣ ମିଥ୍ୟା । ସ୍କୁଲରେ ରୋଷେୟା ନିଯୁକ୍ତି ଅଛନ୍ତି, ପିଲା ସ୍କୁଲ ଆସୁନାହିଁ, ପିଲାକୁ ସ୍କୁଲକୁ ଛଡାଯାଉ, ସବୁ ପିଲାଙ୍କୁ ସମାନ ଦୃଷ୍ଟିରେ ଦେଖାଯାଉଛି ବୋଲି କହିବା ସହିତ ହିଂସାକୁ ନେଲେ କିଛି ସମାଧାନ କରାଯାଇ ପାରିବ ନାହିଁ । ସଦର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିବ୍ୟପ୍ରକାଶ ପ୍ରଧାନ ଘଟଣା ସମ୍ପର୍କରେ ଯାହା କୁହନ୍ତି, ଅଭିଯୋଗ ହସ୍ତଗତ ହୋଇଛି ତାହା ସରକାରଙ୍କ ନିର୍ଦ୍ଦେଶକ୍ରମେ ପିଲାଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯାଇଛି । ସ୍କୁଲ ସମୟରେ ପିଲାଙ୍କୁ କାମ କରାଉଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏ ବି ଓ ତଦନ୍ତ କରୁଛନ୍ତି ରିପୋର୍ଟ ଆସିବା ପରେ ଘଟଣା ଜଣାପଡିବବୋଲି ପ୍ରକାଶ କରିଛନ୍ତି ।

# ବିଦ୍ୟୁତ ସଂଯୋଗ ପାଇଁ ଉପଜିଲ୍ଲାପାଳଙ୍କୁ ଗୁହାରି

ଆଠମଲ୍ଲିକ ,(ସବ୍ୟୁ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଅଏଡ଼ା ପଞ୍ଚାୟତ ବଘୁଆକଟା ଗ୍ରାମର ବାସିନ୍ଦା ଦିବ୍ୟାଙ୍ଗ ମୃତ୍ୟୁଞ୍ଜୟ ବେହେରାମାଳି ଦୀର୍ଘ ବର୍ଷ ହେଲା ନିଜ ବାସଗୃହକୁ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ ସଂଯୋଗ କରିବାକୁ ଦାବୀ କରି ଆସୁଥିଲେ ମଧ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ଦିଆ ଯାଇନାହିଁ ଏ ବାବଦରେ ଦିବ୍ୟାଙ୍ଗ ବେହେରାମାଳି ସ୍ଥାନୀୟ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ନିକଟରେ ଦାବିପତ୍ର ଦେଇଥିବା ଜଣାପଡିଛି। ଦାବୀପତ୍ର ଦେବା ସମୟରେ ବହୁ କାକୁତି ମିନତି ହୋଇ ଉପଜିଲ୍ଲାପାଳଙ୍କ ନିକଟରେ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା କରିବାକୁ ଗୁହାରି କରିଥିଲେ। ଉପଜିଲ୍ଲାପାଳ ଶ୍ରୀ ଲୁହା ସଙ୍ଗେସଙ୍ଗେ ବିଦ୍ୟୁତ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ତତସହିତ ବିଡ଼ିଓ ଙ୍କ ସହିତ ଯୋଗାଯୋଗ କରି କୌଣସି ଯୋଜନାରେ ବିଦ୍ୟୁତ ତାର ଟଣା ଯିବାକୁ ବ୍ୟବସ୍ଥା କରାଯିବାକୁ କହିଥିଲେ।

# ଲିଙ୍ଗ ଭିତ୍ତିକ ହିଂସା ବିରୋଧରେ ସଚେତନତା କାର୍ଯ୍ୟକ୍ରମ




ଅନୁଗୋଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲାରେ ଲିଙ୍ଗ ଭିତ୍ତିକ ହିଂସା ବିରୋଧରେ ୧୬ ଦିନ ଧରି ହେବାକୁ ଥିବା ସକ୍ରିୟତା ଓ ସଚେତନତା କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ପତାକା ଦେଖାଇ ଉଦଘାଟନ କରିଥିଲେ ଏବଂ ପଦଯାତ୍ରାର ଶୁଭାରମ୍ଭ କରାଯାଇଥିଲା । ଏହାପରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ପୋଗ୍ରାମ ଅଧିକାରିଣୀ, ଅଙ୍ଗନବାଡ଼ି କର୍ମୀ ଏବଂ ସଖୀ (ୱାନ ଷ୍ଟପ୍ ସେଣ୍ଟର)ର କର୍ମଚାରୀମାନଙ୍କ ଉପସ୍ଥିତରେ ଏକ ସଭାର ଆୟୋଜନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମକୁ ଅଗେଇ ନେବା ପାଇଁ ଆଇନଗତ ଅଧିକାର, ଲିଙ୍ଗଗତ ସମାନତା ଓ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ମହିଳା ସଶକ୍ତିକରଣ ଉପରେ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନେବା ଉପରେ ଆଲୋଚନା କରାଯାଇଥିଲା ଏବଂ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀମାନେ ଲିଙ୍ଗ ଭିତ୍ତିକ ହିଂସା ବନ୍ଦ କରିବା ପାଇଁ ପ୍ରତିଜ୍ଞା ନେଇଥିଲେ ।

ଏହି କାର୍ଯ୍ୟକ୍ରମକୁ ସଫଳ ପୂର୍ବକ ପରିଚାଳନା କରିବାରେ ଜିଲ୍ଲା ସମାଜ ମଙ୍ଗଳ ଓ ସଖୀ (ୱାନ ଷ୍ଟପ୍ ସେଣ୍ଟର)ର କର୍ମଚାରୀମାନେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ନଭେମ୍ବର ୨୫ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଅନୁଗୋଳ ଜିଲ୍ଲାର ବିଭିନ୍ନ ବ୍ଲକ୍, ବିଦ୍ୟାଳୟ, ମହାବିଦ୍ୟାଳୟ, ଗ୍ରାମ ପଞ୍ଚାୟତରେ ଜିଲ୍ଲା ସମାଜ ମଙ୍ଗଳ ଓ ସଖୀ (ୱାନ ଷ୍ଟପ୍ ସେଣ୍ଟର)ର କର୍ମଚାରୀମାନଙ୍କ ଦ୍ୱାରା ଅନୁଷ୍ଠିତ ହେବ ।

# ଟ୍ରକ ଧକ୍କାରେ ସାଇକେଲ ଆରୋହୀ ଗୁରୁତର: ରାସ୍ତା ଅବରୋଧ

କଣିହାଁ, (ସବ୍ୟୁ): କଣିହାଁ ଥାନା ଅନ୍ତର୍ଗତ କଣିହାଁ ପମ୍ପ ହାଉସ ପାଖରେ ଏକ ପାଉଁଶ ବୋଝେଇ ଟ୍ରକ ଧକ୍କାରେ ସାଇକେଲ ଆରୋହୀ କଣିହାଁ ଗ୍ରାମର ସୁବାସ ନାଏକ (୬୩) ଗୁରୁତର ଆହାତ ହୋଇ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି । ସୁବାଷ ମଙ୍ଗଳବାର ଦିନ ଅପରାହ୍ଣ ପ୍ରାୟ ୨ଘଟିକା ସମୟରେ ଟିକିରା ନଦୀରୁ ଗାଧୋଇ ଫେରୁଥିବା ସମୟରେ ପାଉଁଶ ବୋଝେଇ କରି ଆସୁଥିବା ଏକ ଟ୍ରକ ଓଆର ୦୪ ଏନ ୩୬୧୯ ସୁବାଷଙ୍କୁ ଧକ୍କା ଦେଇଥିଲା । ଫଳରେ ଟ୍ରକ ଚକା ତଳେ ଚାପି ହୋଇ ସୁବାଷର ବାମ ଗୋଡ ଭାଙ୍ଗି ଯାଇଥିବା ବେଳେ ଗୁରୁତର ଅବସ୍ଥାରେ ପ୍ରଥମେ କଣିହାଁ ମେଡିକାଲ, ପରେ ଅନୁଗୋଳ ମେଡିକାଲ ପଠାଯାଇଥିଲା । ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ପଠାଯାଇଥିବା ଜଣାଯାଇଛି । ଉକ୍ତ ଖବର ପାଇବା ପରେ ପରିବାର ଲୋକ ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଛନ୍ତି । କୌଣସି ସମାଧାନ ହୋଇ ନଥିବା ଜଣାଯାଇଛି ।

# ରାଜ୍ୟସ୍ତରୀୟ ତାଇକୋଣ୍ଡୋ ରେଫରୀ କର୍ମଶାଳା

ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ତାଇକୋଣ୍ଡୋ ଆସୋସିଏସନ ଅଫ ଓଡିଶାର ରାଜ୍ୟ ସ୍ତରୀୟ ରେଫରୀ କର୍ମଶାଳାରେ ଢେଙ୍କାନାଳର ୨୪ଜଣ ରେଫରୀ ସଫଳତା ହାସଲ କରିଥିବାର ଜଣାପଡିଛି । ଭଦ୍ରକ ବ୍ଲକ ଇଛାପୁର କାର୍ମେଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ସୂଚନା ଦେଇଥିବା ବେଳେ ଏହି ଶିବିରକୁ ଆନ୍ତର୍ଜାତୀୟ ତାଇକୋଣ୍ଡୋ ରେଫରୀ ଦକ୍ଷିଣ କୋରିଆରୁ ମାଷ୍ଟର ସିୟଙ୍ଗ କୁକୁ ଜ୍ୟାଙ୍ଗ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଥିଲା । ଓଡିଶାରୁ ୬୦ରୁ ଅଧିକ ରେଫରୀ ଯୋଗଦେଇଥିଲେ । ପ୍ରଶିକ୍ଷଣ ପ୍ରାପ୍ତ ରେଫରୀ ମାନଙ୍କୁ ସମ୍ମାନୀତ କରାଯାଇଥିଲା । ରେଫରୀ ମାନେ ୨୭ ତାରିଖରେ ହେବାକୁ ଥିବା ୨୨ ତମ ତାଇକୋଣ୍ଡୋ ଚାମ୍ପିଆନସିପରେ ରେଫରୀ ଭାବରେ କାର୍ଯ୍ୟକରିବେ ବୋଲି ସମ୍ପାଦକ ପ୍ରକାଶ କରିଛନ୍ତି । ତାଇକୋଣ୍ଡୋ ଆସୋସିଏସନ ଅଫ ଢେଙ୍କାନାଳର ୨୪ଜଣ ଏହି ଶିବିରରେ ଯୋଗଦାନ କରିସଫଳତା ହାସଲ କରିଛନ୍ତି । ସେମାନଙ୍କ ମଧ୍ୟରେ ଆସିଆନା ଜେନା,ମିଷ୍ଟା ହୋଙ୍ଗଲି,ଯଶଶ୍ରୀ ସାହୁ,ଶୁଭଶ୍ରୀ ମହାରଣା,ଶୁଭଶ୍ରୀ ଦାସ, ରଜନୀକାନ୍ତ ମଲ୍ଲିକ,ନିର୍ମାଲ୍ୟ ମଲ୍ଲିକ,ମୁକେଶ କୁମାର ମଲିକ,ଇପସିତା ପ୍ରୀୟଦର୍ଶିନୀ ନାୟକ,ଗାୟତ୍ରୀ ସାହୁଙ୍କ ସହିତ ଅନ୍ୟମାନସଫଳତା ହାସଲ କରିଛନ୍ତି ।

# ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀକୁ ସ୍ମୃତିପ୍ରଜ୍ଞାଙ୍କ ବିଜ୍ଞାନ ପ୍ରକଳ୍ପ ମନୋନୀତ

ଠାକୁରଗଡ ,(ସବ୍ୟୁ) : କିଶୋରନଗର ବ୍ଲକ ପାପସରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସପ୍ତମ ଶ୍ରେଣୀ ଛାତ୍ରୀ ସ୍ମୃତିପ୍ରଜ୍ଞା ସାହୁଙ୍କ ବିଜ୍ଞାନ ପ୍ରକଳ୍ପ ଶକ୍ତି ଓ ଜୈବ ଉତ୍ପାଦର ନବୀନ ଉତ୍ସ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀକୁ ମନୋନୀତ ହୋଇଛି। ସେ ତା୧୩.୧୧.୨୦୨୫ରିଖରେ ସରକାରୀ ଉଚ୍ଚ ବିଦ୍ୟାଳୟ, ପରୁଶମାଳଠାରେ ଅନୁଷ୍ଠିତ ବ୍ଲକ ସ୍ତରୀୟ ବିଜ୍ଞାନପ୍ରଦର୍ଶନୀରେ ମନୋନୀତ ହୋଇ ଜିଲ୍ଲା ସ୍ତରୀୟ ବିଜ୍ଞାନପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ୨୧.୧୧.୨୦୨୫ ରିଖରେ ପି.ଟି.ସି ସରକାରୀ ଉଚ୍ଚ ବିଦ୍ୟାଳୟ ଅନୁଗୁଳଠାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ସ୍ମୃତିପ୍ରଜ୍ଞାଙ୍କ ପ୍ରକଳ୍ପ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀକୁ ମନୋନୀତ ହୋଇଛି। ଆମ ପରିବେଶରେ ଥିବା ବିଭିନ୍ନ ଜଳାଶୟଗୁଡିକର ଅର୍ଥା ଶୈବାଳରୁ ବାୟୁ ବିଶୋଧକ , ଜୈବ ଡିଜେଲ, ଜୈବ ପ୍ଲାଷ୍ଟିକ୍, ଜୈବ ସାର ଓ ବିଦ୍ୟୁତ ଉତ୍ପାଦନକୁ ନେଇ ଏକ ବହୁମୁଖୀ ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସୁଶ୍ରୀ ଭାଗ୍ୟଲକ୍ଷ୍ମୀ ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ସ୍ମୃତିପ୍ରଜ୍ଞା ଉକ୍ତ ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତ କରି ରାଜ୍ୟ ସ୍ତରକୁ ମନୋନୀତ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି ଉଦ୍ଦେଶ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୂଣୟିନୀ ପଲେଇଙ୍କ ସଭାପତିତ୍ୱରେ ସୋମବାର ଦିନ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଛାତ୍ରୀ ସ୍ମୃତିପ୍ରଜ୍ଞା ସାହୁ ଓ ଶିକ୍ଷୟିତ୍ରୀ ସୁଶ୍ରୀ ଭାଗ୍ୟଲକ୍ଷ୍ମୀ ଦେହୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଜେପି ନେତା ସ୍ୱର୍ଗତ ଧୀରେନ୍ଦ୍ରଙ୍କ ପରିବାରକୁ ଭେଟିଲେ ସାଂସଦ



ଛେଣ୍ଡିପଦା ,(ସବ୍ୟୁ): ଛେଣ୍ଡିପଦା ବ୍ଲକର ବରିଷ୍ଠ ବିଜେପି ନେତା ସ୍ୱର୍ଗତ ଧୀରେନ୍ଦ୍ର ମହାପାତ୍ରଙ୍କ ଶୋକସନ୍ତପ୍ତ ପରିବାର ବର୍ଗ ଙ୍କୁ ଭେଟି ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ସମବେଦନା ଜଣାଇଛନ୍ତି। ଗତ ଶୁକ୍ରବାର ତାଙ୍କ ଦେହାନ୍ତ ହୋଇଥିବାବେଳେ ଆଜି ସାଂସଦ ଟାଙ୍ଗିରି ଗ୍ରାମପଞ୍ଚାୟତ ନୂଆପଡା ବସଭାବନରେ ପହଁଚି ଥିଲେ। ସାଂସଦ ଗଭୀର ଶୋକ ପ୍ରକାଶ କରିବା ସହ ପ୍ରକାଶ କରିଥିଲେଯେ ଧୀରେନ୍ଦ୍ର ବାବୁ ତାଙ୍କର ବଡ଼ ସହଯୋଗୀ ଥିଲେ ଦୁଇଥର ଦଳର ଜିଲ୍ଲା ପରିଷଦ ପ୍ରାର୍ଥୀ ହୋଇଥିଲେ, ତାଙ୍କ ବିୟୋଗରେ ଦଳ ପାଇଁ କ୍ଷତି ହୋଇଛି। ତେବେ ସାଂସଦଙ୍କ ସହ ଯଶୋବନ୍ତ ପ୍ରସାଦ ବେହେରା, ଅକ୍ଷୟପାଦ ବେହେରା, ଗୋପବନ୍ଧୁ ଗଡ଼ନାୟକ, ଦୁଃଶାସନ ଦେହୁରୀ, କୁମୁଦ ବେହେରା, ଡମ୍ବରୁଧର ବେହେରା ଓ ଚିତ୍ରସେନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡି ଯୁବତୀଙ୍କ ମୃତ୍ୟୁ

କାମାକ୍ଷାନଗର,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ପଥରଖମ୍ବ ଗ୍ରାମରେ ଅଘଟଣ ଘଟିଯାଇଛି । ପୋଖରୀରେ ଗାଧୋଇବାକୁ ଯାଇଥିବା ବେଳେ ଯୁବତୀ ଜଣ ବୁଡି ମୃତ୍ୟୁ ବରଣ କରିଥିବାର ଜଣାପଡିଛି ।

ସେହି ଗାଁର ଚରଣ ସାହୁଙ୍କ ଝିଅ ଅର୍ଚ୍ଚନା ସାହୁ (୨୫) ଆଜି ସକାଳୁ ଘର ପାଖରେ ଥିବା ସୁନ୍ଦରକଣିଆ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଗାଧୋଇବା ବେଳେ ଅସାବଧାନତା ବଶତଃ ଗୋଡ଼ ଖସି ଯିବାରୁ ସେ ପୋଖରୀ ରେ ବୁଡି ଯାଇଥିଲେ । ଏହା ଦେଖି କିଛି ସ୍ଥାନୀୟ ଲୋକ ତୁରନ୍ତ ଅର୍ଚ୍ଚନାଙ୍କୁ ପୋଖରୀରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଗାଁ ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

# ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ତାଳଚେର, (ସବ୍ୟୁ): ଜିଲ୍ଲାପାଳ ଅବଦୁଲ ମହମଦ ଅଖତରଙ୍କ ଅଧ୍ୟକ୍ଷତାରେ ତାଳଚେର ସଭାଗୃହରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ଯୋଗଦେଇଥିଲେ । ଜନଶୁଣାଣୀ ଶିବିରରେ ସମୁଦାୟ ୫୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ୫୫ଟି ବ୍ୟକ୍ତିଗତ ଓ ୧୪ଟି ଗ୍ରାମ୍ୟ ଭିତିକ ଅଭିଯୋଗର ଶୁଣାଣୀ ହୋଇଥିବା ବେଳେ ୫ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ଜଣଙ୍କୁ ରେଡ଼କ୍ରସ ପାଣ୍ଠିରୁ ଚିକତ୍ସା ବାବଦକୁ ମୋଟ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ ମହନ୍ତ, ତାଳଚେର ଉପଜିଲାପାଳ ସମୀର ଜେନା, ତହସିଲଦାର ଆଲଫା ଜେନା, ଗୋଷ୍ଠୀଉନ୍ନୟନ ଅଧିକାରୀ ସୁଶାନ୍ତ ବରାଳ, ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳଅଧିକାରୀ ଦିଲ୍ଲୀପ ମିଶ୍ର, ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ସମାଜମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଉପନିର୍ଦ୍ଦେଶକ ଉଦ୍ୟାନ ଅମ୍ବର ଲୁଗୁନ୍, ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗଦେଇଥିଲେ । ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଜମିଜମା ସମ୍ବନ୍ଧୀୟ, ବିଭିନ୍ନ ରାସ୍ତାଘାଟ ଓ ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

# ହିନ୍ଦୋଳରେ ବିଜେପିର ଆତ୍ମନିର୍ଭର ଭାରତ ସମ୍ମିଳନୀ

ରାସୋଳ, (ସବ୍ୟୁ) : ହିନ୍ଦୋଳ ବିଧାନସଭା ରାସୋଳ ଅନ୍ତର୍ଗତ କୁନୁଆଁ ସ୍ଥିତ ମା ସୁକିଆବାଉତୀ ପୀଠ ପରିସର ରେ ସୋମବାର ବିଜେପି ପକ୍ଷରୁ ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଆତ୍ମନିର୍ଭର ଭାରତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସହସଂଯୋଜକ ସୁଶାନ୍ତ ପତିଙ୍କ ସଂଯୋଜନାରେ ଏବଂ ଜିଲ୍ଲା ସଭାପତି ରାସବିହାରି ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମ୍ମିଳନୀ ରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂଯୋଜକ ମାତୃପ୍ରସାଦ ନନ୍ଦ , ଜିଲ୍ଲା ସହସଂଯୋଜକ ବିଷ୍ଣୁପ୍ରସାଦ ଲେଙ୍କା, ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ସହଦେବ ପୃଷ୍ଟି , ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ ପ୍ରଧାନ ଓ ଅନ୍ୟତମ ଜିଲ୍ଲା ସହସଂଯୋଜିକା ଇତିଶ୍ରୀ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ପ୍ରଥମେ ଅତିଥିବୃନ୍ଦ ସୁକିଆବାଉତୀ ମନ୍ଦିର ରେ ପୂଜାର୍ଚ୍ଚନା କରିଥିଲେ । ଏହାପରେ ପ୍ରଥମ ଚରଣରେ ବନ୍ଦେ ମାତରମ୍ ର ୧୫୦ ବର୍ଷ ପୂର୍ତ୍ତି ପାଳନ ଉତ୍ସବ ଅବସର ରେ ନିର୍ବାଚନମଣ୍ଡଳୀ ସ୍ତରୀୟ ସାମୁହିକ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ ପରେ ୨ୟ ଚରଣରେ ମଧ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଆତ୍ମନିର୍ଭରଶିଳ ଭାରତ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

ସ୍ୱର୍ଣ୍ଣମଞ୍ଜରୀ ରାଉତ , ସୁନିତା ନାଥ , ପ୍ରତିମା ଜେନା , ମଣ୍ଡଳସଭାପତି ସର୍ବଶ୍ରୀ ପ୍ରବୋଧ ପ୍ରଧାନ , ରବିନ ବାରିକ , ଅଶୋକ ରାଉତ , ଦେବାନନ୍ଦ ବେହେରା ପ୍ରମୁଖ ଅତିଥି ମାନଙ୍କୁ ଉପଢୌକନ ସହ ପୁଷ୍ପ ଗୁଚ୍ଛ ଦେଇ ମଞ୍ଚକୁ ସ୍ୱାଗତ କରିଥିଲେ। ଏକ ଭାରତ ଶ୍ରେଷ୍ଠ ଭାରତ ନିମନ୍ତେ ପ୍ରତ୍ୟକ ନିଜେ ଆତ୍ମନିର୍ଭରଶିଳ ହୋଇ ଅନ୍ୟମାନଙ୍କୁ ଆତ୍ମନିର୍ଭରଶିଳ କରିବା ପାଇଁ ପ୍ରେରଣା ଯୋଗାଇବା ଏବଂ ଆଗାମୀ ଦିନରେ ସ୍ୱଦେଶି ଆନ୍ଦୋଳନକୁ ଘରେ ଘରେ ପହଞ୍ଚାଇ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନକଲ୍ୟାଣକାରୀ ଯୋଜନାର ସୁଫଳ ଜନସାଧାରଣ କିପରି ପାଇ ପାରିବେ ସେନେଇ କାର୍ଯ୍ୟ କରିବାକୁ ମୁଖ୍ୟ ଅତିଥି ଶ୍ରୀମତୀ ନାୟକ ଉପସ୍ଥିତ କର୍ମକର୍ତ୍ତାଙ୍କୁ ମାର୍ଗଦର୍ଶନ କରାଇଥିଲେ।

ଏହି ଅବସରରେ ସ୍ୱଦେଶି ଜିନିଷକୁ ଆପଣେଇବାକୁ ସମବେତ ଶପଥ ପାଠ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେନିର୍ବାଚନମଣ୍ଡଳୀର କୋଣ ଅନୁକୋଣରୁ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ। ଶେଷରେ ରାସୋଳ ମଣ୍ଡଳ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

କଣିହାଁ, (ସବ୍ୟୁ): ପାଲଲହଡା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ କଣିହାଁ ବ୍ଲକର ବିଭିନ୍ନ ଗ୍ରାମରେ ପାଲଲହଡ଼ା ବିଧାୟକ ଆଶୋକ ମହାନ୍ତି ଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭ ଉଦଘାଟନ କାର୍ଯ୍ୟକ୍ରମ ହୋଇଯାଇଛି। ପ୍ରକଳ୍ପ ଗୁଡିକ ମଧ୍ୟରେ ଦଲକ ଗ୍ରାମ ପଞ୍ଚାୟତ ଦଲକ ଗ୍ରାମରେ ୧୦ ଲକ୍ଷ ଟଙ୍କା ରେ ନିର୍ମିତ ହୋଇଥିବା ନୂତନ ହାଟପିଣ୍ଡର ଶୁଭ ଉଦଘାଟନ, ନାଲମ ଗ୍ରାମ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ୩୮ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଗୃହର ଶିଳାନ୍ୟାସ, ପୋଇପାଳ ଖଜୁରିଆ ସାହି ଠାରେ ବିକଶିତ ଗ୍ରାମ ବିକଶିତ ଓଡ଼ିଶାରେ ୩ ଲକ୍ଷ ଟଙ୍କାର କଂକ୍ରିଟ ରାସ୍ତାର ଶୁଭ ଉଦଘାଟନ ହୋଇଯାଇଛି ।



ଉକ୍ତ ସମସ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ପ୍ରକଳ୍ପ ଗୁଡିକର ଭୂମିପୂଜନ ଓ ଉ"ାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଣିହାଁ ବ୍ଲକ ବିଡିଓ ତ୍ରିବିକ୍ରମ କୁମୂରା, ସହକାରୀ ଯନ୍ତ୍ରୀ, ଦଲକ୍ ଗ୍ରାମପଞ୍ଚାୟତର ସରପଞ୍ଚ ସଙ୍ଗୀତା ଡାକୁଆ, ତାଳପଦା ସରପଞ୍ଚ ରାଜେନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ପୁଷ୍ପଲତା ପ୍ରଧାନ, ରେଙ୍ଗାଲି ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ, ମଣ୍ଡଳ ଉପସଭାନେତ୍ରି ଅଞ୍ଜଳି ପ୍ରଧାନ ,ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ ,ପାଲଲହଡା ବିଧାନସଭା ସଂଯୋଜକ ପ୍ରହ୍ଲାଦ ସାମଲ , ବରିଷ୍ଠ ନେତା ଦିବାକର ପ୍ରଧାନ ,ଧ୍ରୁବ ଚରଣ ଧୀର ,ସୁମନ୍ତ ପ୍ରଧାନ , ଟିଂକନ ପ୍ରଧାନ ଓ କବିରାଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଆନନ୍ଦପୁରରେ ମୁଖ୍ୟମନ୍ତ୍ରୀଙ୍କୁ ଭାବ୍ୟ ସ୍ୱାଗତ

କେନ୍ଦୁଝର, (ଜିପ୍ର): ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ ଅବସରରେ ଆନନ୍ଦପୁର ଠାରେ ଏକ ବିବାହ ଭୋଜିରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଆନନ୍ଦପୁର ପୂର୍ବତନ ନଗରପାଳ ରାମଚନ୍ଦ୍ର ସାହୁଙ୍କ ଝିଅଙ୍କ ବିବାହ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତି ସାଧାରଣରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଆସି ଆନନ୍ଦପୁରର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ହିଏଚ ହାଇସ୍କୁଲ ଖେଳପଡିଆ ପରିସରରେ ପ୍ରସ୍ତୁତ ହୋଇଥିବା ହେଲିପ୍ୟାଡରେ ଅବତରଣ କରିବା ପରେ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ମୁଖ୍ୟମନ୍ତ୍ରୀ ସଡକ ମଧ ଦେଇ ସହର ଗାଡିରେ ମୁଖ୍ୟମନ୍ତ୍ରୀ ଆସି ବିଜୁଛକ ସ୍ଥିତ ପୌରକଲ୍ୟାଣମଣ୍ଡପ ପରିସରରେ ଆୟୋଜିତ ବିବାହ ଉତ୍ସବରେ ଯୋଗ ଦେଇଥିଲେ। ସେଠାରେ କିଛି ସମୟ ଅତିବାହିତ କରିବା ପରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଗସ୍ତରେ ଆସିଥିଲେ। ଏହି ଅବସରରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ବିଜେପି କୃଷକ ମୋର୍ଚ୍ଚା ରାଜ୍ୟସଭାପତି ମହେଶ୍ୱର ସାହୁ, ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ବିଧାୟକ ଫକୀର ନାୟକଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦଙ୍କ ସମେତ କର୍ମୀ ଉପସ୍ଥିତ ଥିଲେ। ଏକ



ସାମାଜିକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତି ସ୍ଥାନୀୟ ଅଞ୍ଚଳବାସୀଙ୍କୁ ବେଶ ଉତ୍ସାହିତ କରିଥିଲା।

# ଅର୍ଥାଭାବରୁ ସ୍କୁଲରେ ଜଳୁନି ମଧ୍ୟାହ୍ନଭୋଜନ ଚୁଲି : ୩ ଦିନ ଧରି ଉପାସରେ ଛାତ୍ରଛାତ୍ରୀ

ବାସୁଦେବପୁର,(ସବ୍ୟୁ): ଅର୍ଥ ଅଭାବରୁ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକର ନାରାୟଣ ଚନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ଶନିବାର ଠାରୁ ମଧ୍ୟାହ୍ନ ଭୋଜନ ବନ୍ଦ ହୋଇଯାଇଛି । ଫଳରେ ଉପାସରେ ବିଦ୍ୟାଳୟରୁ ଫେରୁଛନ୍ତି ଶହ ଶହ ଛାତ୍ରଛାତ୍ରୀ। କେହି କେହି ପେଟରେ ଭୋକମାରି ଉପାସରେ ଦିନ ବିତାଉଛନ୍ତି। ଭୋକରୁ ରକ୍ଷା ପାଇବାକୁ କିଏ ପଖାଳ ଆଣିଛ ତ ପୁଣି କେହି କେହି ରୁଟି ତରକାରୀ ଆଣି ମିଳିମିଶି ଖାଉଛନ୍ତି। କିଛି ଛାତ୍ର ଛାତ୍ରୀ ଭୋକ ପେଟରେ ଖେଳକୁଦରେ ମନୋ ନିବେଶ କରି ଗରିବୀ ମନରେ ଭୋକ ମାରୁଛନ୍ତି। ଜଗନ୍ନାଥପୁର ଗ୍ରାମର ନାରାୟଣ ଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ଯାଏ ୨୦୧ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଶିକ୍ଷା ବର୍ଷ ଆରମ୍ଭରୁ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ବଣ୍ଟନ ଦାୟିତ୍ୱ ଭଦ୍ରକର ଦାମୋଦର ଜୀଉ ସେବା ସଂସ୍ଥାକୁ ପ୍ରଦାନ କରାଯାଇଥିଲା। ଅଗଷ୍ଟ ମାସରେ ଖାଦ୍ୟରେ ପୋକ ପଡିଥିବାର ଅଭିଯୋଗ କରି ଗ୍ରାମବାସୀମାନେ ଚାରି ଦିନ ଧରି ଖାଦ୍ୟ ବନ୍ଦ କଲେ। ଅଭିଭାବକ କଥାକୁ ଗୁରୁତ୍ୱ ଦେଇ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ପରିଚାଳନା ଦାୟିତ୍ୱ ପ୍ରଦାନ କରାଗଲା। ସ୍କୁଲ ପରିଚାଳନା କମିଟି ଓ ପ୍ରଧାନ ଶିକ୍ଷକ ମିଳିତ ସହଯୋଗରେ ମଧ୍ୟାହ୍ନ ଭୋଜନ ବଣ୍ଟନ ଆରମ୍ଭ କଲେ। ରୋଷେଇ ବାବଦକୁ ମାସିକ ୪୫ରୁ ୫୦ହଜାର ଟଙ୍କା ଖର୍ଚ୍ଚ ହେଲା। ଦିନକୁ ଦିନ ପରିଚାଳନା କମିଟି ଓ ପ୍ରଧାନଶିକ୍ଷକଙ୍କର ଆର୍ଥିକ ବୋଝ ମୁଣ୍ଡ ବ୍ୟଥାର କାରଣ ହେଲା। ମାସେକୁ ତିନି ମାସ ଧରିଲା। ହେଲେ ଅର୍ଥ ଆସିଲା ନାହିଁ। ଶିକ୍ଷାଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ୍ୟ କେହି ଶୁଣିଲେନାହିଁ। ବିଦ୍ୟାଳୟର ବସ୍ତା ବସ୍ତା ମଧ୍ୟାହ୍ନ ଭୋଜନ ଚାଉଳ ଗଡୁଛି। ଦୋକାନରେ ବାକି ରହିଥିବାରୁ ଦୋକାନୀ ତେଲ ଲୁଣ ଓ ମସଲା ଦେବାକୁ ରୋକଠୋକ ଭାବେ ମନା କରି ଦେଇଛନ୍ତି ବୋଲି ପରିଚାଳନା କମିଟିର ସଭାପତି କହିଛନ୍ତି। ଆବଶ୍ୟକ ଅର୍ଥ ମଧ୍ୟାହ୍ନ ଭୋଜନ ଯୋଗାଇ ଦେବାରେ ବାଧକ ସାଜିଛି ପିଏମ ପୋଷଣ ମଧ୍ୟାହ୍ନ ଭୋଜନର ନୋଡାଲ ଅଫିସର। ଜିଲ୍ଲାପାଳ ଦୃଷ୍ଟି ନଦେଲେ ଆଗାମୀ ଦିନର ସ୍କୁଲରେ ତାଲା ପଡିବ ବୋଲି ଅଭିଭାବକ କହିଛନ୍ତି।

## ପ୍ରତିଶ୍ରୁତି ପରେ ବସ୍‌ରୋକ ନିଷ୍ପତ୍ତି ସ୍ଥଗିତ

ତିହିଡି,(ସବ୍ୟୁ):ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଚଳପ୍ରଚଳ କରୁଥିବା ଘରୋଇ ବସ ଗୁଡିକ ଯାତ୍ରୀଙ୍କ ଠାରୁ ଅଧିକ ଭଡା ଆଦାୟ କରିବା ସହିତ ବସରେ ରେଟ ଚାର୍ଟ ନ ଲଗାଇବା ପ୍ରତିବାଦରେ ତିହିଡି ଠାରେ ସୋମବାର ବସରୋକ କରିବାକୁ ସିପିଆଇ(ଏମ) ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା । ଏଥିନେଇ ପୂର୍ବରୁ ଜିଲ୍ଲାପାଳ ଓ ଏସପିଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ତେବେ ରବିବାର ସନ୍ଧ୍ୟାରେ ତିହିଡି ଥାନାଧିକାରୀ ସତ୍ୟବ୍ରତ ଗ୍ରାହାପାତ୍ରଙ୍କ ଉପସ୍ଥିତିରେ ଭଦ୍ରକ ବସ ଓନର୍ସ ଆସୋସିଏସନ ସଭାପତି ଶ୍ରୀନିବାସ ପତି, ଯୁଗ୍ମ ସମ୍ପାଦକ ନିଳିକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ହୋଇ ସିପିଆଇଏମ ନେତା ପ୍ରଫୁଲ୍ଲ ପାତ୍ରୀ, ବିଷ୍ଣୁ ଦାସ, ସତ୍ୟବ୍ରତ କୁଣ୍ଡ, ନିର୍ମଳ ବେହେରା ଓ ରାଜକିଶୋର ଜେନାଙ୍କ ପ୍ରମୁଖଙ୍କ ସହିତ ଆଲୋଚନା କରିଥିଲେ । ଯାତ୍ରୀଙ୍କ ଠାରୁ ଧାର୍ଯ୍ୟ ଭଡା ନିଆଯିବା ସହିତ ବସରେ ରେଟ ଚାର୍ଟ ଲଗାଯିବ ବୋଲି ଲିଖିତ ଭାବେ କର୍ମକର୍ତ୍ତା ପ୍ରତିଶ୍ରୁତି ଦେବା ପରେ ବସରୋକ ନିଷ୍ପତ୍ତି ସ୍ଥଗିତ ରହିଥିଲା।

## ଦୋକାନୀଙ୍କ ବାଇକ ଚୋରି

ଖଇରା,(ସବ୍ୟୁ):ବାଲେଶ୍ୱର ଜିଲ୍ଲା ଖଇରା ଥାନା ଗୋଳିଆ ପଞ୍ଚାୟତ ଅଧୀନ ପରିଡାଙ୍କ ଛକ ନିକଟରେ ଜଳଖିଆ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ଜୟଗୁରୁ ମିଷ୍ଟାନ ଭଣ୍ଡାରର ମାଲିକ ମଧୁସୂଦନ ଖଟୁଆଙ୍କର ଏକ ବାଇକ (ଓଡି୦୧ଏଏ୭୬୪୪) ଚୋରି ହୋଇ ଯାଇଥିବା ନେଇ ଶ୍ରୀ ଖଟୁଆ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଶ୍ରୀ ଖଟୁଆ ୨୩ ତାରିଖ ମଧ୍ୟାହ୍ନରେ ଦୋକାନ ବନ୍ଦକରି ଖାଇବାକୁ ବାହାରୁଥିବା ବେଳେ ଦୋକାନ ଆଗରେ ତାଙ୍କ ବାଇକଟି ନଥିବା ଦେଖିବାକୁ ପାଇଥିଲେ । ପରେ ଆଖପାଖ ସ୍ଥାନରେ ବହୁ ଖୋଜାଖୋଜି ପରେ ମଧ୍ୟ ବାଇକର କୌଣସି ସନ୍ଧାନ ନପାଇବା ପରେ ସୋମବାର ଦିନ ଖଇରା ଥାନାର ଦ୍ୱାରସ୍ଥ ହୋଇଥିଲେ ।

## ବିଶ୍ୱ କଲ୍ୟାଣ ସଂସ୍ଥାନର ବାର୍ଷିକ ଉତ୍ସବ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ଜିଲ୍ଲା କ୍ଷେତ୍ରପାଳ ଛକ ନିକଟସ୍ଥ କ୍ଷେତ୍ରପାଳ ଛକ ପରିସରରେ ବିଶ୍ୱ କଲ୍ୟାଣ ସଂସ୍ଥାନର ଷଷ୍ଠ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପରମେଶ୍ୱରଙ୍କ ମନ୍ତ୍ର ଧ୍ୱନି ଉଚ୍ଚାରଣ, ପୂଜାକାର୍ଯ୍ୟ ସହ ଗରୀବ ଅସହାୟ ବ୍ୟକ୍ତିଙ୍କ ମଧ୍ୟରେ ଦାନ କାର୍ଯ୍ୟ ସମ୍ପାଦନ ହୋଇଥିଲା। ଉକ୍ତ ଅବସରରେ ବିଶ୍ୱ କଲ୍ୟାଣ ସଂସ୍ଥାନର ପ୍ରତିଷ୍ଠାତା ଡଂ ଜଗଦୀଶ ମିଶ୍ରଙ୍କ ପିତା ଡା. ଅଜୟ କୁମାର ମିଶ୍ରଙ୍କ ୭୭ତମ ଜନ୍ମ ଦିବସ ପାଳିତ ହୋଇଥିଲା। ଅଧ୍ୟାପକ ଡ଼ଃ ପ୍ରଦୀପ୍ତ ମିଶ୍ର, ଅଧ୍ୟାପକ ସଦାନନ୍ଦ ଦାକ୍ଷିତ, ବରିଷ୍ଠ ସାମ୍ବାଦିକ ବିପ୍ଳବ ମହାନ୍ତି, ବରିଷ୍ଠ ଆଇନଜୀବୀ ଅରବିନ୍ଦ ବାରିକ ଏବଂ ଶିକ୍ଷୟିତ୍ରୀ ଅଞ୍ଜଳି ବୋଷ, ସମାଜସେବୀ ସତ୍ୟେନ୍ଦ୍ର ଦାସ, ଅମିତା କର ପ୍ରମୁଖ ଉପସ୍ଥିତ ରହି ବିଶ୍ୱ ଶାନ୍ତିରେ ପରିବାର ଖୁସି ରହିଲେ ବିଶ୍ୱ ଖୁସି ହେବ ବୋଲି ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜରେ ଆରାଧାନାରେ ଥିବା ପ୍ରତିଭାଧାରୀ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରତିଷ୍ଠାତା ଡଂ ଜଗଦୀଶ ମିଶ୍ର କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିବା ବେଳେ ସମାଜସେବୀ ଜ୍ୟୋତିର୍ମୟୀ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲାର ସାମ୍ବାଦିକ, ସମାଜସେବୀ, ବୁଦ୍ଧିଜୀବୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଈଶ୍ୱରପୁର ଗ୍ରାମରେ ଜବର ଦଖଲ ଉଚ୍ଛେଦ

ସୋର,(ସବ୍ୟୁ): ସୋର ପୌର ପାଳିକା ଅନ୍ତର୍ଗତ ଈଶ୍ୱରପୁର ଗ୍ରାମରେ ଜବର ଦଖଲ ଉଚ୍ଛେଦ କଲେ ସୋର ତହସିଲଦାର। ସୂଚନା ଅନୁସାରେ ଥାନା ଛକ ନିକଟରୁ ମାଟିଆପଲ୍ଲା ଛକ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଛି। ଏହି ସମ୍ପ୍ରସାରଣ କାର୍ଯ୍ୟରେ ଜବର ଦଖଲ ବାଧକ ସାଜିଥିବା ବେଳେ ଏହାକୁ ଉଚ୍ଛେଦ କରିବା ପାଇଁ ସୁକାନ୍ତ ବାରିକ ନାମକ ବ୍ୟକ୍ତି ଉଚ୍ଚ ନ୍ୟାୟାଳୟରେ ଆଶ୍ରୟ ନେଇଥିଲେ। ଫଳରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ତହସିଲ ପକ୍ଷରୁ ଉକ୍ତ ଗ୍ରାମ ରାସ୍ତା କଡରେ ଘର କରି ରହୁଥିବା ଚାରି ଜଣଙ୍କ ପରିବାରକୁ ଉଚ୍ଛେଦ କରିବା ପାଇଁ ନୋଟିସ ଜାରି କରାଯାଇଥିଲା।ତେବେ ସୋମବାର ମଧ୍ୟାହ୍ନରେ ସୋର ତହସିଲଦାର ଦୈତାରୀ ମଲ୍ଲିକ, ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂ, ସୋର ପୁଲିସ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ସରକାରୀ ଜାଗାରେ ଗଢି ଉଠିଥିବା ଘରକୁ ଉଚ୍ଛେଦ କରିଥିଲେ।ଏହି ଉଚ୍ଛେଦ କାର୍ଯ୍ୟ ମଧ୍ୟାହ୍ନରେ ଆରମ୍ଭ ହୋଇ ଅପରାହ୍ନରେ ଶେଷ ହୋଇଥିଲା।

## ବରିଷ୍ଠ ନାଗରିକ ସଂଘର ବୈଠକ

ଠାକୁରମୁଣ୍ଡା ,(ସବ୍ୟୁ): ଠାକୁରମୁଣ୍ଡା ବଜାର ସ୍ଥିତ ପ୍ରମିଳା ହୋଟେଲ ସଭାଗୃହରେ ଶନିବାର ପୂର୍ବାହ୍ନ ୧୧ଟାରେ ସମୟରେ ଠାକୁରମୁଣ୍ଡା ବରିଷ୍ଠ ନାଗରିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଠାକୁରମୁଣ୍ଡା ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଗିରୀଶ ଚନ୍ଦ୍ର ମହାନ୍ତ ସଭାପତିତ୍ୱ କରିଥିଲେ।ମୁଖ୍ୟ ଅତିଥିଭାବେ କରଞ୍ଜିଆ ବରିଷ୍ଠ ନାଗରିକ ସମ୍ପାଦକ ଶ୍ରୀ ସର୍ବେଶର ମିଶ୍ର, ମୁଖ୍ୟବକ୍ତା ଭାବେ କରଞ୍ଜିଆ ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ ତଥା ମୟୂରଭଞ୍ଜ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ଉପସଭାପତି ଅଭିମନ୍ୟୁ ତ୍ରିପାଠୀ, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପଦ୍ମଲୋଚନ ନନ୍ଦ ଏବଂ ରାଜ୍ୟ ଜଙ୍ଗଲ ସଚିବାଳୟର ଅବସରପ୍ରାପ୍ତ କର୍ମଚାରୀ କେଶିରାମ ହୋ ଯୋଗ ଦେଇଥିଲେ । ବୈଠକରେ ପାଞ୍ଚପିଢ ସମ୍ପାଦକ ଶ୍ରୀ ସର୍ବେଶର ମିଶ୍ର ତାଙ୍କ ଅଭିଭାଷଣ ମାଧ୍ୟମରେ ଜିଲ୍ଲାର ିକାଶ ଘୋଷଣା ବାବଦରେ ଗୃହରେ ଆଲୋଚନା କରି ମୟୂରଭଞ୍ଜ ଜିଲ୍ଲାର ଅବହେଳିତ ବ୍ଲକ ଠାକୁରମୁଣ୍ଡା ଓ କରଞ୍ଜିଆରେ ମଧ ବିକାଶମୂଳକ କାର୍ଯ୍ୟର ଆବଶ୍ୟକତା ଦୃଷ୍ଟିରୁ ଏ ଅଞ୍ଚଳରେ ମଧ କେନ୍ଦ୍ର ଓ ରାଜ୍ୟ ସ୍ତରୀୟ ଖୋଲାଯାଇ ପାରନ୍ତା ବୋଲି କହିଥିଲେ। ଏଥିସହିତ ଠାକୁରମୁଣ୍ଡା ବରିଷ୍ଠ ନାଗରିକ ସଂଘର ଆଗାମୀ ଦିନରେ କାର୍ଯ୍ୟ ପରିଚାଳନା କରିବାକୁ ଏକ ନୂତନ ସଂଶୋଧିତ କମିଟି ଗଠନ କରିଥିଲେ। ଏଥିରେ ଉପଦେଷ୍ଟା ନନ୍ଦକିଶୋର ବାରିକ ଓ ଗିରୀଶ ଚନ୍ଦ୍ର ମହାନ୍ତ,ସଭାପତି ପଦ୍ମଲୋଚନ ନନ୍ଦ, ସମ୍ପାଦକ ପଦ୍ମଲୋଚନ ପତି , ଉପ ସଭାପତି ସୁରେନ୍ଦ୍ର ମହାନ୍ତ ଓ ମକରଧ୍ୱଜ ାରିକ, ସଂଗଠନ ସମ୍ପାଦକ ଭୋଳେଶ୍ୱର ସେଠୀ ଓ ନଳରାଜ ସେଠୀ ସହ ସମ୍ପାଦକ ପ୍ରମୋଦ ବାରିକ ଏଂ କୋଷାଧକ୍ଷ ଅଭିରାମ ଗିରି, ସଂଯୋଜକ ଚକ୍ରଧର ଗିରି, ଦୂର୍ଯ୍ୟୋଧନ ନାଏକ,ଦ୍ଧିରାମ ସୟ ପର୍ଯ୍ୟବେକ୍ଷକ ଭାବରେ ଯଦୁମଣି ତ୍ରିପାଠୀ, ରାଜେନ୍ଦ୍ର ପଣ୍ଡା ଓ ପ୍ରଶାନ୍ତ କୁମାର କର ସର୍ବସମ୍ମତି କ୍ରମେ ମନୋନୀତ କରାଗଲା। ଆଗାମୀ ଡିସେମ୍ବର ୧୪ତାରିଖରେ ହେବାକୁ ଥିବା ଜିଲ୍ଲା ସମ୍ମିଳନୀରେ ସମସ୍ତେ ଯୋଗ ଦେବାକୁ ନିଷ୍ପତ୍ତି ନିଆଗଲା। ଏ ସଭାରେ ପ୍ରାୟତଃ ୪୦ ଜଣ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ ଶେଷରେ ନୂତନ କାର୍ଯ୍ୟକାରୀ କମିଟିର ସଦସ୍ୟ ମାନଙ୍କୁ ସମସ୍ତେ ସ୍ୱାଗତ କରିଥିଲେ ଏବଂ ମକରଧ୍ୱଜ ବାରକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅବକାରୀ ଚଢ଼ାଉ : ୪ ଗିରଫ

ସୋର,(ସବ୍ୟୁ):ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀମଦ ଜବତ କରିଥିବା ବେଳେ ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକଙ୍କ ନେତୃତ୍ୱରେ ଏକ ଟିମ ମାଟିଆପଲ୍ଲା ଛକରେ ଚଢ଼ାଉ କରି ଗୁରୁବାରୀ ସିଂ ନିକଟରୁ ୫୫ ଲିଟର, ବିମଳା ନାୟକ ନିକଟରୁ ୫୦ ଲିଟର ଦେଶୀମଦ, ଚିତ୍ତଳ ଗ୍ରାମର ସ୍ମୃତିଶିଖା ମହାରଣା ନିକଟରୁ ୩୫ ଲିଟର ଦେଶୀମଦ ଏବଂ ଜୟନ୍ତୀ ବିଶ୍ୱାଳ ନିକଟରୁ ୨୦ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ସନ୍ଧ୍ୟାରେ ସୋର ମେଡ଼ିକାଲରେ ସମସ୍ତଙ୍କର ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ବସନ୍ତ ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ ଏବଂ ମିନତୀ ପରିଡା ପ୍ରମୁଖ ସାମିଲ ହୋଇଥିଲେ।

## ନାବାଳକର ଆତ୍ମହତ୍ୟା

ଦୋବଲ,(ସବ୍ୟୁ): ଧାମନଗର ଥାନା ଅନ୍ତର୍ଗତ ଦେହୁଡି ଆନନ୍ଦପୁର ପଞ୍ଚାୟତ ଚମ୍ପାବାଗ ଗ୍ରାମର ମନୋଜ ପଲେଇଙ୍କ ପୁଅ ବାପୁନ ପଲେଇ (୧୦)ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ବାପୁନର ବାପା ଡ୍ରାଇଭାର ଓ ମା ଅଙ୍ଗନୱାଡ଼ି କର୍ମୀ ନିଜ କର୍ମ କ୍ଷେତ୍ରକୁ ଯାଇଥିଲେ ।ଘରେ କେହି ନଥିବା ବେଳେ ଘରେ ଏକାକି ଥିବା ବାପୁନ ମୋବାଇଲରେ ଗେମ ଖେଳୁଥିଲା । ଏକାକୀ ଥିବା ବାପୁନ ଏହି ଗେମ ଖେଳୁଥିଲେ ପରେ ଏଥିରେ ପ୍ରେରିତ ହୋଇ ବେକରେ ରଶି ଲାଗଇ ଝୁଲିପଡ଼ିଥିବା ଅନୁମାନ କରାଯାଇଛି। କିଛି ସମୟ ପରେ ସ୍ଥାନୀୟ ଲୋକେ ଦେଖି ପରିବାରକୁ ଖବର ଦେଇଥିଲେ। ପରିବାର ଓ ଗ୍ରାମବାସୀ ମାନେ ଉଦ୍ଧାର କରି ସ୍ଥାନୀୟ ଯାଜପୁର ମୂଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବେକରେ ଗାମୁଛା ଲଗାଇ ଯୁବକଙ୍କ ଆତ୍ମହତ୍ୟା

ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଟିକାୟତପୁର ଗ୍ରାମରେ ଜଣେ ନାବାଳକ ଜଣକ ଆତ୍ମହତ୍ୟା କରିଥିବା ଘଟଣା ସାରା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ମୃତକ ଜଣକ ହେଉଛି ଅବିନାଶ ସିଂ (୧୬) ।ଦାନ୍ତିଆମୁହାଁ ଗ୍ରାମର ଅବିନାଶ ସିଂଙ୍କ ବାପା ପୂର୍ବରୁ ମୃତ୍ୟୁବରଣ କରିଥିବାରୁ ସେ ବୈଶିଙ୍ଗା ଥାନା ଅଧୀନ ଟିକାୟତପୁରସ୍ଥିତ ଝିଲ୍ଲୀବଣି ଗ୍ରାମରେ ଥିବା ନିଜର ଅଜା ଘରେ ସାନ ବେଳରୁ ରହିଆସୁଥିଲା ସୋମବାର ଦିନ ବେଳା ଧାନ ବିଡା ବହିବା ପାଇଁ ଯାଇ ସନ୍ଧ୍ୟାରେ ଘରକୁ ଫେରି ସମସ୍ତଙ୍କ ସହ ମିଶି ଖାଦ୍ୟ ଖାଇ ଶୋଇଥିଲା । ସକାଳ ହେବା ପରେ ଅଜା ଗୁରୁହା ସିଂ ଘରୁ ବାହାରି ଦେଖିବା ବେଳକୁ ଅବିନାଶ ଘର ବାହାରେ ଥିବା ବରକୋଳି ଗଛରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବାର ଦେଖିବାକୁ ପାଇଥିଲା । ଖବର ପାଇ ବୈଶିଙ୍ଗା ପୋଲିସ ୬୦/୨୫ ର ଏକ ମାମଲା ରୁଜୁ କରିବା ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା ।

## ଶୀତ ରାତିରେ ବଢ଼ି ଚାଲିଛି ଚୋରି

ଠାକୁରମୁଣ୍ଡା ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକରେ ଦିନକୁ ଦିନ ଚୋରି ବୃଦ୍ଧି ପାଉଛି। ପୋଲିସକୁ ଚକମା ଦେଇ ଚୋରମାନେ ନିର୍ଭୟରେ ଚୋରି କରୁଥିବା ବେଳେ ଅନ୍ଧାରର ସୁଯୋଗ ନେଇ ଖସି ପଳାଉଥିବା କୁହାଯାଉଛି । ୫୩ ନମ୍ବର ରାଜ୍ୟ ରାଜପଥର ଯୋଡାମ୍ବ ଘାଟି ବାଙ୍କ ନିକଟରେ ଥିବା ସୁରକ୍ଷା ବାଡ଼କୁ ଚୋରମାନେ ରାତିରେ ଚୋରି କରିଥିବା ବେଳେ ସୁରାକ ପାଇନି ପୋଲିସ। ପୂର୍ବରୁ ନଭେମ୍ବର ୬ ଓ ୯ ତାରିଖରେ ୪ ଟି ଜାଗାରେ ଚୋରି ହୋଇଥିବା ବେଳେ ପୋଲିସକୁ ଏଯାବତ ସଫଳତା ମିଳିନି ଝକାଡିଆ ଗୋଦାମ ଯେତେ ବଢୁଛି ଚୋରି ଅଧିକ ହେଉଥିବା ଲୋକମାନେ ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବାକୁ ସର୍ବସାଧାରଣ ରେ ଦାବି ଜଣାଇଛନ୍ତି।

## ମଦ୍ୟପ ସ୍ୱାମୀର ମୃତ୍ୟୁ : ସ୍ତ୍ରୀ ଅଟକ

ସୋର, (ସବ୍ୟୁ): ବାଲେଶ୍ୱର ଜିଲ୍ଲା -ସୋର ବ୍ଲକ ମଧୁସୂଦନପୁର ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ଗ୍ରାମର ଜଣେ ମଦ୍ୟପ ସ୍ୱାମୀର ମାଡ଼ରୁ ବର୍ତ୍ତିବା ପାଇଁ ସ୍ତ୍ରୀର ପ୍ରତି ଆକ୍ରମଣରେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। କୃଷ୍ଣଚନ୍ଦ୍ରପୁର ଗ୍ରାମର ରଷି ଦାସ (୪୬) ଅଧିକାଂଶ ସମୟରେ ମଦପାନ କରି ତାଙ୍କ ସ୍ତ୍ରୀ ଉର୍ମିଳାଙ୍କୁ ମାଡ଼ ମାରନ୍ତି। ଏ ବାବଦରେ ଉର୍ମିଳାଙ୍କ ଅଭିଯୋଗ ମୂଳେ ଗ୍ରାମବାସୀମାନେ ଅନେକ ଥର ତାଙ୍କୁ ବୁଝାସୁଝା କରିବା ସହିତ ପଞ୍ଚାୟତରେ ଉଭୟଙ୍କର ମୀମାଂସା କରାଯାଇଥିଲା। କିନ୍ତୁ ସୋମବାର ରାତିରେ ରଷି ମଦପିଇ ଘରେ ପହଞ୍ଚି ଉର୍ମିଳାଙ୍କୁ ନିସ୍ଥୁ ମାଡ଼ ମାରିବା ସହିତ ଆକ୍ରମଣ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଉର୍ମିଳା ପ୍ରତିଆକ୍ରମଣ କରି କୌଣସି ଏକ ଅସ୍ତ୍ରରେ ତାଙ୍କ ମୁଣ୍ଡରେ ପିଟିଦେଇଥିଲେ। ଫଳରେ ଘଟଣାସ୍ଥଳରେ ରଷିର ମୃତ୍ୟୁ ହୋଇଯାଇଥିଲା। ମଙ୍ଗଳବାର ସକାଳେ ପରିବାର ଲୋକେ ଏବଂ ଗ୍ରାମବାସୀମାନେ ତାଙ୍କ ଶବକୁ ସତ୍କାର କରିବା ପାଇଁ ଯୋଜନା କରୁଥିବା ବେଳେ ଖବର ପାଇ ସୋର ପୁଲିସ ସାଇଣ୍ଟିଫିକ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ରଷିର ଶବକୁ ବ୍ୟବଚ୍ଛେଦ ପାଇଁ ସୋର ମେଡିକାଲକୁ ଆଣିଥିଲେ। ଅପରାହ୍ନରେ ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ସ୍ତ୍ରୀ ଉର୍ମିଳାକୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ମା' କରିଥିଲା ଋଣ : ଗାଁ ଦାଣ୍ଡରେ ଯୁବତୀଙ୍କୁ ଆକ୍ରମଣ

ଆଗରପଡ଼ା,(ସବ୍ୟୁ):ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଗଣିଜାଙ୍ଗ ପଂଚାୟତ ଅରଞ୍ଜି ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମ ମହିଳା ଗ୍ରୁପରୁ ମା'ଋଣ ଆଣିଥିଲେ। ମା'ର ମୃତ୍ୟୁ ପରେ ଝିଅ ଋଣ କିସ୍ତି ପରିଶୋଧ କରୁଥିଲେ। ତେବେ ମା'ର ମୃତ୍ୟୁ ପ୍ରମାଣ ପତ୍ର ପାଇବା ପରେ ଇନସ୍ୟୁରାନ୍ସ ପାଇବା ପାଇଁ ଆବେଦନ କରିଥିଲେ। ତେବେ ଗ୍ରୁପ ବକେୟା କିସ୍ତି ନଦେବାରୁ ମୃତକଙ୍କ ଝିଅକୁ ଗାଁ ଦାଣ୍ଡରେ ଗ୍ରୁପର ସଦସ୍ୟାମାନେ ମାଡ ମାରିଥିଲେ ବୋଲି ଅଭିଯୋଗ ହୋଇଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗଣିଜାଙ୍ଗ ପଞ୍ଚାୟତ ଅରଞ୍ଜି ଗାଁର ମୋନାଲିସା ମହାପାତ୍ର ଏପରି ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଅନୁଯାୟୀ,ସେହି ଗାଁର ମନୋରମା ମହାପାତ୍ର ଗାଁର ଏକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଥିବାରୁ ୭୦ହଜାର ଟଙ୍କା ଋଣ ଆଣିଥିଲେ। କିନ୍ତୁ ପକ୍ଷାଘାତରେ ଜୁଲାଇ ମାସରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପର ଠାରୁ କିସ୍ତି ବାବଦକୁ ତାଙ୍କ ଝିଅ ମାସକୁ ୨୮୩୦ଟଙ୍କା ଗ୍ରୁପକୁ ଦେଉଥିଲେ। କିନ୍ତୁ ନିୟମ ଅନୁଯାୟୀ ସଦସ୍ୟଙ୍କ ମୃତ୍ୟୁ ପରେ ଇନସ୍ୟୁରାନ୍ସ ଥିଲେ ଆଉ କିସ୍ତି ଜମା କରିବା କଥା ନୁହେଁ । କିନ୍ତୁ ଝିଅ ମା'ଙ୍କ ମୃତ୍ୟୁ ପ୍ରମାଣପତ୍ର ଗ୍ରୁପ ଲୋନ ଦେଇଥିବା ସଂସ୍ଥାରେ ଜମା କରିବା ପରେ ମଧ ଗ୍ରୁପର ସଦସ୍ୟମାନେ ବାରମ୍ବାର କିସ୍ତି ମାଗିଥିଲେ। ଝିଅ ମନା କରିବା ଯୋଗୁଁ ଘର ସମ୍ମୁଖରେ ଗ୍ରୁପ ସଦସ୍ୟ ଓ ସେମାନଙ୍କ ପରିବାର ଲୋକେ ମୋନାଲିସାଙ୍କୁ ନିସ୍ଥୁକ ମାଡ ମାରିଥିବା ଅଭିଯୋଗ ହୋଇଛି। ତେବେ ମୋନାଲିସା ଗୁରୁତର ଅବସ୍ଥାରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ଅପରପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ବାଲେଶ୍ୱର ଲୋକ ମହୋତ୍ସବ ସପ୍ତମ ସନ୍ଧ୍ୟା



ବାଲେଶ୍ୱର,(ସବ୍ୟୁ): ଆଇଟିଆଇ ପଡ଼ିଆରେ ଆୟୋଜିତ ବାଲେଶ୍ୱର ଲୋକ ମହୋତ୍ସବ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ କମିଟିର ସଭାପତି ଅସିତ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସପ୍ତମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଶାସକ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଉପସ୍ଥିତ ରହି ଯୁବପିଢ଼ିଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ସୋର ବିଧାୟକ ମାଧବ ଧଡା, ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ଓଡିଶା ଅଲିମ୍ପିକ ଆସୋସେସନ ସଭାପତି ସମୀର ମହାନ୍ତି, ଜେନେରାଲ ମ୍ୟାନେଜେର ଶରତ ଚନ୍ଦ୍ର ମହାଳିକ ଉପସ୍ଥିତ ରହି ମହୋତ୍ସବ ଦ୍ୱାରା ବିକାଶ ସମ୍ଭବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚରେ ଉପଦେଷ୍ଟା ବିପ୍ଳବ ମହାନ୍ତି,ସାଧାରଣ ସମ୍ପାଦକ ସଞ୍ଜୟ ସାମନ୍ତ,ସହ ସମ୍ପାଦକ ରାଜେନ୍ଦ୍ର ପଟ୍ଟନାୟକ,ଆଶିଷ ସାହୁ କାର୍ଯ୍ୟକାରୀ ସଦସ୍ୟ ମାନେ ଥିଲେ। ସଂପାଦକ ରାଜେଶ ମହାକୁଡ଼ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ, ଉପସଭାପତି ବିକାଶ ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ସପ୍ତମ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଏସ୍ ଜିତୁ ସଙ୍ଗୀତ ପରିବେଷଣ କରିଥିବାବେଳେ ଦର୍ଶକ ଏହାକୁ ବେଶ୍ ଉପଭୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଡାକ ଟିକେଟ ପ୍ରଦର୍ଶନୀର ପ୍ରତୀକ ଚିହ୍ନ , ନିୟମାବଳୀ ପୁସ୍ତକ ଉନ୍ମୋଚନ



କେନ୍ଦୁଝର, (ସବ୍ୟୁ), ଭାରତୀୟ ଡାକ ବିଭାଗ କେନ୍ଦୁଝର ଡାକ ମଣ୍ଡଳ ପକ୍ଷରୁ ଆସନ୍ତା ଜାନୁଆରୀ ୯ ଓ ୧୦, ୨୦୨୬ ତାରିଖରେ କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ପଞ୍ଚମ ଜିଲ୍ଲା ସ୍ତରୀୟ ଡାକ ଟିକଟ ପ୍ରଦର୍ଶନୀ ଆୟୋଜିତ ହେବ। ଏହି ପ୍ରଦର୍ଶନୀର ନାମ, ପ୍ରତୀକ ଚିହ୍ନ ଓ ବିବରଣୀ ପୁସ୍ତିକା ମଙ୍ଗଳବାର ଦିନ ଉନ୍ମୋଚନ କରାଯାଇଛି।ପ୍ରଦର୍ଶନୀର ନାମ କେନ୍ଦୁଝର ପେକ୍ସ ରଖାଯାଇଛି ବୋଲି ମଙ୍ଗଳବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। କେନ୍ଦୁଝରଗଡ଼ ମୁଖ୍ୟ ଡାକଘର ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦୁଝର ଡାକମଣ୍ଡଳ ଅଧିକ୍ଷକ ଭଗବାନ ନାୟକଙ୍କ ଆହ୍ୱାନରେ କେନ୍ଦୁଝର ଫିଲାଟେଲି ଆସୋସିଏସନ ସମ୍ପାଦକ ଡା. ଚନ୍ଦ୍ରଶେଖର ବସାକ, କୋଷାଧକ୍ଷ ଦେବାଶିଷ ପଟି, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ କେନ୍ଦୁଝରଗଡ଼ ଶାଖାର ବରିଷ୍ଠ ପ୍ରବନ୍ଧକ ଦିପୁନୁ କୁମାର ସାହୁ, କେନ୍ଦୁଝରଗଡ଼ ମୁଖ୍ୟ ଡାକଘର ପୋଷ୍ଟମାଷ୍ଟର ଆଶିକ ମିର୍ଧା ଆଦି ପ୍ରମୁଖ ବ୍ୟକ୍ତିବର୍ଗ ଯୋଗଦେଇ ଡାକ ପ୍ରଦର୍ଶନୀର ପ୍ରତୀକ ଚିହ୍ନ ଏବଂ ବିବରଣୀ ପୁସ୍ତିକାର ଉନ୍ମୋଚନ କରିଥିଲେ।ଏହି ଅବସରରେ ପ୍ରମୁଖ ଫିଲାଟେଲିଷ୍ଟ ଅଜିତ କୁମାର ରାଉତ, ଡାକ ନିରୀକ୍ଷକ ପିତାବାସ ଖମାରି, ପିତାମ୍ବର ଦଣ୍ଡସେନା, ସନ୍ତୁ ଦତ୍ତ ଏବଂ ରବିକ ମିତ୍ରା ଆଦି ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ପାର୍ଶ୍ୱକୁ ଓଲଟିଲା ଆଳୁବୋଝେଇ ଟ୍ରକ

ବେତନଟୀ, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ୧୮ନଂ ଜାତୀୟରାଜପଥ ବେତନଟୀ ଉପକଣ୍ଠ ପୁରୁଣାପାଣି ଠାରେ ରାସ୍ତାରେ ଛିଡା ହୋଇଥିବା କେମିକାଲ ବୋଝେଇ ଟ୍ରକକୁ ପଛପଟୁ ଦ୍ରୁତଗତିରେ ଆସୁଥିବା ଏକ ଆଳୁବୋଝେଇ ଟ୍ରକ ଧକ୍କା ଦେବାରୁ କେମିକାଲ ବୋଝେଇ ଟ୍ରକ ରାସ୍ତା ତଳକୁ ଖସି ଓଲଟି ପଡ଼ିଥିବା ବେଳେ ଆଳୁବୋଝେଇ ଟ୍ରକ ମଧ ଚୁରମାର ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନ ୯ଟାରେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କଲା ବେତନଟୀ ପୁଲିସ । ସୂଚନା ମୁତାବକ ମହାରାଷ୍ଟ୍ର ନନ୍ଦଗାଓଁ ଅଞ୍ଚଳର ସାଜିଦ ଶେଖ ନାମକ ଟ୍ରକଚାଳକ ଏମଏଚ -୧୮ବିଜି - ୮୦୭୪ ନମ୍ବର ବିଶିଷ୍ଟ ଟ୍ରକଯୋଗେ ଝାଡ଼ଖଣ୍ଡର ମୁରୀ ଇଲାକାରୁ କେମିକାଲ ବୋଝେଇକରି ଗୁଜୁରାଟ ଯାଉଥିବା ବେଳେ କୌଣସି କାରଣରୁ ପୁରୁଣାପାଣି ଠାରେ ୧୮ନଂ ଜାତୀୟରାଜପଥ ପାର୍ଶରେ ଟ୍ରକ ଅଟକାଇ ଥିଲେ । ସେହି ସମୟରେ ବାଲେଶ୍ୱର ଜିଲ୍ଲା ସୋର ଉପକଣ୍ଠ ଛତ୍ରପୁର ଅଡଙ୍ଗବଜାର ଅଞ୍ଚଳର ସାରାଜୁଦ୍ଦିନ ଖାନଙ୍କ ପୁଅ ଅବଦୁଲ ସାକୁର ଖାନଙ୍କ ଓଡି -୩୪ଏମ - ୭୨୧୭ ନମ୍ବର ବିଶିଷ୍ଟ ଟ୍ରକରେ ଆଳୁ ବୋଝେଇ କରି ଭଦ୍ରକ ଅଞ୍ଚଳର ଶେଖ ମୁରସିଦ ନାମକ ଚାଳକ ପଶ୍ଚିମବଙ୍ଗରୁ ସୋର ଅଭିମୁଖେ ଆସୁଥିବା ସମୟରେ କେମିକାଲ ବୋଝେଇ ଟ୍ରକ ପଛରେ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଶକ୍ତିଶାଳୀ ଥିଲା ଯେ ଆଳୁ ବୋଝେଇ ଟ୍ରକର ସମ୍ମୁଖଭାଗ ଭାଙ୍ଗି ଚୁରମାର ହୋଇଯାଇଥିବା ବେଳେ କେମିକାଲ ବୋଝେଇ ଟ୍ରକ ରାସ୍ତା ତଳକୁ ଖସିପଡି ଓଲଟି ପଡ଼ିଥିଲା । ଦୁର୍ଘଟଣାରେ ଆହତ ଚାଳକ ଏବଂ ଖଲାସୀଙ୍କୁ ଉଦ୍ଧାରକରି ସ୍ଥାନୀୟଲୋକେ ବେତନଟୀ ଡାକ୍ତରଖାନା ନେଇଥିବା ବେଳେ ଖବରପାଇ ବେତନଟୀ ପୁଲିସ ଏବଂ ଜାତୀୟ ରାଜପଥ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛନ୍ତି ।

# ଜିଲ୍ଲାସ୍ତରୀୟ ଛାତ୍ର ମହୋତ୍ସବ ସରଗି ଫୁଲ

ନୀଳଗିରି,(ସବ୍ୟୁ):ଶିଶୁମାନଙ୍କ ଶୈଶବର ସୃଜନଶୀଳତା ଓ ପ୍ରତିଭାର ସୁଷମ ବିକାଶ ପାଇଁ ନୀଳଗିରି ବ୍ଲକର ବଣଭୂଇଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଛାତ୍ର ମହୋତ୍ସବ ସରଗି ଫୁଲ ଉତ୍ସବ ୨୦୨୫ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ପଛୁଆ ବର୍ଗ ଓ ସଂଖ୍ୟା ଲଘୁ କଲ୍ୟାଣ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ନୀଳଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କିଶୋର ପରିଡା ଏହାକୁ ଉଦ୍ଘାଟନ କରିଥିଲେ। ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ପ୍ରତିଯୋଗୀଙ୍କ ନାମ ପଞ୍ଜିକରଣ କରି ଚିତ୍ରାଙ୍କନ, ବକ୍ତୃତା, ନୃତ୍ୟ ଓ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ନୀଳଗିରି ଉପ ଜିଲ୍ଲାପାଳ ଡଃ. ମଧୁସ୍ମିତା ସାମନ୍ତ ରାଏ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଜିଲ୍ଲା ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ ଓ ସମ୍ମାନୀତ ଅତିଥି ଭାବେ ନୀଳଗିରି ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥୀ, ବାଲେଶ୍ୱର ଜିଲ୍ଲା ଶିକ୍ଷକ ସଂଘର ସଭାପତି ବିଶ୍ୱମ୍ବର ଲହାର, କୁଞ୍ଜଲତା ସାହୁ, ଗିତାଶ୍ରୀ ପଢ଼ିହାରୀ, ମହିମା ଜେନା, ସୌଦାମିନି ଦାସ, ବ୍ରଜୁ ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ବଣଭୂଇଁ ଏସ୍.ଏସ.ଡ଼ି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ପରିଡା ଶେଷରେ ବିଭୂତି ପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଉପ-ଜିଲ୍ଲାପାଳ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ପରିଶେଷରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ଗୀତର କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ମନଛୁଆଁ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷକ ସଂଘ ସମେତ ସମସ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

# ସଂସଦୀୟ କ୍ଷେତ୍ର ସାଂସଦ ଖେଳ ମହୋତ୍ସବ

ଭଦ୍ରକ,(ସବ୍ୟୁ): ଭଦ୍ରକ ସଂସଦୀୟ କ୍ଷେତ୍ର ସାଂସଦ ଖେଳ ମହୋତ୍ସବ ଭଦ୍ରକର ଏକ ଶିକ୍ଷାନୁଷ୍ଠାନ ଏସବିଡି ଇନଟରନେସନାଲ ଖେଳ ପଡିଆ ଠାରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି, ଯୁବ ସେବା ଓ କ୍ରୀଡା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସିତାଂଶୁ ଶେଖର ମହାପାତ୍ର,ଜିଲ୍ଲାପାଳ ଦିଲିପ୍ ରାଉତରାଏ,ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡା ପ୍ରମୁଖ ଯୋଗଦେଇ ଭଦ୍ରକ ଜିଲ୍ଲାର ୭ଟି ବ୍ଲକ ଏବଂ ସଂସଦୀୟ କ୍ଷେତ୍ର ବାଲେଶ୍ୱର ଜିଲ୍ଲାର ସୋର ଏବଂ ସିମୁଳିଆରୁ ଆସିଥିବା ମୋଟ ୯ଶହ ଛାତ୍ର ଛାତ୍ରୀ କ୍ରୀଡାବିତମାନଙ୍କୁ ସଂସଦୀୟ ଖେଳ ମୋହତ୍ସବରେ ଶୁଭେଚ୍ଛା ଜଣାଇଥିଲେ । ଏହି ସାଂସଦ ଖେଳ ମହୋତ୍ସବରେ ସମସ୍ତେ ଶପଥ ପାଠ କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା। ଏହାପରେ ପ୍ରତିଯୋଗୀମାନେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କ୍ରିଡ଼ା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ।

# ଟାଟା ଷ୍ଟିଲ ଖଣ୍ଡବନ୍ଧ ଖଣିରେ ନୂତନ ଶ୍ରମ କୋଡ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର ,(ଜିପ୍ର) : ଟାଟା ଷ୍ଟିଲର ଖଣ୍ଡବନ୍ଧ ଲୌହ ଓ ମାଙ୍ଗାନିଜ ଖଣିରେ ୪୩ତମ ବାର୍ଷିକ ଖଣି ସୁରକ୍ଷା ପକ୍ଷ ସମାରୋହ ୨୦୨୫ ଅବସରରେ ନୂତନ ଶ୍ରମ କୋଡ ବିଷୟରେ ଗୋଟିଏ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି । ଭୁବନେଶ୍ୱର ଅଞ୍ଚଳ୧ ର ମାଇନ୍ସ ସେଫ୍ଟି ଡେପୁଟି ଡିରେକ୍ଟର ଟି. ହରି ପ୍ରସାଦ ପ୍ରାୟ ୩୦୦ କର୍ମଚାରୀ ଓ ଅଧିକାରୀଙ୍କୁ ସମ୍ବୋଧିତ କରି ଭାରତ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ, ୨୯ଟି ପୂର୍ବତନ ଶ୍ରମ ଆଇନକୁ ପରିବର୍ତ୍ତନ କରି ଆଣାଯାଇଥିବା ଚାରୋଟି ନୂତନ ଶ୍ରମ କୋଡ଼ରେ ମୂଳ ଦିଗଗୁଡ଼ିକ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ଏହାର ଉଦ୍ଦେଶ୍ୟ କର୍ମଚାରୀ ସୁରକ୍ଷାକୁ ଅଧିକ ମଜବୁତ କରିବା ଓ ସାରା ଦେଶରେ ସରଳ ଏବଂ ସମାନ ନିୟମ ପ୍ରଦାନ କରିବା।ସେ ନୂତନ ଶ୍ରମ କୋଡ୍ର ମୁଖ୍ୟ ଦିଗସମୂହ ସାରାଂଶ ହୋଇଥିବା ପ୍ରଚାର ପତ୍ର ମଧ ବଣ୍ଟନ କରିଥିଲେ।ଏହି କାର୍ଯ୍ୟକ୍ରମକୁ



ଶ୍ରମିକ ସଂଘ ଙ୍କ ଦୃଢ଼ ସମର୍ଥନ ମିଳିଥିଲା ଏବଂ ଟି. ହରି ପ୍ରସାଦ ସେମାନଙ୍କ ସହଯୋଗକୁ ସାଗତ ଦେଇଥିଲେ।ସେ ସମସ୍ତଙ୍କୁ ସୁରକ୍ଷା ନିୟମ ପାଳନ କରିବା, ନିଜ ଅଧିକାର ବୁଝିବା ଓ ଏହି ଆଇନଗତ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟପ୍ରଣାଳୀରେ ଅନୁପ୍ରବେଶ କରାଇବା ପାଇଁ ସାମୁହିକ ଭାବରେ କାମ କରିବାକୁ ଉତ୍ସାହିତ କରିଥିଲେ।ଏହି କାର୍ଯ୍ୟକ୍ରମ ଫଳରେ କର୍ମଚାରୀମାନେ ନିଜ କାର୍ଯ୍ୟସ୍ଥଳରେ ଅଧିକ ସଚେତନ, ସୁରକ୍ଷିତ ଓ ସୁରକ୍ଷାପ୍ରଦ ହେବାରେ ସାହାଯ୍ୟ ପାଇବେ ।

# ତ୍ୟାଗଭୂମି ମହୋତ୍ସବ-୨୦୨୫ ଉଦ୍‌ଘାଟିତ

ଭଦ୍ରକ,(ସବ୍ୟୁ): ଭଦ୍ରକ ଜିଲ୍ଲା ସାଂସ୍କୃତିକ ସମ୍ମେଳନର ତ୍ୟାଗଭୂମି ମହୋତ୍ସବ ୨୦୨୫ ସୋମବାର ଅପରାହ୍ନରେ ଭଦ୍ରକ ଦକ୍ଷିଣକାଳୀ ମନ୍ଦିର ନିକଟ ଗୋପାଳଜୀଉ ମଠପଡ଼ିଆରେ ଉଦ୍ଘାଟିତ ହୋଇଯାଇଛି। ପୂର୍ବାହ୍ନରେ ମହୋତ୍ସବ କମିଟି ପକ୍ଷରୁ ଭଦ୍ରକର ବରପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଜାତୀୟକବି ବାଞ୍ଛାନିଧି ମହାନ୍ତି, ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତି, ମହମ୍ମଦ ହନିଫ, କବିଶେଖର ଚିନ୍ତାମଣି ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅପରାହ୍ନରେ ଅମର ଶହୀଦଙ୍କ ସ୍ମୃତିରେ ଦେବଦର୍ଶନ ଦାଶଙ୍କ ନେତୃତ୍ୱରେ ରକ୍ତତୀର୍ଥ ଇରମରୁ ଏବଂ ବାପୁନି ଲେଙ୍କାଙ୍କ ନେତୃତ୍ୱରେ ଶହୀଦପୀଠ ଲୁଣିଆରୁ ଆସିଥିବା ମଶାଲ ଶୋଭାଯାତ୍ରାକୁ ସହର ପରିକ୍ରମା ପୂର୍ବକ ସ୍ୱାଗତ କରାଯାଇଥିଲା। ଭଦ୍ରକର ପ୍ରବେଶ ଦ୍ୱାର ମହତାବ ଛକରୁ ଭବ୍ୟ ଶହୀଦ ଶୋଭାଯାତ୍ରା ବାହାରି ମହୋତ୍ସବ ସ୍ଥଳୀରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତଙ୍କ ଦ୍ୱାରା ମହୋତ୍ସବପୀଠରେ ମଶାଲ ସଂସ୍ଥାପନ କରିଥିଲେ। ମହୋତ୍ସବର ଉଦଘାଟକ ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲିପ ରାଉତରାୟ ଯୋଗଦେଇ ଯଦି ମା' ଭଦ୍ରକାଳୀ ଏଠାକାର ଅଧିଷ୍ଠାତ୍ରୀ ଦେବୀ ନଥାନ୍ତେ, ତେବେ ଭଦ୍ରକ ଜିଲ୍ଲାର ନାମ ତ୍ୟାଗଭୂମି ହୋଇଥାନ୍ତା ବୋଲି ବକ୍ତବ୍ୟରେ କହିଥିଲେ। ତ୍ୟାଗଭୂମି ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ 'ତ୍ୟାଗଭୂମି ମଞ୍ଚ'ରେ ବରେଣ୍ୟ ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ ଦାସ, ଭଦ୍ରକ ପୌରପାଳିକାର ଅଧ୍ୟକ୍ଷା ଗୁଲମକ୍କୀ ଦଲୱାଜୀ ହବିବ, ବିଶିଷ୍ଟ ଅଧିବକ୍ତା ଦିବ୍ୟସିଂହ ନାୟକ, ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ସାଂସ୍କୃତିକ ଓ ଐତିହାସିକ ଦୃଷ୍ଟିକୋଣରୁ ଭଦ୍ରକ ତ୍ୟାଗ ଓ ତିତିକ୍ଷାର ତୀର୍ଥଭୂମି ଶୀର୍ଷକରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧାପକ ଡ. ବିଶ୍ୱରଂଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଅଧିବକ୍ତା ଗଦାଧର ବଳ ବିବରଣୀ ପ୍ରଦାନ କରିଥିଲେ। ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧାଂଶୁ ନାୟକ ଓ ଛାତ୍ରଛାତ୍ରୀ 'ତ୍ୟାଗଭୂମି' ପ୍ରାରମ୍ଭିକ ସଂଗୀତ ଓ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରିଥିଲେ। ଲୋକସଂସ୍କୃତି କଳାକାର ଭାଗିରଥୀ ଦତ୍ତ, ତ୍ରିଲୋଚନ ପଣ୍ଡା, ମହେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସୟା ମା' ଖରାଖାଇ ଘୋଡ଼ାନାଚ ଅନୁଷ୍ଠାନ, ବଉଳପାଳ ରାଧାଗୋବିନ୍ଦ ଘଣ୍ଟବାଦ୍ୟ ଦଳ, ଚାନ୍ଦବାଲିର ମଦନମୋହନ ଢୋଲକବାଦ୍ୟ ସଂଗଠନ ଓ ସାତଭଉଣୀ ଶିଙ୍ଗାବାଦ୍ୟ ଦଳ ଲୋକକଳା ପରିବେଷଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ବସନ୍ତ ମହାନ୍ତି, ଇଂ ଅଖିଳମୋହନ ପାଢ଼ୀ, ଡ. ଅଭୟ କୁମାର ଦାସ, ସୋଫିଆ ଶେଖ, ରାମଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନ ସମ୍ପାଦକ ସୁଧାକର ରାଉତ ଶେଷସ୍ୱର୍ଶ ପ୍ରଦାନ କରିଥିଲେ। ଶେଷରେ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା।

(ଶ୍ରୀମଦ୍ଭଗବଦ୍ ଗୀତା ୧/୨୧)

**ଅର୍ଜ୍ଜୁନ–ବିଷାଦଯୋଗଃ**

ସଞ୍ଜୟ ଉବାଚ

**ହୃଷିକେଶଂ ତଦା ବାକ୍ୟମିଦମାହ ମହୀପତେ ।**
**ସେନୟୋରୁଭୟୋର୍ମଧ୍ୟେ ରଥଂ ସ୍ଥାପୟ ମେଽଚ୍ୟୁତ ।। ୨୧ ।।**

ହେ ଅଚ୍ୟୁତ ! ଅହଂ ଯାବତ୍ ଏତାନ୍ (ପୁରତଃ ସ୍ଥିତାନ୍) ଯୋଦ୍ଧୁକାମାନ୍ ଅବସ୍ଥିତାନ୍ ନିରୀକ୍ଷେ (ପଶ୍ୟାମି) ଅସ୍ମିନ୍ ରଣସମୁଦ୍ୟମେ (ଯୁଦ୍ଧବ୍ୟାପାରେ) ମୟା କୈଃ ସହ ଯୋଦ୍ଧବ୍ୟଂ (ଯୁଦ୍ଧଂ କର୍ତ୍ତବ୍ୟଂ), ଅତ୍ର ଯୁଦ୍ଧେ ଦୁର୍ବୁଦ୍ଧେଃ (ମନ୍ଦବୁଦ୍ଧେଃ) ଧାର୍ତ୍ତରାଷ୍ଟ୍ରସ୍ୟ (ଦୁର୍ଯ୍ୟୋଧନସ୍ୟ) ପ୍ରିୟଚିକୀର୍ଷବଃ ( ପ୍ରିୟଂ କର୍ତ୍ତୁଂ ଇଚ୍ଛନ୍ତଃ) ଯେ ଏତେ ରାଜାନଃ ସମାଗତାଃ (ଉପସ୍ଥିତାଃ), (ତାନ୍) ଯୋତ୍ସ୍ୟମାନାନ୍ ଅହଂ ଯାବତ୍ ଅବେକ୍ଷେ (ଅବଲୋକୟାମି), (ତାବତ୍) ଉଭୟୋଃ ସେନୟୋଃ ମଧ୍ୟେ ମେ (ମମ) ରଥଂ ସ୍ଥାପୟ ।। ୨୧ ।।

# ଅବିସ୍ମରଣୀୟ ରବି ରାୟଙ୍କ ଜନ୍ମ ଶତବାର୍ଷିକରେ ଶ୍ରଦ୍ଧାଞ୍ଜଳି

ଓଡ଼ିଶାର ସୋସିଆଲିଷ୍ଟ ପାର୍ଟିର ଜଣେ ସଚ୍ଚୋଟ ରାଜନୀତିଜ୍ଞ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓ ପୂର୍ବତନ ଲୋକସଭାର ବାଚସ୍ପତି ରବି ରାୟ ଜନ୍ମ ହୋଇଥିଲେ ୧୯୨୬ ମସିହା ନଭେମ୍ବର ୨୬ ତାରିଖରେ । ତାଙ୍କର ଦେହାନ୍ତ ହୋଇଥିଲା ପ୍ରାୟ ଆଠ ବର୍ଷ ତଳେ –କଟକରେ ୨୦୧୭ ମାର୍ଚ୍ଚ ୬ ତାରିଖରେ । ସେ ପ୍ରଥମ ଓଡ଼ିଆ ଭାବେ ଲୋକସଭାର ବାଚସ୍ପତି ଆସନ ଅଳଙ୍କୃତ କରିଥିଲେ । ଲୋକସଭାର ନବମ ବାଚସ୍ପତି ଭାବେ ସୁନାମ ଅର୍ଜନ କରିଥିଲେ । ଏହା ପୂର୍ବରୁ ସେ ମୋରାରଜୀ ଦେଶାଇଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ, ତାଙ୍କ ମନ୍ତ୍ରିମଣ୍ଡଳରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବେ ମଧ୍ୟ ସୁନାମ ଅର୍ଜନ କରିଥିଲେ । ତାଙ୍କ ପୂର୍ବରୁ ରାଜ ନାରାୟଣ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଥିଲେ । ୧୯୭୯ ମସିହା ଜାନୁଆରୀ ୨୫ ତାରିଖରୁ ୧୯୮୦ ମସିହା ଜାନୁଆରୀ ୧୪ ତାରିଖ ପର୍ଯ୍ୟନ୍ତ ସେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦାୟିତ୍ୱରେ ଥିଲେ । ମାତ୍ର ଏହି ସ୍ୱଳ୍ପ କାଳ ମଧ୍ୟରେ ସେ ସ୍ୱାସ୍ଥ୍ୟ ବିଭାଗରେ ବହୁ ଭଲ କାମ କରି ଯଶ ଅର୍ଜନ କରିଥିଲେ । ଏହା ପରେ ସେ ଲୋକସଭାରେ ପ୍ରଥମ ଓଡ଼ିଆ ଭାବେ ବାଚସ୍ପତି ପରି ଏକ ମର୍ଯ୍ୟାଦାପୂର୍ଣ୍ଣ ଆସନ ମଣ୍ଡନ କରିଥିଲେ । ସେହି ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ ବିଜୁ ପଟ୍ଟନାୟକ । ରବି ରାୟଙ୍କ ସହିତ ତାଙ୍କର ରାଜନୀତିକ ମତଭେଦ ରହିଥିଲା । ଏପରିକି ବିଜୁ ବାବୁ ସୋସିଆଲିଷ୍ଟମାନଙ୍କୁ ଭଲ ପାଉ ନଥିଲେ । ମାତ୍ର ୧୯୪୮ରେ ରବି ବାବୁ ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବେ ସଂଯୁକ୍ତ ସୋସିଆଲିଷ୍ଟ ପାର୍ଟିରେ ରହି କେବଳ ଓଡ଼ିଶାରେ ନୁହେଁ, ଭାରତର ଜଣେ ଟାଣୁଆ ସୋସିଆଲିଷ୍ଟ ନେତା ଭାବେ ସୁପରିଚିତ ଥିଲେ ।


ସେ ଥର ବିଶ୍ୱନାଥ ପ୍ରତାପ ସିଂ ଅଣ କଂଗ୍ରେସ ସରକାରରେ ୧୯୮୯ରୁ ୧୯୯୦ ମଧ୍ୟରେ ପ୍ରଧାନମନ୍ତ୍ରୀ ହୋଇଥିଲେ । ମାତ୍ର ଅଣ କଂଗ୍ରେସ ସରକାରଙ୍କୁ ପ୍ରକୃତରେ ଚଳାଉଥିଲେ ତତ୍କାଳୀନ ଉପ–ପ୍ରଧାନମନ୍ତ୍ରୀ ଦେବୀ ଲାଲ । ବିଶ୍ୱନାଥ ପ୍ରତାପ ସିଂଙ୍କ ଉପରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର ମଧ୍ୟ ଖୁବ୍ ପ୍ରଭାବ ରହିଥାଏ । ତେଣୁ ଓଡ଼ିଶାରୁ କେନ୍ଦ୍ରରେ ପୁରୀରୁ ସାଂସଦ ଥିବା, ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କୁ ବିଜୁ ବାବୁଙ୍କ ଚାପରେ କେନ୍ଦ୍ରର ସ୍ୱାସ୍ଥ୍ୟମନ୍ତ୍ରୀ କରାଗଲା । ବିଜୁ ବାବୁ କୁଆଡ଼େ ଚାହୁଁ ନଥିଲେ ଯେ ରବି ରାୟ ଆଉ ଥରେ କେନ୍ଦ୍ର ମନ୍ତ୍ରୀ ହୁଅନ୍ତୁ ବୋଲି । ମାତ୍ର କେନ୍ଦ୍ରରେ ଜନତା ଦଳର ସୋସିଆଲିଷ୍ଟ ଲବି ଖୁବ୍ ଦୃଢ଼ ଥିଲା । ସେମାନେ ଚାହିଁଲେ ରବି ରାୟ କେନ୍ଦ୍ର ମନ୍ତ୍ରୀ ହୁଅନ୍ତୁ । ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ମୁଲାୟମ ସିଂ ଯାଦବ ପ୍ରଭୃତି ରବି ରାୟଙ୍କୁ ବହୁତ ସମ୍ମାନ ପ୍ରଦର୍ଶନ କରୁଥିବା ଏ ଲେଖକ ଅତୀତରେ ଦେଖିଛି । ତେଣୁ ରବି ରାୟଙ୍କୁ ମନ୍ତ୍ରୀ ନ କରିବାକୁ ଚାହୁଁଥିବା ତତ୍କାଳୀନ ଉପ– ପ୍ରଧାନମନ୍ତ୍ରୀ ଦେବୀ ଲାଲ ସେମାନଙ୍କୁ ବୁଝାସୁଝା କଲେ । ଏପରିକି ରବି ରାୟଙ୍କ ନିକଟକୁ ଯାଇ ସେ ଏହି ସମସ୍ୟାର ସମାଧାନ ଲାଗି ଗୋଟାଏ ବାଟ ଫିଟାଇଲେ । ସେ ରବି ରାୟଙ୍କୁ ଅନୁରୋଧ କରି କୁଆଡ଼େ କହିଥିଲେ ଯେ ଆପଣ ତ ଥରେ କେନ୍ଦ୍ର କ୍ୟାବିନେଟ ପାହ୍ୟାର ମନ୍ତ୍ରୀ ହୋଇ ସାରିଛନ୍ତି । ଆପଣ ତ ମନ୍ତ୍ରୀ ହୋଇ ସରକାର ବା ଦଳ ପାଇଁ କିଛି ପାଣ୍ଠି ମଧ୍ୟ ଯୋଗାଡ କରି ପାରିବେ ନାହିଁ । ତେଣୁ ସେହି କ୍ୟାବିନେଟ ପାହ୍ୟାରେ ଏକ ମର୍ଯ୍ୟାଦାଜନକ ଆସନ ହେଉଛି ଲୋକସଭାର ବାଚସ୍ପତି ଆସନ । କୌଣସି ଓଡ଼ିଆ ଏ ଆସନକୁ ଅଳଙ୍କୃତ କରି ନାହାନ୍ତି । ତେଣୁ ଆପଣ ଲୋକସଭାର ବାଚସ୍ପତି ହେବା ଲାଗି ରାଜି ହୋଇ ଯାଆନ୍ତୁ । ରବି ବାବୁ ଏଥିରେ ରାଜି ହୋଇଗଲେ । ରବି ରାୟଙ୍କ ପତ୍ନୀ, ଡାକ୍ତର ସରସ୍ୱତୀ ସ୍ୱାଇଁ ଯିଏ କି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକଲ କଲେଜରେ ପ୍ରଫେସର ଥିଲେ,(ଏବେ ସେ ସ୍ୱର୍ଗରେ) ସିଏ ଏ ଲେଖକଙ୍କୁ କହୁଥିଲେ, ଏହି ବାଚସ୍ପତି ହେବା କଥା ବିଜୁ ବାବୁଙ୍କୁ ଦେବୀ ଲାଲ ଜଣାଇ ନଥିଲେ । କାରଣ ସେ ଅସୁବିଧା କରାଇଥା'ନ୍ତେ ବୋଲି ଦେବୀ ଲାଲ କୁଆଡେ ଆଶଙ୍କା କରୁଥିଲେ । ବିଜୁ ବାବୁ ପରେ ଏ କଥା ଜାଣି ରାଗିଲେ । କିନ୍ତୁ ରବି ରାୟ ବାଚସ୍ପତି ଭାବେ ସେତେବେଳେ ନିର୍ବାଚିତ ହୋଇ ସାରିଥିଲେ । ସେଥିପାଇଁ ଜନତା ଦଳରେ ସୋସିଆଲିଷ୍ଟ ପାର୍ଟିରୁ ଆସି ବିଧାୟକ ହୋଇଥିବା ଯୁଧିଷ୍ଠିର ଦାଶଙ୍କୁ କୁଆଡେ ବିଜୁ ବାବୁ ଓଡ଼ିଶା ବିଧାନସଭାର ବାଚସ୍ପତି କରାଇଥିଲେ, ଯଦିଓ ସେ ପ୍ରଥମ ଥର ପାଇଁ ବିଧାୟକ ହୋଇଥିଲେ ।

ଏହା ରାଜନୀତିକ ଗପ ବୋଲି ମନେହେଲେ ମଧ୍ୟ ସତ କଥା । କିନ୍ତୁ ଓଡ଼ିଶା ବହାରେ ଦିଲ୍ଲୀ ଓ ଉତ୍ତର ପ୍ରଦେଶ ପ୍ରଭୃତିରେ ରବି ରାୟ ହିନ୍ଦୀରେ ସୁନ୍ଦର ବକ୍ତୃତା ଦେଇ ପାରୁଥିଲେ । ସେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଥିବା ବେଳେ ୟୁନାନୀ ଚିକିତ୍ସା ପଦ୍ଧତି ଆରମ୍ଭ ହୋଇଥିଲା । ଭଦ୍ରକରେ 'ୟୁନାନୀ'ର ପ୍ରଥମ ଚିକିତ୍ସାକେନ୍ଦ୍ର ସେ ଖୋଲିଥିଲେ । ତାଙ୍କର ଜନ୍ମ ଶତବାର୍ଷିକ ଉତ୍ସବ ନଭେମ୍ବର ୨୬ (୨୦୨୫)ରୁ ଆରମ୍ଭ ହେଉଥିବାରୁ, ଜନ୍ମ ଶତବର୍ଷରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆମେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁଁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସମ୍ବିଧାନର ସୁରକ୍ଷା : ନାଗରିକଙ୍କ ଦାୟିତ୍ୱ



**ପ୍ରଫେସର ନେତାଜୀ ଅଭିନନ୍ଦନ**
**ବିଭାଗୀୟ ମୁଖ୍ୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ**

ଭାରତୀୟ ସମ୍ବିଧାନ ଆଧୁନିକ ବିଶ୍ୱର ସବୁଠୁ ଦୂରଦୃଷ୍ଟିସମ୍ପନ୍ନ ରାଜନୈତିକ ଦଲିଲ ମାନଙ୍କ ମଧ୍ୟରୁ ଅନ୍ୟତମ । ଏହା କେବଳ ଶାସନ କିପରି ଚାଲିବ ତାହା ନିର୍ଦ୍ଦେଶ କରେନି, ବରଂ ଏକ ନ୍ୟାୟପୂର୍ଣ୍ଣ, ସମାନତାମୂଳକ, ଲୋକତାନ୍ତ୍ରିକ ଓ ମାନବିକ ସମାଜ ଗଠନର ଆଦର୍ଶକୁ ସ୍ଥାପିତ କରେ। ସମ୍ବିଧାନର ପ୍ରାକ୍ କଥନର ଆରମ୍ଭ ଆମେ, ଭାରତର ଜନତା କୌଣସି ସାଧାରଣ ଭାଷା ନୁହେଁ–ଏହା ଅଧିକାର ଓ ଦାୟିତ୍ୱର ଘୋଷଣା। ଏହା ସ୍ପଷ୍ଟ କରେ ଯେ ସମ୍ବିଧାନର ସ୍ୱାମୀ ଓ ସଂରକ୍ଷକ ସରକାର ନୁହେଁ, ନାଗରିକମାନେ। ତେଣୁ ସମ୍ବିଧାନର ଗାରିମାକୁକୁ ବଜାୟ ରଖିବା, ଶକ୍ତିଶାଳୀ କରିବା ଓ ପରମ୍ପରାଗତ ଭାବରେ ପରବର୍ତ୍ତୀ ପିଢ଼ିକୁ ଦେଇଯିବା ନାଗରିକଙ୍କର ସବୁଠାରୁ ବଡ ଦାୟିତ୍ୱ । ଭାରତୀୟ ସମ୍ବିଧାନ ନିର୍ଜୀବ ନିୟମାବଳୀ ନୁହେଁ, ବରଂ ଏକ ଜୀବନ୍ତ ଦଲିଲ –ସମାଜ, ସମୟ, ଓ ଗଣତନ୍ତ୍ର ସହିତ ପରିପକ୍ୱ ହେଉଥିବା ନିୟମ ପୁସ୍ତକ। ଏହାର ଶକ୍ତି ତାହାର ଦୈର୍ଘ୍ୟ ଓ ପ୍ରସ୍ଥରେ ନୁହେଁ ଶକ୍ତି ରହିଛି ଲୋକମାନଙ୍କ ଦୈନନ୍ଦିନ ଆଚରଣରେ। ଯେଉଁଠାରେ ସାମ୍ବିଧାନିକ ମୂଲ୍ୟଗୁଡ଼ିକ–ସ୍ୱାଧୀନତା, ସମାନତା, ନ୍ୟାୟ ଓ ଭାତୃତ୍ୱ–ନାଗରିକଙ୍କ ନୀତିଦିନିଆ ଜୀବନର ଅଂଶ ହୋଇଯାଏ, ସେଠାରେ ସମ୍ବିଧାନ ବଞ୍ଚି ରହେ। ତେଣୁ ନାଗରିକତା କେବଳ ଜନ୍ମସିଦ୍ଧ ଅଧିକାର ନୁହେଁ ଏହା ଲୋକତାନ୍ତ୍ରିକ ମୂଲ୍ୟର ଉପଯୋଗ ଓ ନୀତିଶୀଳ ଆଚରଣର ଦାୟିତ୍ୱ । ସମ୍ବିଧାନକୁ ପୋଷଣ କରିବାର ପ୍ରଥମ ରାସ୍ତା ହେଉଛି ଅଧିକାର ସଚେତନତା ଓ ସୁରକ୍ଷା। ଭାରତୀୟ ସମ୍ବିଧାନ ବିଭିନ୍ନ ମୌଳିକ ଅଧିକାର ପ୍ରଦାନ କରିଛି–ବ୍ୟକ୍ତିଗତ ସ୍ୱାଧୀନତା, ଭାଷା ଓ ମତ ପ୍ରକାଶ ଅଧିକାର, ସମାନତା, ଧର୍ମସ୍ୱାଧୀନତା, ଓ ମର୍ଯ୍ୟାଦାର ଅଧିକାର। କିନ୍ତୁ ଯଦି ନାଗରିକମାନେ ଏହି ଅଧିକାରଗୁଡ଼ିକ ଜାଣନ୍ତିନାହିଁ, ବୁଝନ୍ତିନାହିଁ, କିମ୍ବା ଦାବି କରିପାରନ୍ତିନାହିଁ, ତେବେ ସେଗୁଡ଼ିକ ଅର୍ଥହୀନ ହୋଇଯାଏ। ଅଧିକାରର ସୁରକ୍ଷା କେବଳ ନିଜ ପାଇଁ ନୁହେଁ ଏହା ଅନ୍ୟମାନଙ୍କ ପାଇଁ ମଧ୍ୟ ନାଗରିକୀୟ ଦାୟିତ୍ୱ । ସଂଖ୍ୟାଲଘୁ, ଆଦିବାସୀ, ଦଳିତ, ନାରୀ, ଅସମର୍ଥ–ଯେ କୌଣସି ଶୋଷିତ ଭାଗୀଦାରଙ୍କ ଅଧିକାର ଉଲ୍ଲଂଘନ ହେଲେ, ସଚେତନ ନାଗରିକଙ୍କ କର୍ତ୍ତବ୍ୟ ହେଉଛି ସ୍ୱର ଉତ୍ତୋଳନ କରିବା। ଯେଉଁ ଦେଶର ନାଗରିକମାନେ ଅନ୍ୟଙ୍କ ଅଧିକାର ପାଇଁ ଲଢ଼ନ୍ତି, ସେଇ ଦେଶର ସମ୍ବିଧାନ ସବୁଠାରୁ ଶକ୍ତିଶାଳୀ। ଅଧିକାର ସହିତ ଥାଏ ମୌଳିକ କର୍ତ୍ତବ୍ୟ, ଯାହା ନାଗରିକ ଜୀବନର ନୀତିଶୀଳ ଭିତ୍ତି। ଯଦିଓ କର୍ତ୍ତବ୍ୟ ଆଇନସମ୍ମତ ଭାବରେ ଲାଗୁ ହୋଇପାରେନାହିଁ, କିନ୍ତୁ ସେଗୁଡ଼ିକ ଲୋକତାନ୍ତ୍ରିକ ଆଚରଣର ସଂସ୍କୃତି ଗଢ଼େ। ସମ୍ବିଧାନକୁ ସମ୍ମାନ କରିବା, ସାମ୍ପ୍ରଦାୟିକ ସଦଭାବ ରକ୍ଷା କରିବା, ବୈଜ୍ଞାନିକ ମନୋଭାବ ଉନ୍ନତ କରିବା, ପରିବେଶ ସୁରକ୍ଷା, ସାର୍ବଜନିନ ସମ୍ପତ୍ତିକୁ ସଂରକ୍ଷଣ କରିବା–ଏସବୁ ନାଗରିକତାକୁ ଅନ୍ତର୍ନିହିତ ଅର୍ଥ ଦେଇଥାଏ। ଯଦି ନାଗରିକମାନେ ଘୃଣା, ବିଭାଜନ ଓ ଅନୀତିକୁ ପ୍ରତ୍ୟାଖ୍ୟାନ କରନ୍ତି, ସହିଷ୍ଣୁତା ଓ ସହଭାଗୀତାକୁ ଗୁରୁତ୍ୱ ଦିଅନ୍ତି , ତେବେ ଲୋକତନ୍ତ୍ର ସୁସ୍ଥ ଭାବେ ଚାଲେ। ଅଧିକାର କେବଳ ବ୍ୟକ୍ତିଗତ ସ୍ୱାଧୀନତାକୁ ସୁରକ୍ଷା କରେ କର୍ତ୍ତବ୍ୟ ରାଷ୍ଟ୍ରୀୟ ଏକତା ଓ ସାମାଜିକ ଦାୟିତ୍ୱକୁ ନିଶ୍ଚିତ କରେ। ଲୋକତନ୍ତ୍ରର ସ୍ୱାସ୍ଥ୍ୟ ସବୁଠାରୁ ଅଧିକ ନାଗରିକଙ୍କ ରାଜନୈତିକ ଅଂଶଗ୍ରହଣ ଉପରେ ନିର୍ଭର କରେ। ଭୋଟ ଦେବା ସୁଦୂରପର୍ଯ୍ୟନ୍ତ ବ୍ୟାପକ ଅଧିକାର ହେଲେ ମଧ୍ୟ, ଲୋକତନ୍ତ୍ରର ପ୍ରକୃତ ଆତ୍ମା ନାଗରିକଙ୍କ ସକ୍ରିୟତା, ସମାଜିକ ସହଭାଗୀତା, ଓ ଅବିରତ ସଚେତନତାରେ ରହିଛି। ଭୋଟ ଦେବା କର୍ତ୍ତବ୍ୟର କେବଳ ଗୋଟିଏ ଅଂଶ ସେଠିକି ଭୋଟ ଦେବା ପୂର୍ବରୁ ସଠିକ୍ ସୂଚନା ଆଧାରରେ ନିଷ୍ପତ୍ତି ନେବା–ଯାହାକୁ ଅଧିକାର ଓ ସଂଗଠିତ ନାଗରିକତାର ମୂଳ ବୋଲି ଗଣନା କରାଯାଏ –ସେଇଟା ବେଶି ଗୁରୁତ୍ୱପୂର୍ଣ୍ଣ । ପ୍ରାର୍ଥୀ କେତେ ବଡ଼ ନେତା କିମ୍ବା ବିକାଶ ପ୍ରତିଶ୍ରୁତି କେତେ ଆକର୍ଷଣୀୟ– ଏସବୁ ନୁହେଁ ନାଗରିକଙ୍କ ପାଇଁ ପ୍ରଶ୍ନ ହେଉଛି, ସେହି ପ୍ରାର୍ଥୀ ସାମ୍ବିଧାନିକ ମୂଲ୍ୟବୋଧକୁ ମାନନ୍ତି କି? ନିୟମ ମାନନ୍ତି କି? ସାମାନ୍ୟ ଲୋକଙ୍କ ପାଇଁ କାମ କରନ୍ତି କି? ଏବେ ଯୁଗ ସଚେତନ ଭୋଟରର ଯୁଗ। ନାଗରିକମାନଙ୍କ ଅନ୍ୟ ଏକ ପ୍ରମୁଖ ଭୂମିକା ହେଉଛି ସାମ୍ବିଧାନିକ ନୀତିବୋଧ ରକ୍ଷା କରିବା। ଡକ୍ଟର ବି.ଆର. ଅମ୍ବେଦକରଙ୍କ ସ୍ପଷ୍ଟ ସତର୍କବାଣୀ ଥିଲା– ସମ୍ବିଧାନ ଯେତେ ଶକ୍ତିଶାଳୀ ହେଉ, ଯଦି ନାଗରିକମାନେ ନୀତି, ନିୟମ, ସହିଷ୍ଣୁତା ଓ ନ୍ୟାୟ ଚର୍ଚ୍ଚା କରିବେନାହିଁ, ତେବେ ଲୋକତନ୍ତ୍ର ଦୀର୍ଘକାଳ ସୁସ୍ଥ ରହିପାରିବ ନାହିଁ। ସାମ୍ବିଧାନିକ ନୀତିବୋଧର ଅର୍ଥ ହେଉଛି ବିଭିନ୍ନ ମତକୁ ସମ୍ମାନ, ଆଇନର ଶାସନକୁ ମାନ୍ୟତା, ପ୍ରତିଷ୍ଠାନମାନଙ୍କ ସ୍ୱାଧୀନତାକୁ ସୁରକ୍ଷା ଏବଂ ସହିଷ୍ଣୁତା ଓ ଭାତୃତ୍ୱକୁ ଜୀବନର ଅଂଶ କରିବା । ଭାରତର ବିଭିନ୍ନତା–ଧର୍ମ, ଭାଷା, ଜାତି, ସଂସ୍କୃତି–ଲୋକତନ୍ତ୍ରକୁ ସୁନ୍ଦର କରେ କିନ୍ତୁ ସେଇ ବିଭିନ୍ନତାକୁ ସନ୍ତୁଳିତ କରିବା ପାଇଁ ସାମ୍ବିଧାନିକ ନୀତିବୋଧ ଅତ୍ୟାବଶ୍ୟକ। ନାଗରିକମାନେ ସମ୍ବିଧାନକୁ ପୋଷଣ କରନ୍ତି ସେତେବେଳେ, ଯେବେ ସେମାନେ ପ୍ରତିଷ୍ଠାନମାନଙ୍କ ସ୍ଥିରତା ଓ ସ୍ୱାଧୀନତା ରକ୍ଷା କରନ୍ତି । ନ୍ୟାୟାଳୟ, ନିର୍ବାଚନ କମିଶନ, ସଂସଦ, ସ୍ଥାନୀୟ ସ୍ୱୟଂଶାସିତ ସଂସ୍ଥା, ଗଣମାଧ୍ୟମ–ଏମାନଙ୍କ ଜରିଆରେ ସମ୍ବିଧାନ କାର୍ଯ୍ୟକାରୀ ହୁଏ । ଏହାମାନେ ତାହାର ଗୁରୁତ୍ୱ ରଖିପାରନ୍ତି, ଯଦି ନାଗରିକମାନେ ଏଥିରେ ଶ୍ରଦ୍ଧା ଓ ଦାୟିତ୍ୱବୋଧ ଦେଖାନ୍ତି । ଯେତେବେଳେ ନାଗରିକମାନେ ଦୁର୍ନୀତିକୁ ପ୍ରତ୍ୟାଖ୍ୟାନ କରନ୍ତି, ଅନୀତିକୁ ଚ୍ୟାଲେଞ୍ଜ କରନ୍ତି, ସୂଚନା ଅଧିକାର ଦାବି କରନ୍ତି, ଏବଂ ସ୍ୱତନ୍ତ୍ର ପ୍ରତିଷ୍ଠାନମାନଙ୍କୁ ସମର୍ଥନ କରନ୍ତି–ସେଠିକି ସମିଧାନ ତାହାର ଶକ୍ତି ପାଏ। ଯଦି ନାଗରିକମାନେ ବ୍ୟକ୍ତିକୁ ପୂଜନ୍ତି କିନ୍ତୁ ପ୍ରତିଷ୍ଠାନକୁ ନୁହେଁ, ତେବେ ସମ୍ବିଧାନ ଦୁର୍ବଳ ହୋଇଯାଏ। ଆଧୁନିକ ଡିଜିଟାଲ୍ ଯୁଗ ନାଗରିକଙ୍କ ପାଇଁ ନୂଆ ସମସ୍ୟା ସୃଷ୍ଟି କରିଛି ଓ ନୂଆ ସୁଯୋଗ ମଧ୍ୟ ଆଣି ଦେଇଛି। ସୋସିଆଲ୍ ମିଡିଆର ଭ୍ରାନ୍ତ ସୂଚନା, ଘୃଣା ଭାଷଣ, ଡିଜିଟାଲ୍ ଠକେଇ, ଓ ଆଲଗୋରିଦମିକ ପ୍ରଭାବ– ଏହାମାନେ ସମ୍ବିଧାନୀୟ ମୂଲ୍ୟ ପ୍ରତି ଆହ୍ୱାନ ସୃଷ୍ଟି କରୁଛି। ସେହିପାଇଁ ନାଗରିକମାନେ ଡିଜିଟାଲ୍ ସାଚେତନତା, ତଥ୍ୟ ଶୃଙ୍ଖଳାବଧାନ, ଯୁକ୍ତିମୂଳକ ଚିନ୍ତା ଓ ଦାୟିତ୍ୱପୂର୍ଣ୍ଣ ଅନଲାଇନ୍ ଆଚରଣ ଅବଲମ୍ବନ କରିବା ଆବଶ୍ୟକ। ଡିଜିଟାଲ୍ ନାଗରିକତା ଆଜିର ଦିନରେ ଲୋକତାନ୍ତ୍ରିକ ନାଗରିକତାର ଅଂଶ।

ସମ୍ବିଧାନକୁ ପୋଷଣ କରିବାର ଆଉ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ସମାଜ ଓ ଗୋଷ୍ଠୀର ସକ୍ରିୟ ସହଭାଗୀତା । ଆଞ୍ଚଳିକ ସମସ୍ୟାର ସମାଧାନ, ଗୋଷ୍ଠୀ ବିକାଶ, ପରିବେଶ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଓ ସମାନାଧିକାର ଉଦ୍ୟମ–ଏସବୁକୁ ସମ୍ବିଧାନର ନିର୍ଦ୍ଦେଶାତ୍ମକ ନୀତି ସମର୍ଥନ କରେ। କିନ୍ତୁ ସରକାର ଏକାକୀ ଏହାକୁ ସଫଳ କରିପାରିବେ ନାହିଁ। ନାଗରିକମାନଙ୍କ ସଚେତନତା ଓ ସାମୁହିକ ପ୍ରୟାସ ଆବଶ୍ୟକ। ଯେତେବେଳେ ନାଗରିକମାନେ ଜାତି ବ୍ୟବସ୍ଥାକୁ ପ୍ରତ୍ୟାଖ୍ୟାନ କରନ୍ତି, ନାରୀ ସୁରକ୍ଷା ଓ ସମାନତାକୁ ସମର୍ଥନ କରନ୍ତି, ସାମ୍ପ୍ରଦାୟିକ ଘୃଣାକୁ ପ୍ରତିହତ କରନ୍ତି, ସେତେବେଳେ ସାମ୍ବିଧାନିକ ମୂଲ୍ୟ ସମାଜରେ ପ୍ରାଣ–ପ୍ରତିଷ୍ଠା ପାଏ। ସମ୍ବିଧାନ କୋର୍ଟରେ ନୁହେଁ ସମାଜରେ ବଞ୍ଚିଥାଏ। ସମୟ ସହିତ ଦେଶର ସମସ୍ୟାମାନେ ମଧ୍ୟ ପରିବର୍ତ୍ତିତ ହେଉଛନ୍ତି–ଜଳବାୟୁ ପରିବର୍ତ୍ତନ, ଡିଜିଟାଲ୍ ନିରୀକ୍ଷଣ, ବ୍ୟକ୍ତିଗତ ତଥ୍ୟ ସୁରକ୍ଷା, ନୂତନ ସମାଜିକ–ଆର୍ଥିକ ବିଷମତା, ଓ ପରିବେଶୀୟ ସଙ୍କଟ। ଏହି ଚ୍ୟାଲେଞ୍ଜମାନଙ୍କ ସମାଧାନ ନାଗରିକମାନଙ୍କ ସଚେତନ ଅଂଶଗ୍ରହଣ ଆବଶ୍ୟକ କରେ। ନ୍ୟାୟାଳୟ ଓ ସଂସଦ ସମ୍ବିଧାନକୁ ବଦଳାଇ ପାରନ୍ତି କିନ୍ତୁ ସମ୍ବିଧାନର ଭବିଷ୍ୟତକୁ ଦିଶା ଦେଇଥାଏ ସଚେତନ ଓ ସମ୍ପୃକ୍ତ ଜନମତ। ତେଣୁ ନାଗରିକମାନେ କେବଳ ସମ୍ବିଧାନର ଅନୁଗାମୀ ନୁହେଁ ସେମାନେ ମଧ୍ୟ ସମ୍ବିଧାନର ନିରନ୍ତର ସର୍ଜନାକାର।

ଭାରତୀୟ ସମ୍ବିଧାନ କେବଳ ଏକ ଆଇନ ନୁହେଁ ଏହା ଏକ ସାମୂହିକ ସଙ୍କଳ୍ପ–ଏକ ନ୍ୟାୟପୂର୍ଣ୍ଣ ଓ ସମାନତାମୂଳକ ସମାଜ ଗଢ଼ିବାର ପ୍ରତିଶ୍ରୁତି। ସମ୍ବିଧାନର ସଫଳତା ସରକାର କେତେ ଭଲ କାମ କରୁଛି ତାହା ଉପରେ ନୁହେଁ ବରଂ ନାଗରିକମାନେ କେତେ ସଚେତନ, ଦାୟିତ୍ୱଶୀଳ ଓ ନୀତିଶୀଳ ତାହା ଉପରେ ନିର୍ଭର କରେ। ନାଗରିକମାନେ ଯେତେବେଳେ ଅଧିକାରକୁ ସୁରକ୍ଷା କରନ୍ତି, କର୍ତ୍ତବ୍ୟ ପାଳନ କରନ୍ତି, ପ୍ରତିଷ୍ଠାନକୁ ସମ୍ମାନ କରନ୍ତି, ଲୋକତାନ୍ତ୍ରିକ ସଂସ୍କୃତିକୁ ମଜବୁତ କରନ୍ତି– ସମ୍ବିଧାନ ସେତେବେଳେ ସଠିକ ଢଙ୍ଗରେ କର୍ଯ୍ୟକାରୀ ହୁଏ । ସମ୍ବିଧାନର ମୂଳମନ୍ତ୍ରକୁ ଆମ ଜୀବନ–ମନ୍ତ୍ର ଭାବେ ଗ୍ରହଣ କଲେ ହିଁ ସମ୍ବିଧାନ ଦିବସ ପାଳନର ମହତ୍ୱ ପ୍ରତିପାଦିତ ହେବ । ନାଗରିକଙ୍କ ଦାୟିତ୍ୱ ସ୍ପଷ୍ଟ– ସଚେତନତା, ସହିଷ୍ଣୁତା ଓ ନୀତିଶୀଳତାର ସହିତ ଭାରତୀୟ ସମ୍ବିଧାନକୁ ପୋଷଣ କରିବା। ଭାରତର ନାଗରିକମାନେ ଏହି ଦାୟିତ୍ୱ ପାଳନ କଲେ, ସମ୍ବିଧାନ ଭାରତକୁ ନ୍ୟାୟ, ମର୍ଯ୍ୟାଦା, ସ୍ୱାଧୀନତା ଓ ସାମାଜିକ ସମାନତାର ପଥରେ ଅଗ୍ରସର କରାଇବ ।

# ଜନଜାତିର ଆଲୋକବର୍ତ୍ତିକା



**ମଳୟ ନାୟକ**

ଜାମସେଦପୁରର ଗୋପାଲ ମୈଦାନ । ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ ଅବସରରେ ଚଳଚଞ୍ଚଳ ହୋଇ ଉଠିଥିଲା ପୁରା ମୈଦାନ । ସମବେତ ହୋଇଥିଲେ ଦେଶର କୋଣଅନୁକୋଣରୁ ଆସିଥିବା ଆଦିବାସୀ ଜନଜାତିର ପ୍ରତିଭାମାନେ । ଆଦିବାସୀ ସମାଜକୁ ଆଲୋକ ବର୍ତ୍ତିକା ଦେଖାଉଥିବା ଟାଟା ଷ୍ଟିଲ ଫାଉଣ୍ଡେସନ ବା ଟିଏସଏଫ ଏହି ପ୍ରତିଭାମାନଙ୍କୁ ସାଉଁଟି ଆଣିଥିଲା ।

ଟିଏସଏଫର ଦ୍ୱାଦଶ ସମ୍ବାଦ କାର୍ଯ୍ୟକ୍ରମରେ ଏମାନଙ୍କର ଯୋଗଦାନ ଏବଂ ପ୍ରତିଭାର ପରିଚୟ ବେଶ୍ ହୃଦୟସ୍ପର୍ଶୀ ଥିଲା । ଓଡ଼ିଶାର ଅନେକ ଜନଜାତିର ଯୁବକ ଓ ଯୁବତୀ ଗଣ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କୁ ଭେଟିବାବେଳେ ଭାବବିହ୍ୱଳ ହୋଇ ପଡୁଥିଲେ ପ୍ରତିଭାଧାରୀମାନେ । ସମ୍ବାଦର ଦ୍ୱାଦଶ ସଂସ୍କରଣରେ, ଓଡ଼ିଶା କେବଳ ଅଂଶଗ୍ରହଣ କରିନଥିଲା, ଏହା ସମାବେଶର ମନୋଭାବକୁ ପରିଭାଷିତ କରିଥିଲା । ୨୨ ଜନଜାତିର ୧୨୦ରୁ ଅଧିକ ଅଂଶଗ୍ରହଣକାରୀଙ୍କ ସହିତ, ରାଜ୍ୟ ଏକ ଶକ୍ତିଶାଳୀ ସ୍ମରଣ କରାଇଥିଲା ଯେ ଆଦିବାସୀ ଭାରତ ଅତୀତର ଏକ ଅବଶେଷ ନୁହେଁ ବରଂ ସମସାମୟିକ ସଂସ୍କୃତି, ଜ୍ଞାନ ଏବଂ ଉଦ୍ୟୋଗକୁ ଗଠନ କରୁଥିବା ଏକ ସ୍ପନ୍ଦନଶୀଳ, ବିକଶିତ ଶକ୍ତି ।

ଏହି ଭୂଦୃଶ୍ୟରେ ସବୁଠାରୁ ଆକର୍ଷଣୀୟ ବ୍ୟକ୍ତିତ୍ୱଙ୍କ ମଧ୍ୟରୁ ଜଣେ ଥିଲେ ଫାଗୁ ବାସ୍କେ, ଯାହାଙ୍କ ସାନ୍ତାଳୀ ଭାଷାରେ କାର୍ଯ୍ୟ ପୂର୍ବରୁ ଡିଜିଟାଲ୍ ବ୍ରହ୍ମାଣ୍ଡକୁ ପରିବର୍ତ୍ତନ କରିସାରିଛି । ଆଦିବାସୀ ଜ୍ଞାନର ଜଣେ ନୀରବ ଚାମ୍ପିଅନ, ଫାଗୁ ୱିକିପିଡିଆ ଏବଂ ଓକିଲାତି ମାଧ୍ୟମରେ ସାନ୍ତାଳୀର ଅନଲାଇନ୍ ଉପସ୍ଥିତିକୁ ସୁଦୃଢ଼ କରିବାରେ ବର୍ଷ ବର୍ଷ ବିତାଇଥିଲେ । ତାଙ୍କ ପ୍ରୟାସ ଗୁଗୁଲ୍ ଅନୁବାଦରେ ଓଲ୍‌ଚିକି ଲିପିକୁ ଏହାର ସ୍ଥାନ ପାଇବାରେ ସାହାଯ୍ୟ କରିଥିଲା ଏବଂ ତାଙ୍କର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ଦର୍ଶାଇଥିଲା ଯେ କିପରି ଆଦିବାସୀ ଛାତ୍ରବୃତ୍ତି ଜାତୀୟ ସ୍ୱୀକୃତି ପ୍ରଦାନ ପାଇପାରିବ ।

ଶିକ୍ଷା, ବିଶେଷକରି ଝିଅମାନଙ୍କ ପାଇଁ ଓଡ଼ିଶାର କାହାଣୀଗୁଡ଼ିକରେ ଏକ ପରିଭାଷିତ ବିଷୟବସ୍ତୁ ଭାବରେ ଉଭା ହୋଇଥିଲା । ଚୁକଟିଆ ଭୁଞ୍ଜିଆ ପିଭିଟିଜିରୁ ଜୈମିନୀ ଝାଙ୍କର୍ ସେମାନଙ୍କ ମଧ୍ୟରେ ଉଚ୍ଚ ସ୍ଥାନରେ ଠିଆ ହୋଇଥିଲେ । ଏପରି ଏକ ସମ୍ପ୍ରଦାୟରେ ସେମାନେ ବଢ଼ିଥିଲେ ଯେଉଁଠାରେ ଝିଅମାନଙ୍କୁ ଶିକ୍ଷା ଦେବା ଅପରାଧ ଭାବରେ ଦେଖାଯାଉଥିଲା । ସେ ତାଙ୍କ ଗାଁରୁ ପ୍ରଥମ ମହିଳା ସ୍ନାତକ ହୋଇଥିଲେ । ଏହା ତାଙ୍କ ପିତାଙ୍କ ସମାନତା ପ୍ରତି ଅଟଳ ବିଶ୍ୱାସ ଦ୍ୱାରା ପରିଚାଳିତ ଏକ ଯାତ୍ରା । ଏହା ପରେ ସେ ପିଏଚଡି ଡିଗ୍ରୀ ହାସଲ କରିଥିଲେ । ଯେତେବେଳେ ସେ ସମ୍ବାଦ ଦର୍ଶକଙ୍କ ସମ୍ମୁଖରେ ଠିଆ ହୋଇଥିଲେ, ସେ ଜଣେ ପରାମର୍ଶଦାତା ହୋଇ ଯାଇଥିଲେ ଯିଏ ଯୁବକମାନଙ୍କୁ, ବିଶେଷକରି ଝିଅମାନଙ୍କୁ, ବଂଶାନୁକ୍ରମିକ ନିଷେଧଗୁଡ଼ିକର ମୁକାବିଲା କରିବା ପାଇଁ ସଂଗଠିତ କରିଥିଲେ ।

ଆଉ ଏକ ଶକ୍ତିଶାଳୀ କାହାଣୀ ଆସିଥିଲା ଚମ୍ପା ରାସପେଡାଙ୍କଠାରୁ, ଯିଏ ମାଲକାନଗିରିର ଦିଦାୟୀ ପିଭିଟିଜିର ପ୍ରଥମ ଝିଅ ଥିଲେ । ସେ ଏମବିବିଏସ ସିଟ୍ ପାଇଥିଲେ । ଅଭାବ, ସଂକଳ୍ପ ଏବଂ ଶୃଙ୍ଖଳା ଦ୍ୱାରା ଚିହ୍ନିତ ତାଙ୍କର କାହାଣୀ ଆଦିବାସୀ ଯୁବକମାନଙ୍କ ମଧ୍ୟରେ ଶିକ୍ଷାଗତ ମହତ୍ତ୍ୱାକାଂକ୍ଷାର ଏକ ନୂତନ ଲହରୀକୁ ପ୍ରତିଫଳିତ କରିଥିଲା । ସେ କହିଥିଲେ ଯେ ତାଙ୍କର ଆକାଂକ୍ଷା କେବଳ ଡାକ୍ତର ହେବା ନୁହେଁ ବରଂ ତାଙ୍କ ସମ୍ପ୍ରଦାୟକୁ ଫେରିବା, ଏପରି ଅଞ୍ଚଳରେ ଚିକିତ୍ସା ସେବା ଆଣିବା ଯାହା ଦୀର୍ଘ ସମୟ ଧରି ପ୍ରବେଶ ପାଇଁ ସଂଘର୍ଷ କରୁଥିଲା ।

ଓଡ଼ିଶା ମଧ୍ୟ ସମ୍ବାଦରେ ଏପରି କାହାଣୀ ସହିତ ପହଞ୍ଚିଥିଲା ଯେଉଁଠାରେ ସୃଜନଶୀଳତା ଏବଂ ସାଂସ୍କୃତିକ ଗର୍ବ ଜଡିତ ଥିଲା । ବଲାଙ୍ଗୀରର ମୂର୍ତ୍ତିକାର ସୁବ୍ରନ ଧାରୁଆ, ପିଲାଦିନର ଡୁଡୁଲଗୁଡ଼ିକୁ ଆଦିବାସୀ ପରିଚୟକୁ ପାଳନ କରୁଥିବା ଏକ କ୍ୟାରିୟରରେ ପରିଣତ କରିଥିଲେ । ବିର୍ସା ମୁଣ୍ଡାଙ୍କ ଭଳି ତାଙ୍କର ପ୍ରତିମୂର୍ତ୍ତି ଜିଲ୍ଲା ଗୁଡ଼ିକରେ ଐତିହାସିକ ସ୍ଥାନ ପାଲଟିଥିଲା । ତାଙ୍କର ପରବର୍ତ୍ତୀ ପ୍ରୟାସ, ଆଦିବାସୀ ଯୁବକମାନଙ୍କ ପାଇଁ ଏକ କଳା ବିଦ୍ୟାଳୟ, କିପରି କାରିଗରମାନେ ଐତିହ୍ୟ ଏବଂ ଜୀବିକା ହାତକୁ ହାତ ମିଶାଇ ବୃଦ୍ଧି ପାଇବା ନିଶ୍ଚିତ କରିବା ପାଇଁ କାର୍ଯ୍ୟ କରୁଥିଲେ ତାହା ପ୍ରକଟିତ କରିଥିଲା ।

ଉତ୍ସବ ପରିସର ମଧ୍ୟରେ ପାରମ୍ପରିକ ଚିକିତ୍ସାକାରୀଙ୍କ ଜ୍ଞାନର ପ୍ରତିଫଳନ ପ୍ରକାଶ ଥିଲା । ୨୫ ବର୍ଷର ଅଭିଜ୍ଞତା ସହିତ ପୋର୍ଜା ଅଭ୍ୟାସକାରୀ ନୀଳକାନ୍ତ କ୍ରିଶାନୀ, ସମବାଦ କିପରି ପ୍ୟାକେଜିଂ ଏବଂ ଡକ୍ୟୁମେଣ୍ଟେସନ୍ ଭଳି ଅଭ୍ୟାସ ମାଧ୍ୟମରେ ତାଙ୍କର ପୂର୍ବପୁରୁଷଙ୍କ ଚିକିତ୍ସା ପଦ୍ଧତିକୁ ସୁଧାର କରିବାରେ ସାହାଯ୍ୟ କରିଥିଲା, ସେ ତାହା ବର୍ଣ୍ଣନା କରିଥିଲେ । ତାଙ୍କର ମହତ୍ତ୍ୱାକାଂକ୍ଷା ଥିଲା ଏପରି ଚିକିତ୍ସାକାରୀଙ୍କ ଏକ ନେଟୱାର୍କ ଗଠନ କରିବା, ଯେଉଁମାନେ ଆନୁଷ୍ଠାନିକ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ପରିପୂରକ କରିପାରିବେ । ବିଶେଷକରି ଦୂରବର୍ତ୍ତୀ ଆଦିବାସୀ ଅଞ୍ଚଳରେ ପହଞ୍ଚିପାରିବେ ।

ବାଇଗା ଜନଜାତିର ପଦ୍ମନ ଭୂଆ ଚିକିତ୍ସା କାହାଣୀରେ ଆଉ ଏକ ଦିଗ ଯୋଡିଥିଲେ । ଦଶ ଜଣ ସ୍ୱେଚ୍ଛାସେବକଙ୍କ ଏକ ଗୋଷ୍ଠୀର ନେତୃତ୍ୱ ନେଇ, ସେ ସାପ ଏବଂ ବିଛା କାମୁଡ଼ା, ଜଙ୍ଗଲ ଅଞ୍ଚଳରେ ସାଧାରଣ ବିପଦ ଭଳି ରୋଗ ପାଇଁ ମାଗଣା ଚିକିତ୍ସା ପ୍ରଦାନ କରିଥିଲେ । ସମ୍ବାଦରେ ତାଙ୍କର ସମୟ ତାଙ୍କୁ ଅଧିକ ସ୍ୱେଚ୍ଛାସେବକଙ୍କୁ ପରାମର୍ଶ ଦେବା ପାଇଁ ଉତ୍ସାହିତ କରିଥିଲା । ସମ୍ପ୍ରଦାୟ ନେତୃତ୍ୱାଧୀନ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ଼ କରିଥିଲା ।

ଉଦ୍ୟୋଗିତା ମଧ୍ୟ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟରେ ମୂଳ ପୋଷଣ କରିଥିଲା । ରାଉରକେଲାର ଅମ୍ରିତା ଏକ୍କା ପାରମ୍ପରିକ ସ୍ୱାଦକୁ ନୂତନ ବ୍ୟବସାୟ ସୁଯୋଗରେ ପରିଣତ କରିଥିଲେ । ତାଙ୍କର ରାଗି ଷ୍ଟୋର ସ୍ଥାନୀୟ ଲୋକଙ୍କ ପ୍ରିୟ ହୋଇଗଲା, ଏବଂ ତାଙ୍କର କ୍ଲାଉଡ୍ କିଚେନ୍ ଦେଶୀ ଆଚାର ଓରାଓଁ ଆଚାର ପାଇଁ ଏକ ଡିଜିଟାଲ୍ ବଜାର ନିର୍ମାଣ କଲା, ଯାହା ସମସାମୟିକ ଗ୍ରାହକଙ୍କ ପାଇଁ ଆଦିବାସୀ ଖାଦ୍ୟକୁ କିପରି ପୁନଃ ବ୍ୟାଖ୍ୟା କରାଯାଇପାରିବ ତାହା ପ୍ରତିଫଳିତ କରିଥିଲା ।

ତା'ପରେ ଥିଲେ ଦୀନବନ୍ଧୁ । ଆଦିବାସୀ କଳା ଅଭ୍ୟାସକାରୀ ଯାହାଙ୍କ କାମ ଓଡ଼ିଶାର ଗ୍ରାମଗୁଡ଼ିକରୁ ଜି୨୦ ସମ୍ମିଳନୀ ଏବଂ କଳା ଘୋଡା ମହୋତ୍ସବ ପର୍ଯ୍ୟନ୍ତ ଯାତ୍ରା କରିଥିଲା । ୬୨ଟି ସାମଗ୍ରୀରେ କାମ କରି ସାରି ଏବଂ ୩୦ ଜଣ ମହିଳା କଳାକାରଙ୍କୁ ତାଲିମ ଦେଇସାରି, ସେ ଆଦିବାସୀ କଳାର ଆଧୁନିକ ଚେହେରାକୁ ଆତ୍ମବିଶ୍ୱାସୀ, ପରୀକ୍ଷାମୂଳକ ଏବଂ ବିଶ୍ୱବ୍ୟାପୀ ପ୍ରାସଙ୍ଗିକ ଭାବରେ ପ୍ରତିପାଦିତ କରିଥିଲେ ।

ଏକତ୍ର ହୋଇ ଏହି କାହାଣୀଗୁଡ଼ିକ ଓଡ଼ିଶାର ଏକ ଚିତ୍ରକୁ ଆଙ୍କିଥିଲା ଯେଉଁଠାରେ ନବସୃଜନ ଏବଂ ପରିଚୟ ଅଲଗା ହୋଇ ନଥିଲା, ବରଂ ସମନ୍ୱୟରେ ଥିଲା । ସମ୍ବାଦ ୨୦୨୫ ଏକ ସ୍ଥାନ ହୋଇଥିଲା ଯେଉଁଠାରେ ରାଜ୍ୟର ଆଦିବାସୀ ସମ୍ପ୍ରଦାୟମାନେ ପ୍ରଦର୍ଶନ କଲେ ଯେ କିପରି ପରମ୍ପରାର ପ୍ରଗତି ସହିତ ସହାବସ୍ଥାନ କରାଯାଇ ପାରିବ ଏବଂ ଅନେକ ଉପାୟରେ ଏହାକୁ ଆଗେଇ ନେଇପାରିବ ।

**ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର**
**ମୋ–୮୦୧୮୨୬୩୯୩୬**

# ପିଲାଙ୍କ ଶିକ୍ଷା ଓ ବିକଶିତ ବୁଦ୍ଧିମତ୍ତା

**ଡ. ସୁରେଶ କୁମାର ନାୟକ**

ଦିନକୁ ଦିନ ପିଲାମାନଙ୍କ ପାଇଁ ପାଠପଢ଼ା ସହ ବ୍ୟବହାରିକ ଜ୍ଞାନରେ ଦକ୍ଷତା ରଖିବା ଓ ପ୍ରତିଦ୍ୱନ୍ଦ୍ୱିତା ସମୟରେ ପାଠର ଆହ୍ୱାନକୁ ଯଥାର୍ଥରେ ମୁକାବିଲା କରିବାରେ ବୁଦ୍ଧିମତ୍ତାର ପ୍ରମୁଖ ଭୂମିକା ରହିଛି । ସାଙ୍ଗମାନଙ୍କ ସହିତ ବାହାରେ ଖେଳିଲେ ପିଲାମାନେ ମାନସିକ ସ୍ତରରେ ସୁସ୍ଥ ରହିଥାନ୍ତି । ଏହାଦ୍ୱାରା ସେମାନଙ୍କର ମନ ହାଲକା ରହିବା ସହ ପାଠପଢ଼ା ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୋଇଥାଏ । ସେମାନେ ଖେଳିବା ସମୟରେ ପରସ୍ପର ସହ ଥଟ୍ଟାମଜା କରନ୍ତି । ଏହାଦ୍ୱାରା ମଧ୍ୟ ସେମାନଙ୍କର ମାନସିକ ସ୍ଥିତି ସମେତ ବୁଦ୍ଧିମତାର ବିକାଶ ଘଟିଥାଏ। ତେଣୁ ପାଠପଢ଼ା ବ୍ୟତୀତ ସେମାନେ କିଛି ସମୟ ଖେଳକୁଦରେ କଟାଇବା ଆବଶ୍ୟକ । ପିଲାଙ୍କ ବୁଦ୍ଧିମତ୍ତା ବଢ଼ାଇବାରେ ଖେଳ ଅନ୍ୟତମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । କାରଣ ଏହା ହେଉଛି ମନୋରଞ୍ଜନର ଅନ୍ୟତମ ମାଧ୍ୟମ । ଏହାଦ୍ୱାରା ତାଙ୍କର ଭାବିବା ଏବଂ ବୁଝିବା ଶକ୍ତିର ବୃଦ୍ଧି ଘଟିଥାଏ । ଫଳରେ ତାଙ୍କ ଧୈର୍ଯ୍ୟ, ସହଯୋଗର ଭାବନା ଏବଂ ଅନ୍ୟ ସହିତ ତାଳମେଳ ରଖିବାର କଳା ବି ମଜଭୁତ ହୋଇଥାଏ । ଏଠାରେ କେତୋଟି ବିଷୟରେ ସୂଚନା ଦିଆଯାଉଛି, ଯାହା ପିଲାର ବୁଦ୍ଧିମତ୍ତା ବଢ଼ାଇବାରେ କେତେକାଂଶରେ ସାହାଯ୍ୟ କରିବ ।

ବେଳେବେଳେ ଲୋକେ ଭାବିଥାନ୍ତି ଖେଳିବା ଦ୍ୱାରା କେବଳ ସ୍ୱାସ୍ଥ୍ୟ ଭଲ ରୁହେ, କିନ୍ତୁ ଏମିତି କିଛି ଇନଡୋର ଗେମ୍ସ ରହିଛି ଯାହା ସେମାନଙ୍କର ଭାବନାକୁ ବଢ଼ାଇବାରେ କେତେକାଂଶରେ ସାହାଯ୍ୟ କରେ । ଉଦାହରଣ ସ୍ୱରୂପ କ୍ୟାରମ, ଲୁଡୁ, ଚେସ । ଏହି ପ୍ରକ୍ରିୟାରେ ପିଲା ଅନ୍ୟର ଭାବନାକୁ ବୁଝିବା, ଧୈର୍ଯ୍ୟ ରଖିବା ଏବଂ ଟିମ ୱର୍କ ସହଯୋଗ ବିଷୟରେ ଶିଖିଥାଏ । ଏପରିକି କି ଖେଳ ତାକୁ ସହାନୁଭୂତି, ଅନ୍ୟ ସହିତ ତାଳମେଳର ଭାବନା ଶିଖାଇଥାଏ ।

ବୁଦ୍ଧିମତ୍ତା ବଢ଼ାଇବାକୁ ହେଲେ ପଜଲ ଗେମ୍, ମେମୋରୀ ଗେମ୍ସ, ଷ୍ଟ୍ରାଟେଜି ଗେମ୍ସ ସବୁଠାରୁ ପ୍ରଭାବଶାଳୀ ହୋଇଥାଏ । ପ୍ରତିଦିନ ଅତିକମ୍‌ରେ ୧୫–୨୦ ମିନିଟ ଏସବୁ ଖେଳକୁ ସମୟ ଦେବା ଦ୍ୱାରା ପିଲାର ବୁଦ୍ଧିମତା କେତେକାଂଶରେ ବିକଶିତ ହୋଇଥାଏ । ଏହା ବ୍ୟତୀତ ଏହି ଖେଳ ପିଲାକୁ ଧ୍ୟାନ କେନ୍ଦ୍ରିତ କରିବା ସହିତ ଯୋଜନା ପ୍ରସ୍ତୁତ କରିବା ମଧ୍ୟ ଶିଖାଇଥାଏ । ତେବେ ପିଲାଟି ଯେପରି ଏହା ବ୍ୟତୀତ ଅନ୍ୟ କୌଣସି ଗେମ୍ସ ପ୍ରତି ଆକୃଷ୍ଟ ନହୁଏ ସେ ଦିଗକୁ ମଧ୍ୟ ଦେଖନ୍ତୁ ।

ପିଲାଟିର ଖେଳ ପ୍ରତି ଆଗ୍ରହ ଥିଲେ ତାକୁ ସୁଯୋଗ ଦିଅନ୍ତୁ ହେଲେ କୌଣସି ଚାପର ବଶବର୍ତ୍ତୀ ହୁଅନ୍ତୁ ନାହିଁ । କାରଣ ଏହା ପିଲାଟିର ମାନସିକ ଓ ବୁଦ୍ଧିମତା କ୍ଷେତ୍ରକୁ ପ୍ରଭାବିତ କରିଥାଏ । ପିଲାମାନଙ୍କର ଖେଳକୁଦ ପ୍ରତି ପିଲାବେଳୁ ଆଗ୍ରହ ରହିବାକୁ କେହି କେହି ଓଡ଼ିଆ ଢ଼ଗରେ କୁହନ୍ତି 'ତୁଳସୀ ଦୁଇ ପତ୍ରରୁ ବାସେ'। ଯଥାର୍ଥରେ ବାଧ୍ୟବାଧକତାରେ ନ ଖେଳି ବରଂ ପିଲାଟି ସକରାତ୍ମକ ଭାବରେ ତା ନିଜ ପସନ୍ଦର ଖେଳକୁ ପ୍ରଦର୍ଶନ କଲେ ତା ଭିତରୁ ହିଁ ନୂଆ ଉତ୍ସାହ ସୃଷ୍ଟି ହୋଇଥାଏ, ଯାହାର ସକରାତ୍ମକ ମନୋଭାବ ତାର ଦକ୍ଷତାକୁ ବଢ଼ାଇଥାଏ। ଆଜିର ସମୟରେ ନୂଆ ନୂଆ କୌଶଳ ପିଲାମାନଙ୍କର ବୁଦ୍ଧିମତ୍ତାର ବିକାଶ କେବଳ ଘଟାଉନାହିଁ ବରଂ ଅନ୍ତର୍ନିହିତ ପ୍ରତିଭାକୁ ଫୁଟାଇ ପାରୁଛି ।

ଦିନରେ ଅତିକମ୍‌ରେ ଅଧଘଣ୍ଟା ଆଉଟଡୋର ଗେମ୍ସ ଖେଳିବାକୁ ଚେଷ୍ଟା କରାଯାଉ । ଫଳରେ ଏଥିରୁ ସେମାନେ ଟିମୱର୍କ ଏବଂ ସହଯୋଗ ଶିଖିଥାଆନ୍ତି । ଘରେ ଏଭଳି କେତେକ ଇନଡୋର ଗେମ ଅଛି, ଯାହାକୁ ପିଲା ନିୟମିତ ଖେଳିପାରିବେ । ବିଶେଷ ଭାବରେ ଚେସ, ଲୁଡୁ ଭଳି ଖେଳ ବୁଦ୍ଧିମତ୍ତା ବିକାଶରେ ଅନେକାଂଶରେ ସହାୟକ ହୋଇଥାଏ । ଖେଳିବା ଦ୍ୱାରା ମନରୁ ନକାରାତ୍ମକ ଭାବନା କେତେକାଂଶରେ ଦୂର ହୋଇଥାଏ । ଖୁସି ମନରେ ସବୁବେଳେ ଖେଳିବା ଭଲ ।

ମନେରଖନ୍ତୁ, ପିଲାଟିର ବୁଦ୍ଧିମତ୍ତା କେବଳ ସୋସିଆଲ ମିଡ଼ିଆ ବା ପୋଥିଗତ ବିଦ୍ୟା ଦ୍ୱାରା ଆୟତ ହୋଇ ପାରିନଥାଏ । ପିଲାଟିର ଅଭିଭାବକଙ୍କର ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କେହି କେହି ବୁଝନ୍ତି ଯେ ବୁଦ୍ଧିମତ୍ତାର ବିକାଶ ନହେଲେ କ୍ୟାରିୟର ସତେ ଯେପରି ଅପୂରଣୀୟ ରହିଯିବ । ତେବେ ଏହା ଆଦୌ ନୁହେଁ । ପାଠପଢ଼ା ସହ ବୁଦ୍ଧିମତା ବିକାଶର ସଂଯୋଗ ରହିଛି । ସାଙ୍ଗ ମାନଙ୍କ ସହିତ ଏ କ୍ଷେତ୍ରରେ ଭଲ ଭାବରେ ଭାବନାଗତ ତଥ୍ୟକୁ ନେଇ ଚର୍ଚ୍ଚା କରନ୍ତୁ । ଶ୍ରେଣୀ ସାରଙ୍କ ସହଯୋଗ ନିଅନ୍ତୁ ଏବଂ କୌଣସି ପ୍ରସଙ୍ଗକୁ ହାଲକାରେ ନିଅନ୍ତୁ ନାହିଁ ଏବଂ ସବୁବେଳେ ଏକପ୍ରକାର ମାନସିକ ଭାବେ ମୁକ୍ତ ରୁହନ୍ତୁ । ପାଠପଢ଼ାକୁ କଦାପି ବୋଝ ବୋଲି ଭାବନ୍ତୁ ନାହିଁ ।

**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର–୯, ସିଡିଏ, କଟକ**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅଯୋଧ୍ୟା...

ମୋଡ ଦେଖୁଛି । ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ପତାକା ଉତ୍ତୋଳନ ସମାରୋହ ଏକ ଅନନ୍ୟ ମୁହୂର୍ତ୍ତ । ଏହି ଧର୍ମଧ୍ୱଜ ଭାରତୀୟ ସଭ୍ୟତାର ନବଜାଗରଣର ପ୍ରତିକ । ଆମେ ନଥିଲାବେଳେ ଏହି ଦେଶ ଥିଲା । ତେଣୁ ଆମକୁ ଭବିଷ୍ୟତ ପିଢ଼ୀପାଇଁ କାର୍ଯ୍ୟ କରିବାକୁ ପଡିବ । ଭାରତ ହେଉଛି ଲୋକତନ୍ତ୍ରର ଜନନୀ । ଏହା ଆମ ଡିଏନ୍ଏରେ ରହିଛି । ରାମ ମନ୍ଦିର ନିର୍ମାଣରେ ଯୋଗଦାନ କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଧନ୍ୟବାଦ । ପ୍ରତ୍ୟେକ ଶ୍ରମିକ ଏବଂ ସ୍ଥପତିଙ୍କୁ ମଧ୍ୟ ଅଭିନନ୍ଦନ । ନିଶାଦ ରାଜ୍ ଏବଂ ମାତା ଶବରୀ ମନ୍ଦିର ଏଠାରେ ଗୋଟିଏ ସ୍ଥାନରେ । ମହର୍ଷି ବଶିଷ୍ଠ, ମାତା ଅହଲ୍ୟା, ମହର୍ଷି ଅଗସ୍ତ୍ୟ, ସନ୍ଥ ତୁଳସୀ ଦାସ ଓ ମହର୍ଷି ବିଶ୍ୱାମିତ୍ର ଅଛନ୍ତି । ଏହି କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦ ବେନ୍ ପଟେଲ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆର୍ଏସ୍ଏସ୍‌ର ମୁଖ୍ୟ ମୋହନ ଭଗତ ଯୋଗ ଦେଇଥିଲେ ।

## ଆଜିଠୁ...

କରାଯାଉଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ଏହି ଖବର ଜଣାପଡ଼ିବା ପରେ ଚାଷୀମାନଙ୍କୁ ଆଶ୍ୱସ୍ତି ଦେଇଛି । କାରଣ ଚଳିତ ମାସ ଏବଂ ଡିସେମ୍ବରରେ ଧାନର ଅମଳ ସମୟ ହୋଇଥିବାରୁ ବର୍ଷା ହେଲେ ବହୁ ଫସଲ କ୍ଷତି ହୋଇଥାନ୍ତା । ବର୍ଷାର ସମ୍ଭାବନା ନଥିବାରୁ ଚାଷୀମାନେ ତରବରିଆ ନହୋଇ ଧାନ ଅମଳ କରିପାରିବେ ଓ ରବି ଫସଲ କାମ ଆଗେଇ ନେଇପାରିବେ ।

## ୧୨ ବିଭାଗରେ...

୧୪ ଜଣ କନିଷ୍ଠ ରସାୟନବିତ୍, ବାଣିଜ୍ୟ ଓ ପରିବହନ ବିଭାଗରେ ୧୭ ଜଣ କନିଷ୍ଠ ଷ୍ଟେନୋଗ୍ରାଫର୍, ଜଙ୍ଗଲ ଓ ପରିବେଶ ବିଭାଗରେ ୧୫୦୪ ଜଣ ଫରେଷ୍ଟଗାର୍ଡ ଓ ୨୪୬ ଜଣ ଫରେଷ୍ଟର, କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ୧୧୭ ଜଣ ସହକାରୀ କୃଷି ଅଧିକାରୀ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗରେ ୧୫ ଜଣ ପାରାମେଡିକ୍ସ ଷ୍ଟାଫ୍, ଜଳସମ୍ପଦ ବିଭାଗରେ ୩୬ ଜଣ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଏହାସହିତ ପ୍ରଥମଥର କରି ଆଡଭୋକେଟ ଜେନେରାଲ ଅଫିସ ପାଇଁ ନିୟମିତ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ୪୦ ଜଣ ଷ୍ଟେନୋଗ୍ରାଫର ନିଯୁକ୍ତି ପାଇଛନ୍ତି ।

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମ ଠାରେ ଉପସ୍ଥିତ ନବନିଯୁକ୍ତଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମେ ରାଜ୍ୟର ଯୁବବର୍ଗଙ୍କୁ ସରକାରୀ ଚାକିରୀରେ ନିଯୁକ୍ତି ସୃଷ୍ଟି ପାଇଁ ଭରଷା ଦେଇଥିଲୁ, ଆମେ ନିୟମିତ ଭାବେ ନିଯୁକ୍ତିମେଳା ଆୟୋଜନ କରି ଆମ କଥା ରଖୁଛୁ । ପ୍ରଥମରୁ ଏଥିପାଇଁ ଆମେ ଉଦ୍ୟମ ଆରମ୍ଭ କରି ୨ ବର୍ଷ ଭିତରେ ୬୫ ହଜାର ସରକାରୀ ନିଯୁକ୍ତି ପ୍ରଦାନ କରିବା ପାଇଁ ଆମର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ୧୭ ମାସ ଭିତରେ ଆଜିକୁ ମିଶାଇ ୧୨ ଟି ନିଯୁକ୍ତିମେଳା ଜରିଆରେ ଆମେ ୩୭,୩୨୫ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଛୁ । ଏତେ ସଂଖ୍ୟାରେ ସରକାରୀ ପଦ ପଦବୀରେ ନିଯୁକ୍ତି ଏତେ କମ୍ ଦିନ ଭିତରେ ଆଗରୁ କେବେ ହୋଇନାହିଁ । ଦୁଇ ବର୍ଷ ଭିତରେ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଅଧିକ ହାସଲ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଆମ ସରକାର ଦୁର୍ନୀତି ବିରୋଧରେ ଶୂନ୍ୟସହନଶୀଳତା ନୀତି ଆପଣେଇଛନ୍ତି, ତେଣୁ ଆପଣମାନେ ଦୁର୍ନୀତିକୁ ବିଷ ମନେକରି ତାଦଠୁ ଯେତେ ଅଧିକ ସମ୍ଭବ ଦୂରରେ ରୁହନ୍ତୁ, ନଚେତ୍ ଏହା ନିଜ ପାଇଁ ଓ ନିଜ କ୍ୟାରିଅର ପାଇଁ ଅତ୍ୟନ୍ତ ବିପଦଜନକ ହେବ । ଆପଣଙ୍କ ପ୍ରତ୍ୟେକ ପଦକ୍ଷେପ ଯେପରି ଓଡ଼ିଶା ଏବଂ ରାଜ୍ୟବାସୀଙ୍କ ଉନ୍ନତିରେ ସହାୟକ ହେବ ତାକୁ ଦୃଷ୍ଟିରେ ରଖି କାମ କରନ୍ତୁ । ନବନିଯୁକ୍ତଙ୍କ ମଧ୍ୟରୁ ଗୃହ ବିଭାଗରେ ନିଯୁକ୍ତି ପାଇଥିବା କେନ୍ଦୁଝର ଜିଲ୍ଲାର ବନସିଂହ ମାଝୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଖୋର୍ଦ୍ଧା ଜିଲ୍ଲାର ସସ୍ମିତା ପ୍ରଧାନ, ଜଙ୍ଗଲ ବିଭାଗରେ ନିଯୁକ୍ତି ପାଇଥିବା ମାଲକାନଗିରି ଜିଲ୍ଲାର ଦେବେନ୍ଦ୍ର ପଡିଆମି ଏବଂ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗରେ ନିଯୁକ୍ତି ପାଇଥିବା ଜଗତସିଂହପୁର ଜିଲ୍ଲାର ଅନ୍ୱେଷା ରାୟ ନିଜ ନିଜର ଅଭିଜ୍ଞତା ବର୍ଣ୍ଣନା କରି ରାଜ୍ୟ ସରକାରଙ୍କର ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟା ପାଇଁ ସରକାରୀ ଚାକିରି ପାଇଥିବାରୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ବିଦ୍ୟାଳୟ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ଏନ୍. ତିରୁମାଲା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଗ୍ନେୟ...

ପକାଇପାରେ । ଆଇଏମ୍‌ଡି ଆଶା କରୁନି ଯେ ପଶ୍ଚିମାଞ୍ଚଳରେ ଦେଖାଯାଇଥିବା ପରିସ୍ଥିତିର ପ୍ରଭାବ ଉତ୍ତରପୂର୍ବ ଭାରତରେ ପଡିବ । ତେବେ ଆସନ୍ତା କିଛିଦିନ ମଧ୍ୟରେ ଦକ୍ଷିଣ ଭାରତରେ ପ୍ରବଳ ଓ ବିକ୍ଷିପ୍ତ ବର୍ଷା ସମ୍ଭାବନା ରହିଛି । ସେହିଭଳି ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଓ ଦକ୍ଷିଣ ଶ୍ରୀଲଙ୍କା ସଲଗ୍ନ କ୍ଷେତ୍ରରେ ଲଘୁଚାପ କ୍ଷେତ୍ର ରହିଛି । ଏହାର ପ୍ରଭାବରେ ୩୦ ତାରିଖ ଯାଏ ତାମିଲନାଡୁ, କେରଳରେ ବର୍ଷା ହୋଇପାରେ ।

## ରାଜ୍ୟରେ...

ବନ୍ୟପ୍ରାଣୀ ସଂରକ୍ଷଣ ପ୍ରୟାସର ସଫଳତାକୁ ପ୍ରତିଫଳିତ କରୁଛି । ଭାରତରେ ବାଘଙ୍କ ସଂଖ୍ୟା ୨୦୦୬ରୁ ୨୦୧୮ ମଧ୍ୟରେ ୩୦ ପ୍ରତିଶତ ବୃଦ୍ଧି ପାଇଛି । ଏହା ୭୫ ପ୍ରତିଶତ ବିଶ୍ୱ ବାଘଙ୍କୁ ଧାରଣ କରୁଥିବା ଭାରତର ସଫଳତାର ଭାଗ ।

## ସମ୍ବୋଧିତ...

୪.୨୦ରେ ବିଧାନସଭାରେ ପହଞ୍ଚିବେ । ଅପରାହ୍ନ ୪.୩୦ରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ଅର୍ଥାତ ଏକ ଘଣ୍ଟା ଧରି ଶ୍ରୀମତୀ ମୁର୍ମୁ ଓଡିଶା ବିଧାନସଭାକୁ ସମ୍ବୋଧିତ କରିବେ । ସଂଯୋଗବଶତଃ ଏକଦା ସେ ଏହି ବିଧାନସଭାର ଜଣେ ସଦସ୍ୟ ଥିଲେ । ଓଡିଶା ସରକାରରେ ମନ୍ତ୍ରୀ ମଧ୍ୟ ରହିଥିଲେ । ସେହି ଦୃଷ୍ଟିରୁ ବିଧାନସଭାକୁ ସେ ସମ୍ବୋଧିତ କରିବା ଉଲ୍ଲେଖନୀୟ । ନଭେମ୍ବର ୨୮ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ ଉପସ୍ଥାପିତ ହେବ । ନଭେମ୍ବର ୨୭ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ରହିଛି ୨୯ଟି କାର୍ଯ୍ୟଦିବସ । ଡିସେମ୍ବର୪ରୁ ୬ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅତିରିକ୍ତ ବଜେଟ ଉପରେ ଆଲୋଚନା ପରେ ୮ ତାରିଖରେ ବ୍ୟୟମଞ୍ଜୁରୀ ବିଲ ଗୃହିତ ହେବ ।

## ତହସିଲଦାରଙ୍କୁ...

ଏଥିରେ ପ୍ରତିଶୋଧ ପରାୟଣ ହୋଇ ପାଖାପାଖି ୧୫ଜଣ ବାଲିମାଫିଆ ସଂଗଠିତ ହେବା ସହିତ ମଙ୍ଗଳବାର ସନ୍ଧ୍ୟା୬ଟା ପାଖାପାଖି ସମୟରେ ତୁଳସୀଚଉରା ଢ଼ାବା ନିକଟରେ ତହସିଲଦାର ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ଅଟକାଇ ସଂଘବଦ୍ଧ ଆକ୍ରମଣ କରିବା ସହିତ ଦୁର୍ବ୍ୟବହାର କରିଥିଲେ । ବାଲିମାଫିଆଙ୍କ ଆକ୍ରମଣରେ ତହସିଲଦାରଙ୍କ ଗାଡିଚାଳକ ନିହାର ରଞ୍ଜନ ବିଶ୍ୱାଳଙ୍କର ମୁଣ୍ଡ ଫାଟି ଥିବା ବେଳେ ତହସିଲଦାର ଚନ୍ଦ୍ରଜିତ ବେହେରା ମଧ୍ୟ ଆହତ ହୋଇଛନ୍ତି । ଏହି ସମୟରେ ତହସିଲଦାରଙ୍କ ସହିତ ଉପସ୍ଥିତ ଥିବା ରେଭିନ୍ୟୁ ସୁପରଭାଇଜର ହେମକାନ୍ତ ମହାନ୍ତ, ଝୁଗୁପୁରା ରାଜସ୍ୱ ନିରୀକ୍ଷକ ସଞ୍ଜୀବ ମହାନ୍ତ , ସତ୍ୟବ୍ରତ ନାୟକ ପ୍ରମୁଖଙ୍କୁ ମାଡିବସି ଦୁର୍ବ୍ୟବହାର କରିଥିଲେ । ଖବରପାଇ ବେତନଟୀ ପୁଲିସ ଟିମ ସଙ୍ଗେ ସଙ୍ଗେ ପହଞ୍ଚି ତହସିଲଦାର ଏବଂ ଆହତ ଚାଳକଙ୍କ ସମେତ ସମସ୍ତ କର୍ମଚାରୀ ମାନଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଏନେଇ ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା ବେତନଟୀ ଥାନାରେ ଏତଲା ଦାଏର କରିଥିବା ବେଳେ ବେତନଟୀ ଏସଡ଼ିପିଓ ମିନତୀ ବିଶ୍ୱାଳଙ୍କ ନେତୃତ୍ୱରେ ଆଇଆଇସି ସସ୍ମିତା ମହାନ୍ତଙ୍କ ସମେତ ଏକାଧିକ ଟିମ ବାଲି ମାଫିଆଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଛି ।

## ବିଜେଡିର...

ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ଜଣାଇବାକୁ ଚାହିଁଥିଲେ । କିନ୍ତୁ ନବୀନ ଅସୁସ୍ଥ ଥିବାରୁ ତାଙ୍କୁ ଭେଟିବାକୁ ସୁଯୋଗ ମିଳିନଥିଲା । ବିଜେଡିର ନୀତି, ଆଦର୍ଶ ଏବେ ଠିକ୍ ନାହିଁ ବୋଲି କହିଛନ୍ତି ଦେବାଶିଷ । ବିଜୁ ବାବୁଙ୍କ ଆଦର୍ଶରେ ଯେଉଁ ଦଳ ଏତେ ବର୍ଷ ଧରି ରାଜ୍ୟ କ୍ଷମତାରେ ରହିଲା ତାର ସ୍ଥିତି ଏବେ ବହୁତ ଖରାପ ହେଲାଣି । ବିଜୁ ଆଦର୍ଶକୁ ଭୁଲି ଏବେ ନୂଆ ଆଦର୍ଶରେ ଦଳ ଚାଲିଛି । ଯେଉଁମାନେ ବିଜୁଙ୍କ ଆଦର୍ଶରେ ଥିଲେ, ସେମାନଙ୍କ ଅବସ୍ଥା ଏ ଦଳରେ କଦଣ ସେ କଥା ସମସ୍ତେ ଜାଣିଛନ୍ତି । ସେମାନଙ୍କୁ ବାଦ୍ ଦେଇ କିଛି ହାରୁ ନେତା ଦଳରେ ଏବେ ନିଜକୁ ସର୍ବେସର୍ବା ଭାବୁଛନ୍ତି । ସେମାନେ ଏବେ ଦଳକୁ ପୁଣି କ୍ଷମତାକୁ ନେଇ ଆସିବେ ବୋଲି ଭାବୁଛନ୍ତି । ଅନ୍ୟପକ୍ଷରେ ପୁଣିଥରେ ଦେବାଶିଷ ୱାକଫ୍ ବିଲ୍ ପ୍ରସଙ୍ଗ ଉଠାଇଛନ୍ତି । ୱାକଫ୍ ବିଲ୍‌ରେ ଦଳର ଆଭିମୁଖ୍ୟ ସ୍ପଷ୍ଟ ହେଲାନାହିଁ । ଯେଉଁମାନେ ତେଲ ମାରି ରାଜ୍ୟସଭା ଯାଇଛନ୍ତି ସେମାନେ କ୍ଷମତା କେନ୍ଦ୍ରଙ୍କ କଥା ମାନିଲେ ବୋଲି ସେ ଅଭିଯୋଗ ଆଣିଛନ୍ତି । ତେବେ ବରିଷ୍ଠ ନାଗରିକ ସେଲ୍ ଉପସଭାପତି ପଦରୁ ଇସ୍ତଫା ଦେବା ପରେ ସେ ଦଳରେ ରହିବେ, ନ ରହିବେ ବୋଲି ପ୍ରଶ୍ନ ଉଠିଛି । ଦଳରେ ତାଙ୍କ ଭୂମିକା ଦିନକୁ ଦିନ ସଙ୍କୁଚିତ ହେଉଥିବା ବେଳେ କୌଣସି ମୁହୂର୍ତ୍ତରେ ସେ କିଛି ନିଷ୍ପତ୍ତି ନେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଯଦିଓ ଏ ବାବଦରେ ସେ ଆଜି ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି, ମୁଁ ଏବେ ବି ବିଜେଡିରେ ରହିଛି । ଆଗାମୀ ଭବିଷ୍ୟତ କଣ ହେବ କହିପାରିବି ନାହିଁ । ଏବେ ଦଳର ପ୍ରାଥମିକ ସଦସ୍ୟ ଭାବେ ରହି କାମ କରିବି । ମୋ ନେତା ନବୀନ ବାବୁ ଯେଉଁଦିନ ଯାଏ ଦଳ ପରିଚାଳନା କରୁଥିବେ ସେ ପର୍ଯ୍ୟନ୍ତ ମୁଁ ବିଜେଡିରେ ରହିବି ବୋଲି କହିଛନ୍ତି ।

## ମୋତେ...

ପରାଜୟ କରିବାକୁ ଚାହୁଁଛନ୍ତି । ତା'ର ଅର୍ଥ ହେଉଛି ପଶ୍ଚିମବଙ୍ଗ ଓ ବେଙ୍ଗଲୀଙ୍କର ପରାଜୟ । ମାତ୍ର ଏହା ଘଟିବ ନାହିଁ । ଏସ୍ଆଇଆର ୧୦ ନିୟୁତ ମୁସ୍‌ଲିମ୍ ବାଂଲାଦେଶୀ ପ୍ରବେଶକାରୀଙ୍କୁ ଚିହ୍ନଟ କରୁଛି । ଏପଟେ ବିଜେପି ନାଗରିକ ସଂଶୋଧନ ଆଇନ୍‌ରେ ମାଟୁଆସ୍ ମାନଙ୍କୁ ଆଶ୍ୱସ୍ତ କରୁଛି । ଏହି ଦଳିତ ଜନସଂଖ୍ୟା ପୂର୍ବ ପାକିସ୍ତାନର ଶରଣାର୍ଥୀ । ୧୯୭୧ ଯୁଦ୍ଧ ପରେ ସେମାନେ ବାଂଲାଦେଶରୁ ଆସିଛନ୍ତି । ଏମାନଙ୍କ ସାହାଯ୍ୟରେ ବିଜେପି କିଛିବର୍ଷ ହେବ ଅନେକ ବିଧାନସଭା ଓ ଲୋକସଭା ଆସନ ଜିତୁଛି । ମୁଁ କେନ୍ଦ୍ରକୁ ପଚାରିବାକୁ ଚାହେଁ ଯେ ଯଦି ଏସ୍ଆଇଆର କେବଳ ବାଂଲାଦେଶୀଙ୍କ ଚିହ୍ନଟ ପାଇଁ ତେବେ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ବିଜେପି ଶାସିତ ଆସାମରେ କାହିଁ ଏହା ହେଉନାହିଁ । ମଣିପୁର ଓ ମିଜୋରାମରେ ଏସ୍ଆଇଆର ନିର୍ଦ୍ଦେଶ କାହିଁ ଦିଆଯାଉନାହିଁ ।

**PARADIP PORT AUTHORITY**
**TENDER No. ENG/CE/1606/ NDC4/2025/318 Dt. 21.11.2025**
Development of North Dock Complex-4 (NDC-4) Berth for handing Dry Bulk Cargo on Captive basis
**INVITATION OF REQUEST FOR QUALIFICATION (RFQ) & REQUEST FOR PROPOSAL (RFP)**
Paradip Port Authority (PPA) invites bids from interested Bidders in accordance with the RFQ & RFP documents which may be downloaded from the CPP Portal **(https://eprocure.gov.in/eprocure/app).** Last date and time of submission of Bids is 04.02.2026 till 1400 hours.
**Executive Engineer (C)**
**Project Implementation Officer**
**Paradip Port Authority**
PPA/PR/53/2025-2026 Dtd.25/11/2025

**AFFIDAVIT**
By virtue of an affidavit sworn before Notary Public, BHUBANESWAR, dated. 25.11.2025 I, DIPA SAHU, Address RAY NO 48, SCIENCE PARK BASTI ACHARYA VIHAR, BHUBANESWAR, KHURDHA, PIN-781013 declare that I have changed my name from K GOURI RAO to DIPA SAHU. Henceforth, I shall be known as DIPA SAHU for all purposes.
**DIPA SAHU**

**AFFIDAVIT**
By virtue of an affidavit sworn before Executive Magistrate, Nayagarh Odisha on dated. 25.11.2025 I Laxmi Narayan Swain, S/o- Abhimanyu Swain Resident of Village- Kalyanpur, P.O.- Kalyanpur, P.S- Sarankul, Dist- Nayagarh, PIN-752070 declare that I have changed my minor Daughter's name from Pragnyalina Swain to Pragyanlina Swain. Henceforth, She shall be known as Pragyanlina Swain for all purposes.
**Sd/- Laxmi Narayan Swain**

**AFFIDAVIT**
By virtue of an affidavit sworn before Executive Magistrate,Nayagarh Odisha on dated 25.11.2025 I, Rojalini Dalei D/o -Biranchi Narayan Dalei Resident Of Village-Komand P.O- Komand P.S-Odagaon Dist-Nayagarh,PIN-752090 declare that I have changed my name from Rojalin Dalei to Rojalini Dalei Henceforth, I shall be known as Rojalini Dalei for all purposes.
**Sd/- Rojalini Dalei**

**CAD-**
**Directorate of Ports & Inland Water Transport, Fortune Tower, Ground Floor, Zone - A,**
**Chandrasekharpur, Bhubaneswar-751023**
**Phone: 0674-2300885, Email: -portsniwt.od@nic.in**
**e-PROCUREMENT NOTICE**
**Bid Identification No. DPIWT-27/2025-26**

| | | |
|---|---|---|
| 01. Name of the work | : | Supply & Installation of New HDPE Floating Jetty at the Exit side of Kalijai Temple in Chilika Lake of Khordha District. |
| 02. Approximate value of work | : | Rs.22,27,500.00 |
| 03. No. of Covers | : | Single cover |
| 04. Bid Cost | : | Rs.6,000.00 |
| 05. Period of Completion | : | 01 (One) Calendar Months |
| 06. Date & Time of availability of bid document in the portal | : | 25.11.2025 to 05.12.2025 up to 05.00 P.M. |
| 07. Date & Time of Bid Clarification | : | 25.11.2025 to 29.11.2025 up to 03.00 P.M. |
| 08. Last date & lime for receipt of bids in the portal | : | 05.12.2025 up to 05.00 P.M. |
| 9. Date of opening of bid document | : | 06.12.2025 at 11.30A.M. |
| 10. Name and address of officer inviting Tender (OIT) | : | Director, Ports & Inland Water Transport, Fortune Tower, Ground Floor, Zone-A, Chandrasekharpur, Bhubaneswar, Odisha, Pin-751023 Phone-0674-2390355, Fax-2396885. i-Mail: - portsniw t.odfanic.in |

Further details can be seen from the e-Procurement market place, https//tendersodisha.gov.in. The Addendum / Corrigendum if any will be hosted in the website only.
**Sd/- Director**
**Ports & IWT, Odisha**

**A-984**
**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**MINOR IRRIGATION DIVISION KHORDHA**
**Tel No. (06755) 221502 E-mail: eemidkhurda@yahoo.co.in**
**Letter No. 5285 Dt. 21.11.2025**
**Invitation for Bids**
**Bid Identification No. SEMIDKHD 14/2025-26**

| | | | |
|---|---|---|---|
| 1 | The Superintending Engineer, Minor Irrigation Division. Khordha. on behalf of the Governor of Odisha.invites Percentage Rate Bids in Single and double Cover system in Online Mode only for civil works in MIPs under CAPEX Scheme and Check Dams under MATY Scheme as detailed in the table below from the eligible Class of Contractors. | | |
| 2. | Nature of Work | : | Civil works in MIPs under CAPEX Scheme and MATY Scheme in different Blocks of Khnrdhs District |
| 3 | No.of Works | : | 07(Seven)Nos.Only |
| 4 | Cost of Bid Document | : | Rs.10.000/- & 6000/- through online only. |
| 5 | Tender Value | : | Rs.43.48 to 71.72 lakhs |
| 6 | Class of Contractor | : | "B' Class as applicable |
| 7 | Availability of Bid Documents Online | : | 10.30A.M of Dt.26.11.2025 to 5.30 P.M of Dt.05.12.2025 |
| 8 | Last Date and Time for receipt of Bids in the Portal | : | 5.30 P.M of Dt. 05.12.2025 |
| 9 | Date of Opening of Bids | : | 11.30A.M of Dt.06.12.2025 |
| 10 | The Bidders shall have to participate in online bidding only.Further details can be seen from the website https//tendersodisha.gov.in. Anaddendum/Corrigendum/Cancell at Jon of Bid canals obeseen in the said website.TheAuthorityreserves the right to defer/reject/accept any or all the bids, without assigning any reason whatsoever. The Authority shall in no way be held liable for such action nor will make any obligation to inform the Bidder the ground for the same | | |

**Sd/- Superintending Engineer**
**Minor Irrigation Division, Khordha**

**O-1519**
**E mail: eerwkesinga@yahoo.com**
**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION, KESINGA**
**e-Procurement Notice**
**BID IDENTIFICATION NO. RWKSNG-online-07/25-26**

| | | | |
|---|---|---|---|
| 1. | Name of works | : | Building works & Road works (As per annexure) |
| 2. | Total No. of work | : | 16Nos |
| 3. | Estimated Cost | : | Rs. 1.62 lakhs to Rs.49.98 lakhs (Approximately) |
| 4. | E.M.D | : | Please refer DTCN |
| 5. | Cost of Tender document | : | As per annexure |
| 6. | Class of Contractor | : | "D' 'C & B" Class |
| 7. | Period of completion | : | As per annexure |
| 8. | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarificaiton | Date & Time of opening of tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Kesinga | RWKSNG-online 07/25-26 | 26.11.2025 at 11.00 A.M. | 08.12.2025 upto 17.00 P.M. | 04.12.2025 upto 11.00 A.M. | 09.12.2025 at 11.00 A.M. |

Further details can be seen from the Website i.e **www.tenderodisha.gov.in.**
**Sd/- Superintending Engineer**
**Rural Works Division**

**B-723**
**GOVERNMENT OF ODISHA : OFFICE OF THE SUPERINTENDING ENGINEER, PARALAKHEMUNDI(R&B) DIVISION, PARALAKHEMUNDI.**
**e-Procurement Notice**
**Tel.Ph.No: 06815-222542**
**E-mail I.D: eerbparala@yahoo.com**
**Bid Identification No. S.E., PKD. R&B DIVN.-15 /2025-26**
**No. 6583 Date : 15.11.25**
**INVITATION FOR BIDS**

| | | | |
|---|---|---|---|
| 1. | The Superintending Engineer, Paralakhemundi (R&B) Division on behalf of Governor of Odisha Invites Percentage rate bid in Single/ Double system to be received in on ONLINE MODE only for the construction of works as detailed in the table below: | | |
| 2. | Nature of works | : | Buildings & Roads Works |
| 3. | No. of works | : | 07 [Seven] no. of works |
| 4. | Estimated cost (Approximately) | : | Rs.66.48 Lakhs to 3.15 Lakhs |
| 5. | Bid cost | : | Rs. 10,000/-, Rs.6,000/- & Rs. 2,000/- |
| 6. | Class of contractor | : | "B" & "C" & "D" class ' |
| 7. | Availability of Bid Documents in the website | : | 10.00 Hrs of Dt. 25.11.2025 To 17.00 Hrs. of Dt.05.12.2025 |
| 8. | Date of opening of the Bid | : | 12.00 Hrs. ofDt.06.12.2025 |
| 9. | The Bidders have to participate in ONLINE bidding only. Further details can be seen from the website **http://tendersorissa.gov.in.** Any Addendum / Corrigendum / Cancellation of tender can also be seen in he said website. The authority reserves the right to reject any or all bids withous assigning any reason thereof. | | |

**Sd/- Superintending Engineer**
**Paralakhemundi (R&B) Division**

**O-1504**
**E_mail: rw_sundargarh@yahoo.co.in**
**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS, DIVISION, SUNDARGARH**
**E-PROCUREMENT NOTICE**
**BID IDENTIFICATION NO: ONLINE-SESNG-18 of 025-26**

| | | | |
|---|---|---|---|
| 1. | Name of the works | : | Building work |
| 2. | Total No. of work | : | 10 nos Buildng |
| 3. | Estimated Cost | : | Rs. 0.85 Lakhs to rs. 7.62 Lakhs |
| 4. | Class of Contractor | : | 'C' & 'D' |
| 5. | Period of Completion | : | 01 Calendar Months. |
| 6. | Type of Tender | : | Single Cover |
| 7. | Other details | | |

| Procurement Officer | Bid Identification No. | Availability of Tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Sundargarh | **Online-SESNG-18 of 2025-26** | 25.11.2025 11.00 A.M. | 04.12.2025 05.00 P.M. |

Further details can be seen from the website **www.tendersorissa.gov.in**
**Sd/- Executive Engineer**
**Rural Works Division,Sundargarh**

**O-1515**
**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION, BHADRAK**
**E mail: ee_rwbdk@yahoo.com**
**e-Procurement Notice for Building Works**
**Bid Identification No. Online Tender 14 of 2025-26**

| | | | |
|---|---|---|---|
| 1. | Name of the works | : | Building |
| 2. | Total No. of work | : | 01 No. |
| 3. | Estimated Cost | : | Rs. 19.11 Lakh |
| 4. | Class of Contractor | : | "C" & "D" Class |
| 5. | Period of Completion | : | As per Annexure |
| 6. | Type of Tender | : | Single Cover |
| 7. | Other Details | : | |

| Procurement Officer | Bid Identification No. | Availability of Tender online for bidding | | Date of seeking tender | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | | 4 | 5 |
| Executive Engineer, Rural Works Division-1, Bhadrak | Online-14 of 2025-26 | 25.11.2025 At 11.00 A.M. | 02.12.2025 At 4.00 P.M. | 02.12.2025 At 2.00 P.M. | 03.12.2025 At 11.00 A.M. |

Further details can be seen from the e-procurement portal **"https://tendersorissa.gov.in"**
**N.B-1 : Transparent Lottery date will be intimated later.**
**2. Signed scan copy of Schedule "A", "E" & "F" are mandatory. Non submission of he same may cause rejection of the bid.**
**Sd/- Er. Ganesh Chandra Hembram**
**Executive Engineer, R.W. Division, Bhadrak**

**MM-305**
**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ବଣାଇଁ ବନଖଣ୍ଡ**
**OFFICE OF THE DIVISIONAL FOREST OFFICER : BONAI FOREST DIVISION**
**At/PO.- Bonaigarh, Dist. Sundargarh- 770038 Email- dfp.bonai@odisha.gov.in**
**No. 287 / 1F (Acct.) - Dated : 17.11.2025**
**INVITATION FOR BIDS**
**Bid Identification No.4 Online**

The Divisional Forest Officer, Bonai on behalf of Governor of Odisha invites percentage rate bids in Single cover system in ONLINE MODE

| | | |
|---|---|---|
| 1. | Nature of Works | Creation of Water Body & Construction of Barrack |
| 2. | No. of Works | 8 (Eight). |
| 3. | Bid Cost | 6,000/- |
| 4. | Estimated Cost | Rs. 17.78 lakhs to Rs.4.99 lakhs (Water Body) Rs.33.91 lakhs (Barrack) |
| 5. | Class of Contractor | "B" Class, "C" Class & "D" Class, |
| 6. | Date & Time of availability of the Tender documents | 26s* Nov-2025 to 05s' Dec- 2025 up to 5.30 P.M. |
| 7. | Last date & time of receipt of bids in portal | 05th Dec-2025 up to 5.30 P.M. |
| 8. | Date of opening of Bid | 6th Dec-2025 at 11.00 A.M. |

The bidders have to participate in ONLINE bidding only. Further details can be seen from the website: https://tendersodisha.gov.in Any addendum/corrigendum/ cancellation of tender can also be seen in the said website only.
**Sd/- Divisional Forest Officer**
**Bonai Division**

**O-1542**
**GOVERNMENT OF ODISHA : OFFICE OF THE EXECUTIVE ENGINEER**
**RURAL WORKSELECTRICAL DIVISION BERHAMPUR**
**e-Procurement Notice No -EERWELBAM-14/2025-26**
**E-Mail- eerwelelectbam @yahoo.com**

| | | |
|---|---|---|
| 1 | Name of the work | 1) shifting of 11 KV linefrom the work site "Const of High Level Bridge over local Nallah of PWD Road to Majhiput" at Majhiput in the Dist. Of Koraput. 2) Errection of intermediate pole under MV-79, 33KV near MPV-36 Village from the construction of OLD mm Road in the Dist.of Malkangiri. 3) Shifting of 11KV electric poles with cable for the work "Construction of SH-1 to Jhadepadar road in the dist. of Kandhamal 4) Construction of RD Road from Ranipathar to Khudhar Road Under CAPEX SH-1 in the Dist. Of Kandhamal 5) Power Supply to New R.W Division office Building at Meghamalatota (Jeypore) in the Dist. Of Koraput. 6) Shifting of Existing 11KV Line over the Bridgeat 1st Km on Mohangiri to Dolabahall Road in the Dist. Of Kalahandi. 7) Shifting of Electric Utilities for the work Improvement to Dainaguda chhak (In Nabarangpur District) to Dahimal (Kalahandi District) under Inter District Inter Block Connectivity Scheme for the year 2021-22 in the dist. Of Nabrangpur |
| 2 | Estimated Cost | Rs.5.00 to 21.00lakhs (Excluding GST) |
| 3 | Period of completion | 120 days |
| 4 | Bid Identification No | EERWELBAM- 14/2025-26 |
| 5 | Date and time of availability of Bid documents in the portal | From Dt. 29.11.2025 at 11.00 A.M.to Dt-08.12.2025 dupto 5.00 P.M |
| 6 | Date & Time of opening of tender | Dt. 09.12.2025 at 01.00P.M. |
| 7 | Procurement officer/ Name and address of the officer inviting Bids. | Executive Engineer, R.W EL.DIVN.BAM At- Near IT Office Ambapua. Dist. -Ganjam.Berhampur, Odisha. -760011 |

Further detail can be seen from the Govt. Web site **www.tenderorissa.gov.in**
**Executive Engineer, Rural Works Elect. Divn.BAM**

**O-1518**
**GOVT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION PATNAGARII**
**e Procurement Notice**
**E-mail: eerw_ptng@yahoo.in**
**Phone No-06658-222121**
**IFB IDENTIFICATION NO. EEPTNG-Online-14/2025-26**

| | | | |
|---|---|---|---|
| 1. | Name of work | : | Building works |
| 2. | Total no of work | : | 15 (Fifteen ) No works |
| 3. | Time for completion | : | 06 (Six) Calendar month |
| 4. | Approximate estimated cost | : | 20.17 lakh to 47.06 lakh |
| 5. | Mode of Submission of tender | : | Tender should be submitted online in www.tendersorissa.gov.in |
| 6. | Other details are as follow | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W. Divn., Patnagarh | EEPTNG-Online-14/2025-26 | 24.11.2025 at 11.00 AM | 06.12.2025 upto 5.00 PM | 05.12.2025 upto 5.00 PM | 08.12.2025 at 11.00 A.M. |

Further details can be seen from the **website www.tendersorissa.gov.in**
Any Corrigendum/Addendum will be displayed in the above e tender website only.
**Sd/- Executive Engineer**
**R.W. Divisjon, Patnagarh**

**A-976**
**OFFICE OF THE SUPERINTENDING ENGINEER**
**MINORIRRIGATION DIVISION, GANJAM-II, BERHAMPUR.**
**GOVERNMENT OF ODISHA : e-PROCUREMENT NOTICE**
**Ltr No. 5123 Date : 21.11.2025**
**E-mail: mi2_exe.engr@yahoo.co.in**
**Ph.No. 0680-2290475**
**BID IDENTIFICATION No: GMID-11/08/2025-26**

| | | |
|---|---|---|
| Name of work | : | Civil Construction Works |
| No. of works | : | 4 ( Four ) Nos. |
| Estimated cost | : | Rs. 8.37 lakh to 58.04 lakh. |
| Tender paper cost | : | Rs 10,000.00 (for estimated cost above 50.00 Lakh) Rs. 4000.00 (for estimated cost below 10.00 lakh) |
| Period of completion | : | 02 (Two) to 03 (Three) calendar months. |
| Class of Contractor | : | "D"," C" & 'B' |
| Availability of bid documents | : | From 25.11.2025 at 10.00 AM to 04.12.2025 up to 5.00 PM in website (www.tendersorissa.qov.in) |
| Period of Receipt of bid through on Line | : | From 25.11.2025 at 10.00 AM to 04.12.2025 upto 5.00 PM Through On- Line. |
| Mode of Payment | : | Online. |
| Date of opening of bid documents | : | 05.12.2025 at 11.30 AM (Technical Bid opening for double cover system) |
| Date of Lottery( If required) | : | 06.12.2025 at 4.00 PM Financial Bid opening cover-II Shall be intimated through web site and E-mail specified for the purpose in e-tendering process. |
| Digital signature certificate of Bidder | : | The bidder must possess compatible digital signature Certificate (DSC) of Class-II or Class-III. |

**The detail tender call notice can also be seen in the DOWR website- http://dowrorissa.gov.in**

| | | |
|---|---|---|
| Name & Address of the OIT | : | Superintending Engineer, M.I.Division, Ganjam-II In front of DepaulSchool, Engineering school road Berhampur, Dist-Ganjam PIN-760010. E-mail: mi2_exe.engr@yahoo.co.in |
| Further details can be seen from the E-Procurement market place. | : | http://tendersorissa.qov.in |

**Sd/- Supermtending Engineer**
**M.I. Division, Ganjam-II, Berhampur**

**A-**
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, MAYURBHANJ**
**Tel No. (06792)260788, e-Mail ID mi.mayurbhanj@yahoo.co.in**
**"e" Procurement Notice No. 4123 Dated 18.11.2025**
**Identification No-S.E.M.I.D. MBJ.No.-20/MID, MBJ/2025-26**

The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate through e-procurement to be received in online mode only for the works as detailed in the table below.

| | | | |
|---|---|---|---|
| 1. | Name of works | : | Civil Construction works as mentioned in the web site |
| 2. | Total No. of works | : | 7 nos |
| 3. | Tender amount | : | 63.86 Lakh to 97.79 Lakh (Detail list of works Annexed] |
| 4. | Class of Contractor | : | As Mentioned against Work. |
| 5. | Period of Completion | : | As Mentioned against Work. |
| 6. | Date & time of Availability of Bid Document in the Portal | : | 21.11.2025 at 10.00 AM to 30.11.2025 up to 5.00 P.M. |
| 7. | Last date/ Time for receipt of Bids in the Portal | : | 30.1 1.2025 up to 5.00 P.M. |
| 8. | Date /Time of Opening of Technical Bid | : | 01.12.2025 at 11.00 A.M. in O/o the Superintending Engineer, M.I. Division, Mayurbhanj through web site. |
| 9. | Date of transparent lottery (if cases arises) | : | To be intimated through mail after off line evaluation of Financial Bids. |
| 10. | Name and Address of the Officer Inviting the Bid | : | Superintending Engineer, M.I. Division, Mayurbhanj |
| 11. | Mode of Payment of Bid Cost | : | Online |

Further details can be seen from the "e" Procurement Portal **"https://tendersorissa.gov.in"**
**Sd/- Superintending Engineer**
**Minor Irrigation Division,**
**Mayurbhanj**

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

# ପ୍ରେମିକା ପାଇଁ ବାଇକ୍ ଚୋରି, ଯୁବକ ଅଟକ

ଭୁବନେଶ୍ୱର, (ସବ୍ୟୁ) : ପ୍ରେମିକା ପାଇଁ ବାଇକ୍ ଚୋରି କରିଥିବା ଯୁବକକୁ ମୈତ୍ରୀବିହାର ଥାନା ପୋଲିସ ଆଇଜି ପାର୍କ ନିକଟରୁ ଧରିବା ପରେ ଥାନାରେ ଅଟକ ରଖି ପଚରାଉଚରା କରୁଛି । ଚତୁରତାର ସହ ପ୍ରେମିକା ଘଟଣାସ୍ଥଳରୁ ଖସିଯାଇଥିବା କୁହାଯାଉଛି । ବାସ୍ତବରେ ସେ ଖସିଯାଇଛି ନା ପୋଲିସ ତାକୁ ଛାଡିଦେଇଛି, ତାହା ସ୍ପଷ୍ଟ ହୋଇନାହିଁ । ଗତ ୨୨ ତାରିଖ ଦିନ ରାତିରେ ସାଲିଆସାହିର ଜଣେ ବ୍ୟକ୍ତିଙ୍କ ଘରେ ପଶି ୩ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ୨୨୦ ପଲସର ଲୁଟ୍ କରିଥିଲେ । ତାଙ୍କ ଘର ଗେଟ୍ ଭାଙ୍ଗିବା ସହ ବାଇକ୍‌ର ଡବଲ ତାଲା ଓ ହେଣ୍ଡେଲ ଲକ୍‌କୁ କାଟି ଲୁଟି ନେଇଥିଲେ । ୨୩ ତାରିଖ ସକାଳେ ବାଇକ୍ ଚୋରି ହୋଇଥିବା ମାଲିକ ଜାଣିବା ପରେ ମୈତ୍ରୀବିହାର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ସହର କ୍ୟାମେରା କଣ୍ଟ୍ରୋଲ ରୁମ୍ ବାଇକ୍ ନମ୍ବରକୁ ପୋଲିସ ଟାର୍ଗେଟ ନଜର ରଖିଥିଲା । ମଙ୍ଗଳବାର ଆଇଜି ପାର୍କ ପାଖରେ ସେ ପ୍ରେମିକାକୁ ଧରି ବୁଲାଉଥିବା ବେଳେ ପୋଲିସ ପହଞ୍ଚି ଯୁବକଙ୍କୁ କାବୁ କରିଥିଲା । ଏହା ପୂର୍ବରୁ ସେମାନେ ୨୨୦ ପଲସରରେ ସାରା ସହରରେ ବୁଲିଥିବା କ୍ୟାମେରା କଣ୍ଟ୍ରୋଲ ରୁମ୍‌ରୁ ଜଣାପଡିଛି । ୨୨ ତାରିଖ ରାତିରେ ବାଇକ୍ ଚୋରି ହୋଇଥିବା ବେଳେ ୨୫ ତାରିଖରେ ମାଲିକ ବାଇକ୍ ପାଇବା ପରେ ବହୁତ ଖୁସିହୋଇଛନ୍ତି ।

## ପୁରୀ ମ୍ୟୁନିସପାଲିଟି କଣ୍ଟ୍ରାକ୍ଟର୍ସ ଆସୋସିଏସନର ଚେତାବନୀ

# ପୂର୍ବ ବକେୟା ବିଲ୍ ୧୧ କୋଟି ଟଙ୍କା ପାସ ନହେଲେ ନୂତନ କାର୍ଯ୍ୟ କରିବୁ ନାହିଁ

ପୁରୀ, (ସବ୍ୟୁ) : ଦିର୍ଘ ବର୍ଷ ଧରି ପଡି ରହିଥିବା ପୂର୍ବ ଠିକା କାର୍ଯ୍ୟ ବକେୟା ବିଲ ପାସ ନହେବା ପର୍ଯ୍ୟନ୍ତ ନୂତନ କାର୍ଯ୍ୟ କରିବୁ ନାହିଁ। ପୌର ସଂସ୍ଥା ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆହ୍ୱାନ କରାଯାଉଥିବା ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବୁ ନାହିଁ। ପୌର ସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିବା କୌଣସି ଠିକାଦାର ଟେଣ୍ଡର ଫର୍ମ ପୂରଣ କରିବେ ନାହିଁ। ପୌରସଂସ୍ଥା ବକେୟା ଅର୍ଥ ପ୍ରଦାନ ନ କଲେ କଣ୍ଟ୍ରାକ୍ଟର୍ସ ଆସୋସିଏସନ ପକ୍ଷରୁ କଡ଼ା ଆନ୍ଦୋଳନ କରାଯିବ। ଏହି ଆନ୍ଦୋଳନକୁ ରାଜ୍ୟ କଣ୍ଟ୍ରାକ୍ଟରସ ଆସୋସିସନକୁ ଅବଗତ କରାଯାଇ ଏହାକୁ ରାଜ୍ୟ ବ୍ୟାପୀ କରାଯିବ ବୋଲି କଡ଼ା ଚେତାବନୀ ଦେଇଛି ପୁରୀ ପୌର ସଂସ୍ଥା କଣ୍ଟ୍ରାକ୍ଟର୍ସ ଆସୋସିଏସନ। କଣ୍ଟ୍ରାକ୍ଟରସ ଆସୋସିଏସନ ପକ୍ଷରୁ ଦୀର୍ଘ ବର୍ଷ ଧରି ପଡିରହିଥିବା ବକେୟା ଅର୍ଥ ପ୍ରଦାନ ଓ ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ପୂର୍ବାହ୍ନରେ ପୁରୀ ୟୁଥ ହଷ୍ଟେଲ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ସମ୍ମିଳନୀରେ ସଭାପତି ଅଶୋକ କୁମାର ମହାନ୍ତି, ସମ୍ପାଦକ ଲୋକନାଥ ପଣ୍ଡା ପ୍ରମୁଖ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ କଣ୍ଟ୍ରାକ୍ଟର୍ସମାନେ ପୌରସଂସ୍ଥାର ପୂର୍ବରୁ ବିଭିନ୍ନ କାର୍ଯ୍ୟ କରିଥିଲେ ମଧ୍ୟ ତାହାର ପ୍ରାପ୍ୟ ମିଳୁନାହିଁ। ସେମାନେ ପୌରସଂସ୍ଥାର ସ୍ୱୀକୃତିପ୍ରାପ୍ତ ଠିକାଦାର ଅଟନ୍ତି । ପୌରସଂସ୍ଥା ପକ୍ଷରୁ ମୁକ୍ତାଯୋଜନାରେ ସହରରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଠିକାଦାର ମାନଙ୍କୁ କାର୍ଯ୍ୟାଦେଶ ଦିଆ ଯାଇଥିଲା। କାର୍ଯ୍ୟାଦେଶ ଅନୁଯାୟୀ ଠିକାଦାର ମାନେ କାର୍ଯ୍ୟ କରିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ବିଲ ମିଳି ନାହିଁ। ତାହାର ବିଲ ପ୍ରସ୍ତୁତ ହୋଇ ଜିଲ୍ଲାପାଳଙ୍କ ସ୍ୱିକୃତୀ ମିଳିଥିବା ବେଳେ ସେ ବିଲର ପ୍ରାପ୍ୟ ଅର୍ଥ ପାଇବାରେ ଅହେତୁକ ବିଳମ୍ବ ଘଟିଛି । ଏଥି ଯୋଗୁଁ କଣ୍ଟ୍ରାକ୍ଟରମାନେ ବ୍ୟାଙ୍କ ଋଣରେ ବୁଡି ରହିଛନ୍ତି। କେବଳ ସେତିକି ନୁହେଁ କଣ୍ଟ୍ରାକ୍ଟରମାନେ ବିଭିନ୍ନ ସମସ୍ୟାରେ ରହିଛନ୍ତି । ପୌରସଂସ୍ଥା ତତ୍କାଳୀନ ନିର୍ବାହୀ ଅଧିକାରୀ ସଂଜୟ କୁମାର ମିଶ୍ର, ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ, ସ୍ଥାନୀୟ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ମହେଶ୍ୱର ମହାନ୍ତି, ପୌରଯନ୍ତ୍ରୀ ଶରତ ଚନ୍ଦ୍ର ମିଶ୍ର, ସହକାରୀ ନିର୍ବାହୀଯନ୍ତ୍ରୀ ତଥା ବର୍ତ୍ତମାନର ପୌରଯନ୍ତ୍ରୀ ଦେବବ୍ରତ ଷଡ଼ଙ୍ଗୀ, ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ଭୋଇ, କନିଷ୍ଠଯନ୍ତ୍ରୀ ନିଳମଣୀ ପାଣିଗ୍ରାହୀ ଏବଂ ତତ୍କାଳିନ ପୁରୀ ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ କାର୍ଯ୍ୟ କାଳ ମଧ୍ୟରେ କଣ୍ଟ୍ରାକ୍ଟରଙ୍କୁ ରଥଯାତ୍ରା ସମ୍ପର୍କିତ ଜରୁରୀ କାର୍ଯ୍ୟ ଗୁଡ଼ିକ ମୌଖିକ ଆଦେଶ ଏବଂ ତଦାରଖ କ୍ରମେ କାର୍ଯ୍ୟ ଶେଷ କରାଇଥିଲେ । ଏହି କାର୍ଯ୍ୟରେ ଖର୍ଚ୍ଚ କରିଥିବା ସମସ୍ତ ପ୍ରାପ୍ୟ ଏ ପର୍ଯ୍ୟନ୍ତ ମିଳିନାହିଁ । ମୁକ୍ତା ଯୋଜନାରେ ୮ କୋଟି ଓ ରଥଯାତ୍ରା ଆଦି ଯାନିଯାତ୍ରା ପାଇଁ କାର୍ଯ୍ୟ ହୋଇଥିବା ପ୍ରାୟ ୩ କୋଟି ଟଙ୍କାର ବିଲ ବକେୟା ରହିଛି । ଫାଇଲ୍ ଗୁଡ଼ିକ ଜିଲ୍ଲାପାଳଙ୍କ ଅନୁମୋଦନ ବିନା ସଂଜୟ କୁମାର ମିଶ୍ର, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପାଖରେ ପ୍ରାୟ ଦୁଇ ବର୍ଷରୁ ଅଧିକ ସମୟ ରହିଗଲା । ଏହା ମଧ୍ୟରେ ସଂଜୟ କୁମାର ମିଶ୍ରଙ୍କ ଅନ୍ୟତ୍ର ବଦଳି ହୋଇଗଲା । ଏ ସମ୍ପର୍କରେ ସଂଜୟ କୁମାର ମିଶ୍ରଙ୍କୁ ପଚାରି ବୁଝିବାରେ ଫାଇଲ୍ ଗୁଡ଼ିକ ପୁରୁଣା ହୋଇଯାଇଥିବାରୁ ବର୍ତ୍ତମାନର ପୁରୀ ଜିଲ୍ଲାପାଳ ଏ ସମ୍ପର୍କରେ ଅନୁମୋଦନ ପାଇଁ ତାଙ୍କୁ ଜଣାଇଲେ ସେ ଅନୁମୋଦନ ପ୍ରଦାନ କରିବେ ବୋଲି କହିଥିଲେ । ତତ୍କାଳୀନ ଜିଲ୍ଲାପାଳ ଅରବିନ୍ଦ ଆଗ୍ରୱାଲଙ୍କ ଅନୁମୋଦନ ଆବଶ୍ୟକ ଥିବା ବେଳେ ଯଥା ସମୟରେ ଫାଇଲ ଗୁଡିକ ଜିଲ୍ଲାପାଳଙ୍କ ନିକଟକୁ ପଠାଇବାରେ ଶ୍ରୀ ମିଶ୍ର ଅବହେଳା ଯୋଗୁଁ କଣ୍ଟ୍ରାକ୍ଟରମାନଙ୍କ ସମସ୍ୟା ବଢ଼ିବାରେ ଲାଗିଛି । ଏଭଳି ଘଟଣା ପାଇଁ ଶ୍ରୀ ମିଶ୍ର ସମ୍ପୂର୍ଣ୍ଣ ଦାୟୀ । ତତ୍କାଳୀନ ପୌର ଅଧିକାରୀ ଶ୍ରୀ ମିଶ୍ରଙ୍କ ବଦଳି ପରେ ଆଜି ପର୍ଯ୍ୟନ୍ତ ଯେତେ ଜଣ କାର୍ଯ୍ୟନିର୍ବାହୀ ଅଧିକାରୀ ରୂପେ ଅବସ୍ଥାପିତ ହୋଇଛନ୍ତି ସମସ୍ତଙ୍କୁ ନ୍ୟାର୍ଯ୍ୟ ପ୍ରାପ୍ୟ ପ୍ରଦାନ ସମ୍ପର୍କରେ ଅବଗତ କରାଉଛୁ । ହେଲେ ସମସ୍ତେ ମନା ନକରି ବର୍ଷ ବର୍ଷ ଧରି ଫାଇଲ ଗଡ଼ାଇ ଅନ୍ୟତ୍ର ବଦଳି ହୋଇ ଚାଲି ଯାଉଛନ୍ତି । ମିଥ୍ୟା ପ୍ରତିଶ୍ରୁତି ଦେଇ କଣ୍ଟ୍ରାକ୍ଟରସ ମାନଙ୍କୁ ଅସୁବିଧାରେ ପକାଉଛନ୍ତି । ପ୍ରାପ୍ୟ ଅର୍ଥ ପାଇଁ ପୂର୍ବରୁ ମୌଖିକ ଆଲୋଚନା, କାର୍ଯ୍ୟବନ୍ଦ ଆନ୍ଦୋଳନ ହୋଇଥିଲା । ଆନ୍ଦୋଳନ ସହ ସାକ୍ଷାତ ଆଲୋଚନା କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଯଦି କଣ୍ଟ୍ରାକ୍ଟରମାନଙ୍କ ନ୍ୟାର୍ଯ୍ୟ ପ୍ରାପ୍ୟ ପ୍ରଦାନ ଦିଗରେ ପୌରସଂସ୍ଥା ପଦକ୍ଷେପ ନନିଅନ୍ତି ତେବେ ପୌରସଂସ୍ଥାର ସମସ୍ତ ଟେଣ୍ଡର ବର୍ଜନ କରିବା ସହ ରାଜ ରାସ୍ତାରେ ଆନ୍ଦୋଳନ କରିବା ପାଇଁ କଣ୍ଟ୍ରାକ୍ଟର୍ସ ଆସୋସିଏସନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଥିଲେ ।




# ହାଇଟେକରେ ନବାଗତା ଡାକ୍ତରୀ ଛାତ୍ରମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର, (ସବ୍ୟୁ) : ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲ ଭୁବନେଶ୍ୱରର ନବାଗତ ଡାକ୍ତରୀ ଛାତ୍ରଙ୍କର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ଏଥିରେ ବରିଷ୍ଠ ପୋଲିସ ପ୍ରଶାସକ ଏବଂ ଓଡିଶା ଅଗ୍ନିଶମ ବିଭାଗର ମୁଖ୍ୟ ଡି ଜି ଡା. ସୁଧାଂଶୁ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଦ୍ୟାର୍ଥୀ ମାନଙ୍କୁ ପାଠ ପଢା ପ୍ରତି ସଜାଗ ରହି ଦେଶ ଜାତି ପାଇଁ କାମ କରିବା ପାଇଁ ଆହ୍ୱାନ ଦେଇଥିବା ବେଳେ ହାଇଟେକ ଗ୍ରୁପର ପ୍ରତିଷ୍ଠାତା ଅଧକ୍ଷ ଡଃ ତିରୁପତି ପାଣିଗ୍ରାହୀ ବିଦ୍ୟାର୍ଥୀ ମାନଙ୍କର ଜୀବନ ସଦା ସର୍ବଦା ଦେଶ ଜାତି ପାଇଁ ମଙ୍ଗଳକର ହଉ ଏବଂ ବିଶ୍ୱର ସବୁଠାରୁ ଶ୍ରେଷ୍ଠ ପାଠ୍ୟକ୍ରମ ଡାକ୍ତରୀ ବିଷୟକୁ ବିଦ୍ୟାର୍ଥିମାନେ ଚୟନ କରିଥିବାରୁ ସେମାନଙ୍କ ବାପାମାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଗାମୀ ଦିନରେ ହାଇଟେକ ତାର ସମସ୍ତ ବିଦ୍ୟାର୍ଥିମାନଙ୍କ ପାଇଁ ସମସ୍ତ ପାଠପଢ଼ାର ସୁବିଧା ସୁଯୋଗ ଯୋଗାଇଦେବା ବୋଲି କହିଥିଲେ । ଏହି ଉତ୍ସବରେ ମ୍ୟାନେଜିଙ୍ଗ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ଡା. ରାକେଶ କୁମାର ପାଣିଗ୍ରାହୀ ଏବଂ ହାଇଟେକ ମେଡିକାଲ କଲେଜର ଅଧକ୍ଷ ଡା. ଦେବେନ୍ଦ୍ର ମହାପାତ୍ର ଉପାଧକ୍ଷା ଡା. ଲିଶା ଷଡଙ୍ଗୀ, ମେଡିକାଲ ସୁପେରିଟେଣ୍ଡେଣ୍ଟ ଡା. ରବିନ୍ଦ୍ରନାଥ ବେହେରା, ଏଫ ଏମ ୟୁନିଭରସିଟିର ପୂର୍ବତନ ଭାଇସ ଚାନସେଲର ଡା. କୁମର ବର ଦାସ ଏବଂ ହାଇଟେକ ଇନ୍‌ଷ୍ଟିଚ୍ୟୁଟ୍ ଅଫ ସର୍ଜିକାଲ ଏକ୍ସଲେନସିର ଡାଇରେକ୍ଟର ଡା. ଅଶୋକ ଆଚାର୍ଯ୍ୟ ଉପସ୍ଥିତ ଥିବା ବେଳେ ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲର ମୁଖ୍ୟ ପ୍ରଶାସନିକ ଅଧିକାରୀ ଡ଼ଃ ଗୋପେସ୍ୱର ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ହାଇଟେକ ବାଣିଜ୍ୟ ଓ ବିଜ୍ଞାନ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ତଥା ଆନ୍ତର୍ଜାତୀୟ ଓଡିଶୀ ନୃତ୍ୟଶିଳ୍ପୀ ଡ଼ଃ. ଚିତ୍ତରଞ୍ଜନ ସାହାଣୀ ସମସ୍ତ ବିଦ୍ୟାର୍ଥୀ ଏବଂ ଅଭିଭାବକ ମାନଙ୍କୁ ଅଭିଭାଷଣ ଦେଇ ସମ୍ବୋଧିତ କରିଥିଲେ ।




## ନୂତନ ଟେକ୍ନୋଲୋଜି ଗୁଡିକୁ ପ୍ରଦର୍ଶିତ କରିବା ପାଇଁ

# ମଲଟି-ସିଟି "ହେଲ୍‌ଥଯାତ୍ରା"ର ବିସ୍ତାର କରିଛି ୱିପ୍ରୋ ଜିଇ ହେଲ୍‌ଥକେୟାର

ରାଉରକେଲା : ହେଲ୍‌ଥକେୟାର ଟେକ୍ନୋଲୋଜିର ଏକ ଆନ୍ତର୍ଜାତୀୟ ପ୍ରଦାତା ୱିପ୍ରୋ ଜିଇ ହେଲ୍‌ଥକେୟାର ପକ୍ଷରୁ ରାଜ୍ୟବ୍ୟାପୀ ଏହାର ସକ୍ରିୟ ଅଭିଯାନ "ହେଲ୍‌ଥ ଯାତ୍ରା"ର ୨ୟ ପର୍ଯ୍ୟାୟ ଆରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି । ଏହି ଯାତ୍ରା ଏବେ ଓଡ଼ିଶାରେ ଚାଲିଛି, ଏହାର ପରବର୍ତ୍ତୀ ସ୍ଥାନ ରାଉରକେଲାର ହାଇ-ଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲ ହେବ । ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ ଦୃଷ୍ଟିକୋଣ ସହ ସମନ୍ୱିତ ଥିବା ଏହି ଅଭିଯାନକୁ ରୋଗୀଙ୍କ ଚିକିତ୍ସାର ମାନକୁ ରୂପାନ୍ତର କରିବା ପାଇଁ ଉନ୍ନତ ସଚେତନତା ସୃଷ୍ଟି କରିବା ଏବଂ ରୋଗୀମାନଙ୍କ ନିକଟରେ ବ୍ୟାପକ ପହଂଚ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି । ଏହି ଅଭିଯାନ ଚିକିତ୍ସକମାନଙ୍କୁ ଆଡ୍‌ଭାନ୍ସଡ ଅଲ୍‌ଟ୍ରାସାଉଣ୍ଡ ଓ ରୋଗୀ ଚିକିତ୍ସା ସମ୍ବନ୍ଧିତ ଟେକ୍ନୋଲୋଜିଗୁଡିକ ସହ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି ଯାହା ନିଦାନ ସଠିକତାକୁ ଉନ୍ନତ କରିବ ଏବଂ ଚିକିତ୍ସା ସମ୍ବନ୍ଧିତ କାର୍ଯ୍ୟଗୁଡିକୁ ଶୃଙ୍ଖଳିତ କରିବ । ଭୁବନେଶ୍ୱରରୁ ଆରମ୍ଭ ହେବା ପରେ, ସ୍ୱାସ୍ଥ୍ୟ ଯାତ୍ରା ଏବେ ଓଡ଼ିଶାର ରାଉରକେଲା ସ୍ଥିତ ହାଇ-ଟେକ୍ ମେଡିକାଲ୍ କଲେଜ ଏବଂ ହସ୍ପିଟାଲରେ ପହଂଚିଛି । ଏସମ୍ପର୍କରେ ଓ୍ୱିପ୍ରୋ ଜିଇ ହେଲ୍‌ଥକେୟାରର ଅଲ୍‌ଟ୍ରାସାଉଣ୍ଡ ବିଭାଗର ବିଜ୍‌ନେସ୍ ହେଡ, ଅନୁପ କୁମାର କହିଛନ୍ତି, ୱିପ୍ରୋ ଜିଇ ହେଲ୍‌ଥକେୟାରରେ ଆମେ ଏକ ଆତ୍ମନିର୍ଭର ଭାରତର ଲକ୍ଷ୍ୟ ପ୍ରତି ପ୍ରତିଶ୍ରୁତିବଦ୍ଧ ରହିଛୁ । ହେଲ୍‌ଥଯାତ୍ରା ଅଭିଯାନ ମାଧ୍ୟମରେ ଆମର ବିଶେଷଜ୍ଞମାନେ ଅଣସେବାପ୍ରାପ୍ତ ବଜାରଗୁଡିକରେ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କ୍ଷେତ୍ରରେ ବିପ୍ଳବ ଆଣିବାର ଲକ୍ଷ୍ୟ ସହିତ ଆଗଧାଡିର ଚିକିତ୍ସକଙ୍କ ସହ ପ୍ରତ୍ୟକ୍ଷ ଭାବେ ସଂଯୋଗ ହେଉଛନ୍ତି । ଆଧୁନିକ ସ୍ୱାସ୍ଥ୍ୟସେବା ଟେକ୍ନୋଲୋଜିଗୁଡିକ କିଭଳି ଚିକିତ୍ସାର ଗୁଣବତା ଓ ବିତରଣକୁ ଉନ୍ନତ କରିପାରିବେ ତାହାକୁ ପ୍ରଦର୍ଶିତ କରିବା ସହିତ ଆମର ପ୍ରୟାସ ହେଉଛି ଚିକିତ୍ସକ ଓ ସମୁଦାୟଗୁଡିକୁ ଚିକିତ୍ସା ପାଇଁ ଉନ୍ନତ ଓ ଅଧିକ ସମାନ ପହଂଚକୁ ସକ୍ଷମ କରିବା ଲାଗି ସହଯୋଗ କରିବା ।

# ବାଲ୍ୟ ବିବାହ ମୁକ୍ତ ଓଡ଼ିଶା ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ରୁଚିକା ସମାଜ ମଙ୍ଗଳ ସଙ୍ଗଠନ, ଖୋର୍ଦ୍ଧା ଜିଲ୍ଲା, ଶିଶୁ ସୁରକ୍ଷା ଶାଖା ଓ ପୁରୀ ଜିଲ୍ଲା ଶିଶୁ ସୁରକ୍ଷା ଶାଖାର ମିଳିତ ଆନୁକୁଲ୍ୟରେ ବାଲ୍ୟ ବିବାହ ମୁକ୍ତ ଓଡ଼ିଶା ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ ଏକ ମହାସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ଆଇ. ଜି. ଏସ.ସାଇନ୍ କହିଲେ ଗତ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁସାରେ ଭାରତରେ ୨୩ ଭାଗ ଶିଶୁ ବିବାହ ବୟସ ପୂର୍ବରୁ ବିବାହ କରୁଥିବା ବେଳେ ଓଡ଼ିଶାରେ ଏହି ସଂଖ୍ୟା ଶତକଡା ୨୦ ଭାଗରୁ ଅଧିକ । ଓଡ଼ିଶାର ନବରଙ୍ଗପୁର ଜିଲ୍ଲାରେ ଏହି ସଂଖ୍ୟା ୩୯ ଭାଗ ଥିବା ବେଳେ ନୟାଗଡ ଜିଲ୍ଲାରେ ୩୬ ଭାଗ । ବାଲ୍ୟ ବିବାହକୁ ରୋକିବାକୁ ହେଲେ କେବଳ ଆଇନ୍ ଯଥେଷ୍ଟ ନୁହେଁ, ଏଥିପାଇଁ ଗୋଷ୍ଠୀ ସଚେତନତା, ଶିକ୍ଷାର ପ୍ରସାର, ଝିଅମାନଙ୍କୁ ଶିକ୍ଷା ଓ ତାଲିମ ପାଇଁ ପ୍ରୋତ୍ସାହନ ସହିତ ବାଲ୍ୟ ବିବାହ ନିରୋଧ ଆଇନ -୨୦୦୬ ର ସଠିକ୍ କାର୍ଯ୍ୟକାରିତା ଆବଶ୍ୟକ। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ରାଜ୍ୟ ପରିଚାଳକ ପ୍ରିତିକାନ୍ତ ପଣ୍ଡା କହିଲେ ବାଲ୍ୟ ବିବାହ ଅର୍ଥ ପିଲାମାନଙ୍କ ସହିତ ଦୁଷ୍କର୍ମ। ଆମେ ସମସ୍ତେ ଏ କଥା ଜାଣିଲେ ମଧ୍ୟ ପରମ୍ପରାର ଦ୍ୱାହି ଦେଇ ଆମ ପିଲାଙ୍କ ଉପରେ ବିବାହ ଓ ପରିବାର ଚାଲାଇବାର ବୋଝ ଲଦି ଦେଉଛେ। ଜଷ୍ଟ ରାଇଟସ୍ ଫର୍ ଚିଲଡ୍ରେନ୍ ଆଲାଏନସର ଏକ ସଦସ୍ୟ ସଙ୍ଗଠନ ଭାବେ ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ୪ ଟି ଜିଲ୍ଲା ଯଥା ପୁରୀ, ଖୋର୍ଦ୍ଧା , ଜଗତସିଂହପୁର ଓ ଯାଜପୁର ଜିଲ୍ଲାରେ ଜିଲ୍ଲା ପ୍ରଶାସନ ସହଯୋଗରେ କାର୍ଯ୍ୟ କରି ବାଲ୍ୟ ବିବାହ ବିରୋଧ ଅଧିକାରୀ ଓ ପୋଲିସ ମାନଙ୍କ ସହିତ ମିଶି ଗତ ୨ ବର୍ଷ ମଧ୍ୟରେ ୬୭୦୦ ବାଲ୍ୟ ବିବାହ ବନ୍ଦ କରିବା ସହିତ ୬୧ ଟି କେସ୍ ଫାଇଲ୍ କରିଛି ଓ ପ୍ରାୟ ୧୨ ଲକ୍ଷ୍ୟ ସାଧାରଣ ଜନତା ବାଲ୍ୟ ବିବାହ ମୁକ୍ତ ଭାରତ ପାଇଁ ଶପଥ ପାଠ କରିଛନ୍ତି । ଏତଦ୍ ବ୍ୟତୀତ ୫୨୩ ଶିଶୁ ଶ୍ରମିକ ତଥା ଚାଲାଣ ହେଉଥିବା ଶିଶୁଙ୍କୁ ଉଦ୍ଧାର କରି ୪୭୭ ଟି କେସ୍ ଫାଇଲ୍ କରିଛି ଓ ୨୦୯ ଟି ଶିଶୁ ଯୌନ ନିର୍ଯାତନା ମାମଲାରେ ସପୋର୍ଟ ପର୍ସନ ଯୋଗାଇ ପୀଡ଼ିତା ମାନଙ୍କୁ ସହାୟତା ପ୍ରଦାନ କରିଛି ବୋଲି ଏକ ରିପୋର୍ଟ ଉପସ୍ଥାପନ କରିଥିଲେ ରୁଚିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ: ବେଣୁଧର ସେନାପତି। କାର୍ଯ୍ୟକ୍ରମରେ ପୁରୀ ଶିଶୁ ମଙ୍ଗଳ ସମିତିର ଅଧକ୍ଷ ପ୍ରଫେସର ଅଜିତ୍ କୁମାର ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧକ୍ଷା ଶ୍ରୀମତୀ ରଞ୍ଜିତା ପଣ୍ଡା, ଅତିରିକ୍ତ ଶିଶୁ ମଙ୍ଗଳ ସମିତିର ଅଧକ୍ଷା ବାଗ୍ମିଶ୍ରୀ ଦାସ, ପୁରୀ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା, ଖୋର୍ଦ୍ଧା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ବାଣିଶ୍ରୀ ପଟ୍ଟନାୟକ, ପୁରୀ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଯୋଗଦେଇଥିଲେ। ବାଲ୍ୟ ବିବାହ ବିରୁଦ୍ଧରେ ସଚେତନତା ବାର୍ତ୍ତା ପ୍ରଚାର କରୁଥିବା ୧୪ ଜଣ ଝିଅ ଓ ବାଲ୍ୟ ବିବାହ ବିରୁଦ୍ଧରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଆଗଧାଡ଼ିର ସରକାରୀ କର୍ମଚାରୀଙ୍କୁ ସାଇନିଂ ଲିଡରସିପ୍ ଆୱାଡରେ ସମ୍ମାନୀତ କରାଯାଇଥିଲା। ବିଭିନ୍ନ ଜିଲ୍ଲାରୁ ଆସିଥିବା ପ୍ରାୟ ୫୦୦ ମହିଳା ବାଲ୍ୟ ବିବାହ ମୁକ୍ତ ଓଡ଼ିଶା ଗଠନ ପାଇଁ ଶପଥ ନେଇଥିଲେ। ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ ରୁଚିକା ସମାଜ ମଙ୍ଗଳ ସଙ୍ଗଠନର ସମ୍ପାଦକ ଶ୍ରୀ ଉମାଶଙ୍କର ଷଡ଼ଙ୍ଗୀ, ସଭାପତିତ୍ୟ କରିଥିଲେ ପ୍ରଫେସର ସବିତା ମହାନ୍ତି, ଧନ୍ୟବାଦ୍ୟ ଦେଇଥିଲେ।



# କିସ୍‌ରେ ୪୦ ହଜାର ଛାତ୍ରଛାତ୍ରୀଙ୍କୁ ଶାଲ୍ ଓ ସ୍ୱେଟର ବଣ୍ଟନ

ଭୁବନେଶ୍ୱର,(ସବ୍ୟୁ) : ଶୀତଦିନ ଆସିଯାଇଥିବାରୁ କିସରେ ମଙ୍ଗଳବାର ଛାତ୍ରୀଙ୍କୁ ଶାଲ୍ ଓ ଛାତ୍ରଙ୍କୁ ସ୍ୱେଟର ବଣ୍ଟନ କରାଯାଇଛି। ପ୍ରତିବର୍ଷ ଶୀତ ଦିନ ଅବ୍ୟବହିତ ପୂର୍ବରୁ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସାଲ୍ ଓ ସ୍ୱେଟର୍ ବ୍ୟବସ୍ଥା କରିଥାନ୍ତି। ଶ୍ରୀ ସାମନ୍ତ ବ୍ୟକ୍ତିଗତ ଭାବେ ବାହାର ରାଜ୍ୟରୁ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ଶୀତବସ୍ତ୍ର କ୍ରୟ କରିଥାନ୍ତି। ଚଳିତବର୍ଷ ଶ୍ରୀ ସାମନ୍ତଙ୍କ ବ୍ୟକ୍ତିଗତ ପ୍ରୟାସରେ ପଞ୍ଜାବର ଲୁଧିଆନାରୁ କିସ୍ ଛାତ୍ରୀଙ୍କ ପାଇଁ ୨୦ ହଜାର ସାଲ୍ ଓ ଛାତ୍ରଙ୍କ ପାଇଁ ୨୦ ହଜାର ସ୍ୱେଟର କିଣାହୋଇ ଆସିଛି। କିସ୍ ପରିସରରେ ସେମାନଙ୍କୁ ଏକ ବିରାଟ କାର୍ଯ୍ୟକ୍ରମରେ ବଣ୍ଟନ କରାଯାଇଥିଲା। ଶାଲ୍ ଓ ସ୍ୱେଟର ପାଇ ଛାତ୍ରଛାତ୍ରୀମାନେ ବେଶ ଖୁସି ଅନୁଭବ କରିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଓ ଅତିରିକ୍ତ କୁଳସଚିବ ପ୍ରମୋଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ଏସ୍ଆଇ ନିଯୁକ୍ତି କେଳେଙ୍କାରୀ

## ସିବିଆଇ କୋର୍ଟକୁ ଆସିଲା ମାମଲା

ଭୁବନେଶ୍ୱର, (ସବ୍ୟୁ) : ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ମାମଲା ବ୍ରହ୍ମପୁର କୋର୍ଟରେ ଚାଲିଥିବା ବେଳେ ତାହା ଭୁବନେଶ୍ୱର ସିବିଆଇ କୋର୍ଟକୁ ସ୍ଥାନାନ୍ତରିତ ହୋଇଛି । କାରଣ ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚ ମାମଲାର ତଦନ୍ତ କରୁଥିବାରୁ ତାହା ବ୍ରହ୍ମପୁର କୋର୍ଟରେ ପରିଚାଳିତ ହେଉଥିଲା । ସିବିଆଇ ତଦନ୍ତଭାର ଗ୍ରହଣ କରିବା ପରେ ବ୍ରହ୍ମପୁର କୋର୍ଟକୁ ଯାଇ ମାମଲା ହାତକୁ ଆଣିବା ସହ ଜେରା କରିବା ଆରମ୍ଭ କଲାଣି । ଏସ୍ଆଇ ନିଯୁକ୍ତି କେଳେଙ୍କାରୀର ମାଷ୍ଟରମାଇଣ୍ଡ ଶଙ୍କର ପ୍ରଷ୍ଟି ଘର ବ୍ରହ୍ମପୁରରେ ହୋଇଥିବା ବେଳେ ପ୍ରଥମେ ୧୧୪ ପରୀକ୍ଷାର୍ଥୀଙ୍କୁ ବ୍ରହ୍ମପୁର ପୋଲିସ ଗିରଫ କରିଥିଲା । ମାମଲାର ତଦନ୍ତଭାର କ୍ରାଇମ୍‌ବ୍ରାଞ୍ଚ ନେବା ପରେ ୧୨ଜଣ ଦଲାଲ ଗିରଫ ହୋଇଛନ୍ତି । ସେମାନେ ମଧ୍ୟ ବ୍ରହ୍ମପୁର ଜେଲ୍‌ରେ ଅଛନ୍ତି । ୧୧୪ ପରୀକ୍ଷାର୍ଥୀଙ୍କୁ ବ୍ରହ୍ମପୁର କୋର୍ଟରୁ ଜାମିନ ମିଳିଛି । ସେମାନଙ୍କ ମଧ୍ୟରୁ ସିବିଆଇରେ ୧୩ଜଣ ହାଜର ହୋଇସାରିଲେଣି । ମାମଲା ସିବିଆଇ କୋର୍ଟକୁ ଆସିବାରୁ ସମସ୍ତ ଦଲାଲଙ୍କୁ ବ୍ରହ୍ମପୁର ଜେଲ୍‌ରୁ ଝାରପଡା ସ୍ୱତନ୍ତ୍ର କାରବାରକୁ ଅଣାଯିବ । କାରଣ ସେମାନଙ୍କୁ ଆବଶ୍ୟକ ହେଲେ ଜେଲ୍‌ରେ ଜେରା କରାଯିବ ନଚେତ୍ ରିମାଣ୍ଡରେ ଆଣି ଜେରା କରାଯିବ । ମାମଲା ଭୁବନେଶ୍ୱରକୁ ଆସିଗଲେ ସିବିଆଇ ତଦନ୍ତକାରୀ ଅଫିସରଙ୍କୁ ଆଉ ଅସୁବିଧା ହେବ ନାହିଁ । ବ୍ରହ୍ମପୁର ଯିବା ଆସିବା କରିବା ଫଳରେ ସମସ୍ୟା ସୃଷ୍ଟି ହେଉଥିଲା ।

## ଆନ୍ତଃ ଉଚ୍ଚ ମାଧ୍ୟମିକ ଖୋ ଖୋ ବାଳକ ଟୁର୍ଣ୍ଣାମେଣ୍ଟ

# ଓଡ଼ିଶା ଏଏମ୍/ ଏନ୍ଏସ୍ ଇଣ୍ଡିଆ ଖୋ ଖୋ ଏଚ୍‌ପିସି ଆଥଲେଟଙ୍କ ଚମତ୍କାର ପ୍ରଦର୍ଶନ

କେନ୍ଦୁଝର, (ସବ୍ୟୁ) : ଓଡ଼ିଶା ଏଏମ୍/ ଏନ୍ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର (ଏଚପିସି)ର ତିନିଜଣ ପ୍ରମୁଖ ଆଥଲେଟଙ୍କ ଅସାଧାରଣ ଦକ୍ଷତା ଏବଂ ନିଷ୍ଠା ପ୍ରଦର୍ଶନ ବଳରେ ପୁରୀର ରାଧାବଲ୍ଲଭ ମହାବିଦ୍ୟାଳୟ ଏବଂ ଯାଜପୁରର ବରୁଣେଶ୍ୱର ମହାବିଦ୍ୟାଳୟରେ ଅନୁଷ୍ଠିତ ଆନ୍ତଃ ଉଚ୍ଚ ମାଧ୍ୟମିକ ଖୋ ଖୋ (ବାଳକ) ଟୁର୍ଣ୍ଣାମେଣ୍ଟ ୨୦୨୫-୨୬ରେ ରନର୍ସଅପ୍ ଟାଇଟଲ୍ ହାସଲ କରିଛି। ଏଚପିସିର କୁନା ବେହେରା, ସିବା ଗୁଣ୍ଟା ଏବଂ ସମୀର ଖାଲକୋ ଅନୁଶାସନ, କ୍ରୀଡ଼ା ନିପୁଣତା ଏବଂ ନିରନ୍ତର ଶକ୍ତି ପ୍ରଦର୍ଶନ ଦ୍ୱାରା ଚମତ୍କାର ପ୍ରଦର୍ଶନ କରିଥିଲେ । ପଡ଼ିଆରେ ସେମାନଙ୍କର ଗତି ଏବଂ ପରିପକ୍ୱତା ସ୍ଥାନୀୟ ଅଧିକାରୀ, ପ୍ରଶିକ୍ଷକ ଏବଂ ଦର୍ଶକଙ୍କଠାରୁ ପ୍ରଶଂସା ଲାଭ କରିଥିଲା, ଯାହା ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଏଚପିସିର ବଢୁଥିବା ପ୍ରଭାବକୁ ସୂଚିତ କରୁଛି । ଏଚପିସିର ମୁଖ୍ୟ ପ୍ରଶିକ୍ଷକ ସଞ୍ଜୀବ ଶର୍ମା କହିଛନ୍ତି, ଆମେ ଆମର ଆଥଲେଟମାନଙ୍କ ପାଇଁ ଗର୍ବିତ ଯେ, ସେମାନେ ସେମାନଙ୍କ ବିଦ୍ୟାଳୟ ଏବଂ ଏଚପିସିର ପ୍ରତିନିଧିତ୍ୱ କରି ଚମତ୍କାର ପ୍ରଦର୍ଶନ କରିଛନ୍ତି । ଆନ୍ତଃ ଉଚ୍ଚ ମାଧ୍ୟମିକ ଟୁର୍ଣ୍ଣାମେଣ୍ଟରେ ରନର୍ସ ଅପ୍ ହେବା ସ୍ଥାନୀୟ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବାରେ ଉଚ୍ଚମନର ପ୍ରଶିକ୍ଷଣ କୌଶଳକୁ ଦର୍ଶାଉଛି। ଓଡିଶା ଏଏମ୍/ ଏନ୍ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର ଯୁବ ଆଥଲେଟମାନଙ୍କୁ ବିକଶିତ କରିବା ପାଇଁ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ, ବୈଜ୍ଞାନିକ ତାଲିମ ବ୍ୟବସ୍ଥା ଏବଂ ଏକ ପ୍ରତିଯୋଗିତାମୂଳକ ପରିବେଶ ପ୍ରଦାନ କରୁଛି। ଏଭଳି ପରିଣାମ ସହିତ ଏଚପିସି ଭାରତୀୟ ଖୋ ଖୋରେ ଓଡ଼ିଶାର ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତ ପାଇଁ ଚାମ୍ପିଅନ ଗଠନ ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି ।




## ବେଦାନ୍ତ ଆଲୁମିନିୟମ କୋରାପୁଟ ଜିଲ୍ଲାରେ

# ୩ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଇଁ ନିରାପଦ ପାନୀୟ ଜଳ ସୁବିଧା କରିଛି

ଭୁବନେଶ୍ୱର, (ସବ୍ୟୁ) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ କୋରାପୁଟ ଜିଲ୍ଲାର କୋଡିଙ୍ଗାମାଳିର ବିଦ୍ୟାଳୟଗୁଡ଼ିକରେ ୩୦ଟି ଜଳ ବିଶୋଧନ ୟୁନିଟ ସ୍ଥାପନ କରି ଓଡ଼ିଶାର ସ୍କୁଲ ପିଲାଙ୍କ ପାଇଁ ନିରାପଦ ପାନୀୟ ଜଳ ଉପଲବ୍ଧ କରାଇଛନ୍ତି। ଯାହାଦ୍ୱାରା ୩ ହଜାରରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତାର ମାନକୁ ସୁଦୃଢ଼ କରିବା ଲାଗି କମ୍ପାନୀର ଫ୍ଲାଗସିପ୍ ୱାଟର, ସାନିଟେସନ ଆଣ୍ଡ ହାଇଜିନ (ୱାଶ) କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଏହି ପଦକ୍ଷେପ ନିଆଯାଇଛି। ୟୁ. ଏନ୍. ରାଜୁ ବାଳିକା ଉଚ୍ଚ ବିଦ୍ୟାଳୟରେ ଏହାର ଉଦଘାଟନୀ ଉତ୍ସବରେ ଲକ୍ଷ୍ମୀପୁରର ବିଧାୟକ ପବିତ୍ର ସାଉନ୍ତା କହିଥିଲେ ଯେ ଏହି ଅଞ୍ଚଳର ବିଦ୍ୟାଳୟଗୁଡ଼ିକ ପାଇଁ ନିରାପଦ ପାନୀୟ ଜଳ ଏକ ଜରୁରୀ ଆବଶ୍ୟକତା, ଯାହା ଛାତ୍ରଛାତ୍ରୀଙ୍କ ଦୈନନ୍ଦିନ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦେକ୍ଷପ। ବିଦ୍ୟାଳୟଗୁଡ଼ିକ ଟାଟା ସ୍ୱଚ୍ଛ କମ୍ୟୁନିଟି ୱାଟର ପିଉରିଫାୟାର ସହିତ ସଜ୍ଜିତ ହୋଇଛି ଯାହା ଉନ୍ନତ ଅଲଟ୍ରା ହାଲୋ ଫାଇବର (ୟୁଏଚଏଫ) ଅଲଟ୍ରା ଫିଲଟ୍ରେସନ ଟେକ୍ନୋଲୋଜି ବ୍ୟବହାର କରି ଜୀବାଣୁ, ବ୍ୟାକ୍ଟେରିଆ ଏବଂ ସିସ୍ଟ ସମେତ କ୍ଷତିକାରକ ରୋଗ ଜୀବାଣୁ ଅପସାରଣ କରିବା ସହିତ ଅତ୍ୟାବଶ୍ୟକ ଖଣିଜ ପଦାର୍ଥ ଏବଂ ଜଳର ପ୍ରାକୃତିକ ସ୍ୱାଦ ବଜାୟ ରଖିଛି। ଏହାର ୱାଶ୍ କାର୍ଯ୍ୟକ୍ରମ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ୍ ବିଦ୍ୟାଳୟ ଭିତ୍ତିଭୂମିକୁ ବୃଦ୍ଧି କରିବା ଏବଂ ସୁସ୍ଥ ଏବଂ ଅଧିକ ନମନୀୟ ଶିକ୍ଷଣ ପରିବେଶକୁ ପ୍ରୋତ୍ସାହିତ କରି ଗ୍ରାମୀଣ ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ କଲ୍ୟାଣକୁ ସମର୍ଥନ କରିବା ଜାରି ରଖିଛି। ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଏହି ପଦକ୍ଷେପ ସମ୍ପର୍କରେ କହିଥିଲେ, "ଆମର ପ୍ରୟାସ ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି), ବିଶେଷ କରି ଏସଡିଜି-୬ ସହିତ ନିବିଡ଼ ଭାବେ ଯୋଡ଼ି ହୋଇ ରହିଛି, ଯାହା ସ୍ୱଚ୍ଛ ଜଳ ଏବଂ ପରିମଳ ଉପରେ ଗୁରୁତ୍ୱ ଦେଇଥାଏ। ବିଦ୍ୟାଳୟରେ ଜଳ ଭିତ୍ତିଭୂମିକୁ ସୁଦୃଢ଼ କରି, ଆମେ ସ୍ୱଚ୍ଛ, ସ୍ୱାସ୍ଥ୍ୟକର ଶିକ୍ଷଣ ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ଯାହା ଛାତ୍ରଛାତ୍ରୀମାନଙ୍କୁ ପାଠ ମନସ୍କ, ଆତ୍ମବିଶ୍ୱାସ ଏବଂ ଉତ୍କର୍ଷତା ପାଇଁ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ । ଲକ୍ଷ୍ମୀପୁରର ବିଧାୟକ ପବିତ୍ର ସାଉନ୍ତା କହିଛନ୍ତି, "ଏହି ଅଞ୍ଚଳର ୩୦ଟି ବିଦ୍ୟାଳୟରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ଦ୍ୱାରା ଛାତ୍ରଛାତ୍ରୀଙ୍କ କଲ୍ୟାଣ ସୁନିଶ୍ଚିତ କରିବା ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ପୂରଣ ହୋଇଛି ।



## ଲାଲକିଲ୍ଲା ବିସ୍ଫୋରଣ

# ତଦନ୍ତକାରୀଙ୍କ ହାତରେ ଚାଞ୍ଚଲ୍ୟକର ତଥ୍ୟ



**ନୂଆଦିଲ୍ଲୀ:** ଡାକ୍ତରରୁ ଆତ୍ମଘାତୀ ହମଲାକାରୀ ସାଜି ଦିଲ୍ଲୀର ଲାଲକିଲ୍ଲାରେ କାର ବୋମା ବିସ୍ଫୋଣ କରିଥିବା ଉମର ଉନ ନବି ସମ୍ପର୍କରେ ଆସିଛି ସାଂଘାତିକ ତଥ୍ୟ । ନଭେମ୍ବର ୧୦ରେ ଲାଲକିଲ୍ଲା ନିକଟରେ ଉମର କାର୍ ସହ ନିଜକୁ ବିସ୍ଫୋରଣ କରି ଉଡ଼ାଇ ଦେଇଥିଲା । ଏଥିରେ ୧୫ ଜଣ ପ୍ରାଣ ହରାଇଥିବା ବେଳେ ୩୦ରୁ ଅଧିକ ଆହତ ହୋଇଥିଲେ ।

ଏହି ଆତଙ୍କବାଦୀ ହମଲାର ତଦନ୍ତ ବେଳେ ସମସ୍ତଙ୍କୁ ଚକିତ କରିବା ଭଳି ତଥ୍ୟ ସୁରକ୍ଷା ଏଜେନ୍ସି ହାତରେ ଲାଗିଛି । ଉମର ସବୁବେଳେ ହ୍ୱାଇଟ କଲାର ଆତଙ୍କୀମାନଙ୍କ ଆଗରେ ନିଜକୁ ଶାସକ ଭାବେ ଚିତ୍ରିତ କରୁଥିଲା । ସେ ହିଁ ଶାସକ ଓ ଲିଡର ବୋଲି ଦର୍ଶାଇ ଚାଲିଥିଲା ।


ଏଥିସହ ସେ ୨୦୧୬ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଥିବା ଆତଙ୍କବାଦୀ ବୁରହାନ ୱାନିର ମୃତ୍ୟୁର ବଦଲା ନେବାକୁ ମଧ୍ୟ ଚାହୁଁଥିଲା ବୋଲି ଜଣାପଡ଼ିଛି । ହ୍ୱାଇଟ କଲାର ଆତଙ୍କୀ ମଡ୍ୟୁଲର ସଦସ୍ୟମାନଙ୍କୁ ଜେରା କରିବା ବେଳେ ସୁରକ୍ଷା ଏଜେନ୍ସି ଅନେକ ପ୍ରକାରର ତଥ୍ୟ ହାସଲ କରିବାକୁ ସକ୍ଷମ ହୋଇଛନ୍ତି ।

ଟେରର ମଡ୍ୟୁଲରେ ପ୍ରଥମ ସଦସ୍ୟ ଭାବେ ନିଯୁକ୍ତି ପାଇଥିବା ମୁଜାମିଲ ଶକୀଲକୁ ଜେରା କରିବା ବେଳେ ସୁରକ୍ଷାକର୍ମୀ ଉମର ସମ୍ପର୍କରେ କିଛି ଅଜଣା ତଥ୍ୟ ହାସଲ କରିଛନ୍ତି । ମୁଜାମିଲ ଫରିଦାବାଦର ଅଲ ଫଲାହ ବିଶ୍ୱବିଦ୍ୟାଳୟରେ ଡାକ୍ତର ଭାବେ କାମ କରୁଥିଲା । ସେ ଜୈଶ-ଇ-ମହମ୍ମଦ ପାଇଁ କାମ କରୁଥିବା ମୌଲବୀ ଇରଫାନ ଅହମଦ ଜରିଆରେ ହ୍ୱାଇଟ କଲାର ଟେରର ମଡ୍ୟୁଲର ପ୍ରଥମ ସଦସ୍ୟ ଭାବେ ସାମିଲ ହୋଇଥିଲା । ସେ ହିଁ ଆତ୍ମଘାତୀ ବୋମା ବିସ୍ଫୋରଣକାରୀ ଉମରର ନାଁ ଏମିର ରହିଥିଲା ବୋଲି କହିଛି ।

ଗିରଫ ହୋଇଥିବା ଡାକ୍ତର ଶାହୀନ ସୟିଦ ଠାରୁ ମଧ୍ୟ ଜେରା ବେଳେ ଅନେକ ତଥ୍ୟ ମିଳିଛି । ତଦନ୍ତକାରୀ ଅଧିକାରୀ କହିଛନ୍ତି, ମୁଜାମିଲ ଶକୀଲ ସେମାନଙ୍କୁ କହିଛି ଯେ ଉମର ଉନ ନବି ତୁଳନାରେ ସେ କେବଳ ଜଣେ ସାଧାରଣ ଶ୍ରମିକ ଭାବେ ସଂଗଠନ ପାଇଁ କାମ କରୁଥିଲା । ଉମର ବିଶିଷ୍ଟ ମାନ୍ୟତା ଓ ଅଭିଜ୍ଞତା ହାସଲ କରିଥିଲା । ଆତଙ୍କବାଦୀମାନେ ସେମାନଙ୍କ ଯୋଜନାର ନାଁ ରଖିଥିଲେ 'ଅପରେସନ ଏମିର' । ଆତ୍ମଘାତୀ ବିସ୍ଫୋରଣକାରୀର ନାଁ ଅନୁସାରେ ଏପରି ନିଷ୍ପତ୍ତି ହୋଇଥିଲା । ଟେରର ମଡ୍ୟୁଲରେ ସବୁଠାରୀ ଜ୍ଞାନୀ ଥିଲା ଉମର । ସେ ୯ଟି ଭାଷା ଜାଣିଥିବା ବେଳେ ତା'ର ଶିକ୍ଷାଗତ ଯୋଗ୍ୟତା ଓ ଦକ୍ଷତା ଅନ୍ୟ ସଦସ୍ୟମାନଙ୍କ ଠାରୁ ଅଧିକ ରହିଥିଲା । ମୁଜାମିଲ ଜେରା ବେଳେ କହିଛି ଯେ ଆମେ ତା'କୁ(ଉମର ଉନ ନବି) ବିରୋଧ କରୁନଥିଲୁ । ତା' ଶବ୍ଦ ସଂପୂର୍ଣ୍ଣ ତଥ୍ୟ ଓ ରିସର୍ଚ୍ଚ ଆଧାରରେ ରହୁଥିଲା । ସେ ସବୁବେଳେ ନିଜକୁ ଏମିର କହିଥାଏଛ ସେ କାହା ସହ ବେଶୀ କଥାବାର୍ତ୍ତା କରି ନଥାଏଛ ଶେଷ ଯାଏ ସବୁ କିଛି ଧର୍ମ ଭିତ୍ତିକ ଓ ଆଉ କିଛି ନୁହେଁ ବୋଲି କହି ଚାଲିଥିଲା ।

ଉମର ନବି ହ୍ୱାଇଟ କଲାର ଟେରର ମଡ୍ୟୁଲରେ ଥିବା ଡାକ୍ତରମାନଙ୍କୁ ସବୁବେଳେ କହୁଥିଲା ଯେ ମୁସଲିମଙ୍କ ପାଇଁ ଭାରତର ପରିବେଶ ପୂରା ଖରାପ । ଧ୍ରୁବୀକରଣ କେବଳ ନୂଆ ବାହାନା ଓ ଗୋଟିଏ ନରସଂହାର ସମ୍ଭବ । ତେଣୁ ସମସ୍ତେ ଏଥିପାଇଁ ପ୍ରସ୍ତୁତ ରହିବାକୁ ସେ ବାରମ୍ବାର ମତ ରଖୁଥିଲା । କିଛି ଘଟଣା ଓ ପରିସ୍ଥିତି ଉମର ନବିକୁ ଏତେ ମାତ୍ରାରେ ନିରାଶ କରିଥିଲେ ଯେ ସିଧା ଆତ୍ମଘାତୀ ହମଲାକାରୀ ବନି ଯାଇଥିଲା ବୋଲି ଗିରଫ ଆତଙ୍କୀ ସଦସ୍ୟମାନେ କହିଛନ୍ତି । ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହେବାରୁ ଉମର ସୁରକ୍ଷାକର୍ମୀଙ୍କ ଉପରେ ପୂରା କ୍ଷୁବ୍ଧ ହୋଇ ଯାଇଥିଲା । ୨୦୨୩ ହରିୟାଣାର ମେୱାତ-ନୁହ ରିଜନରେ ଦେଖା ଯାଇଥିବା ସାଂପ୍ରଦାୟିକ ହିଂସା ଏବଂ ୨୦୨୩ ମାର୍ଚ୍ଚରେ ୨୫ ବର୍ଷୀୟ ନସିର ଓ ୩୫ ବର୍ଷୀୟ ଜୁନେଦଙ୍କୁ ନିର୍ମମ ଭାବେ ତଥାକଥିତ ଗୋରକ୍ଷାକାରୀମାନେ ହତ୍ୟା କରିଥିବାରୁ ଉମର ରକ୍ତରେ ନିଆଁ ଲାଗି ଯାଇଥିଲା ।

## ଧ୍ୱଜାରୋହଣ: ସମସ୍ତଙ୍କ ପାଇଁ ଏକ ସାର୍ଥକତାର ଦିନ



**ନୂଆଦିଲ୍ଲୀ:** ମଙ୍ଗଳବାର ଭଳି ଏକ ଶୁଭଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ)ର ମୁଖ୍ୟ ମୋହନ ଭାଗବତ ଶ୍ରୀରାମ ଜନ୍ମଭୂମି ମନ୍ଦିର ଶିଖରରେ ଐତିହାସିକ ଧ୍ୱଜା ଉଡ଼ାଇଛନ୍ତି । ଧ୍ୱଜାରୋହଣ ଉତ୍ସବକୁ ମୋହନ ଭାଗବତ ସମ୍ବୋଧିତ କରି କହିଛନ୍ତି, ଆଜି ଆମ ସମସ୍ତଙ୍କ ପାଇଁ ଏକ ସାର୍ଥକତାର ଦିନ । ରାମମନ୍ଦିର ଉପରେ ଫରଫର ହୋଇ ଉଡୁଛି ଧର୍ମଧ୍ୱଜା । ଏହା ଠାରୁ ଖୁସିର ଦିନ ଆଉ କ'ଣ ହୋଇପାରେ । ଏହି ଦିନ ପାଇଁ ଅନେକ ଲୋକ ଅନେକ ପ୍ରକାର ପ୍ରୟାସ କରିଛନ୍ତି । ଶେଷରେ ନିଜ ଜୀବନକୁ ବଳିଦାନ ବି ଦେଇ ଦେଇଛନ୍ତି । ମୋ ମତରେ ଆଜି ସେମାନଙ୍କ ଆତ୍ମା ଶାନ୍ତି ପାଇଯାଇଥିବ । ବାସ୍ତବରେ ଆଜି ଅଶୋକ ଜୀ ନିଶ୍ଚୟ ଶାନ୍ତି ପାଇଥିବେ । ମହନ୍ତ ରାମଚନ୍ଦ୍ର ଦାସ ଜୀ ମହାରାଜ, ଡାଲମିଆ ଜୀ ଭଳି ଅନ୍ୟମାନେ ଏହି ରାମ ମନ୍ଦିର ନିର୍ମାଣ ପାଇଁ ନିଜ ଜୀବନକୁ ବଳି ଦେଇଛନ୍ତି । ଧ୍ୱଜାରୋହଣ ପରେ ମନ୍ଦିର ନିର୍ମାଣର ଶାସ୍ତ୍ରୀୟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି । ରାମରାଜ୍ୟର ପତାକା, ଯାହା କେବେ ଅଯୋଧ୍ୟାରେ ଉଡୁଥିଲା । ସମଗ୍ର ବିଶ୍ୱକୁ ଶାନ୍ତି ପ୍ରଦାନ କରୁଥିଲା । ଆଜି ଆମେ ନିଜ ଆଖିରେ ଦେଖିଛୁ ପୁଣି ରାମମନ୍ଦିର ଶିଖରରେ ଫରଫର ହୋଇ ଉଡୁଛି ସେହି ଧର୍ମଧ୍ୱଜା ।

# ଆଫଗାନିସ୍ତାନରେ ବୋମାମାଡ଼: ୧୦ ମୃତ



**କାବୁଲ:** ପାକିସ୍ତାନର ପେଶାୱରରେ ଥିବା ଅର୍ଦ୍ଧସାମରିକ ବାହିନୀ ମୁଖ୍ୟାଳୟ ସାମ୍ନାରେ ଆତ୍ମଘାତୀ ହମଲା ହୋଇଥିଲାଛ ଏଥିରେ ୬ ଜଣ ପ୍ରାଣ ହରାଇଥିଲେ । ଆତ୍ମଘାତୀ ହମଲାର ଦିନକ ପରେ ପାକିସ୍ତାନ ପକ୍ଷରୁ ଆଫଗାନିସ୍ତାନରେ ବୋମା ମାଡ଼ କରାଯାଇଛି । ଆଫଗାନିସ୍ତାନରେ ନରସଂହାର କରିଛି ପାକିସ୍ତାନ । ମଙ୍ଗଳବାର ପାକିସ୍ତାନ ପକ୍ଷରୁ ଆଫଗାନର ବିଭିନ୍ନ ସ୍ଥାନରେ ବୋମା ମାଡ଼ କରାଯାଇଛି । ଏହି ଘନଘନ ବୋମା ମାଡ଼ରେ ୧୦ ଜଣ ପ୍ରାଣ ହରାଇଥିବା ବେଳେ ୪ରୁ ଅଧିକ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ୯ ଜଣ ଛୋଟ ପିଲା ରହିଥିବା ମଧ୍ୟ ଜଣାପଡ଼ିଛି ।

ସୋମବାର ପାକିସ୍ତାନର ପେଶାୱରରେ ଥିବା ଅର୍ଦ୍ଧସାମରିକ ବାହିନୀ ମୁଖ୍ୟାଳୟ ସାମ୍ନାରେ ଆତ୍ମଘାତୀ ହମଲା ହୋଇଥିଲା । ଏଥିରେ ୬ ଜଣ ପ୍ରାଣ ହରାଇଥିଲେ । ଆତ୍ମଘାତୀ ହମଲାର ଦିନକ ପରେ ପାକିସ୍ତାନ ପକ୍ଷରୁ ଆଫଗାନିସ୍ତାନରେ ବୋମା ମାଡ଼ କରାଯାଇଛି । ପେଶାୱର ହମଲା ପାଇଁ ଟିଟିପିର ଗୋଟିଏ ଛାୟା ସଂଗଠନ ନିଜକୁ ଦାୟୀ କରିଥିଲା । ଏହାପରେ ପାକିସ୍ତାନ ପକ୍ଷରୁ ଆଫଗାନିସ୍ତାନରେ ଏୟାର ଷ୍ଟ୍ରାଇକ କରାଯାଇଛି । ଆଫଗାନିସ୍ତାନରେ ଶାସନ କରୁଥିବା ତାଲିବାନ ପକ୍ଷରୁ କୁହାଯାଇଛି ଯେ ପାକିସ୍ତାନ ପକ୍ଷରୁ ମଧ୍ୟରାତ୍ରରେ ଖୋସ୍ତ ପ୍ରଦେଶର ଗୁରବଜ ଜିଲ୍ଲାରେ ବୋମା ମାଡ଼ ହୋଇଛି । ବୋମା ମାଡ଼ରେ ୱାଲିତ ଖାନ ନାମକ ଜଣେ ବ୍ୟକ୍ତିଙ୍କ ଘର ଧ୍ୱଂସ ହୋଇ ଯାଇଛି । ଏଥିରେ ୫ ଜଣ ଛୋଟ ପିଲା(୫ ଜଣ ପୁଅ ଓ ୪ ଜଣ ଝିଅ) ଓ ଜଣେ ମହିଳା ପ୍ରାଣ ହରାଇଛନ୍ତି । ଏହାବାଦ ପାକିସ୍ତାନ ପକ୍ଷରୁ କୁନାର ଓ ପାକଟିକା ଅଞ୍ଚଳରେ ମଧ୍ୟ ଏୟାରଷ୍ଟ୍ରାଇକ କରାଯାଇଛି । ଏଥିରେ ଆଉ ୪ ଜଣ ଆହତ ହୋଇଛନ୍ତି । ପାକିସ୍ତାନ ପକ୍ଷରୁ ସାଧାରଣ ଲୋକଙ୍କ ଠିକଣାରେ ଏୟାର ଷ୍ଟ୍ରାଇକ କରାଯାଇଥିବା ତାଲିବାନ ସ୍ପଷ୍ଟ କରିଛି । ଯଦିଓ ପାକିସ୍ତାନ ଏଯାଏ ଏୟାର ଷ୍ଟ୍ରାଇକ ସମ୍ପର୍କରେ କିଛି ବି କହି ନାହିଁ, କିନ୍ତୁ ପୂର୍ବରୁ ଇସଲାମାବାଦ ଏପରି ବୋମା ମାଡ଼କୁ ଯୁକ୍ତିଯୁକ୍ତ ଦର୍ଶାଇଥିଲା । ଆଫଗାନିସ୍ତାନରେ ତେହରିକ ଇ ତାଲିବାନ ପାକିସ୍ତାନ(ଟିଟିପି) ସକ୍ରିୟ ଥିବାରୁ ଏହାର ଠିକଣାରେ ଏପରି ହମଲା କରାଯାଇଥିଲା ବୋଲି ଇସଲାମାବାଦ କହିଥିଲା । ଏହାକୁ ନେଇ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ବେଶ କିଛି ଦିନ ଧରି ସାମରିକ ବିବାଦ ଦେଖାଯାଇଥିଲା । ପରେ ଉଭୟ ଦେଶ ଯୁଦ୍ଧ ବିରତି ଲାଗୁ କରିଥିଲେ । ଏହା ସତ୍ତ୍ୱେ ପାକିସ୍ତାନ ପୁଣି ମଙ୍ଗଳବାର ଆଫଗାନିସ୍ତାନରେ ଏୟାର ଷ୍ଟ୍ରାଇକ କରିଛି ।

# ବହିଷ୍କୃତ ସେନା ଅଧିକାରୀଙ୍କୁ ସୁପ୍ରିମକୋର୍ଟଙ୍କ କଡ଼ା ଜବାବ



**ନୂଆଦିଲ୍ଲୀ:** ମନ୍ଦିର ଓ ଗୁରୁଦ୍ୱାର ଗର୍ଭଗୃହକୁ ଯିବାକୁ ମନା କରି ବହିଷ୍କୃତ ହୋଇଥିବା ଅଧିକାରୀଙ୍କୁ ଆବେଦନକୁ ଅଗ୍ରାହ୍ୟ କରି ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ଆର୍ମି ଗୋଟିଏ ଧର୍ମନିରପେକ୍ଷ ପ୍ରତିଷ୍ଠାନ ଓ ଏହାର ଶୃଙ୍ଖଳାରେ କେବେ ହେଲେ ବୁଝାମଣା କରାଯାଇ ପାରିବ ନାହିଁ । ଆପଣ ନିଜ ସୈନ୍ୟଙ୍କ ଭାବନାକୁ ଆଘାତ ଦେଇଛନ୍ତି । ଆପଣ ସଂପୂର୍ଣ୍ଣ ଭାବେ ଭାରତୀୟ ଆର୍ମି ପାଇଁ ଅନଫିଟ ବୋଲି ସୁପ୍ରିମକୋର୍ଟ ମତ ରଖିଛନ୍ତି । ସାମ୍ୟୁଏଲ ୨୦୧୭ରେ ଭାରତୀୟ ସ୍ଥଳ ସେନାରେ ସାମିଲ ହୋଇଥିଲେ । ତାଙ୍କୁ ଶିଖ ସ୍କ୍ୱାର୍ଡନ ଦାୟିତ୍ୱ ମିଳିଥିଲା । ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଥିବା ବେଳେ ସେ ଏହାକୁ ଚ୍ୟାଲେଞ୍ଜ କରିଥିଲେ । ମନ୍ଦିର କିମ୍ବା ଗୁରୁଦ୍ୱାରରେ ପ୍ରବେଶ କରିବା ଦ୍ୱାରା ତାଙ୍କ ଧାର୍ମିକ ସ୍ୱାଧୀନତା ଉଲ୍ଲଘଂନ ହୋଇଥାଆନ୍ତା ବୋଲି ସେ ଯୁକ୍ତି କରିଥିଲେ । ହେଲେ ତାଙ୍କର ଏପରି ଆଚରଣ ଗୋଟିଏ ଆଇନଗତ କମାଣ୍ଡର ବେଖାତିର ବୋଲି ସୁପ୍ରିମକୋର୍ଟ କହିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଓ ଜଷ୍ଟିସ ଜୟମଲ୍ୟ ବାଗଚିଙ୍କ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଦିଲ୍ଲୀ ହାଇକୋର୍ଟ ୨୦୨୫ ମେ' ମାସରେ ଦେଇଥିବା ରାୟକୁ କାଏମ ରଖିଛନ୍ତି । ୨୦୨୧ରେ ଭାରତୀୟ ସେନାରୁ ସାମ୍ୟୁଏଲଙ୍କୁ ବିନା ପେନସନ ଓ ଗ୍ରାଚ୍ୟୁଟୀରେ ବହିଷ୍କାର କରାଯାଇଥିବା ନିଷ୍ପତ୍ତିକୁ ପ୍ରଥମେ ଦିଲ୍ଲୀ ହାଇକୋର୍ଟ ଓ ଏବେ ସର୍ବୋଚ୍ଚ ଅଦାଲତ କାଏମ ରଖିଛନ୍ତି । ଶୁଣାଣି ବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ହସ୍ତକ୍ଷେପ କରିବାକୁ ମନା କରି ସିଜେଆଇ ଜଷ୍ଟିସ ସୂର୍ଯ୍ୟ କାନ୍ତ କହିଛନ୍ତି, ସେ କେଉଁ ପ୍ରକାରର ବାର୍ତ୍ତା ଦେବାକୁ ଚାହୁଁଛନ୍ତି? ଏଥିପାଇଁ ତାଙ୍କୁ ତୁରନ୍ତ ବାହାର କରିଦେବା କଥା । ଏହା ଜଣେ ଆର୍ମି ଅଧିକାରୀ ଭାବେ ଅତ୍ୟନ୍ତ ଭୟଙ୍କର ବିଶୃଙ୍ଖଳା । ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣ ବହିଷ୍କୃତ ଅଧିକାରୀ ସାମ୍ୟୁଏଲଙ୍କ ପାଇଁ ପକ୍ଷ ରଖି କହିଥିଲେ ଯେ ତାଙ୍କ କ୍ଲାଏଣ୍ଟ ଗର୍ବଗୃହରେ ପ୍ରବେଶ ପାଇଁ ମନା କରିବା କାରଣରୁ ହିଁ ତାଙ୍କୁ ବହିଷ୍କାର କରାଯାଇଥିଲା । ଗର୍ଭଗୃହରେ ପ୍ରବେଶ ତାଙ୍କ ଧାର୍ମିକ ବିଶ୍ୱାସର ବିରୋଧାଚରଣ କରୁଥିଲା ଓ ସେ ପୂଜା ପାଇଁ କୁହାଯିବା ପରେ ହିଁ ଏହାକୁ ମନା କରିଥିଲେ । ସର୍ବ ଧର୍ମ ସ୍ଥଳରେ ଅଧିକାରୀ ଜଣଙ୍କ ସବୁ କାମରେ ସାମିଲ ହେଉଥିଲେ । ଅଧିକାରୀ ଜଣଙ୍କ ନିଯୁକ୍ତି ପାଇଥିବା ରେଜିମେଣ୍ଟାଲ ସେଣ୍ଟରରେ କେବଳ ଗୋଟିଏ ମନ୍ଦିର କିମ୍ବା ଗୁରୁଦ୍ୱାର ରହିଛି । ସେ ଗର୍ଭଗୃହରେ ପୂଜା କରିବାକୁ ମନା କରିବା ସହ ବାହାରେ ରହି ଫୁଲ ପକାଇବାକୁ ରାଜି ଥିବା କହିଥିଲେ । ଏଥିରେ କାହାର ଅସୁବିଧା ନଥିଲା । କେବଳ ଜଣେ ବରିଷ୍ଠ ଅଧିକାରୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସୁପାରିସ କରିଥିଲେ । ଭଗବାନଙ୍କୁ ପୂଜା କରିବା ପାଇଁ କାହାକୁ ବାଧ୍ୟ କରାଯାଇ ପାରିବ ନାହିଁ । ଭାରତୀୟ ସମ୍ବିଧାନ ଏହି ସ୍ୱାଧୀନତା ସମସ୍ତଙ୍କୁ ଦେଇଛି ବୋଲି ଶଙ୍କରନାରାୟଣ ଯୁକ୍ତି ଉପସ୍ଥାପନ କରିଥିଲେ ।

# ଭାରତୀୟ ମହିଳାଙ୍କୁ ଅଟକ: ଚୀନ ଭୁଲ ସ୍ୱୀକାର କରିବାକୁ ମନା କଲା

**ବେଜିଂ:** ସାଂଘାଇ ବିମାନବନ୍ଦରରେ ଅରୁଣାଚଳ ପ୍ରଦେଶର ଜଣେ ମହିଳାଙ୍କୁ ୧୮ ଘଣ୍ଟା ଅଟକ ରଖିବା ପରେ ଚୀନ୍ ଏବେ ପ୍ରତିକ୍ରିୟା ଦେଇଛି । ମଙ୍ଗଳବାର ଦିନ ଚୀନ୍ ମହିଳାଙ୍କ ବିରୋଧରେ ନିର୍ଯାତନା ଅଭିଯୋଗକୁ ଅସ୍ୱୀକାର କରିଛି । କିନ୍ତୁ ସାଂଘାଇ ବିମାନବନ୍ଦରର କାର୍ଯ୍ୟାନୁଷ୍ଠାନ ଚୀନ୍ ଆଇନ ଅନୁଯାୟୀ ନିଆଯାଇଥିବା କହିଛି । ନଭେମ୍ବର ୨୧ ତାରିଖରେ ଲଣ୍ଡନରୁ ଜାପାନ ଯାତ୍ରା କରୁଥିବା ଭାରତୀୟ ମହିଳା ପେମ୍ମା ୱାଙ୍ଗଜୋମ୍ ଥଙ୍ଗଡୋକ୍ ଟ୍ରାନ୍ ଜିଟ୍ ପାଇଁ ସାଂଘାଇ ବିମାନବନ୍ଦରରେ ଅବତରଣ କରିଥିଲେ । ଏହି ସମୟରେ, ତାଙ୍କୁ ଇମିଗ୍ରେସନ୍ ସମୟରେ ଅଟକ ରଖାଯାଇଥିଲାଛ ସେ ଅଭିଯୋଗ କରିଥିଲେ ଯେ, ଚୀନ୍ କର୍ତ୍ତୃପକ୍ଷ ତାଙ୍କୁ ଅରୁଣାଚଳ ପ୍ରଦେଶରୁ ହୋଇଥିବାରୁ ପ୍ରାୟ ୧୮ ଘଣ୍ଟା ପାଇଁ ଅଟକ ରଖିଥିଲେ । ଏହି ଘଟଣାର ପ୍ରତିକ୍ରିୟା ଦେଇ ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ୍ କହିଛନ୍ତି ଯେ, ପେମ୍ମା ୱାଙ୍ଗଜୋମ୍ ଥଙ୍ଗଡୋକ୍‌ଙ୍କୁ ଅଟକ ରଖାଯାଇ ନଥିଲା । ତାଙ୍କୁ କୌଣସି ନିର୍ଯାତନା ଦିଆଯାଇ ନଥିଲା । ସମଗ୍ର ପ୍ରକ୍ରିୟା ଚୀନ୍ ଆଇନ ଏବଂ ନିୟମ ଅନୁଯାୟୀ ଗ୍ରହଣ କରା ହୋଇଥିଲା । ଘଟଣା ସମ୍ପର୍କରେ ପ୍ରଶ୍ନର ଉତ୍ତରରେ ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ୍ କହିଛନ୍ତି, ଅଭିଯୋଗ ଅନୁଯାୟୀ ଥଙ୍ଗଡୋକ୍‌ଙ୍କୁ ଅଟକ କିମ୍ବା ହଇରାଣ କରାଯାଇ ନାହିଁ । ଏହି ପ୍ରକ୍ରିୟା ସମୟରେ ବିମାନ କମ୍ପାନି ଯାତ୍ରୀଙ୍କୁ ବିଶ୍ରାମ ନେବା ପାଇଁ ସ୍ଥାନ, ଖାଦ୍ୟ ଏବଂ ପାଣି ଯୋଗାଇ ଦେଇଥିଲା । ମାଓ କହିଛନ୍ତି, ଆମେ ଜାଣିଲୁ ଯେ, ଚୀନରେ ସୀମା ଯାଞ୍ଚ କର୍ତ୍ତୃପକ୍ଷ ଆଇନ ଏବଂ ନିୟମ ଅନୁଯାୟୀ ସମଗ୍ର ପ୍ରକ୍ରିୟା ପରିଚାଳନା କରିଥିଲେ ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କ ବୈଧ ଅଧିକାର ଏବଂ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଭାବରେ ସୁରକ୍ଷିତ ରଖିଥିଲେ । ସେ ଅରୁଣାଚଳ ପ୍ରଦେଶ ଉପରେ ବେଜିଂର ଆଞ୍ଚଳିକ ଦାବିକୁ ମଧ୍ୟ ପୁନରାବୃତ୍ତି କରିଥିଲେ, ଯାହାକୁ ଚୀନ୍ ଜାଙ୍ଗନାନ୍ କିମ୍ବା ଦକ୍ଷିଣ ତିବ୍ବତ ବୋଲି କହୁଛି । ସେ କହିଛନ୍ତି, ଜାଙ୍ଗନାନ୍ ହେଉଛି ଚୀନରେ ଅଞ୍ଚଳ । ଭାରତ ଦ୍ୱାରା ଅବୈଧ ଭାବରେ ସୃଷ୍ଟି ହୋଇଥିବା ଅରୁଣାଚଳ ପ୍ରଦେଶକୁ ଚୀନ୍ କେବେ ବି ସ୍ୱୀକାର କରିନାହିଁ ।



ଅଯୋଧ୍ୟାରେ ଧ୍ୱଜାରୋହଣ ଉତ୍ସବ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼

## ସୁରକ୍ଷା ଦୃଷ୍ଟିରୁ ଭାରତ ଗସ୍ତ ବାତିଲ୍ କଲେ ନେତାନ୍ୟାହୁ



**ନୂଆଦିଲ୍ଲୀ:** ଆକ୍ରମଣ ଭୟରେ ଭାରତ ଗସ୍ତ ବାତିଲ୍ କଲେ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ । ନେତାନ୍ୟାହୁ ତାଙ୍କର ଆଗାମୀ ଭାରତ ଗସ୍ତକୁ ପୁଣି ଥରେ ବାତିଲ୍ କରିଛନ୍ତି । ସେ ଚଳିତ ବର୍ଷ ଡିସେମ୍ବର ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ପାଇଁ ଭାରତ ଆସିବେ ବୋଲି ଆଶା କରାଯାଉଥିଲା । ହେଲେ ଏବେ ଆସନ୍ତା ବର୍ଷ ସେ ଆସିବାକୁ ଯୋଜନା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି ।

ଇସ୍ରାଏଲୀ ଗଣମାଧ୍ୟମ ରିପୋର୍ଟ କରିଛି ଯେ, ନୂଆଦିଲ୍ଲୀରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ସୁରକ୍ଷା ବିଷୟରେ ଚିନ୍ତା କରି ଡିସେମ୍ବର ୨୦୨୫ ପାଇଁ ଯୋଜନା କରାଯାଇଥିବା ଭାରତ ଯାତ୍ରାକୁ ସ୍ଥଗିତ ରଖାଯାଇଛି । ଦିଲ୍ଲୀର ଲାଲ୍ କିଲ୍ଲାରେ ହୋଇଥିବା ବିସ୍ଫୋରଣରେ ଅତି କମରେ ୧୦ଜଣଙ୍କର ମୃତ୍ୟୁ ଏବଂ ଏକାଧିକ ଲୋକ ଆହତ ହୋଇଥିଲେ । ୧୦ବର୍ଷ ମଧ୍ୟରେ ଏହା ସବୁଠୁ ବଡ଼ ବିସ୍ଫୋରଣ ଥିଲା ।

ତେବେ ଏହି ବିସ୍ଫୋରଣ ପରେ ଏବେ ଭାରତ ହାଇ ଆଲର୍ଟରେ ଥିବା ସହ ବିଭିନ୍ନ ସ୍ଥାନରେ ଚଢ଼ କରିବା ଆରମ୍ଭ କରିଛନ୍ତି ସୁରକ୍ଷାକର୍ମୀ । ତେଣୁ ସୁରକ୍ଷା ଦୃଷ୍ଟିରେ ଏବେ ଭାରତ ଆସିବା ଉଚିତ୍ ହେବ ନାହିଁ ବୋଲି ଭାବି ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗସ୍ତ ବାତିଲ୍ କରିଛନ୍ତି । ସ୍ଥିତି ସୁଧୁରିବା ପରେ ଆସନ୍ତା ବର୍ଷ ସେ ଭାରତ ଆସିବା ନେଇ ନୂଆ ତାରିଖ ଘୋଷଣା କରିପାରନ୍ତି ବୋଲି ଆଶା କରାଯାଉଛି । ପୂର୍ବରୁ ସୂଚନା ମିଳିଥିଲା ଯେ, ନେତାନ୍ୟାହୁ ବର୍ଷ ଶେଷ ହେବା ପୂର୍ବରୁ ଭାରତ ଗସ୍ତ କରିବେ । ଏହାକୁ ମିଶାଇ ୨୦୨୫ରେ ତୃତୀୟ ଥର ପାଇଁ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀ ଗସ୍ତ ବାତିଲ୍ କରିଛନ୍ତି । ସେପ୍ଟେମ୍ବର ମାସରେ ନେତାନ୍ୟାହୁ ଭାରତ ଗସ୍ତ ବାତିଲ୍ କରିଥିଲେ ।

## ଜାତିସଂଘ ରିପୋର୍ଟ

# ବିଶ୍ୱରେ ପ୍ରତି ୧୦ ମିନିଟରେ ଜଣେ ଝିଅକୁ ହତ୍ୟା



**ନ୍ୟୁୟର୍କ:** ସାରା ବିଶ୍ୱରେ ମହିଳା ଏବଂ ଝିଅମାନଙ୍କ ପ୍ରତି ବୃଦ୍ଧି ପାଉଥିବା ହିଂସା ଆଉ କେବଳ ଏକ ପରିସଂଖ୍ୟାନ ନୁହେଁ,ଏହା ଏକ ଆତଙ୍କରେ ପରିଣତ ହୋଇଛିଛ ଏହି ଆତଙ୍କ ଆହୁରି ଭୟଙ୍କର ହେବାରେ ଲାଗିଛି । ସେମାନଙ୍କ ପାଇଁ ଏକଦା ସୁରକ୍ଷିତ ବୋଲି ବିବେଚିତ ହେଉଥିବା ନିଜ ଘର ସବୁଠାରୁ ଅଧିକ ଅସୁରକ୍ଷିତ ସ୍ଥାନ ହେବାକୁ ଯାଉଛି । ଜାତିସଂଘର ଏକ ସାମ୍ପ୍ରତିକ ରିପୋର୍ଟ ଏହି ଭୟଙ୍କର ସତ୍ୟ ପ୍ରକାଶ କରିଛି । ଗତ ବର୍ଷ, ପ୍ରତି ୧୦ ମିନିଟରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ, ପ୍ରେମିକ କିମ୍ବା ସମ୍ପର୍କୀୟ ଆଦି ନିକଟତର ବ୍ୟକ୍ତିଙ୍କ ଦ୍ୱାରା ହତ୍ୟା କରାଯାଇଥିଲା । ଏହାର ଅର୍ଥ ହେଉଛି ଯେଉଁମାନଙ୍କୁ ମହିଳାମାନେ ବିଶ୍ୱାସ କରୁଛନ୍ତି ସେମାନେ ସେମାନଙ୍କର ହତ୍ୟାକାରୀ ହେବା ଘଟଣା ବଢୁଛି ।


ମହିଳା ବିରୋଧୀ ହିଂସା ଦୂରୀକରଣ ପାଇଁ ଅନ୍ତର୍ଜାତୀୟ ଦିବସରେ ପ୍ରକାଶିତ ୟୁଏନ୍ଓଡିସି ଏବଂ ଜାତିସଂଘ ମହିଳା ଦ୍ୱାରା କରାଯାଇଥିବା ଏହି ରିପୋର୍ଟ ସ୍ପଷ୍ଟ ଭାବରେ କୁହାଯାଇଛି ଯେ, ନାରୀ ହତ୍ୟାର ବିପଦ କେବଳ ବୃଦ୍ଧି ପାଉନାହିଁ ବରଂ ଅଧିକ ଜଟିଳ ହେଉଛି । ଏହି ସଂଖ୍ୟା ୨୦୨୩ ତୁଳନାରେ ସାମାନ୍ୟ କମ୍, କିନ୍ତୁ ବିଶ୍ୱ ସୁରକ୍ଷିତ ହୋଇଥିବାରୁ ନୁହେଁ, ବରଂ ଅନେକ ଦେଶ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରି ନଥିବାରୁ । ଏହାର ଅର୍ଥ ହେଉଛି ବାସ୍ତବତା ଆହୁରି ଭୟଙ୍କର ହୋଇପାରେ ।

ରିପୋର୍ଟରେ କୁହାଯାଇଛି ଯେ, ୨୦୨୪ ମସିହାରେ, ସାରା ବିଶ୍ୱରେ ପ୍ରାୟ ୫୦ ହଜାର ମହିଳା ଏବଂ ଝିଅଙ୍କୁ ତାଙ୍କର ଘନିଷ୍ଠ ସାଥୀ କିମ୍ବା ପରିବାର ସଦସ୍ୟଙ୍କ ଦ୍ୱାରା ହତ୍ୟା କରାଯାଇଥିଲା । ପ୍ରତିଦିନ ହାରାହାରି ୧୩୭ ଜଣ ମହିଳା କିମ୍ବା ପ୍ରତି ୧୦ ମିନିଟରେ ଗୋଟିଏ ହତ୍ୟା ସହିତ ସମାନ । ମହିଳାଙ୍କ ସମସ୍ତ ହତ୍ୟା ମଧ୍ୟରୁ, ୬୦% ସେମାନଙ୍କ ବିଶ୍ୱାସଯୋଗ୍ୟ ଲୋକ ସ୍ୱାମୀ, ପ୍ରେମିକ, ପିତା, ଭାଇ କିମ୍ବା ଅନ୍ୟ ସମ୍ପର୍କୀୟଙ୍କ ଦ୍ୱାରା କରାଯାଇଥିଲା । ଏହାର ବିପରୀତରେ, ପୁରୁଷଙ୍କ ହତ୍ୟାର କେବଳ ୧୧% ସେମାନଙ୍କ ନିକଟତର ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିଲା ।

କୌଣସି ମହାଦେଶ ନାରୀ ହତ୍ୟାରୁ ମୁକ୍ତ ନୁହନ୍ତି । ତଥାପି ୨୦୨୪ମସିହାରେ ଆଫ୍ରିକାରେ ବିଶ୍ୱ ସ୍ତରରେ ସର୍ବାଧିକ ସଂଖ୍ୟକ ମାମଲା ରେକର୍ଡ ହୋଇଛି । ଏହି ସଂଖ୍ୟା ପ୍ରାୟ ୨୨ ହଜାର ରହିଥିଲା । ରିପୋର୍ଟରେ କୁହାଯାଇଛି ଯେ, ଘରଗୁଡ଼ିକ ମହିଳା ଏବଂ ଝିଅମାନଙ୍କୁ ହତ୍ୟା କରିବା ପାଇଁ ସବୁଠାରୁ ବିପଜ୍ଜନକ ସ୍ଥାନ ହୋଇ ରହିଛି । ରିପୋର୍ଟରେ ଉଲ୍ଲେଖ କରାଯାଇଛି, ଡିଜିଟାଲ୍ ଦୁନିଆ ମହିଳା ସୁରକ୍ଷାକୁ ଆହୁରି ଜଟିଳ କରିଛି । ପ୍ରଯୁକ୍ତିବିଦ୍ୟାର ବର୍ଦ୍ଧିତ ବ୍ୟବହାର ଯୋଗୁ ନୂତନ ଅପରାଧ ମଧ୍ୟ ଦେଖାଦେଇଛି । ସେସବୁ ମଧ୍ୟରେ ସହମତିହୀନ ଚିତ୍ର ସେୟାରିଂ, ଡକ୍ସିଂ ଏବଂ ଡିପ୍ ଫେକ୍ ଭିଡିଓ ରହିଛି । ଏହି ରିପୋର୍ଟରେ ଅନଲାଇନ୍ ଏବଂ ଅଫଲାଇନ୍ ଉଭୟରେ ମହିଳା ବିରୋଧୀ ହିଂସାର ପରିବର୍ତ୍ତନଶୀଳ ରୂପକୁ ଚିହ୍ନିତ କରୁଥିବା ଆଇନ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି । ଅପରାଧୀମାନେ ହତ୍ୟା ପର୍ଯ୍ୟନ୍ତ ବୃଦ୍ଧି ପାଇବା ପୂର୍ବରୁ ସେମାନଙ୍କୁ ଦାୟୀ କରିବା ପାଇଁ ଏପରି ଆଇନ ଆବଶ୍ୟକ ।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବ ଭାରତ !

### ଆଜି ମିଳିବ ଚୂଡ଼ାନ୍ତ ଅନୁମୋଦନ



ନୂଆଦିଲ୍ଲୀ,୨୫।୧୧(ଏଜେନ୍ସି):ବୁଧବାର ଦିନ ଭାରତକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆୟୋଜକ ଭାବରେ ଆନୁଷ୍ଠାନିକ ଭାବରେ ଅନୁମୋଦନ ମିଳିବାକୁ ଯାଉଛି । ଅହମ୍ମଦାବାଦ ଶତବାର୍ଷିକୀ ସଂସ୍କରଣ ଆୟୋଜନ କରିବ, ଯାହା ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ଭାରତର ଦାବିକୁ ମଜବୁତ କରିବ ।

ପ୍ରାୟ ଏକ ମାସ ପୂର୍ବେ ଆୟୋଜନ ଅଧିକାର ବିଷୟରେ ନିଶ୍ଚିତ ହୋଇଥିବାବେଳେ, ଭାରତର ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବିଡ୍ ବୁଧବାର ଦିନ ଗ୍ଲାସଗୋରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସାଧାରଣ ସଭାରେ ଆନୁଷ୍ଠାନିକ ଭାବରେ ଅନୁମୋଦନ ପାଇବାକୁ ଯାଉଛି, ଯାହା ଦେଶର ଏକ ବିଶ୍ୱସ୍ତରୀୟ ବହୁ-କ୍ରୀଡା ହବ୍ ହେବା ପାଇଁ ମହତ୍ୱାକାଂକ୍ଷୀ ଯୋଜନାର ଏକ ପ୍ରମୁଖ ମାଇଲଖୁଣ୍ଟ । ଭାରତ ଶେଷ ଥର ପାଇଁ ୨୦୧୦ ମସିହାରେ ଦିଲ୍ଲୀରେ କ୍ରୀଡ଼ା ଆୟୋଜନ କରିଥିଲା କିନ୍ତୁ ଏଥର, ବହୁ-କ୍ରୀଡା ଇଭେଣ୍ଟ ଅହମ୍ମଦାବାଦକୁ ଆସିବ, ଯାହା ଗତ ଏକ ଦଶନ୍ଧି ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ଏହାର କ୍ରୀଡ଼ା ଭିତ୍ତିଭୂମିକୁ ଉନ୍ନତ କରିଛି ।

ବୁଧବାର ସାଧାରଣ ସଭା ରାଜ୍ୟଗୋଷ୍ଠୀ କ୍ରୀଡ଼ା ବୋର୍ଡ ଦ୍ୱାରା ପୂର୍ବରୁ ସୁପାରିଶ କରାଯାଇଥିବା ଉପରେ ଅନୁମୋଦନର ମୋହର ଲଗାଇବାର ଆନୁଷ୍ଠାନିକତା ଦେଇ ଯିବ । ସେହି ସୁପାରିଶ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ମୂଲ୍ୟାୟନ କମିଟି ଦ୍ୱାରା ତଦାରଖ କରାଯାଇଥିବା ଏକ ପ୍ରକ୍ରିୟା ଅନୁସରଣ କରିଥିଲା । ଏହା କାର୍ଯ୍ୟକଳାପ ବିତରଣ, ଖେଳାଳି ଅଭିଜ୍ଞତା, ଭିତ୍ତିଭୂମି, ଶାସନ ଏବଂ କମନୱେଲଥ କ୍ରୀଡା ମୂଲ୍ୟାଙ୍କନ ସହିତ ସମନ୍ୱୟ ପାଇଁ ପ୍ରାର୍ଥୀ ସହରଗୁଡ଼ିକର ମୂଲ୍ୟାଙ୍କନ କରିଥିଲା । ୨୦୩୦ ସିଡବ୍ଲ୍ୟୁଜି ବିଡ୍ ପାଇଁ, ଭାରତ ନାଇଜେରିଆର ଆବୁଜା ସହରଠାରୁ ପ୍ରତିଯୋଗିତାର ସମ୍ମୁଖୀନ ହେଉଥିଲା । କିନ୍ତୁ କମନୱେଲଥ ସ୍ପୋର୍ଟ ଏହାର ଆୟୋଜନ ମହତ୍ତ୍ୱାକାଂକ୍ଷାକୁ ସମର୍ଥନ ଏବଂ ତ୍ୱରାନ୍ୱିତ କରିବା ପାଇଁ ଏକ ରଣନୀତି ବିକଶିତ କରିବା ପରେ ୨୦୩୪ ସଂସ୍କରଣ ପାଇଁ ଆଫ୍ରିକୀୟ ରାଷ୍ଟ୍ରକୁ ବିଚାର କରିବାକୁ ନିଷ୍ପତ୍ତି ନେଇଥିଲା ।

## ୨୦୨୬ ଟି-୨୦ ବିଶ୍ୱକପ ମ୍ୟାଚ ସୂଚୀ ଜାରି

# ଫେବୃଆରୀ ୧୫ରେ ଭାରତ-ପାକ୍ ଲଢେଇ

ନୂଆଦିଲ୍ଲୀ,୨୫।୧୧(ଏଜେନ୍ସି): ଆସନ୍ତା ୨୦୨୬ ଟି-୨୦ ପୁରୁଷ ବିଶ୍ୱକପ ପାଇଁ ଆଇସିସି ପକ୍ଷରୁ ଜାରି ହୋଇଛି ମ୍ୟାଚସୂଚୀ । ଦୀର୍ଘ ୧୦ ବର୍ଷ ପରେ ଟି-୨୦ ବିଶ୍ୱକପ ଭାରତକୁ ଫେରିଛି । ୨୦୨୬ ଟି-୨୦ ବିଶ୍ୱକପର ଆୟୋଜନ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ କରୁଛନ୍ତି । ୨୦୨୫ ମହିଳା ଦିନିକିଆ ବିଶ୍ୱକପ ଭଳି ପାକିସ୍ତାନ ଟି-୨୦ ୱାର୍ଲ୍ଡ କପ ଖେଳିବାକୁ ଭାରତ ଆସିବ ନାହିଁ । ପାକିସ୍ତାନ ତା'ର ମ୍ୟାଚ୍ ଗୁଡ଼ିକ ଶ୍ରୀଲଙ୍କାରେ ଖେଳିବ ।

ଟି-୨୦ ବିଶ୍ୱକପ ଆସନ୍ତା ବର୍ଷ ଫେବୃଆରୀ ୭ରୁ ଆରମ୍ଭ ହେବ । ଟି-୨୦ ବିଶ୍ୱକପରେ ପୁଣି ମୁହାଁମୁହିଁ ହେବେ ଭାରତ ଓ ପାକିସ୍ତାନ ।ଫେବୃଆରୀ ୧୫ରେ ଭାରତ ଓ ପାକିସ୍ତାନ ମଧ୍ୟରେ କଲୋମ୍ବୋରେ ଖେଳାଯିବ ଟି-୨୦ ବିଶ୍ୱକପର ସବୁଠାରୁ ବଡ଼ ମୁକାବିଲା । ଉଭୟ ଭାରତ ଓ ପାକିସ୍ତାନ ଟି-୨୦ ବିଶ୍ୱକପର ଗୋଟିଏ ଗ୍ରୁପରେ ରହିଛନ୍ତି ।

ଟି-୨୦ ବିଶ୍ୱକପର ମ୍ୟାଚ୍ ଗୁଡ଼ିକ ପାଇଁ ଭାରତର ୫ଟି ସହରକୁ ବଛା ଯାଇଛି । ସେହିପରି ଫାଇନାଲ ମ୍ୟାଚ୍ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ମାର୍ଚ୍ଚ ୮ରେ ଖେଳାଯିବାକୁ ନିଷ୍ପତ୍ତି ହୋଇଛି । ଯଦି ପାକିସ୍ତାନ ଫାଇନାଲକୁ ଯିବ, ତା'ହେଲେ ମ୍ୟାଚ୍ଟି ଭାରତ ବଦଳରେ କଲମ୍ବୋରେ ଖେଳାଯିବ ।

ଗୋଟିଏ ଗ୍ରୁପରେ ଭାରତ ଓ ପାକିସ୍ତାନ ସହ ଆମେରିକା, ନେଦରଲ୍ୟାଣ୍ଡ ଓ ନାମ୍ବିଆ ରହିଛନ୍ତ । ଭାରତ ତା'ର ବିଶ୍ୱକପ ଅଭିଯାନ ଫେବୃଆରୀ ୭ରୁ ଆମେରିକା ବିପକ୍ଷ ମ୍ୟାଚରୁ ଆରମ୍ଭ କରିବ । ଫେବୃଆରୀ ୭ରେ ଭାରତ ଓ ଆମେରିକା ମୁମ୍ବାଇରେ ମୁହାଁମୁହିଁ ହେବେ । ଫେବୃଆରୀ ୧୨ରେ ଭାରତ ଦିଲ୍ଲୀରେ ନାମ୍ବିଆ ବିପକ୍ଷରେ ଦ୍ୱିତୀୟ ଲିଗ ମ୍ୟାଚ୍ ଦିଲ୍ଲୀରେ ଖେଳିବ । ଫେବୃଆରୀ ୧୫ରେ ପାକିସ୍ତାନ ଓ ଶେଷ ଲିଗ ମ୍ୟାଚ୍ ଦଳ ଅହମଦାବାଦରେ ନେଦରଲ୍ୟାଣ୍ଡକୁ ଭେଟିବ ।




ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଏହାପୂର୍ବରୁ ଆଇପିଏଲର ଏକାଧିକ ଫାଇନାଲ ଓ ୨୦୨୩ ପୁରୁଷ ଦିନିକିଆ ବିଶ୍ୱକପ ଫାଇନାଲ ଖେଳାଯାଇଥିଲା । ପାକିସ୍ତାନ କଥା ବିଚାରକୁ ନେଲେ ଆଇସିସି ଶ୍ରୀଲଙ୍କାରେ ଦଳର ସମସ୍ତ ମ୍ୟାଚ୍ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି । ବିସିସିଆଇ ଟି-୨୦ ବିଶ୍ୱକପର ମ୍ୟାଚ୍ ଗୁଡ଼ିକ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ, ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ, ଚେନ୍ନାଇର ଏମ ଚିଦାମ୍ବରମ ଷ୍ଟାଡିୟମ, କୋଲକାତାର ଇଡେନ ଗାର୍ଡେନ୍ସ ଓ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଆୟୋଜନ କରିବ । ଫାଇନାଲ ଅହମଦାବାଦରେ ଓ ପାକିସ୍ତାନ ତା'ର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର କଲୋମ୍ବୋରେ ଖେଳିବ ।

ତେବେ ବେଙ୍ଗାଲୁରୁ ଓ ଲକ୍ଷ୍ନୌରେ ଟି-୨୦ର କୌଣସି ମ୍ୟାଚ୍ ଖେଳା ଯିବ ନାହିଁ । ଏ ସମ୍ପର୍କରେ ଆଇସିସି ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି । ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମକୁ ରାଜ୍ୟ ସରକାରଙ୍କ ଗୋଟିଏ କମିଟି ବଡ଼ ଟୁର୍ଣ୍ଣାମେଣ୍ଟ ପାଇଁ ଅନଫିଟ୍ ଘୋଷଣା କରିଛି ।

୨୦୨୫ ଆଇପିଏଲ ଫାଇନାଲ ଜିତିବା ପରେ ଆରସିବି ଏଠାରେ ବିଜୟ ଶୋଭାଯାତ୍ରା କରିଥିଲା ।ଏହି ସମୟରେ ଭୟଙ୍କର ଦଳାଚକଟା ହୋଇଥିଲା । ଏଥିଯୋଗୁ ଚିନ୍ନାସ୍ୱାମୀ ବଡ଼ ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିବାରେ ଲାଗିଛି ।

ଭାରତ, ଶ୍ରୀଲଙ୍କା, ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଆମେରିକା, ୱେଷ୍ଟଇଣ୍ଡିଜ, ଆୟର୍ଲ୍ୟାଣ୍ଡ, ନ୍ୟୁଜିଲ୍ୟାଣ୍ଡ, ପାକିସ୍ତାନ, କାନାଡା, ଇଟାଲୀ, ନେଦରଲ୍ୟାଣ୍ଡ, ନାମ୍ବିଆ, ଜିମ୍ବାୱେ, ନେପାଳ, ଓମାନ ଓ ୟୁଏଇକୁ ନେଇ ୨୦୨୬ ଟି-୨୦ ବିଶ୍ୱକପ ଖେଳାଯିବ ।

### ଭାରତର ଗ୍ରୁପ୍ ମ୍ୟାଚ

- ଫେବୃଆରୀ ୭-ମୁମ୍ବାଇ: ଭାରତ ବନାମ ଆମେରିକା
- ଫେବୃଆରୀ ୧୨-ଦିଲ୍ଲୀ: ଭାରତ ବନାମ ନାମ୍ବିଆ
- ଫେବୃଆରୀ ୧୫-କଲମ୍ବୋ: ଭାରତ ବନାମ ପାକିସ୍ତାନ
- ଫେବୃଆରୀ ୧୮-ଅହମ୍ମଦାବାଦ: ଭାରତ ବନାମ ନେଦରଲାଣ୍ଡସ

## ଗୌହାଟୀ ଟେଷ୍ଟ: ଭାରତକୁ ୫୨୨ ରନର ବିଜୟ ଲକ୍ଷ୍ୟ

ଗୌହାଟୀ,୨୫।୧୧(ଏଜେନ୍ସି): ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଗୌହାଟିରେ ଚାଲିଛି । ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ୍ ଉପରେ ପ୍ରାଧାନ୍ୟ ବିସ୍ତାର କରିଛି । ବ୍ୟାଟିଂ ଏବଂ ବୋଲିଂ ଉଭୟରେ ଚମତ୍କାର ପ୍ରଦର୍ଶନ କରିଛି । ଟିମ୍ ଇଣ୍ଡିଆ ଆଗରେ ଚତୁର୍ଥ ଦିନରେ ୫୪୯ ରନରେ ଟାର୍ଗେଟ ଥିଲା । ତେବେ ଟିମ୍ ଇଣ୍ଡିଆ ଚତୁର୍ଥ ଦିନ ଖେଳ ସୁଦ୍ଧା ୧୫.୫ ଓଭରରେ ୨ ୱିକେଟ ହରାଇ ୨୭ ରନ୍ କରିଛି । ଯଶସ୍ୱୀ ଜୟସ୍ୱାଲ ୨୦ ବଲ ଖେଳି ୧୩ ରନ୍ କରି ପାଭିଲିୟନ ଫେରିଥିଲେ । ସେହିପରି କେଏଲ୍ ରାହୁଲ ୨୯ ବଲରେ ୬ ରନ୍ କରି ଫେରିଥିଲେ । ଧାର୍ଯ୍ୟ ଲକ୍ଷ୍ୟକୁ ଟିମ୍ ଇଣ୍ଡିଆକୁ ୧୦୮ଓଭରରେ ହାସଲ କରିବାକୁ ପଡିବ । ଚତୁର୍ଥ ଦିନ ଶେଷ ସୁଦ୍ଧା ଦଳ ୧୫.୫ ଓଭର ଖେଳି ସାରିଥିବାରୁ ଆଉ ୯୨.୧ ଓଭରରେ ଅବଶିଷ୍ଟ ୫୨୨ ରନ୍ ସଂଗ୍ରହ କରିବାକୁ ପଡ଼ିବ । ପ୍ରଶଂସକ ବିଶ୍ୱାସ କରନ୍ତି ଯେ, ଏହି ଟାର୍ଗେଟ ଟିମ୍ ଇଣ୍ଡିଆ ପିଛା କରାଯାଇପାରିବ । ତେବେ ଟେଷ୍ଟ ରନ ଚେଜ୍ରେ ଭାରତର ରେକର୍ଡ ଅତ୍ୟନ୍ତ ଖରାପ, ଏବଂ ଏହା ଦେଖାଯାଉଛି ଯେ, ଟିମ୍ ଇଣ୍ଡିଆର ପରାଜୟ ନିଶ୍ଚିତ । ଯଦି ଟିମ୍ ଇଣ୍ଡିଆ ନିଜର ସମ୍ମାନ ବଞ୍ଚାଇବାକୁ ଚାହେଁ, ତେବେ ଇତିହାସକୁ ଓଲଟାଇବାକୁ ପଡ଼ିବ । ଭାରତ ଇତିହାସର ସବୁଠାରୁ ସଫଳ ଟେଷ୍ଟ ଦଳ ମଧ୍ୟରୁ ଗୋଟିଏ । ଏହା ସତ୍ତ୍ୱେ, ଦଳ ସର୍ବଦା ବଡ଼ ଟାର୍ଗେଟ ପିଛା କରିବାକୁ ସଂଘର୍ଷ କରିଛନ୍ତି । ଟିମ୍ ଇଣ୍ଡିଆର ସର୍ବାଧିକ ରନ୍ ପିଛା ହେଉଛି ୪୦୩। ଯାହା ୧୯୭୬ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ହୋଇଥିଲା । ଏହା ବ୍ୟତୀତ, ୨୦୦୮ ରେ, ଭାରତୀୟ ଦଳ ଚେନ୍ନାଇରେ ଇଂଲଣ୍ଡ ବିପକ୍ଷରେ ୩୮୭ ରନରେ ଏକ ବିଶାଳ ଟାର୍ଗେଟକୁ ସଫଳତାର ସହ ପିଛା କରିଥିଲା । ବର୍ତ୍ତମାନ, ଦଳ ୫୨୨ ରନ୍ ଟାର୍ଗେଟର ସମ୍ମୁଖୀନ ହୋଇଛି ଏବଂ ଦୁଇଟି ୱିକେଟ ହରାଇଛି । ଏତେ ବଡ଼ ଟାର୍ଗେଟ ପିଛା କରିବା ଅସମ୍ଭବ ମନେ ହେଉଛି, ଏବଂ ଟିମ୍ ଇଣ୍ଡିଆର ପରାଜୟ ନିଶ୍ଚିତ ମନେ ହେଉଛି । ଟିମ୍ ଇଣ୍ଡିଆ ଏତେ ବଡ଼ ଟାର୍ଗେଟକୁ ପିଛା କରିବାରେ ଅସମର୍ଥ ହେବ । ଇନିଂସ ଆରମ୍ଭ ହେବା ପୂର୍ବରୁ ସେମାନଙ୍କର ୧୦୮ ଓଭର ଥିଲା, ଏବଂ ଦଳ ୧୫.୫ ଓଭର ଖେଳିସାରିଛନ୍ତି ।



## ବିବାହ ରୀତିନୀତିର ସବୁ ଫଟୋ ହଟାଇ ଦେଲେ ସ୍ମୃତି

ମୁମ୍ବାଇ,୨୫।୧୧(ଏଜେନ୍ସି): ଭାରତୀୟ ମହିଳା କ୍ରିକେଟର ସ୍ମୃତି ମନ୍ଧାନା ଏବଂ ସଂଗୀତକାର ପଲାଶ ମୁଚ୍ଛଲ ନଭେମ୍ବର ୨୩ରେ ବିବାହ ବନ୍ଧନରେ ବାନ୍ଧି ହେବାର ଥିଲା । ହେଲେ ବିବାହ ଦିନ ଘଟିଥିବା ଘଟଣା ତାଙ୍କ ବିବାହରେ କଣ୍ଟା ସାଜିଥିଲା । ବିବାହ ଉତ୍ସବ ଆରମ୍ଭ ହେବା ସହ ହଳଦୀ, ମେହେନ୍ଦୀ ଓ ସଙ୍ଗୀତ କାର୍ଯ୍ୟକ୍ରମ ଶେଷ ହୋଇଥିଲା । ବାକି ଥିଲା ହୋମନିଆଁକୁ ସାକ୍ଷୀ ରଖି ବିବାହ କରିବା । ହେଲେ ବିବାହର କିଛି ଘଣ୍ଟା ପୂର୍ବରୁ ସ୍ମୃତିଙ୍କ ବାପା ଅସୁସ୍ଥ ହୋଇପଡ଼ିଥିଲେ । ହୃଦଘାତର ଲକ୍ଷ୍ୟଣ ଦେଖାଯିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ବାପା ସୁସ୍ଥ ନହେବା ଯାଏ ସ୍ମୃତି ବିବାହ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ ।

ଏବେ ସ୍ମୃତି ସୋସିଆଲ ମିଡିଆରୁ ନିଜ ହଳଦୀ, ମେହେନ୍ଦୀ ଓ ସଙ୍ଗୀତ କାର୍ଯ୍ୟକ୍ରମ ସବୁ ଫଟୋ ଓ ଭିଡିଓ ହଟାଇ ଦେଇଥିବା ଦେଖାଯାଇଛି । ବିବାହ ସ୍ଥଗିତ ରହିବା ପରେ ସ୍ମୃତି କାହିଁକି ଏଭଳି କଲେ ତାକୁ ନେଇ ଏବେ ବିଭିନ୍ନ ଚର୍ଚ୍ଚା ହେବାରେ ଲାଗିଛି । ବିବାହ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ସେ ପ୍ରତି କାର୍ଯ୍ୟକ୍ରମର ଫଟୋ ସେୟାର କରିଥିଲେ । ଏମିତି କି ଭାରତୀୟ କ୍ରିକେଟର ଜେମିମା ମଧ୍ୟ ବିବାହର ଅନେକ ଫଟୋ ଓ ଭିଡିଓ ପୋଷ୍ଟ କରିଥିଲେ । ଏବେ ଜେମିମା ମଧ୍ୟ ପୋଷ୍ଟ ହଟାଇଛନ୍ତି । ପଲାଶଙ୍କ ଭଉଣୀ ପଲକ ମୁଚ୍ଛଲ ସୋସିଆଲ ମିଡିଆରେ ବିବାହ ସ୍ଥଗିତ ରହିବା ସମ୍ପର୍କରେ ସୂଚନା ଦେଇ ଏକ ପୋଷ୍ଟ ସେୟାର କରିଥିଲେ । ସେ ଲେଖିଥିଲେ, ସ୍ମୃତିଙ୍କ ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାଖରାପ ହେବା ଯୋଗୁଁ ସ୍ମୃତି ଏବଂ ପଲାଶଙ୍କ ବିବାହ ସ୍ଥଗିତ ରଖାଯାଇଛି । ଏହି ସମ୍ବେଦନଶୀଳ ସମୟରେ ପରିବାରର ଗୋପନୀୟତାକୁ ସମ୍ମାନ ଦେବାକୁ ଆମେ ଆପଣ ସମସ୍ତଙ୍କୁ ଅନୁରୋଧ କରୁଛୁ ।



## ବିଧାୟକ କଳିକେଶ ଏନଆରଏ ସଭାପତି

ବଲାଙ୍ଗିର,୨୫।୧୧(ସବ୍ୟୁ): ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଭାରତୀୟ ଜାତୀୟ ରାଇଫଲ୍ ସଂଘ (ଏନଆରଏ)ର ସଭାପତି ଭାବରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଯାହା ସଂଗଠନର ନେତୃତ୍ୱ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏନେଇ ବଲାଙ୍ଗିର ବାସୀଙ୍କ ତରଫରୁ ବିଧାୟକ କଳିକେଶଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି । ବନ୍ଧୁକ ଚାଳନା କ୍ରୀଡ଼ା ସମାଜ ମଧ୍ୟରେ ତାଙ୍କର କେନ୍ଦ୍ରିତ ସମର୍ପଣ ଏବଂ ଦୃଢ଼ ପ୍ରୟାସର ପ୍ରମାଣ ଭାବରେ ସେ ବିଗତ ଦିନରେ ସଭପତି ଥିବା ସମୟରେ ଅଲିମ୍ପିକରେ ଭାରତ କୃତିତ୍ୱ ଅର୍ଜନ କରିଥିଲା । ଆଜି ଦିନରେ ତାଙ୍କର ବିଜୟକୁ ବ୍ୟାପକ ଭାବରେ ପାଳନ କରାଯାଉଛି। ବିଧାୟକ ଶ୍ରୀ ସିଂହଦେଓଙ୍କ ଦ୍ୱାରା ବହୁ ସମୟ ଧରି କାର୍ଯ୍ୟ କରିବା ପରେ ଏହି ଚମତ୍କାର ସଫଳତା ଆସିଛି, ଯାହାଙ୍କ କ୍ରୀଡ଼ା ପ୍ରତି ପ୍ରତିବଦ୍ଧତା ସମଗ୍ର ବୋର୍ଡରେ ସ୍ୱୀକୃତି ପାଇଛି। ତାଙ୍କର ନିର୍ବିରୋଧୀ ନିର୍ବାଚନ ଏନଆରଏ ସଦସ୍ୟତା ଦ୍ୱାରା ସଂଘକୁ ଏକ ନୂତନ ଯୁଗରେ ନେଇଯିବାର କଳିକେଶଙ୍କ କ୍ଷମତା ଉପରେ ଥିବା ଆତ୍ମବିଶ୍ୱାସକୁ ପ୍ରତିଫଳିତ କରିଛି । ଏନଆରଏଆଇ ମଧ୍ୟରେ ସୂତ୍ରଗୁଡ଼ିକ ତାଙ୍କର ଅତ୍ୟଧିକ ଡ୍ରାଇଭ୍ ଏବଂ ଦୃଢ଼ତାକୁ ଶୀର୍ଷ ନେତୃତ୍ୱ ଭୂମିକାରେ ତାଙ୍କର ଆରୋହଣର ପ୍ରମୁଖ କାରଣ ଭାବରେ ଶ୍ରେୟ ଦିଅନ୍ତି। ତାଙ୍କୁ ଦୂରଦର୍ଶୀ ମନୋଭାବ ଥିବା ନେତା ଭାବରେ ବ୍ୟାପକ ଭାବରେ ବିବେଚନା କରାଯାଏ ଯିଏ ଏନଆରଏଆଇ ପରିସର ଏବଂ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏନଆରଏଆଇ ର ସଭାପତି ଭାବରେ କଳିକେଶଙ୍କ ପୂର୍ବ ଅବଦାନକୁ ଜାତୀୟ ସଂଗଠନକୁ ପରବର୍ତ୍ତୀ ସ୍ତର ପର୍ଯ୍ୟନ୍ତ ବୃଦ୍ଧି କରିବାର ତାଙ୍କର କ୍ଷମତାର ପ୍ରମାଣ ଭାବରେ ଉଦ୍ଧୃତ କରାଯାଇଛି, ଯାହା ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ସୁଟିଂ ଖେଳାଳିମାନଙ୍କ ପାଇଁ ନିରନ୍ତର ଅଭିବୃଦ୍ଧି ଏବଂ ସଫଳତାର ଭବିଷ୍ୟତର ପ୍ରତିଶ୍ରୁତି ଦିଏ ବୋଲି ମତ ପ୍ରକାଶ ପାଇଛି । ଶ୍ରୀ ସିଂହ ଦେଓଙ୍କ କାର୍ଯ୍ୟକାଳ ପୂର୍ବରୁ ପ୍ରତିଷ୍ଠିତ ଉତ୍କର୍ଷତାର ଭିତ୍ତିଭୂମି ଉପରେ ନିର୍ମାଣ କରିବା, ତୃଣମୂଳସ୍ତରୀୟ ତାଲିମ କାର୍ଯ୍ୟକ୍ରମକୁ ଆହୁରି ବିକଶିତ କରିବା ଏବଂ ଭାରତର ସାର୍ପସୁଟରମାନଙ୍କ ପାଇଁ ବିଶ୍ୱସ୍ତରୀୟ ସୁବିଧା ସୁନିଶ୍ଚିତ କରିବା ଆଶା କରାଯାଉଛି।



### ରାଜ୍ୟସ୍ତରୀୟ ପ୍ରୋ- କବାଡି ଟୁର୍ଣ୍ଣାମେଣ୍ଟ

## ବାଲୁଗାଁ ଟିମକୁ ବିପୁଳ ସମ୍ବର୍ଦ୍ଧନା


ବାଲୁଗାଁ,୨୫।୧୧(ସବ୍ୟୁ): ଭୁବନେଶ୍ୱର ଗୋଠପାଟଣା ସ୍ଥିତ ଟାଇମ୍ସ ଗୁରୁକୁଳ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ୧୭ ବର୍ଷରୁ କମ ରାଜ୍ୟସ୍ତରୀୟ ପ୍ରଥମ ପ୍ରୋ-କବାଡି ଟୁର୍ଣ୍ଣାମେଣ୍ଟରେ ଚିଲିକା ଅଞ୍ଚଳର ବାଲୁଗାଁ ଟିମ ଭାଗ ନେଇ ଚମ୍ପିୟାନ ଆଖ୍ୟା ଅର୍ଜନ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ଉକ୍ତ ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ସୁନାମଧନ୍ୟ କ୍ଲବ, ସ୍କୁଲ ଓ କଲେଜର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ । ଫାଇନାଲ ସଂଘର୍ଷପୂର୍ଣ୍ଣ ମ୍ୟାଚ ରେ ଚିଲିକା, ବାଲୁଗାଁ ଟିମ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ପ୍ରାଣନାଥ ଉଚ୍ଚ ବିଦ୍ୟାଳୟ, ଜଟଣୀକୁ ୪୪-୪୨ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଥିଲେ । ଚମ୍ପିୟାନ ଦଳକୁ ଟ୍ରଫି ସହ ନଗଦ ୫ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା । ଉକ୍ତ ପ୍ରତିଯୋଗିତାରେ ବାଲୁଗାଁ ଟିମର ଆଦର୍ଶ ପ୍ରୀତମ ବେହେରାଙ୍କୁ ଶ୍ରେଷ୍ଠ ରାଇଡ଼ର ରୂପେ ସମ୍ମାନିତ କରାଯାଇଥିଲା ।

### ବାଜିରାଉତ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଆସାମ ରାଇଫଲ ୪-୩ଗୋଲରେ ବିଜୟୀ

ଢେଙ୍କାନାଳ,୨୫।୧୧(ସବ୍ୟୁ): ଢେଙ୍କାନାଳ ଜିଲ୍ଲା ତଥା ଦେଶର ସର୍ବକନିଷ୍ଠ ସହୀଦ ବାଜିରାଉତଙ୍କ ଜନ୍ମ ଶତବାର୍ଷିକ ଅବସରରେ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଆଜିର ଖେଳରେ ଟାଇ ବ୍ରେକର ଜରିଆରେ ଆସାମରାଇଫଲ କେରଳ ପୋଲିସକୁ ପରାସ୍ତ କରି କ୍ୱାର୍ଟର ସେମିଫାଇନାଲକୁ ପ୍ରବେଶ କରିଛି । ଜିଲ୍ଲା କ୍ରୀଡା ସଙ୍ଘ ଏବଂ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ଓ ଢେଙ୍କାନାଳ ଜିଲ୍ଲାପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ହେଉଛି । ଆଜି ଅନୁଷ୍ଠିତ ମ୍ୟାଚ ଆସାମ ରାଇଫଲ ଏବଂ କେରଳ ପୋଲିସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଆସାମ ରାଇଫଲ ୪-୩ ଗୋଲରେ ଟାଇବ୍ରେକର ଜରିଆରେ କେରଳ ପୋଲିସକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି । ଏହି ମ୍ୟାଚରେ ଆସାମ ରାଇଫଲର କରନ କ୍ଷେତ୍ରୀ ଓ ହୌପିକ ଗୋଟିଏ ଲେଖାଏଁ ଗୋଲ ଦେଇଥିବା ବେଳେ କରେଳ ପୋଲିସ ତରଫରୁ ସୁଜିଲ ଏବଂ ବାବଲ ଗୋଟିଲ ଲେଖାଏଁ ଗୋଲ ଦୋରୁ ଖେଳ ବରାବର ହୋଇଥିଲା। ଫଳରେ ଟ୍ରାଇବ୍ରେକରର ସାହାରା ନିଆଯାଇଥିଲା। ମଙ୍ଗଳବାରର ଉତ୍ସବରେ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ ଯୋଗଦେଇ ଖେଳାଳୀ ଏବଂ ଆୟୋଜକ ମାନଙ୍କୁ ଉଦବୋଧନ ଦେବା ସହିତ କ୍ରୀଡାର ପ୍ରସାର ଏବଂ ପଚାର ଦିଗରେ ସହଯୋଗ କରିବାକୁ କହିଥିଲେ । ଅତିଥି ଭାବରେ ଯୋଗଦେଇଥିଲେ । ଆଜିର ମ୍ୟାଚକୁ ରେଫରୀ ଭାବରେ ଦେବରାଜ ସ୍ୱାଇଁ, ଶଶିକାନ୍ତ ଦାଶିଆ ,ପ୍ରଦୀପ୍ତ କୁମାର ନନ୍ଦ ପ୍ରମୁଖ ପରିଚାଳନା କରିଥିବା ବେଳେ କମିଶନର ଭାବରେ ମାୟାଧର ସାହୁ ଯୋଗଦେଇଥିଲେ । ଆଜିର ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ଭାବରେ ଆସାମ ରାଇଫଲର ଏସ ଦେବ ବିଶ୍ୱାସଙ୍କୁ ଭୁବନେଶ୍ୱର ନଓ୍ୱା ଇମେଜ ଟେକେନ କେୟାର ତରଫରୁ ଏସବିଆଇ କ୍ୟାସ ଅଫିସର ଦେବୀ ପ୍ରସାଦ ମିଶ୍ର ୨ ହଜାରଟଙ୍କା ପ୍ରଦାନ କରିଥିବା ବେଳେ କେରଳ ପୋଲିସ କ୍ୟାପଟେନଙ୍କୁ ବିଶିଷ୍ଟ ସମାଜସେବୀ ସତ୍ୟ ରଞ୍ଜନ ଭୂୟାଁ ପୁରସ୍କୃତ କରିଥିଲେ । ଏହି ମ୍ୟାଚରେକ୍ରୀଡା ସମ୍ପାଦକ ନଳିନୀକୁମାର ଦାସ,ଉପସଭାପତି ସଞ୍ଜୟ କୁମାରଭଞ୍ଜ,ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର,ଗୌରାଙ୍ଗ ସେଠୀ,ମନୋଜ ପଟ୍ଟନାୟକ,ପ୍ରତାପ ମହାନ୍ତି,ବାବୁ ପାଢୀ,ସୁନିଲ ପଣ୍ଡା,ଶ୍ୟାମସୁନ୍ଦର ମହାପାତ୍ର, ବାବୁଲି ସାହୁ,ପ୍ରତୀକ ଭଞ୍ଜ,ବେସାରତ ଖାଁ,ପର୍ଶୁରାମ ମିଶ୍ର,ସରୋଜ ପାଢୀ,ମନୋଜ ଦାସ,ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଅଜୟ ବାରିକ,ଦିପ୍ତିରଞ୍ଜନ ସେଠୀ, ବିଭୁ ପଟ୍ଟନାୟକ,ମାନସ ମହାରଣାଙ୍କ ସହିତ ଅନ୍ୟମାନେ ସହଯୋଗ କରିଥିଲେ। ଘୋଷଣ ଭାବରେ ପର୍ଶୁରାମ ମିଶ୍ର,ପ୍ରେମାନନ୍ଦ ମହାନ୍ତି,ଆଡଭୋକେଟ ସରୋଜ କୁମାରପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସନ୍ତା କାଲି ବି ଗ୍ରୁପର କ୍ୱାଟରଫାଇନାଲ ମ୍ୟାଚ କଟକ ଇଲେଭେନ ଏବଂ କୋଲକୋତା ଡାଇମଣ୍ଡ ହାରବର ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ରୀଡା ସମ୍ପାଦକ ନଳିନୀ କୁମାର ଦାସ ଜଣାଇଛନ୍ତି ।


ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତଃ ମୁରଲୀ ଧର ମିଶ୍ର
ଏକତଲା, ମଧୁବନ ହାଟ, କୁଆଖିଆ

ତୁମର ଅନାବିଳ ସ୍ନେହ ଶ୍ରଦ୍ଧା, ସରଳତା, ଉପଦେଶ ଓ ସାଧୁତା, ଭଲପାଇବା ସବୁବେଳେ ସ୍ମରଣୀୟ ହୋଇ ରହିବ । ଆଜି ଦ୍ୱାଦଶାହରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ :
ଶୋକ ସନ୍ତପ୍ତ : ଭ୍ରାତା-ଦୁର୍ଯ୍ୟୋଧନ ମିଶ୍ର, ପୁତ୍ର- ଆଡଭୋକେଟ୍ ପ୍ରଦୀପ, ପ୍ରଣୟ, ଜିତେନ୍ଦ୍ର କୁମାର କର, ରବିନ୍ଦ୍ର କର, ତୃପ୍ତିମୟୀ, ପତିଭା ମିଶ୍ର, ଝୁନୁ, ପ୍ରିତିନନ୍ଦା, ସଚିଦାନନ୍ଦ ତ୍ରିପାଠୀ, ଅକ୍ଷୟ, ବିଜୟ, ପ୍ରଫୁଲ୍ଲ, ପ୍ରମୋଦ, ସୁକାନ୍ତ, ସୁଶାନ୍ତ ଏବଂ ସମସ୍ତ ଭାଇଁ, ଭ୍ରାତା, ନାତି, ନାତୁଣୀ, ବନ୍ଧୁ ପରିବାରବର୍ଗ ।



ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି